# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧୪/୨୦୧୮ (୨୦ ପୃଷ୍ଠା) | Bhubaneswar, Friday, December 14/ 2018 | ★★★★★★

୪୫ଶ ଭାଗ ୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ‘ମଣିକର୍ଣ୍ଣିକା’ର ଟ୍ରେଲର ରିଲିଜ୍ ପାଇଁ ପ୍ରସ୍ତୁତି

ଡିସେମ୍ବର ୧୮ରେ ‘ମଣିକର୍ଣ୍ଣିକା’ର ଟ୍ରେଲର ରିଲିଜ ହେଉଥିବାବେଳେ ଏଥିପାଇଁ ମହାପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ପ୍ରକାଶ କରିଛନ୍ତି।

୦୯

୧୭

## ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ରର ମତଭେଦ ରହିଛି

ଭାରତୀୟ ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ର ସରକାରଙ୍କର ୨/୩ ଟି ପ୍ରସଙ୍ଗରେ ମତଭେଦ ରହିଛି ବୋଲି ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି।



### ହକି ବିଶ୍ୱକପ୍

ODISHA HOCKEY MEN'S WORLD CUP BHUBANESWAR 2018

ଫଳାଫଳ

**ଗୁରୁବାର**

ପ୍ରଥମ ମ୍ୟାଚ

ବେଲଜିୟମ-୨
ଜର୍ମାନୀ-୧

ଦ୍ୱିତୀୟ ମ୍ୟାଚ

ନେଦରଲାଣ୍ଡ୍ସ-୨
ଭାରତ-୧

### ଆଜିର ସମ୍ପାଦକୀୟ

ବୋଲକରା ହୁଅନା

### ଆଜିର ମନ୍ତବ୍ୟ

“ ୩ ହିନ୍ଦୀଭାଷୀ ରାଜ୍ୟର ବିଧାନସଭା ଫଳ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବ ନାହିଁ

– ଅରୁଣ ଜେଟ୍‌ଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ

### କିଛି ତଥ୍ୟ

୨୦୧୭-୧୮ରେ ୭.୪୧ କୋଟି ଆଧାର ନମ୍ବର ଜେନେରେଟ୍ ହୋଇଥିବା ବେଳେ ୯.୧୧ କୋଟି ନମ୍ବରର ଅପ୍‌ଡେଟ କରାଯାଇଛି।

–ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ


**CBSE Exam Mate**
ପୃଷ୍ଠା -୧୫



NATIONAL EGG CO-ORDINATION COMMITTEE | 13.12.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 73 | 123 | 133 |
| BLS | 73 | 123 | 133 |
| ANG | 74 | 124 | 134 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers




କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ଏଥିରେ ନେଦରଲାଣ୍ଡ୍ସ ୨-୧ ଗୋଲରେ ବିଜୟ ଲାଭ କରିଛି।

# ସେମିଫାଇନାଲରେ ବେଲଜିୟମ, ନେଦରଲାଣ୍ଡ୍ସ

ଭୁବନେଶ୍ୱର, ୧୩।୧୨
(କ୍ରୀଡ଼ା ପ୍ରତିନିଧି)

ଘରୋଇ ପରିବେଶ, ଭରପୂର ଦର୍ଶକ ସମର୍ଥନ, କଳିଙ୍ଗ ଷ୍ଟାଡିୟମର ନୂଆ ସର୍ଫେସରେ ଦୀର୍ଘ ୨ ମାସର ଅଭ୍ୟାସ କାମ ଦେଲାନି। ପର୍ଯ୍ୟାପ୍ତ ସୁଯୋଗ ସତ୍ତ୍ୱେ ଏହାର ସଦୁପଯୋଗ କରି ନ ପାରି ଭାରତୀୟ ଦଳ ଶେଷରେ ହାର ମାନିଲା। ଗୁରୁବାର ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ୧-୨ ଗୋଲରେ ନେଦରଲାଣ୍ଡ୍ସଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଲା ମନପ୍ରୀତ ସିଂଙ୍କ ଟିମ୍ ଇଣ୍ଡିଆ। ଅନ୍ୟପକ୍ଷରେ ପୂର୍ବତନ

### ଭାରତର ବିଦାୟ

ଚାମ୍ପିୟନ ଜର୍ମାନୀକୁ ୨-୧ ଗୋଲରେ ହରାଇ ବାଜି ମାରିଛି ବେଲଜିୟମ। ବିଶ୍ୱକପ ଇତିହାସରେ ପ୍ରଥମଥର ପାଇଁ ବେଲଜିୟମ ସେମିଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲ ପରେ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଛି। ଆସନ୍ତା ଶନିବାର ଇଂଲଣ୍ଡ-ବେଲଜିୟମ ଓ ଅଷ୍ଟ୍ରେଲିଆ-ନେଦରଲାଣ୍ଡ୍ସ ସେମିଫାଇନାଲ ଅନୁଷ୍ଠିତ ହେବ। **(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)**

# ମାର୍ଚ୍ଚ ୭ରୁ ଯୁକ୍ତ ଦୁଇ ପରୀକ୍ଷା

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ଆସନ୍ତା ମାର୍ଚ୍ଚ ୭ ତାରିଖରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ । ଏହା ୩୦ ତାରିଖ ଯାଏ ଚାଲିବ। ଜାନୁୟାରୀ ୨୮ରୁ ଫେବୃୟାରୀ ୨ ତାରିଖ ଯାଏ ବିଭିନ୍ନ ବିଷୟର ପ୍ରାକ୍ଟିକାଲ ଓ ପ୍ରୋଜେକ୍ଟ ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୭ରୁ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ୮ ତାରିଖରୁ କଳା ବିଭାଗ ପରୀକ୍ଷା ଆରମ୍ଭ ହେବ । ମାର୍ଚ୍ଚ ୭ ଓ ୮ ତାରିଖରେ ଓଡ଼ିଆ ଥିବାବେଳେ ୯ ଓ ୧୧ ତାରିଖରେ ଇଂଲିଶ ବିଷୟ ରହିଛି। ସେହିପରି ୧୨ ତାରିଖରେ ପଦାର୍ଥ ବିଜ୍ଞାନ, ଆକାଉଣ୍ଟାନ୍ସି, ୧୩ରେ ରାଜନୀତି ବିଜ୍ଞାନ, ୧୪ରେ ଇନଫରମେଶନ ☞ପୃଷ୍ଠା-୪

# କମଲନାଥ ମଧ୍ୟପ୍ରଦେଶ ନାଥ

## ରାଜସ୍ଥାନ, ଛତିଶଗଡ଼ ନିଷ୍ପତ୍ତି ଆଜି

ନୂଆଦିଲ୍ଲୀ,୧୩।୧୨

କମଲନାଥ ମଧ୍ୟପ୍ରଦେଶ ନାଥ। ଦିନତମାମ ମାରାଥନ ବୈଠକ ପରେ କଂଗ୍ରେସ ହାଇକମାଣ୍ଡ ଏହି ନିଷ୍ପତ୍ତି ନେଇଛନ୍ତି। ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ତୋଗ୍‌ଲକ୍ ଲେନ୍ ବାସଭବନରେ ଗୁରୁବାର ଚାଲିଥିବା ମନ୍ତ୍ରଣା ପରେ ନିର୍ବାଚନ ହୋଇଥିବା ସବୁଠୁ ବଡ଼ ରାଜ୍ୟ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ନାମ ରାତିରେ ଘୋଷଣା କରାଯାଇଛି। ରାହୁଲ ଯୁବ ନେତୃତ୍ୱ ଅପେକ୍ଷା ବରିଷ୍ଠ ନେତାଙ୍କ ଉପରେ ଅଧିକ ଭରସା କରିଛନ୍ତି। ଏଥିପାଇଁ ୭୨ ବର୍ଷୀୟ ଓଲ୍ଡ ହର୍ସ କମଲନାଥଙ୍କ ହାତରେ ଧରାଇଛନ୍ତି ଶାସନ ଡୋରି। ଅଭିଜ୍ଞ ରାଜନେତା କମଲନାଥ କ୍ଷମତାରେ ରହିଲେ ସୁଶାସନ ଦେଇ ସବୁ ବର୍ଗର ଲୋକଙ୍କୁ ସନ୍ତୁଷ୍ଟ କରିପାରିବେ ବୋଲି ନିଆଯାଇଥିବା ନିଷ୍ପତ୍ତିକୁ କେତେକ ମହଲରେ ସ୍ୱାଗତ କରାଯାଇଛି। ହେଲେ ପ୍ରଚାର କମିଟି ଅଧ୍ୟକ୍ଷ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଉତ୍ସାହୀ ତଥା ପ୍ରଗତିଶୀଳ ନେତୃତ୍ୱକୁ ଅଣଦେଖା କରାଯାଇଥିବାରୁ ଯୁବବର୍ଗ ନିରାଶ ହୋଇଛନ୍ତି। ଅନ୍ୟପକ୍ଷରେ ରାଜସ୍ଥାନ ଓ ଛତିଶଗଡ଼ରେ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ ସେନେଇ ବିଳମ୍ବିତ ରାତି ଯାଏ ହିସାବ ଛିଣ୍ଡି ପାରିନାହିଁ। ଏ ସମ୍ପର୍କରେ ଶୁକ୍ରବାର ଘୋଷଣା କରାଯିବ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ।

୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭାର ୧୧୪ ଆସନ ଦଖଲ କରିବା ପରେ କଂଗ୍ରେସକୁ ସମର୍ଥନ ଘୋଷଣା କରିଥିଲେ ବିଏସ୍‌ପି (୨) ଏବଂ ଏସ୍‌ପି (୧)। ମ୍ୟାଜିକ୍ ନମ୍ବର ୧୧୬ ହୋଇଥିବାରୁ ପିସିସି ସଭାପତି କମଲନାଥ ବୁଧବାର ରାଜ୍ୟପାଳ ଆନନ୍ଦିବେନ୍ ପଟେଲଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଥିଲେ। ହେଲେ ସେତେବେଳେ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ ହିସାବ ଛିଣ୍ଡି ନ ଥିଲା। କାରଣ ଏହି ଦୌଡ଼ରେ ଯୁବନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟ ଥିଲେ। ଗୁରୁବାର ଉଭୟେ ନୂଆଦିଲ୍ଲୀ ଯାଇ ରାହୁଲଙ୍କୁ ତାଙ୍କ ବାସଭବନରେ ପୃଥକ୍ ଭାବେ ଭେଟିଥିଲେ। ☞ପୃଷ୍ଠା-୪



କମଲନାଥ

### ଇନ୍ଦିରାଙ୍କ ‘ତୃତୀୟ ପୁଅ’

ମଧ୍ୟପ୍ରଦେଶର ଅଷ୍ଟାଦଶ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ବରିଷ୍ଠ କଂଗ୍ରେସ ନେତା କମଲନାଥ ଦୀର୍ଘଦିନ ଧରି ଲୋକସଭା ଏମ୍‌ପି ରହିଛନ୍ତି। ଷୋଡ଼ଶ ଲୋକ ସଭାରେ ତାଙ୍କୁ ଅସ୍ଥାୟୀ ବାଚସ୍ପତି ନିଯୁକ୍ତ କରାଯାଇଥିଲା। ମଧ୍ୟପ୍ରଦେଶର ଛିନ୍ଦଓ୍ୱାଡ଼ା ଆସନରୁ କମଲନାଥ ୯ ଥର ନିର୍ବାଚିତ ହୋଇଛନ୍ତି। ସେ କେନ୍ଦ୍ର କ୍ୟାବିନେଟର ବିଭିନ୍ନ ବିଭାଗରେ ମନ୍ତ୍ରୀ ଥିଲେ। ଗତ ମେ’ରେ ମଧ୍ୟପ୍ରଦେଶ କଂଗ୍ରେସ କମିଟିର ସଭାପତି ନିଯୁକ୍ତ ହେବା ପରେ ଦଳ ତାଙ୍କ ନେତୃତ୍ୱରେ ବିଧାନସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଛି।

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ‘ତୃତୀୟ ପୁଅ’ ଭାବେ ଜଣାଶୁଣା କମଲନାଥଙ୍କ ଜନ୍ମ ଉତ୍ତରପ୍ରଦେଶର କାନପୁରରେ ୧୯୪୬ ନଭେମ୍ବର ୧୮ରେ। ସେ ଡୁନ୍ ସ୍କୁଲରୁ ଶିକ୍ଷା ଶେଷ ପରେ କୋଲକାତା ୟୁନିଭର୍ସିଟି ଅଧୀନ ସେଣ୍ଟ ଜାଭିୟର କଲେଜରୁ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ତାଙ୍କ ବାପା ମହେନ୍ଦ୍ରନାଥ ଉତ୍ତରପ୍ରଦେଶର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଥିଲେ। ସେ ପ୍ରଥମେ ☞ପୃଷ୍ଠା-୧୩

# କେସିଆର୍‌ଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ

ହାଇଦ୍ରାବାଦ,୧୩।୧୨(ପି.ଟି.)

ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ ତଥା ବିଧାୟକ ଦଳ ନେତା କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଗୁରୁବାର ମୁଖ୍ୟମନ୍ତ୍ରୀ ଭାବେ ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି। ରାଜଧାନୀ



ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଉଛନ୍ତି କେ. ଚନ୍ଦ୍ରଶେଖର ରାଓ।

ହାଇଦ୍ରାବାଦସ୍ଥିତ ରାଜଭବନରେ ଆୟୋଜିତ ଏକ ନିରାଡମ୍ବର ଉତ୍ସବରେ ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହା ଅପରାହ୍ନ ୧ଟା ୨୫ରେ କେସିଆର୍‌ଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ମହମ୍ମଦ ମେହମୁଦ୍ ଅଲି ମଧ୍ୟ ଶପଥ ନେଇଛନ୍ତି। କେସିଆର୍ ତେଲୁଗୁରେ ଶପଥ ନେଇଥିବାବେଳେ ଅଲି ଉର୍ଦ୍ଦୁରେ ଶପଥପାଠ କରିଛନ୍ତି। ଶପଥଗ୍ରହଣ ଉତ୍ସବରେ କେସିଆର୍‌ଙ୍କ ସ୍ତ୍ରୀ ଶୋଭା ରାଓ, ପୁଅ କେ.ଟି. ରାମା ରାଓ, ଝିଅ କେ. କବିତା, ପୁତୁରା ହରିଶ ରାଓ, ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓ୍ୱାଇସିଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୫ରୁ ୬ ଦିନ ମଧ୍ୟରେ ନୂଆ କ୍ୟାବିନେଟ ସଦସ୍ୟଙ୍କ ନାମ ଘୋଷଣା କରାଯିବ ବୋଲି ୬୪ ବର୍ଷୀୟ କେସିଆର୍ କହିଛନ୍ତି। ପ୍ରକାଶ ଯେ, ୧୧୯ ସଦସ୍ୟ ବିଶିଷ୍ଟ ତେଲେଙ୍ଗାନା ବିଧାନସଭାର ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଟିଆର୍‌ଏସ୍‌କୁ ୮୮ ଆସନରେ ସଫଳତା ମିଳିଛି। ୨୦୧୪ ଜୁନ୍ ୨ରେ ତେଲେଙ୍ଗାନାକୁ ଭାରତର ୨୯ତମ ରାଜ୍ୟ ଭାବେ ମାନ୍ୟତା ମିଳିଥିଲା। ସେହିଦିନ କେସିଆର୍ ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିଲେ। ଦ୍ୱିତୀୟ ଇନିଂସ ଆରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେସିଆର୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ■ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ

# ମହିଳା ପ୍ରାର୍ଥୀ କାହାନ୍ତି

**ସୁନିତ୍ ମିଶ୍ର**
**ଭୁବନେଶ୍ୱର, ୧୩।୧୨**

ମହିଳାମାନଙ୍କ ପାଇଁ ପାର୍ଲାମେଣ୍ଟ ଏବଂ ବିଧାନସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ହେଉ। ଏ ସମ୍ପର୍କିତ ସଂକଳ୍ପ ପ୍ରସ୍ତାବ ନିକଟରେ ଓଡିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଏହାପରେ ପ୍ରସ୍ତାବକୁ ଖୁବ୍‌ଶୀଘ୍ର ଆଇନରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି। ନବୀନଙ୍କ ଚିଠି ରାଜ୍ୟ ରାଜନୀତିରେ ଚର୍ଚ୍ଚା ସୃଷ୍ଟି କରିଛି। ଠିକ୍ ଏହି ସମୟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କଂଗ୍ରେସ ଶାସିତ ରାଜ୍ୟଗୁଡିକୁ ମହିଳା ସଂରକ୍ଷଣ ଆଇନ ବିଧାନସଭାରେ ଗୃହୀତ କରିବା ପାଇଁ ଚିଠି ଲେଖିଛନ୍ତି। ନବୀନଙ୍କ ପରେ ରାହୁଲଙ୍କ ଏହି ପଦକ୍ଷେପ ଯୋଗୁ ଉଭୟଙ୍କୁ ଜାତୀୟ ରାଜନୀତିରେ ଚର୍ଚ୍ଚିତ କରିଛି। ବିଜେଡି କିନ୍ତୁ ଚିଠି ଲେଖାରେ ସୀମିତ ନ ରଖି ଗୋଟିଏ ପାଦ ଆଗକୁ ଯାଇଛି। ଦଳ ପକ୍ଷରୁ ୭ ଜାତୀୟ ଏବଂ ୧୫ ଆଞ୍ଚଳିକ ଦଳ ସହ ଭେଟିବାକୁ ନିଷ୍ପତ୍ତି ହୋଇଛି। ଦଳୀୟ ନେତାମାନଙ୍କ ମଧ୍ୟରେ ଏନେଇ ଦାୟିତ୍ୱ ବାଣ୍ଟି ଦିଆଯାଇଛି। ମାତ୍ର ରାଜ୍ୟର ଏକ ଦାୟିତ୍ୱସମ୍ପନ୍ନ ଦଳ ଭାବେ ବିଜେଡି ୨୦୧୯ ନିର୍ବାଚନରେ ଏହି ପ୍ରସ୍ତାବକୁ ନିଜେ ପାଳନ କରିପାରିବ ନା ନାହିଁ ତାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠିଛି। ଏହି ବିଲ୍ ଲୋକ ସଭାରେ ଗୃହୀତ ନ ହେଲେ ମଧ୍ୟ ସାଧାରଣ ନିର୍ବାଚନରେ ବିଧାନସଭା ଓ ଲୋକ ସଭା ଆସନରେ ବିଜେଡି ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷିତ ରଖିବା ଜରୁରୀ ହୋଇପଡିଛି ବୋଲି ଚର୍ଚ୍ଚା ହେଉଛି।

ମହିଳାମାନଙ୍କୁ ଗୁରୁତ୍ୱ ଦେଇ ଶାସକ ବିଜେଡି ଆଣିଥିବା ପ୍ରସ୍ତାବ ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ବିରୋଧୀ ଅଭିଯୋଗ କରୁଛନ୍ତି। ବିଜେଡି ଆଣିଥିବା ପ୍ରସ୍ତାବକୁ ଆସନ୍ତା ନିର୍ବାଚନରେ ଯଦି ନିଜେ ପାଳନ ନ କରେ ତେବେ ବିରୋଧୀଙ୍କୁ ସମାଲୋଚନା କରିବାକୁ ଏକ ସୁଯୋଗ ମିଳିଯିବ। ୨୦୧୪ ସାଧାରଣ ନିର୍ବାଚନକୁ ଦେଖିଲେ ବିଜେଡି ୧୪୭ ବିଧାନସଭା ଆସନରୁ ୧୩ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ପରବର୍ତ୍ତୀ ସମୟରେ ବିଜେପୁର ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ରୀତା ସାହୁଙ୍କୁ ବିଜେଡି ଟିକେଟ ଦେଇଛି। ଅର୍ଥାତ୍ ବିଧାନସଭା ପାଇଁ ବିଜେଡି ୧୪ଜଣ ମହିଳାଙ୍କୁ ଟିକେଟ ଦେଇଛି। ଅନ୍ୟପଟେ ୨୧ ଲୋକ ସଭା ଆସନରୁ ୩ଜଣ ମହିଳାଙ୍କୁ ଟିକେଟ ଦେଇଥିଲା। ବର୍ତ୍ତମାନ ଯଦି ୩୩ ପ୍ରତିଶତ ନିୟମ ☞ପୃଷ୍ଠା-୪




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଡିସେମ୍ବର, ୨୦୧୮



ଦେଶରେ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଥିବାବେଳେ ଭାଜପା ରାମମନ୍ଦିର ପ୍ରସଙ୍ଗ ଉଠାଉଛି । ଧ୍ରୁବୀକରଣ ରାଜନୀତି ଆଉ ଚାଲିବ ନାହିଁ ବୋଲି ସଦ୍ୟ ଜନାଦେଶ ପ୍ରମାଣିତ କରିଛି ।
- ଯଶୱନ୍ତ ସିହ୍ନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ତୁଳସୀ ଗାବାର୍ଡ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲଢ଼ିପାରନ୍ତି



**ୱାଶିଂଟନ,୧୩।୧୨(ପି.ଟି.)**-ଆମେରିକା କଂଗ୍ରେସର ପ୍ରଥମ ହିନ୍ଦୁ ସଦସ୍ୟା ତୁଳସୀ ଗାବାର୍ଡ ୨୦୨୦ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ନେଇ ଗୁରୁତ୍ୱର ସହ ଚିନ୍ତା କରୁଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ହାୱାଇରୁ ସେ ଡେମୋକ୍ରାଟିକ୍ ପାର୍ଟିରୁ ୪ ଥର ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍‌କୁ ନିର୍ବାଚିତ ହୋଇଛନ୍ତି। ଯଦି ସେ ନିଜକୁ ପ୍ରାର୍ଥୀ ଘୋଷଣା କରନ୍ତି ତେବେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଦୌଡରେ ସେ ପ୍ରଥମ ହିନ୍ଦୁ ହେବେ ଏବଂ ନିର୍ବାଚନ ଜିତିଲେ ସର୍ବକନିଷ୍ଠ ଏବଂ ପ୍ରଥମ ମହିଳା ରାଷ୍ଟ୍ରପତି ହେବେ।

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୩।୧୨(ପି.ଟି.)**-ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ଲଶ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ଓୱେସ ଅହମ୍ମଦ ଭଟ୍ଟ ଓରଫ ଅବୁ ବକର ଓ ଅହମ୍ମଦ ଦର୍ ଓରଫ ଅବୁ ଅବ୍‌ଦୁଲ୍ଲା। ପୋଲିସ ଗାର୍ଡ ପୋଷ୍ଟ ଓ ସୁରକ୍ଷା ଶିବିର ଉପରେ ଆକ୍ରମଣ ସହ ଏକାଧିକ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ନେଇ ଉଭୟଙ୍କୁ ୱାଣ୍ଟେଡ୍ ତାଲିକାଭୁକ୍ତ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ବାରମୁଲ୍ଲା ଜିଲାର ସୋପୋର ଅଞ୍ଚଳରେ କେତେଜଣ ଆତଙ୍କବାଦୀ ଆକ୍ରମଣ କରିବାକୁ ଯୋଜନା ଚଳାଇଥିବାବେଳେ ସୁରକ୍ଷା ବଳ ତଲାସି ଅଭିଯାନ ଚଳାଇଥିଲା। ଏହି ସମୟରେ ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ।

### ଟ୍ରେନ ଦୁର୍ଘଟଣା: ୯ ମୃତ

**ଆଙ୍କାରା,୧୩।୧୨(ପି.ଟି.)**-ତୁର୍କୀ ରାଜଧାନୀ ଆଙ୍କାରାରେ ଗୁରୁବାର ଏକ ଦ୍ରୁତଗାମୀ ପାସେଞ୍ଜର ଟ୍ରେନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୯ ମୃତ ଓ ୫୦ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଟ୍ରେନର ୩ ଚାଳକ ରହିଥିବା ପରିବହନ ମନ୍ତ୍ରୀ କାହିତ୍ ତୁରହାନ୍ କହିଛନ୍ତି। ଆଙ୍କାରା ମୁଖ୍ୟ ଷ୍ଟେଶନରୁ ତୁର୍କୀର କେନ୍ଦ୍ରାଞ୍ଚଳ କୋନିଆ ବାହାରିଥିବା ଟ୍ରେନରେ ୨୦୬ ଯାତ୍ରୀ ରହିଥିଲେ। ମର୍ଶାନ୍ଦିଜ୍ ଷ୍ଟେଶନ ଦେଇ ଟ୍ରେନ ଦ୍ରୁତଗତିରେ ଯାଉଥିବା ବେଳେ ରେଳପଥରେ ରହିଥିବା ଏକ ଇଞ୍ଜିନକୁ ଏହା ଧକ୍କା ଦେଇଥିଲା।

### ୧୮୧ ପାଇଲଟ୍ ଆଲକହଲ୍ ପଜିଟିଭ୍

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**- ବିମାନ ଯାତ୍ରା ସମୟରେ ପାଇଲଟ୍‌ଙ୍କ ଆଲକହଲ୍ ସେବନ ଉପରେ ଲଗାମ୍ ଲଗାଯାଇଛି। ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇଛି। ୨୦୧୫ରୁ ୨୦୧୮ ମଧ୍ୟରେ ୧୮୧ (ସ୍ଥାୟୀ ଏବଂ ଅସ୍ଥାୟୀ) ପାଇଲଟ୍ ଆଲକହଲ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗୁରୁବାର ଲୋକ ସଭାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜୟନ୍ତ ସିହ୍ନା ଏହା ଜଣାଇଛନ୍ତି।

# ଛିଣ୍ଡିଲାନି ହିସାବ

## ଗେହଲଟ୍-ପାଇଲଟ୍ ଟଣାଓଟରା





### ମୁଖ୍ୟମନ୍ତ୍ରୀ ଦୌଡ଼

- ଦିଲ୍ଲୀରେ କଂଗ୍ରେସ ନେତାଙ୍କ ହାଇଡ୍ରାମା
- ରାହୁଲଙ୍କ ବାସଭବନରେ ମାରାଥନ ବୈଠକ
- ସୋନିଆ, ପ୍ରିୟଙ୍କା ଓ ବରିଷ୍ଠ ନେତା ଉପସ୍ଥିତ
- ବାଘେଲ, ସିଂଦେଓଙ୍କୁ ଡାକରା

**ନୂଆଦିଲ୍ଲୀ,୧୩।୧୨**

ତୁହାକୁ ତୁହା ବୈଠକ ଥରକୁ ଥର ବିଚାରବିମର୍ଶ। ୨ ଦିନର ମନ୍ଥନ ପରେ ମଧ୍ୟ ନିଷ୍ପତ୍ତି ନେଇପାରିଲେ ନାହିଁ କଂଗ୍ରେସ ହାଇକମାଣ୍ଡ। ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ତୋଗ୍‌ଲକ୍ ଲେନ୍ ବାସଭବନରେ ଚାଲିଥିବା ମନ୍ତ୍ରଣା ଶେଷ ହୋଇପାରି ନାହିଁ। ମଧ୍ୟପ୍ରଦେଶ ପିସିସି ସଭାପତି କମଲନାଥଙ୍କୁ ଗୁରୁବାର ରାତିରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଚୟନ କରାଯାଇଥିବାବେଳେ ରାଜସ୍ଥାନ ଓ ଛତିଶଗଡ଼ ମଧ୍ୟରୁ ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନାମ ମଧ୍ୟ ଘୋଷଣା କରାଯାଇ ପାରିନାହିଁ।

ହାତୀ କାହା ମୁଣ୍ଡରେ ସୁନାକଳସ ଢାଳିବ ତାହା ଜାଣିବା ପାଇଁ ଉତ୍କଣ୍ଠା ଲାଗିରହିଥିଲା। ରାହୁଲଙ୍କ ନିଷ୍ପତ୍ତି ଉପରେ ରହିଥିଲା ସମସ୍ତଙ୍କ ନଜର। ଅପେକ୍ଷା ଥିଲା କେତେବେଳେ ହାଇକମାଣ୍ଡଙ୍କ ଫଇସଲା ଆସିବ। ରାହୁଲଙ୍କ ତୋଗ୍‌ଲକ୍ ଲେନ୍ ବାସଭବନରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ତାଙ୍କ ଝିଅ ପ୍ରିୟଙ୍କା ଭଦ୍ରା ପହଞ୍ଚିଥିଲେ। ସେପଟେ ରାଜସ୍ଥାନର ଏଆଇସିସି ପର୍ଯ୍ୟବେକ୍ଷକ କେ.ସି. ବେଣୁଗୋପାଳ, ମଧ୍ୟପ୍ରଦେଶର ଏ.କେ. ଆଣ୍ଟୋନି ଓ ଛତିଶଗଡ଼ ପର୍ଯ୍ୟବେକ୍ଷକ ମଲ୍ଲିକାର୍ଜୁନ ଖାର୍ଗେ ବିଧାୟକ ଦଳ ବୈଠକର ନିଷ୍ପତ୍ତି ସମ୍ପର୍କରେ ରାହୁଲଙ୍କୁ ଅବଗତ କରାଇଥିଲେ। ଇତିମଧ୍ୟରେ ପାଇଲଟ୍, ଗେହଲଟ୍, ସିନ୍ଧିଆ ଓ କମଲନାଥଙ୍କ ସହ ରାହୁଲ ପୃଥକ୍ ଭାବେ ବୈଠକ କରି ଆଲୋଚନା କରିଥିଲେ। ୩ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦ ପାଇଁ ଜୋର୍‌ଦାର ଲବି ଓ ସୁପାରିସ ମଧ୍ୟରେ ରାହୁଲ ସବୁ ପକ୍ଷଙ୍କ ମତାମତ ନେଇଥିଲେ। ସେପଟେ ରାହୁଲଙ୍କ ବାସଭବନ ସାମ୍ନାରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଶାୟୀ ସମର୍ଥକଙ୍କ ଭିଡ଼ ଜମିବାରେ ଲାଗିଥାଏ। ଘୋଷଣା ଯେତିକି ବିଳମ୍ବ ହେଉଥାଏ ସ୍ଲୋଗାନ ଓ ନାରାବାଜି ସେତିକି ବଢ଼ିବାରେ ଲାଗିଥାଏ। ମାରାଥନ ବୈଠକ ପରେ ମଧ୍ୟପ୍ରଦେଶର ଆଶାୟୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ କମଲନାଥଙ୍କୁ ଭୋପାଳ ଫେରିଯିବାକୁ କୁହାଗଲା। ଉଭୟେ ଭୋପାଳ ଫେରିବା ପରେ ରାତି ୧୦ଟାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ କମଲନାଥଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ସିନ୍ଧିଆ ଓ କମଲନାଥଙ୍କ ମଧ୍ୟରେ କିଛି ମତଭେଦ ନାହିଁ ବୋଲି ଦର୍ଶାଇବାକୁ ଯାଇ ରାହୁଲ ଉଭୟଙ୍କୁ ସାଙ୍ଗରେ ନେଇ ଏକ ଫଟୋ ଟୁଇଟ୍ କରିଛନ୍ତି। ହେଲେ ଖବର ଲେଖାଯିବା ଯାଏ ରାଜସ୍ଥାନ ଓ ଛତିଶଗଡ଼କୁ ନେଇ ହିସାବ ଛିଣ୍ଡିପାରିଲା ନାହିଁ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା କଂଗ୍ରେସ ସାଧାରଣ ସମ୍ପାଦକ ଅଶୋକ ଗେହଲଟ ଓ ପିସିସି ସଭାପତି ସଚିନ ପାଇଲଟ ନିଜ ନିଜ ପାଇଁ ଜୋର୍‌ଦାର ଲବି କରିଛନ୍ତି। ଉଭୟଙ୍କ ମଧ୍ୟରୁ କେହି ପଛଘୁଞ୍ଚା ଦେବାକୁ ନାରାଜ। ତେଣୁ ରାହୁଲ ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ଆଉ ଗୋଟିଏ ପର୍ଯ୍ୟାୟ ଆଲୋଚନା କରି ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କୁହାଯାଉଛି। ସେହିପରି ଛତିଶଗଡ଼କୁ ନେଇ ମଧ୍ୟ କିଛି ସ୍ଥିର ହୋଇପାରିନାହିଁ। ଏହି ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନାମ ଶୁକ୍ରବାର ଘୋଷଣା କରାଯିବ। ଏଥିପାଇଁ ଛତିଶଗଡ଼ରେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଆଗୁଆ ଥିବା ପିସିସି ସଭାପତି ଭୂପେଶ ବାଘେଲ ଓ ରାଜପରିବାରର ଟି.ଏସ୍. ସିଂଦେଓଙ୍କୁ ରାହୁଲ ଦିଲ୍ଲୀ ଡକାଇଛନ୍ତି। ସେପଟେ ନିଷ୍ପତ୍ତି ନେବାରେ ବିଳମ୍ବ ହେଉଥିବାରୁ ମୁଖ୍ୟମନ୍ତ୍ରୀ ଆଶାୟୀଙ୍କ ସମର୍ଥକମାନେ ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିବା ଜଣାପଡ଼ିଛି।

## ଅକ୍ଷୁଣ୍ଣ ରହୁ ବରିଷ୍ଠ ନାଗରିକଙ୍କ ଅଧିକାର

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**



ଦେଶରେ ୧୦ କୋଟିରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ରହିଛନ୍ତି। ସେମାନଙ୍କର ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି। କେନ୍ଦ୍ର ସରକାର ଏଥିପ୍ରତି ଯତ୍ନବାନ ହେବା ସହ ଅଧିକାର କାର୍ଯ୍ୟକାରୀ କରିବା ଦିଗରେ ବାସ୍ତବବାଦୀ ପଦକ୍ଷେପ ଗ୍ରହଣ କରିବାକୁ ସୁପ୍ରିମ୍‌କୋର୍ଟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ରହିଥିବା ଜରାନିବାସଗୁଡ଼ିକର ତାଲିକା ପ୍ରସ୍ତୁତ କରି ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ କରିଛନ୍ତି। ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱାରୋପ କରି ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟଠୁଁ ଆରମ୍ଭ କରି ବାସଗୃହ, ପେନଶନ ପ୍ରଦାନରେ ସୁବ୍ୟବସ୍ଥା କରିବାକୁ ଜଣାଇଛନ୍ତି। ବୃଦ୍ଧ ଓ ବୃଦ୍ଧାଙ୍କୁ ପାରୁପର୍ଯ୍ୟନ୍ତ ସୁରକ୍ଷା ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। ଏହି ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବାକୁ ଯାଇ ପ୍ରତି ରାଜ୍ୟରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟଗତ ସ୍ଥିତି, ରହିଥିବା କେୟାର୍ ୟୁନିଟ୍‌ର ଅବସ୍ଥିତି, ଉପଲବ୍ଧ ଚିକିତ୍ସା ବିଷୟରେ ତଥ୍ୟ ହାସଲ କରିବାକୁ ସୁପ୍ରିମ୍‌କୋର୍ଟଙ୍କ ଖଣ୍ଡପୀଠ ଜଷ୍ଟିସ୍ ମଦନ ବି ଲୋକୁର ଏବଂ ଜଷ୍ଟିସ୍ ଗୁପ୍ତା ଗୁରୁବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ କରିଛନ୍ତି। ଏଥିସହ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଏବଂ ପରିବାର କଲ୍ୟାଣ ଆକ୍ଟ ୨୦୦୭ର ପ୍ରଚାର ପ୍ରସାର ପାଇଁ ସୁଚିନ୍ତିତ ଆକ୍ସନ ପ୍ଲାନ୍ କାର୍ଯ୍ୟକ୍ଷମ କରିବାକୁ କହିଛନ୍ତି। ଏହାର ସଫଳ କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାରଙ୍କ ଉପରେ କେନ୍ଦ୍ର ସରକାର ନିଜର କ୍ଷମତା ଜାହିର୍ କରିବାକୁ ପରାମର୍ଶ ଦେଇଛନ୍ତି। ବରିଷ୍ଠ ନାଗରିକମାନଙ୍କ ପାଇଁ ପ୍ରଣୀତ ଯୋଜନାଗୁଡ଼ିକୁ ଉଚିତ୍ ମାର୍ଗରେ ପରିଚାଳନା କରିବା ସହ ଏହାର ସମୟାନୁକ୍ରମେ ତଦାରଖ କରାଯିବାକୁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ସୁପ୍ରିମକୋର୍ଟରେ ରାଫାଲ ରାୟ ଆଜି

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**

ରାଫାଲ ଚୁକ୍ତିନାମାକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ରାୟ ଶୁଣାଇବେ। ଫ୍ରାନ୍ସରୁ ୫୯ ହଜାର କୋଟି ଟଙ୍କାରେ ୩୬ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିନାମାରେ ଅନିୟମିତତା ଅଭିଯୋଗର ତଦନ୍ତ କୋର୍ଟଙ୍କ ତତ୍ତ୍ୱାବଧାନରେ କରିବା ଲାଗି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଏହା ବ୍ୟତୀତ ଉକ୍ତ ରାଜିନାମାରେ ଠିକ୍ ପଦ୍ଧତି ଅବଲମ୍ବନ କରାଯାଇଛି କି ନାହିଁ ତାହା ଉପରେ ମଧ୍ୟ ସର୍ବୋଚ୍ଚ ଅଦାଲତ ତାଙ୍କ ନିଷ୍ପତ୍ତି ଶୁଣାଇବେ। ଗତ ନଭେମ୍ବର ୧୪ରେ ମାମଲାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଥିଲା।

## କୋଇଲା ଖଣିରେ ଚାପି ହୋଇଗଲେ ୧୩ ଶ୍ରମିକ

**ଶିଲଂ,୧୩।୧୨(ପି.ଟି.)**-ମେଘାଳୟର ପୂର୍ବ ଜୟନ୍ତିଆସ୍ଥିତ ପାହାଡ଼ିଆ ଇଲାକାରେ ରହିଥିବା କୋଇଲା ଖଣିରେ ଗୁରୁବାର ଦୁର୍ଘଟଣା ଘଟିଛି। ୧୩ ଶ୍ରମିକ କୋଇଲା ତଳେ ଚାପି ହୋଇ ମୃତ ହୋଇଥିବା ଜଣାଯାଇଛି। କୋଇଲା ଖାଦାନରେ ଫସି ରହିଥିବା ଅନ୍ୟମାନଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଛି।

## ନିର୍ଭୟା ମାମଲାରେ ତୁରନ୍ତ ଫାଶୀ ଆବେଦନ ଖାରଜ

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**-ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ୪ ଦୋଷୀଙ୍କୁ ତୁରନ୍ତ ଫାଶୀ ଦେବା ଲାଗି ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଏହା କି ପ୍ରକାର ନିବେଦନ ବୋଲି ଜଷ୍ଟିସ ମଦନ ବି. ଲୋକୁର ଏବଂ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠ ପ୍ରଶ୍ନ କରିବା ସହ ଅଦାଲତଙ୍କୁ ପରିହାସ କରାଯାଉଥିବା କହିଛନ୍ତି। ୨୦୧୨ ଡିସେମ୍ବର ୧୬ ରାତିରେ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ୬ ଜଣ ଗଣବଳାତ୍କାର କରିବା ପରେ ଗୁରୁତର ଅବସ୍ଥାରେ ରାସ୍ତାରେ ଫିଙ୍ଗି ଚାଲିଯାଇଥିଲେ। ୨ ସପ୍ତାହ ପରେ ସିଙ୍ଗାପୁରର ଏକ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଆସ୍ଥା ଜିଣିଲେ ଥେରେସା

**ଲଣ୍ଡନ,୧୩।୧୨(ପି.ଟି.)**

### ଜାନୁୟାରୀ ୨୧ରେ ବ୍ରେକ୍‌ଜିଟ୍ ଭୋଟ



ଶାସକ କଞ୍ଜରଭେଟିଭ ପାର୍ଟିରେ ପ୍ରଧାନମନ୍ତ୍ରୀ ଥେରେସା ମେ'ଙ୍କ ନେତୃତ୍ୱକୁ ନେଇ ହୋଇଥିବା ଆସ୍ଥାଭୋଟରେ ସେ ବିଜୟୀ ହୋଇଛନ୍ତି। ଆଗାମୀ ୨୦୨୨ ସାଧାରଣ ନିର୍ବାଚନରେ ସେ ଦଳର ନେତୃତ୍ୱ ନେବେନି ବୋଲି ପ୍ରତିଶ୍ରୁତି ଦେଇ ବିଦ୍ରୋହୀ ଏମ୍‌ପିମାନଙ୍କୁ ମନାଇବାରେ ସଫଳ ହୋଇଥିଲେ। ପ୍ରଧାନମନ୍ତ୍ରୀ ଭାବେ ରହିବା ଲାଗି ଦଳର ସମର୍ଥନ ମିଳିଥିବାବେଳେ ଏକତୃତୀୟାଂଶ ଦଳୀୟ ଏମ୍‌ପି ତାଙ୍କ ବିରୋଧରେ ଭୋଟ ଦେଇଥିଲେ। ଫଳରେ ବ୍ରେକ୍‌ଜିଟ ଚୁକ୍ତିନାମାକୁ ନେଇ ତାଙ୍କୁ କଡ଼ା ଟକ୍କରର ସମ୍ମୁଖୀନ ହେବାକୁ ପଡ଼ିପାରେ। ବୁଧବାର ହୋଇଥିବା ଗୁପ୍ତ ଭୋଟରେ ଥେରେସାଙ୍କୁ ୬୩ ପ୍ରତିଶତ ଭୋଟ ମିଳିଥିଲା। ୩୧୭ କଞ୍ଜରଭେଟିଭ ପାର୍ଟି ଏମ୍‌ପିଙ୍କ ମଧ୍ୟରୁ ୨୦୦ ଜଣ ତାଙ୍କ ସପକ୍ଷରେ ଭୋଟ ଦେଇଥିଲା ବେଳେ ୧୧୭ ଭୋଟ ତାଙ୍କ ବିପକ୍ଷରେ ଯାଇଥିଲା। ୨୦୧୬ ଜୁନ୍‌ରେ ବ୍ରିଟେନ ୟୁରୋପୀୟ ସଂଘରୁ ଓହରିଯିବା ଲାଗି ନିଷ୍ପତ୍ତି ନେବା ପରେ ଥେରେସା ପ୍ରଧାନମନ୍ତ୍ରୀ ହୋଇଥିଲେ। ତେବେ ବର୍ଷେ ହେଲା ସେ ଦଳ ଭିତରେ ନେତୃତ୍ୱ ଚାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ବ୍ରେକ୍‌ଜିଟ ନୀତିକୁ ବିରୋଧ କରି ୪୮ କଞ୍ଜରଭେଟିଭ ପାର୍ଟି ଏମ୍‌ପି ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

ଆଗାମୀ ଜାନୁୟାରୀରେ ବ୍ରିଟିଶ୍ ଏମ୍‌ପିମାନେ ଥେରେସାଙ୍କ ବ୍ରେକ୍‌ଜିଟ ଚୁକ୍ତିନାମା ଉପରେ ଭୋଟ ଦେବେ। ଆସନ୍ତା ସପ୍ତାହରେ ଅନ୍ୟ ଏକ ବିଧେୟକ ସହିତ ବ୍ରେକ୍‌ଜିଟ ଚୁକ୍ତିନାମା ଉପସ୍ଥାପନ କରାଯିବ। ଏହା ପରେ ପାର୍ଲାମେଣ୍ଟ ଜାନୁୟାରୀ ୭ ପର୍ଯ୍ୟନ୍ତ ଛୁଟି ରହିବ। ଜାନୁୟାରୀ ୨୧ରେ ବ୍ରେକ୍‌ଜିଟ ଭୋଟ ହେବ ବୋଲି ଥେରେସା ପ୍ରତିଶ୍ରୁତି ଦେଇଛନ୍ତି।

# ଅଚଳାବସ୍ଥା ଜାରି

### ଉଭୟ ଗୃହ ମୁଲତବୀ



**ନୂଆଦିଲ୍ଲୀ,୧୩।୧୨(ପି.ଟି.)**

ରାଫାଲ ଚୁକ୍ତିନାମା, ରାମମନ୍ଦିର ନିର୍ମାଣ ଏବଂ କାବେରୀ ଜଳ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ କରିବା ଫଳରେ ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି ରହିଛି। ଗୁରୁବାର କ୍ରମାଗତ ଦ୍ୱିତୀୟ ଦିନ ଲାଗି ଉଭୟ ଗୃହକୁ ମୁଲତବୀ ରଖାଯାଇଛି। ଶୀତ ଅଧିବେଶନର ପ୍ରଥମ ଦିନ ପରଲୋକଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ, କେନ୍ଦ୍ରମନ୍ତ୍ରୀ ଅନନ୍ତକୁମାର ଏବଂ କେତେକ ଏମ୍‌ପିଙ୍କୁ ଶ୍ରଦ୍ଧାଞ୍ଜଳି ପରେ ଗୃହ ମୁଲତବୀ କରାଯାଇଥିଲା ବେଳେ ବୁଧବାର ଦ୍ୱିତୀୟ ଦିନରେ ବିରୋଧୀ ଦଳଗୁଡ଼ିକର ହଟ୍ଟଗୋଳ ଯୋଗୁ ଲୋକ ସଭାରେ କୌଣସି କାର୍ଯ୍ୟ ଚାଲିପାରି ନ ଥିଲା। ରାଜ୍ୟ ସଭାରେ ହଟ୍ଟଗୋଳ ମଧ୍ୟରେ ଗୋଟିଏ ବିଲ୍ ଗୃହୀତ ହେବା ପରେ ଗୃହକୁ ମୁଲତବୀ ରଖାଯାଇଥିଲା। ଗୁରୁବାର ତାମିଲନାଡୁ ଏମ୍‌ପିମାନେ କାବେରୀ ଜଳ ପ୍ରସଙ୍ଗ ଉଠାଇ ଗୃହର ମଧ୍ୟଭାଗରେ ହୋହଲ୍ଲା କରିଥିଲେ। ସେହିପରି ଆନ୍ଧ୍ରପ୍ରଦେଶର ଦୁଇ ସାଂସଦ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି କରିଥିଲେ। ଅଚଳାବସ୍ଥା ଜାରି ରହିବାରୁ ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ରାଜ୍ୟ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ସେହିପରି ଲୋକ ସଭାରେ ବିରୋଧୀ ଦଳ ସହ ଏନଡିଏ ସହଯୋଗୀ ଶିବସେନା ମଧ୍ୟ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ଅଧ୍ୟାଦେଶ ଦାବିରେ ହଟ୍ଟଗୋଳ କରିଥିଲା। ଫଳରେ ପ୍ରଶ୍ନୋତ୍ତର କାଳରେ ଦୁଇଥର ଗୃହକୁ ମୁଲତବୀ କରାଯିବା ପରେ ଶୂନ୍ୟକାଳରେ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

## ବିଜୟ ସୁନିଶ୍ଚିତ ପାଇଁ ୩ ହଜାର କଲ୍

**ନୂଆଦିଲ୍ଲୀ,୧୩।୧୨**-ମଧ୍ୟପ୍ରଦେଶରେ ଭୋଟ ଗଣତି ସମୟରେ କଂଗ୍ରେସ ଆସନ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏହା ଉପରେ ନଜର ରଖିଥିଲେ ଅସଂଖ୍ୟ କଂଗ୍ରେସ ନେତା। ସେମାନେ ପ୍ରାର୍ଥୀ ଏବଂ ନିର୍ବାଚନ ଅଧିକାରୀଙ୍କୁ ପାଖାପାଖି ୩,୦୦୦ ଫୋନ୍ କଲ୍ କରିଥିଲେ ବୋଲି ଜଣେ ନେତା ସୂଚନା ଦେଇଛନ୍ତି। ଏଥିପାଇଁ ଫୋନ୍ କଲ ପରିଚାଳନାରେ ସହାୟତା କରିଥିଲେ କେତେଜଣ ଆଇନଜୀବୀ ଓ ସ୍ୱେଚ୍ଛାସେବୀ। ମୁଖ୍ୟ ନିର୍ବାଚନ କମିଶନରଙ୍କ ଅଫିସ ସମ୍ମୁଖରେ ମଧ୍ୟ ଏକ ଟିମ୍ ଡେରା ପକାଇଥିଲା। ଭାଜପା ଆସନ ଅପେକ୍ଷା କଂଗ୍ରେସ ଅଳ୍ପ ବ୍ୟବଧାନରେ ଆଗୁଆ ରହୁଥିବାରୁ ଏହା ଯେପରି ହାତଛଡ଼ା ନ ହୁଏ ସେଥିପାଇଁ କଂଗ୍ରେସ ନେତାମାନେ ସଜାଗ ରହିଥିଲେ। ଶେଷରେ ଜଣାପଡ଼ିଲା କଂଗ୍ରେସ ୫ଆସନରେ ଭାଜପାଠାରୁ ଅଧିକ ରହିଛି।

# ରାହୁଲ-ମୋଦି କଥା ହେଲେନି

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**

ତିନୋଟି ହିନ୍ଦୀ ଭାଷାଭାଷୀ ବୃହତ ରାଜ୍ୟକୁ କଂଗ୍ରେସ ଭାଜପାଠାରୁ ଛଡାଇନେବାର ଦୁଇ ଦିନ ପରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପାର୍ଲାମେଣ୍ଟ ପରିସରରେ ଏକାଠି ହୋଇଥିଲେ ମଧ୍ୟ ପରସ୍ପର କଥା ହୋଇ ନ ଥିଲେ। ୨୦୦୧ ପାର୍ଲାମେଣ୍ଟ ଆକ୍ରମଣର ୧୭ ବର୍ଷ ପୂର୍ତ୍ତି ଅବସରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲାଗି ଦୁଇ ନେତା ପାର୍ଲାମେଣ୍ଟରେ ଏକାଠି ହୋଇଥିଲେ। ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ନମସ୍କାର କରିଥିଲେ। କେନ୍ଦ୍ରମନ୍ତ୍ରୀ ବିଜୟ ଗୋଏଲ ଏବଂ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱାଲେ ରାହୁଲଙ୍କ ସହ କରମର୍ଦ୍ଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ, ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ, ବିଜେପିର ବରିଷ୍ଠ ନେତା ଏଲ୍.କେ. ଆଡଭାନୀ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପ୍ରମୁଖ ଉପସ୍ଥିତ ଥିଲେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୬ | ୧୫.୧ |
| ଚାନ୍ଦବାଲି | ୨୭.୩ | ୧୭.୦ |
| କଟକ | ୨୮.୦ | ୧୫.୨ |
| ପାରାଦ୍ୱୀପ | ୨୮.୬ | ୧୮.୦ |
| ଭୁବନେଶ୍ୱର | ୩୦.୨ | ୧୬.୫ |
| ଗୋପାଳପୁର | ୩୧.୦ | ୧୯.୧ |
| ପୁରୀ | ୨୯.୨ | ୧୮.୬ |
| ଅନୁଗୋଳ | ୨୫.୭ | ୧୩.୦ |
| ବାରିପଦା | ୨୬.୬ | ୧୫.୬ |
| ଝାରସୁଗୁଡ଼ା | ୨୪.୭ | ୧୫.୦ |
| କେନ୍ଦୁଝର | ୨୬.୧ | ୧୩.୫ |
| ସମ୍ବଲପୁର | ୨୪.୫ | ୧୬.୦ |
| ସୁନ୍ଦରଗଡ଼ | ୨୮.୦ | ୧୧.୦ |
| ହୀରାକୁଦ | ୨୩.୯ | ୧୬.୬ |
| ତାଳଚେର | ୨୮.୫ | ୧୪.୮ |
| ଭବାନୀପାଟଣା | ୨୩.୮ | ୧୭.୫ |
| ବଲାଙ୍ଗୀର | ୨୬.୦ | ୧୬.୨ |
| କୋରାପୁଟ | ୨୪.୦ | ୧୪.୦ |
| ଫୁଲବାଣୀ | ୨୩.୬ | ୧୩.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୨ | ୧୯.୮ |
| ସୋନପୁର | ୨୬.୬ | ୧୭.୯ |
| ଦାରିଙ୍ଗିବାଡ଼ି | ୨୩.୦ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ସିରିସେନାଙ୍କୁ ସୁପ୍ରିମକୋର୍ଟ ଝଟକା

# ପାର୍ଲାମେଣ୍ଟ ଭଙ୍ଗ ବେଆଇନ

**କଲମ୍ବୋ,୧୩।୧୨(ପି.ଟି.)**



ରାନିଲ ୱିକ୍ରମସିଂଘେ



ମୈତ୍ରୀପାଳ ସିରିସେନା



ମହିନ୍ଦ୍ରା ରାଜପାକ୍ସେ

### ଶ୍ରୀଲଙ୍କା ସଙ୍କଟ

- ୱିକ୍ରମସିଂଘେଙ୍କୁ ହଟାଇ ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ କରିଥିଲେ ରାଷ୍ଟ୍ରପତି
- ପାର୍ଲାମେଣ୍ଟ ଭଙ୍ଗ କରି ନିର୍ବାଚନ ପାଇଁ ଦେଇଥିଲେ ନିର୍ଦ୍ଦେଶ
- ୱିକ୍ରମସିଂଘେଙ୍କ ପ୍ରଧାନମନ୍ତ୍ରିତ୍ୱ ବଜାୟ ରଖିଲେ ସର୍ବୋଚ୍ଚ ଅଦାଲତ

ରାଷ୍ଟ୍ରପତି ମୈତ୍ରୀପାଳ ସିରିସେନା ପାର୍ଲାମେଣ୍ଟ ଭଙ୍ଗ କରିବା ଅସାମ୍ବିଧାନିକ ବୋଲି ଗୁରୁବାର ଶ୍ରୀଲଙ୍କା ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏଥିସହିତ ସର୍ବୋଚ୍ଚ ଅଦାଲତ ରାନିଲ ୱିକ୍ରମସିଂଘେଙ୍କ ପ୍ରଧାନମନ୍ତ୍ରିତ୍ୱକୁ କାଏମ ରଖିଛନ୍ତି। କୋର୍ଟଙ୍କ ଏହି ରାୟ ସିରିସେନାଙ୍କ ପ୍ରତି ଶକ୍ତ ଝଟକା ସଦୃଶ ହୋଇଛି। ରାଷ୍ଟ୍ରପତିଙ୍କ ବିବାଦୀୟ ନିଷ୍ପତ୍ତି ଯୋଗୁ ଶ୍ରୀଲଙ୍କାରେ ଅଭୂତପୂର୍ବ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ଫଳରେ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ନେଇ ସୃଷ୍ଟ ଏକାଧିକ ସଙ୍କଟର ଅବସାନ ଘଟିଛି।

ପାର୍ଲାମେଣ୍ଟ ଏହାର ସାଢ଼େ ୪ ବର୍ଷ କାର୍ଯ୍ୟକାଳ ଶେଷ ନ କରିବା ପର୍ଯ୍ୟନ୍ତ ଏହାକୁ ରାଷ୍ଟ୍ରପତି ଭଙ୍ଗ କରିପାରିବେ ନାହିଁ ବୋଲି ୭ ସଦସ୍ୟ ବିଶିଷ୍ଟ ସୁପ୍ରିମକୋର୍ଟ ଖଣ୍ଡପୀଠ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ରାୟ ପ୍ରକାଶ ବେଳେ କୋର୍ଟ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଷ୍ଟ୍ରପତି ସିରିସେନା ଗତ ଅକ୍ଟୋବର ୨୬ ତାରିଖରେ ରାନିଲ ୱିକ୍ରମସିଂଘେଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବରଖାସ୍ତ କରି ତାଙ୍କ ସ୍ଥାନରେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦ୍ରା ରାଜପାକ୍ସେଙ୍କୁ ନିଯୁକ୍ତି ଦେଇଥିଲେ। ରାଜପାକ୍ସେ ଗୃହରେ ସଂଖ୍ୟାଗରିଷ୍ଠତା ଦେଖାଇବାରେ ବିଫଳ ହେବା ପରେ ରାଷ୍ଟ୍ରପତି ୨୨୫ ସଦସ୍ୟ ବିଶିଷ୍ଟ ପାର୍ଲାମେଣ୍ଟ ଭଙ୍ଗ କରି ଜାନୁୟାରୀ ୫ରେ ସାନି ନିର୍ବାଚନ ଲାଗି ନିର୍ଦ୍ଦେଶନାମା ଜାରି କରିଥିଲେ। ଅନ୍ୟ ପକ୍ଷରେ ୱିକ୍ରମସିଂଘେଙ୍କ ସପକ୍ଷରେ ସଂଖ୍ୟାଗରିଷ୍ଠତା ଥିବା ସେ ବୁଧବାର ଗୃହରେ ପ୍ରମାଣ ଦେଇଛନ୍ତି। ତାଙ୍କ ନେତୃତ୍ୱକୁ ନେଇ ଆସିଥିବା ଆସ୍ଥା ପ୍ରସ୍ତାବ ସପକ୍ଷରେ ୧୧୭ ଏମ୍‌ପି ଭୋଟ ଦେଇଥିଲେ।

ଅନ୍ୟପକ୍ଷରେ ସିରିସେନା କହିଛନ୍ତି, ସେ ସର୍ବଦା ଶ୍ରୀଲଙ୍କା ଏବଂ ଦେଶବାସୀଙ୍କ ହିତକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଥାନ୍ତି। ତେବେ ସେ କୋର୍ଟଙ୍କ ରାୟକୁ ସମ୍ମାନ ଦେବେ ବୋଲି କହିଛନ୍ତି। ପାର୍ଲାମେଣ୍ଟ କାର୍ଯ୍ୟକାଳ ପୂରିବାକୁ ଆଉ ୨୦ ମାସ ବାକି ଥିଲାବେଳେ ଗତ ନଭେମ୍ବର ୯ ତାରିଖରେ ସିରିସେନା ଏହାକୁ ଭଙ୍ଗ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସିରିସେନାଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ୧୩ଟି ପିଟିସନ ଦାଏର ହୋଇଥିଲା। ଅନ୍ତତଃ ପକ୍ଷେ ୨୦୨୦ ଫେବୃୟାରୀ ପୂର୍ବରୁ ଆଗୁଆ ପାର୍ଲାମେଣ୍ଟ ନିର୍ବାଚନ କରାଯାଇପାରିବ ନାହିଁ ବୋଲି କୋର୍ଟ ରାୟରୁ ସ୍ପଷ୍ଟ ହୋଇଯାଇଛି। ତେବେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତାରେ ଯଦି ପ୍ରସ୍ତାବ ଗୃହୀତ ହୁଏ ତେବେ ଆଗୁଆ ନିର୍ବାଚନ କରାଯାଇପାରିବ।

ସୂଚନାଯୋଗ୍ୟ, ଏହା ପୂର୍ବରୁ ନଭେମ୍ବର ୧୩ରେ ସୁପ୍ରିମକୋର୍ଟ ସିରିସେନାଙ୍କ ଗେଜେଟ ବିଜ୍ଞପ୍ତି ଉପରେ ଅନ୍ତରୀଣ ରାୟ ଦେଇ ଏହାକୁ ସାମୟିକ ଭାବେ ବେଆଇନ କହିବା ସହ ଆଗୁଆ ନିର୍ବାଚନ ପ୍ରସ୍ତୁତି ଉପରେ ରୋକ ଲଗାଇଥିଲେ। ସେତେବେଳେ ଖଣ୍ଡପୀଠରେ ୩ ବିଚାରପତି ଥିଲାବେଳେ ଏହାକୁ ୭କୁ ବୃଦ୍ଧି କରାଯାଇଥିଲା। ଗତ ସପ୍ତାହରେ ୪ ଦିନ ଧରି ଦୀର୍ଘ ଶୁଣାଣି ପରେ କୋର୍ଟ ରାୟକୁ ସଂରକ୍ଷିତ ରଖିଥିଲେ।

ୱିକ୍ରମସିଂଘେଙ୍କୁ ରାଷ୍ଟ୍ରପତି ବରଖାସ୍ତ କରିଥିଲେ ମଧ୍ୟ ସେ ସରକାରୀ ବାସଭବନ ଛାଡି ନ ଥିଲେ। ସମ୍ବିଧାନର ୧୯ତମ ସଂଶୋଧନ ଅନୁଯାୟୀ କ୍ଷମତାସୀନ ପ୍ରଧାନମନ୍ତ୍ରୀଙ୍କୁ ବିତାଡିତ କରିବା କ୍ଷମତା ରାଷ୍ଟ୍ରପତିଙ୍କର ନାହିଁ। ସଙ୍କଟ ପୂର୍ବରୁ ପାର୍ଲାମେଣ୍ଟରେ ୱିକ୍ରମସିଂଘେଙ୍କ ୟୁଏନପି ପଛରେ ୧୦୬ ଏମ୍‌ପିଙ୍କ ସମର୍ଥନ ଥିଲା ବେଳେ ରାଜପାକ୍ସେ ଏବଂ ସିରିସେନାଙ୍କ ପଛରେ ମିଳିତ ଭାବେ ୯୫ ଏମ୍‌ପିଙ୍କ ସମର୍ଥନ ଥିଲା। ମତପାର୍ଥକ୍ୟ ଯୋଗୁ ୱିକ୍ରମସିଂଘେଙ୍କୁ ପୁନର୍ବାର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେବା ଲାଗି ସିରିସେନା ରାଜି ହୋଇ ନ ଥିଲେ।








# କୃଷ୍ଣପ୍ରସାଦରେ ବାର୍ଡ ଫ୍ଲୁ

ପୁରୀ ଅଫିସ/କୃଷ୍ଣପ୍ରସାଦ(ଡି.ଏନ.ଏ.) ୧୩।୧୨

- ଆଜିଠାରୁ କୁକୁଡ଼ା ମରା ଅଭିଯାନ
- କୁକୁଡ଼ା ମାଂସ, ଅଣ୍ଡା ବିକ୍ରି ଉପରେ କଟକଣା
- ପହଞ୍ଚିଲେ ୧୦ଟି ରାପିଡ୍ ରେସପନ୍ସ ଟିମ୍
- ୧୦ ଦିନ ଜିଲାରେ ମଧ୍ୟାହ୍ନ ଭୋଜନରେ ଅଣ୍ଡା ବନ୍ଦ



ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଚଳିତ ବର୍ଷର ପ୍ରଥମ ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି। ଗତ ୧୦ ତାରିଖରେ ଭୋପାଳସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇ ସିକ୍ୟୁରିଟି ଆନିମଲ ଡିଜିଜ୍ (ଏନ୍‌ଆଇଏଚ୍‌ଏସ୍‌ଏଡି)କୁ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ଗୁରୁବାର ରିପୋର୍ଟ ପହଞ୍ଚିଥିବା ବେଳେ ଏହା ପଜିଟିଭ୍ ରହିଛି। କୃଷ୍ଣପ୍ରସାଦର ବିଭିନ୍ନ ଅଞ୍ଚଳରେ ମରିଥିବା କାଉଙ୍କ ଦେହରେ ଏଚ୍‌ଫାଇଭଏନ୍‌ୱାନ୍ ଭୂତାଣୁ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ବୈଠକ ଡାକି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଏହା କିପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପିବ ସେଥିପ୍ରତି ସତର୍କତା ଅବଲମ୍ବନ କରିବାକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚିହ୍ନଟ ହୋଇଥିବା ଗାଁରେ ଶୁକ୍ରବାରଠାରୁ ୧୦ଦିନ ପର୍ଯ୍ୟନ୍ତ କୁକୁଡ଼ାମରା ଅଭିଯାନ ଆରମ୍ଭ କରାଯିବ। ଏଥିପାଇଁ ୧୦ଟି ରାପିଡ୍ ରେସପନ୍ସ ଟିମ୍(ଆରଆରଟି)କୁ ସମ୍ପୃକ୍ତ ଅଞ୍ଚଳକୁ ପଠାଯାଇଛି। ଏତଦ୍‌ବ୍ୟତୀତ କୁକୁଡା ମାଂସ, ଅଣ୍ଡା ଖାଇବା ଏବଂ ବିକ୍ରି ଉପରେ ୧୦ ଦିନ ପର୍ଯ୍ୟନ୍ତ କଟକଣା ଲଗାଯାଇଛି। ଜିଲାବ୍ୟାପୀ ମଧ୍ୟାହ୍ନ ଭୋଜନରେ ଅଣ୍ଡା ମଧ୍ୟ ବନ୍ଦ କରାଯାଇଛି। କୃଷ୍ଣପ୍ରସାଦ ବ୍ଲକର ବୁଦ୍ଧିବର, ସାନସାହି, ପଥରଗଞ୍ଜି, ଅଲନ୍ଦା ଗ୍ରାମରୁ ଯାଇଥିବା ନମୁନାରୁ ଏହି ଭୂତାଣୁ ଚିହ୍ନଟ ହୋଇଛି।

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଗିରିଜା ପ୍ରସାଦ ପଟ୍ଟନାୟକ କହିଛନ୍ତି, କୃଷ୍ଣପ୍ରସାଦର ୪ଟି ଗାଁରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଛି। ଉପରୋକ୍ତ ୪ଟି ଗାଁର ୧ କିମି ପରିମିତ ଅଞ୍ଚଳରେ ଥିବା ସମସ୍ତ କୁକୁଡ଼ା ମରାଯାଇ ଜନବସତିଠାରୁ ଦୂରରେ ପୋତାଯିବ। ଏହି ଗାଁଗୁଡ଼ିକର ୧୦ କିମି ପରିମିତ ଅଞ୍ଚଳରେ ମଧ୍ୟ ସତର୍କତା ଅବଲମ୍ବନ କରାଯାଇଛି। ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିବା ଗାଁରୁ ଯେପରି କୁକୁଡ଼ା କିମ୍ବା ଅଣ୍ଡା ବାହାରକୁ ଚାଲାଣ ନ ହେବ ସେଥିପାଇଁ ସମ୍ପୃକ୍ତ ଗାଁଗୁଡ଼ିକୁ ରାତିରେ ସିଲ୍ କରାଯାଇଛି। ସେହି ଅଞ୍ଚଳରେ କୁକୁଡ଼ା ମାଂସ, ଅଣ୍ଡା ବିକ୍ରି ଖର୍ଦ୍ଦି ନିଷେଧ କରାଯାଇଥିବା ବେଳେ କୌଣସି ଫାଷ୍ଟଫୁଡ୍ ଦୋକାନରେ ଏହା ଉପଲବ୍ଧ ହେବ ନାହିଁ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି। ଯେଉଁ ଚାଷୀଙ୍କ କୁକୁଡ଼ା ମରାଯିବ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ। ଏଥିପାଇଁ ୧୦ଟି ରାପିଡ୍ ରେସପନ୍ସ ଟିମ୍ ଆବଶ୍ୟକ ସରଞ୍ଜାମ ସହ ସମ୍ପୃକ୍ତ ଅଞ୍ଚଳକୁ ଯାଇଛନ୍ତି। ଏହାବ୍ୟତୀତ ବ୍ରହ୍ମଗିରି, ଡେଲାଙ୍ଗ, କଣାସ, ଗୋପ ବ୍ଲକର ବିଭିନ୍ନ ଅଞ୍ଚଳରୁ କୁକୁଡ଼ା, ବତକ ଆଦି ପକ୍ଷୀଙ୍କ ନାଳ, ରକ୍ତ, ମଳ ଆଦି ନମୁନା ଗୁରୁବାର ସଂଗ୍ରହ କରାଯାଇଛି। ସଂଗୃହୀତ ହୋଇଥିବା ୩୫୦ଟି ନମୁନା ଶୁକ୍ରବାର ଭୋପାଳ ପଠାଯିବ ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସଚିବ ବିଶାଲ ଗଗନ କହିଛନ୍ତି ଯେ, ପରୀକ୍ଷା ପାଇଁ ୨୦ଟି ନମୁନା ଭୋପାଳ ଯାଇଥିଲା। ସେଥିରୁ ୪ଟି ପଜିଟିଭ୍ ଆସିଛି। ୨ଟି କାଉ ଓ ୨ଟି କୁକୁଡାର ରିପୋର୍ଟ ପଜିଟିଭ୍ ଆସିଛି। ୪ଟି ଗାଁକୁ ପ୍ରଭାବିତ ଅଞ୍ଚଳ ଘୋଷଣା କରାଯାଇଛି। ଏହି ଗାଁ ଗୁଡିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବଜାରକୁ ଏସବୁ କୁକୁଡା ଯାଇ ନ ଥିବାରୁ ଭୟଭୀତ ନ ହେବାକୁ ଗଗନ ପରାମର୍ଶ ଦେଇଛନ୍ତି।









# ତିତ୍‌ଲି ସହାୟତା ରାଶି ତୁରନ୍ତ ପ୍ରଦାନ କର

**ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି**

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ଗତ ଅକ୍ଟୋବରରେ ସାମୁଦ୍ରିକ ଝଡ଼ ତିତ୍‌ଲି ଦ୍ୱାରା ଓଡ଼ିଶାର ବହୁ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଏହାର ପୁନରୁଦ୍ଧାର କାର୍ଯ୍ୟ ରାଜ୍ୟ ସରକାର ଜାରି ରଖିଛନ୍ତି। କେନ୍ଦ୍ରୀୟ ଟିମ୍ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ହେଲେ ଏଯାବତ୍ ରାଜ୍ୟ କୌଣସି କେନ୍ଦ୍ରୀୟ ସହାୟତା ପାଇ ନାହିଁ। ତେଣୁ ତୁରନ୍ତ ତିତ୍‌ଲି ସହାୟତା ରାଶି ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଚିଠି ଲେଖିଛନ୍ତି।

ନବୀନ ପଟ୍ଟନାୟକ କହିଛନ୍ତି ଯେ, ତିତ୍‌ଲି ଦ୍ୱାରା ରାଜ୍ୟର ୧୭ଟି ଜିଲାର ୧୨୮ ବ୍ଲକର ପ୍ରାୟ ୬୦.୩୧ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟ ସରକାର ନିଜ ତରଫରୁ ସହାୟତା ପ୍ରଦାନ କରିବା ସହ ଉଦ୍ଧାର ଓ ପୁନର୍ଗଠନ କାର୍ଯ୍ୟ ଜାରି ରଖିଛନ୍ତି। ପ୍ରାୟ ୨୭୭୯.୩୨ କୋଟି ଟଙ୍କା କ୍ଷୟକ୍ଷତିର ଆକଳନ କରାଯାଇଥିଲା। ଏଥିସହିତ ଗତ ୧୮ ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ୨୦୨୩.୧୩ କୋଟି ଟଙ୍କାର ସହାୟତା ରାଶି ମଗାଯାଇଥିଲା। ପ୍ରାଥମିକ ଭାବେ ୧୦୦୦ କୋଟି ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନ କରିବାକୁ କୁହାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ନଭେମ୍ବର ପ୍ରଥମ ସପ୍ତାହରେ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ପ୍ରତିନିଧି ଦଳ ପ୍ରଭାବିତ ଅଞ୍ଚଳ ଗସ୍ତ କରିସାରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୧୬୮୯.୧୩ କୋଟି ଟଙ୍କାର ସହାୟତା ରାଜ୍ୟ ପକ୍ଷରୁ ଦିଆଯାଇ ସାରିଛି। ହେଲେ ବାକି ରହିଥିବା ପୁନରୁଦ୍ଧାର କାର୍ଯ୍ୟ ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ସହାୟତାର ଆବଶ୍ୟକତା ରହିଛି। ତେଣୁ ତିତ୍‌ଲି କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରି କେନ୍ଦ୍ର ସରକାର ତୁରନ୍ତ ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

## ■ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସହଯୋଗ ଲୋଡ଼ିଲେ

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ପ୍ରସ୍ତାବିତ ପେଟ୍ରୋଲିୟମ ମନ୍ତ୍ରଣାଳୟର ବିଭିନ୍ନ ପ୍ରକଳ୍ପ ଓଡ଼ିଶାର ସ୍ୱାର୍ଥ ବିଶେଷକରି ଯୁବପିଢିଙ୍କ ପାଇଁ ଚାକିରି ଓ ରୋଜଗାର ସମ୍ଭାବନା ଆଣିଛି। ମାତ୍ର ରାଜ୍ୟ ସରକାର ଏଥିପାଇଁ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷୋଭ ପ୍ରକାଶ କରିଛନ୍ତି। ଦେଶର ଇସ୍ପାତ ପେଣ୍ଠସ୍ଥଳୀ ଭାବେ ଓଡିଶା ପରିଚିତ। ମାତ୍ର ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡିଶା ଗ୍ୟାସ ଓ ପେଟ୍ରୋକେମିକାଲ୍ସ ଶିଳ୍ପର ପେଣ୍ଠସ୍ଥଳୀ ଭାବେ ଦେଶରେ ପରିଚିତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଥିବା ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ପାରାଦୀପ ପୂର୍ବ ଭାରତର ପେଟ୍ରୋଲିୟମ ଶିଳ୍ପର ପ୍ରବେଶ ପଥ ଭାବେ ବିକଶିତ ହେଉଛି। ୨୦୧୩-୧୪ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦରରେ ପେଟ୍ରୋଲିୟମ ପଦାର୍ଥର ପରିବହନର ମାତ୍ରା ୧୭.୭୦ ଏମ୍ଏମ୍‌ଟି ଥିଲା। ୨୦୧୭-୧୮ ସୁଦ୍ଧା ଏହା ପାଖାପାଖି ଦୁଇଗୁଣା ହୋଇ ୩୩.୭୮ ଏମ୍ଏମ୍‌ଟିରେ ପହଞ୍ଚିଛି। ୪୦ ହଜାର କୋଟି ଟଙ୍କାର ୧୫ ଏମ୍ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ପାରାଦୀପ ତୈଳ ରିଫାଇନେରି ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ସହ ତୈଳ ଓ ଗ୍ୟାସ କ୍ଷେତ୍ରର ନୂଆ ନୂଆ ପ୍ରକଳ୍ପରେ ପୁଞ୍ଜି ନିବେଶ ହୋଇଛି । ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ଜମି ଯୋଗାଇଦେବା ମାମଲାରେ ୫ଟି ବୃହତ୍ ପ୍ରକଳ୍ପ ଲାଗି ଦୀର୍ଘଦିନର ଆବେଦନ ପଡି ରହିଛି । ଏହି ପ୍ରକଳ୍ପଗୁଡିକ ମଧ୍ୟରେ ୧୫ରୁ ୨୫ଏମଏମ୍‌ଟିପିଏକୁ ପାରାଦୀପ ତୈଳ ବିଶୋଧନାଗାରର କ୍ଷମତା ବୃଦ୍ଧି, ପେଟ୍‌କୋକ୍‌ଗ୍ୟାସିଫିକେଶନପ୍ରକଳ୍ପ, ପିଏକ୍ସ/ପିଟିଏ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଜାଗା, ଭଦ୍ରକରେ ଟେକ୍ସଟାଇଲ ପ୍ରକଳ୍ପ ପାଇଁ ଜମି ଯୋଗାଇ ଦେବା ପାଇଁ ଦରଖାସ୍ତ ଦିଆଯାଇଥିଲା। ଏହାସତ୍ତ୍ୱେ ରାଜ୍ୟ ସରକାର ଏହା ଉପରେ କୌଣସି ପଦକ୍ଷେପ ନେଉନାହାନ୍ତି । ଓଡିଶାରେ ପେଟ୍ରୋକେମିକାଲ ପ୍ରକଳ୍ପ ପାଇଁ ବିଦେଶରେ ରୋଡ ଶୋ' କରିଥିଲେ ମଧ୍ୟ ଇଣ୍ଡିଆନ୍ ଅଏଲ ସହଯୋଗରେ ଆସୁଥିବା ବିଭିନ୍ନ ପୁଞ୍ଜିନିବେଶକାରୀଙ୍କୁ ରାଜ୍ୟ ସରକାର ସହଯୋଗ କରୁନାହାନ୍ତି। ତାଙ୍କ ଅନୁରୋଧ କ୍ରମେ ତାଇୱାନ ସରକାରଙ୍କ ପେଟ୍ରୋଲିୟମ ଫାର୍ମ ସିପିସି କର୍ପୋରେଶନ ୪୩ହଜାର କୋଟି ଟଙ୍କା ବିନିଯୋଗ କରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ଜମି, ଜଳ, ବିଜୁଳି ଓ ପରିବହନ ଆବଶ୍ୟକତାକୁ ପୂରଣ କରିବାକୁ ରାଜ୍ୟ ସରକାର ଆଗ୍ରହ ଦେଖାଉନାହାନ୍ତି। ତାଇୱାନ ସରକାରଙ୍କ କମ୍ପାନୀ ସହ ଇଣ୍ଡିଆନ୍ ଅଏଲର ମୋଟ ୮୩ ହଜାର କୋଟି ଟଙ୍କା ପୁଞ୍ଜିନିବେଶ ହେଲେ ଓଡିଶାର ଅର୍ଥନୀତିକୁ ସୁଦୃଢ କରିବା ସହ ଯୁବପିଢିମାନଙ୍କ ପାଇଁ ସହାୟକ ହେବ। ଉପଯୁକ୍ତ ସାହାଯ୍ୟ ଓ ସହଯୋଗ ଦେବା ପାଇଁ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଧର୍ମେନ୍ଦ୍ର ଚିଠିରେ ଅନୁରୋଧ କରିଛନ୍ତି।

### କାର୍ଯ୍ୟ ନୁହେଁ କଥାରେ ବିଶ୍ୱାସ କରନ୍ତି ଧର୍ମେନ୍ଦ୍ର: ବିଜେଡି

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁ ଚିଠି ଲେଖିଛନ୍ତି, ତାହା ପ୍ରଚାର ସର୍ବସ୍ୱ। ଅନେକ ସମୟରେ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟଗୁଡିକରୁ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରକଳ୍ପ ପାଇଁ ଜମି ପ୍ରଦାନ କରିବାକୁ ଆବେଦନ କରାଯାଇଥାଏ। ରାଜ୍ୟ ସରକାର ମଧ୍ୟ କେନ୍ଦ୍ରୀୟ ପ୍ରକଳ୍ପଗୁଡିକ ପାଇଁ ଗତ ୧୮ବର୍ଷ ମଧ୍ୟରେ ଅନେକ ଜମି ପ୍ରଦାନ କରିଛନ୍ତି। ଦକ୍ଷତାବିକାଶ ଅନୁଷ୍ଠାନ ପାଇଁ ମଧ୍ୟ ସରକାର ଜମି ଦେଇଛନ୍ତି ବର୍ତ୍ତମାନ ପର୍ଯ୍ୟନ୍ତ ତା'ଉପରେ ଗୋଟିଏ ଇଟା ମଧ୍ୟ ଦକ୍ଷତା ବିକାଶ କେନ୍ଦ୍ରମନ୍ତ୍ରୀ ରଖିପାରି ନାହାନ୍ତି। କାହିଁକି ଏ ପର୍ଯ୍ୟନ୍ତ ଜମି ଯୋଗାଇଦେବା ସତ୍ତ୍ୱେ ତାଙ୍କ ମନ୍ତ୍ରଣାଳୟ ଏହି କେନ୍ଦ୍ରୀୟ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାରେ ବିଫଳ ହୋଇଛନ୍ତି, ତା'ର ଉତ୍ତର ରଖନ୍ତୁ ବୋଲି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ପ୍ରଶ୍ନ କରିଛନ୍ତି। ବାକ୍ୟ ଓ ପ୍ରଚାର ସର୍ବସ୍ୱ ନ ହୋଇ ଯଦି ଭାଜପା ଓ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟରତ ରହନ୍ତେ, ତେବେ ତାଙ୍କର ସ୍ଥାଣୁତା ଏ ପ୍ରକାର ଭାବେ ଲୋକଲୋଚନକୁ ଆସନ୍ତା ନାହିଁ। କେନ୍ଦ୍ରମନ୍ତ୍ରୀ କାର୍ଯ୍ୟ ନୁହେଁ, କେବଳ କଥାରେ ବିଶ୍ୱାସ କରନ୍ତି। ମାତ୍ର ରାଜ୍ୟ ସରକାର କଥାରେ ନୁହେଁ, କାର୍ଯ୍ୟରେ ବିଶ୍ୱାସ କରନ୍ତି ବୋଲି ସସ୍ମିତ କହିଛନ୍ତି।







ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ– ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି– ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ।

–ଶ୍ରୀଅରବିନ୍ଦ

# ବୋଲକରା ହୁଅନା

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ନର ପଦରୁ ଉର୍ଜିତ ପଟେଲଙ୍କ ଆକସ୍ମିକ ବିଦାୟ ଏବଂ ଅବିଳମ୍ବେ ତାଙ୍କ ସ୍ଥାନରେ ଭୁବନେଶ୍ୱର–ଜନ୍ମିତ ତାମିଲନାଡୁ କ୍ୟାଡର ଆଇଏଏସ୍ ଅଫିସର ଶକ୍ତିକାନ୍ତ ଦାସଙ୍କୁ ନିଯୁକ୍ତି ଦିଆଯିବା ଘଟଣା ପଛରେ କିଛି ରହସ୍ୟ ରହିଛି। କାରଣ ଶକ୍ତିକାନ୍ତ ଅତୀତରେ ମୋଦି ସରକାରଙ୍କ ବହୁ ଆସ୍ଫାଳନଭରା ବିମୁଦ୍ରୀକରଣ କାର୍ଯ୍ୟର ତଦାରଖ କରିଥିଲେ। ତୁଙ୍ଗ ଅଧିକାରୀମାନଙ୍କୁ ଆକସ୍ମିକ ଭାବେ ଅଦଳବଦଳ କରିବା ଏ ସରକାରଙ୍କ ପାଇଁ କିଛି ନୂଆ କଥା ନୁହେଁ। ପଟେଲଙ୍କ ପୂର୍ବରୁ ସରକାରଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମତଭେଦ ଘଟିବାରୁ ରଘୁରାମ ରାଜନ୍‌ଙ୍କୁ ସରକାରଙ୍କ କ୍ରୋଧର ଶରବ୍ୟ ହେବାକୁ ପଡ଼ିଥିଲା। ତାଙ୍କ ପୂର୍ବରୁ ନୀତି ଆୟୋଗର ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ ଏବଂ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ୍ ଇସ୍ତଫା ଦେଇଥିଲେ। ପଟେଲଙ୍କ ବିଦାୟ ବେଳକୁ ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତାକୁ ନେଇ ସରକାରଙ୍କ ସହ ଏହାର ବିବାଦ ଚରମରେ ପହଞ୍ଚିଥିଲା। କେନ୍ଦ୍ର ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ବିବାଦ ଏକ ବ୍ୟତିକ୍ରମ ବଦଳରେ ଏକ ସାଧାରଣ କଥାରେ ପରିଣତ ହୋଇଯାଇଛି। ଗତ ଦେଢ଼ ଦଶନ୍ଧି ଭିତରେ ଏହା ଚରମରେ ପହଞ୍ଚିଛି।

ପଟେଲ ଇସ୍ତଫା ଦେବାର ୨୪ ଘଣ୍ଟା ଭିତରେ ଦାସଙ୍କ ନାମ ଘୋଷଣା କରାଯିବା ଏକ ଅପ୍ରତ୍ୟାଶିତ ଘଟଣା ନୁହେଁ, ବରଂ ଏହା ସୁଚିନ୍ତିତ ଭାବେ କରାଯାଇଛି। ସରକାରଙ୍କ ପାଖରେ ସର୍ବଦା 'ହାଁ ଜୀ' କରିବା ପାଇଁ ଜଣାଶୁଣା ବାବୁ ଶକ୍ତିକାନ୍ତ ଦାସ ମଧ୍ୟ ଏହା ଜଣାଇ ଦେଇଛନ୍ତି ଯେ, ସରକାର ନଇଁବାକୁ କହିଲେ ସେ ଗୁରୁଣ୍ଡିବାକୁ ପ୍ରସ୍ତୁତ। ତାଙ୍କ ନାମ ଘୋଷଣା ହେବାର ଇତିମଧ୍ୟରେ ୨୪ ଘଣ୍ଟା ବି ଅତିକ୍ରାନ୍ତ ହୋଇନାହିଁ, ସେ ସର୍ବସାଧାରଣରେ ପ୍ରକାଶ କରିଛନ୍ତି ଯେ, ସେ ସରକାରଙ୍କ ସହ ଶାନ୍ତିପୂର୍ଣ୍ଣ ସମ୍ପର୍କ ରକ୍ଷା କରିବେ। ଏଥିରୁ ଜଣାପଡ଼ୁଛି ଯେ, ସେ କେବେହେଲେ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସରକାରଙ୍କ ସହ ମୁହାଁମୁହିଁ ହେବେ ନାହିଁ। ମାତ୍ର ତାହା ସ୍ପୃହଣୀୟ ନୁହେଁ। ରିଜର୍ଭ ବ୍ୟାଙ୍କର ସର୍ବୋଚ୍ଚ ପଦରେ ଜଣେ 'ହାଁ ଜୀ' ମଣିଷ କେବେହେଲେ ବ୍ୟାଙ୍କର ଉତ୍ତମ ଭାବମୂର୍ତ୍ତି ରକ୍ଷାରେ ସହାୟକ ହୋଇପାରିବେ ନାହିଁ। ବିଶ୍ୱ ବଜାର ତଥା ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ଏହାକୁ ଭଲ ଦୃଷ୍ଟିରେ ଦେଖିବ ନାହିଁ। ୨୦୦୮ରେ ଦେଖାଦେଇଥିବା ବିଶ୍ୱ ମାନ୍ଦାବସ୍ଥା ଏବଂ ପୂର୍ବ ଏସୀୟ ଅଚଳାବସ୍ଥା ସମୟରେ ଆମ ରିଜର୍ଭ ବ୍ୟାଙ୍କ ଭଲ ପ୍ରଦର୍ଶନ କରିଥିଲା। ସାରା ବିଶ୍ୱରେ ଆମ ରିଜର୍ଭ ବ୍ୟାଙ୍କର ସମ୍ମାନ ବଢ଼ିଥିଲା। କାରଣ ବିଶ୍ୱ ମାନ୍ଦାବସ୍ଥା ସମୟରେ ଏହା ଭାରତୀୟ ଅର୍ଥନୀତିକୁ ତା'ର ପ୍ରଭାବରୁ ମୁକ୍ତ ରଖିବାରେ ଅନେକାଂଶରେ ସଫଳ ହୋଇଥିଲା। ଏଥିପାଇଁ ଆମ ସରକାର କିଛି ପରିମାଣରେ ସମ୍ମାନର ଅଧିକାରୀ ହୋଇଥିଲେ। ତେବେ ସରକାରଙ୍କ ସହ ବ୍ୟାଙ୍କ ବୁଝାମଣା କରିବା ଫଳରେ ଚଳିତ ବର୍ଷ ସେହି ସମ୍ମାନ କିଛି ପରିମାଣରେ ହ୍ରାସ ପାଇଛି। ଗତ କିଛି ମାସ ଭିତରେ ଘଟିଥିବା ଘଟଣା ଏକ ପ୍ରକାର ଆନୁଷ୍ଠାନିକ ସଙ୍କଟକୁ ଡାକି ଆଣିଛି। ଏବେ ଯେଉଁ ପରିସ୍ଥିତିରେ ଦାସ ବ୍ୟାଙ୍କର ମୁଖ୍ୟ ପଦରେ ନିଯୁକ୍ତ ହେଲେ, ସେ କେବେହେଲେ ସମୀକ୍ଷାକୁ ଏଡ଼ାଇଯାଇ ପାରିବେ ନାହିଁ। ତାଙ୍କର ଅଧିକାଂଶ ପୂର୍ବସୂରିଙ୍କ ଭଳି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବିଶେଷ ଅନୁଭୂତିକୁ ନେଇ ସେ ଏହି ପଦରେ ନିଯୁକ୍ତ ହୋଇନାହାନ୍ତି। ତେବେ ନର୍ଥ ବ୍ଲକ୍‌ରେ ତାଙ୍କର ପୂର୍ବ ଭୂମିକାକୁ ନେଇ ଓ ଅର୍ଥନୀତି କ୍ଷେତ୍ରରେ ବିଶେଷ ଅଭିଜ୍ଞତା ନ ଥିବା ଯୋଗୁ ସେ ରିଜର୍ଭ ବ୍ୟାଙ୍କର ନୂତନ ଗଭର୍ନର ଭାବେ କ'ଣ କରିପାରିବେ ବା ନ ପାରିବେ ତାହା ଆମେ ବିଚାର କରିବା ଠିକ୍ ହେବ ନାହିଁ। ଆର୍‌ବିଆଇର ପଞ୍ଚବିଂଶ ଗଭର୍ନର ଭାବେ ସେ କ'ଣ କରୁଛନ୍ତି, ତାହା ଦେଖିବା ପରେ ସେଥିରୁ ହିଁ ତାଙ୍କର ଦକ୍ଷତା ବିଚାର କରିବା ଯୁକ୍ତିଯୁକ୍ତ ହେବ।

## ଆଜିର ଅର୍ଥନୀତି

ମୋଦି ସରକାର ଏବେ ତାଙ୍କ ଅବଧିର ଶେଷ ପର୍ଯ୍ୟାୟରେ ଉପନୀତ ହୋଇଥିବା ବେଳେ ନିକଟରେ ପାଞ୍ଚଟି ରାଜ୍ୟରେ ହୋଇଥିବା ନିର୍ବାଚନ ଫଳାଫଳକୁ ନେଇ ଯେପରି ଭାବେ ଦୋହଲିଯାଇଛନ୍ତି, ତାହା ଆଗରୁ କେବେ ଘଟି ନ ଥିଲା। ଦେଶର ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଶାସକ ଦଳର ଗୈରିକ ରଙ୍ଗ ଧଳା ହୋଇଯାଇଛି। ତେଲେଙ୍ଗାନା ଓ ମିଜୋରାମରେ ବି ଦଳ ଭଲ ପ୍ରଦର୍ଶନ କରିପାରି ନାହିଁ। ଦଳ ଯାହା ଦାବି କରୁଥିଲା, ତାହା ସମ୍ପୂର୍ଣ୍ଣ ଓଲଟା ଘଟିଲା। ଏପରି କି ପ୍ରଥମ ଭୋଟ ଗଣତି ଆରମ୍ଭ ହେବା ପୂର୍ବରୁ ହିଁ ଦଳ ନିଜ ବିପର୍ଯ୍ୟୟର ଗନ୍ଧ ବାରିପାରିଥିଲା। ଜନମତ ସର୍ଭେରୁ ଏହି ପୂର୍ବାନୁମାନ ପ୍ରକାଶ ପାଇଥିଲା। ଦେଶ ସାରା କୃଷକମାନଙ୍କ ଦୁର୍ଦ୍ଦଶା ଓ ଅସନ୍ତୋଷକୁ ଭାଜପାର ନିର୍ବାଚନୀ ପତନର କାରଣ ଭାବେ ଦର୍ଶାଯାଉଛି। ତେଣୁ ସରକାର ଦେଶର ଅର୍ଥନୀତିକୁ ସୁଧାରିବା ଦରକାର ଏବଂ ଆର୍‌ବିଆଇ ଯଦି ଉଚିତ ପଦକ୍ଷେପ ନ ନିଏ, ତେବେ ତାହା ସମ୍ଭବ ହୋଇପାରିବ ନାହିଁ। ୧୧ଟି ଦୁର୍ବଳ ବ୍ୟାଙ୍କ ପାଇଁ ଋଣ ପ୍ରଦାନର ନିୟମକୁ ଆର୍‌ବିଆଇ କୋହଳ କରୁ ବୋଲି ସରକାର ଚାହାନ୍ତି। ସରକାର ଚାହାନ୍ତି ଆର୍‌ବିଆଇ ତା'ର 'ଫେବୃୟାରୀ ସର୍କୁଲାର'କୁ ପ୍ରତ୍ୟାହାର କରିନେଉ, ଯାହାଦ୍ୱାରା ବ୍ୟାଙ୍କଗୁଡ଼ିକ ସମସ୍ତ ଅସମାହିତ ଋଣ ମାମଲାକୁ ଆଇବିସି ଅଧୀନକୁ ଆଣିବାକୁ ବାଧ୍ୟ ହେଉଛନ୍ତି। ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ପାଇଁ ମଧ୍ୟ ସରକାର ଚାହାନ୍ତି ରିଜର୍ଭ ବ୍ୟାଙ୍କ ତାଙ୍କର ମାତ୍ରାଧିକ ରିଜର୍ଭ (ଟଙ୍କା) ପ୍ରଦାନରେ ସହଯୋଗ କରୁ। ଆମେ ଆଶା କରୁଛୁ ନୂଆ ଗଭର୍ନର ସରକାରଙ୍କ ବୋଲକରା ତଥା ସୁବିଧାବାଦୀ ନ ହୋଇ ନିଜର ପଦମର୍ଯ୍ୟାଦା ତଥା ସର୍ବୋଚ୍ଚ ବ୍ୟାଙ୍କର ଉଚ୍ଚ ପରମ୍ପରାକୁ ବଜାୟ ରଖିବେ। ସେ ନିଜର ତଥା ବ୍ୟାଙ୍କର ସ୍ୱତନ୍ତ୍ରତାକୁ କିପରି ଗୁରୁତ୍ୱ ଦେଉଛନ୍ତି, ସେଥିରୁ ହିଁ ତାଙ୍କର ଦକ୍ଷତା ବିଚାର କରାଯିବ। ସେଥିରେ ହାନି ଘଟିଲେ ବିତ୍ତ ବଜାର ତଥା ନିବେଶକମାନେ ତାଙ୍କୁ ଭଲ ଦୃଷ୍ଟିରେ ନେବେ ନାହିଁ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | 0 | | 7 | | | 6 | | | 3 | | 1 | A | |
| | A | 9 | | 3 | | | | C | | | | | | 7 |
| | | | | | | 1 | | | | | 8 | 9 | B | |
| | | | | 1 | 5 | | 2 | | | E | | | | |
| | | 4 | | | | A | D | E | C | | | 6 | | |
| | | | | 2 | | 6 | | 4 | | | 9 | | | |
| D | | 2 | 3 | | B | | 8 | 7 | | | 0 | | 9 | C |
| | | | | 5 | | | | A | | | 2 | | | |
| | B | | | | | | 1 | | 8 | C | | | 0 | |
| 1 | | | 6 | C | | | | | | A | 4 | 3 | 5 | |
| | | 3 | | | | 5 | | | | | B | | 6 | 0 |
| 2 | | A | | | | 0 | B | 3 | E | | 6 | | | |
| | C | | | | 7 | D | | | 1 | 0 | | 8 | | |
| | E | | | | | 4 | | | | | | | 7 | |
| | | 7 | B | 9 | D | | | | | 2 | C | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 8 | 6 | D | 3 | 1 | 0 | A | C | 9 | 7 | 2 | 4 | 5 | B |
| 7 | 5 | 4 | 0 | 8 | A | 6 | B | E | 1 | C | 3 | D | 9 | 2 |
| 3 | 9 | C | 6 | 2 | B | 7 | D | 1 | E | 5 | 4 | 0 | A | 8 |
| B | A | 2 | 4 | 7 | 5 | 8 | 3 | 9 | 0 | 6 | D | E | 1 | C |
| 1 | D | 0 | 9 | E | C | 5 | 4 | 2 | A | 8 | B | 7 | 3 | 6 |
| C | 1 | 7 | 3 | 9 | 2 | A | E | 6 | 8 | D | 0 | 5 | B | 4 |
| 0 | 2 | 3 | 5 | B | D | 1 | C | 8 | 4 | A | 9 | 6 | E | 7 |
| 5 | 6 | A | 7 | 0 | E | 4 | 2 | 3 | C | B | 1 | 8 | D | 9 |
| D | E | 9 | A | 4 | 8 | B | 7 | 0 | 6 | 2 | 5 | 1 | C | 3 |
| 4 | B | 8 | 1 | C | 6 | D | 9 | 5 | 3 | E | 7 | 2 | 0 | A |
| 2 | 0 | 5 | E | 1 | 7 | 3 | 8 | 4 | B | 9 | A | C | 6 | D |
| 8 | 4 | E | B | D | 3 | C | 1 | A | 7 | 0 | 6 | 9 | 2 | 5 |
| 6 | 7 | D | 8 | A | 9 | 2 | 0 | B | 5 | 1 | C | 3 | 4 | E |
| 9 | 3 | B | C | 6 | 0 | E | 5 | D | 2 | 4 | 8 | A | 7 | 1 |
| A | C | 1 | 2 | 5 | 4 | 9 | 6 | 7 | D | 3 | E | B | 8 | 0 |

ଗତକାଲିର ଉତ୍ତର

# ବିରଳ ଗଙ୍ଗାଜଳ



ଡ. ଗୌରୀଶଙ୍କର ସାହୁ

ଗଙ୍ଗାନଦୀ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ହିନ୍ଦୁ ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହା ପାପନାଶିନୀ ଓ ମୋକ୍ଷଦାୟିନୀ ବୋଲି ବିଶ୍ୱାସ ରହିଛି। ଲୋକେ ଗଙ୍ଗାନଦୀ ନୁହେଁ ବରଂ ଗଙ୍ଗାମାତା ବୋଲି କହିଥାନ୍ତି। ଏସବୁ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଯେ ଗଙ୍ଗାଜଳ ବିରଳ ଏ ସମ୍ବନ୍ଧରେ ଆଲୋଚନା ଖୁବ୍ କମ୍ ହୁଏ। ଗଙ୍ଗାଜଳର ରୋଗପ୍ରତିରୋଧକ କ୍ଷମତା ସମ୍ବନ୍ଧୀୟ ଗବେଷଣାତ୍ମକ ନିଷ୍କର୍ଷ ମଧ୍ୟ ବହୁତ କମ୍ ଲୋକ ଜାଣନ୍ତି, ଯଦିଓ ଆମେ ସମସ୍ତେ ଅନୁଭବ କରୁଛେ ଯେ, ଗଙ୍ଗାଜଳ ବାକି ନଦୀର ଜଳଠାରୁ ଭିନ୍ନ। ସାଧାରଣ ନଦୀ, କୂଅ, ପୋଖରୀର ଜଳକୁ ବୋତଲରେ ବନ୍ଦ କରି ରଖିଲେ କିଛିଦିନ ପରେ ସେଥିରୁ ଦୁର୍ଗନ୍ଧ ବାହାରିବ କିନ୍ତୁ ଗଙ୍ଗାଜଳ ବର୍ଷ ବର୍ଷ ଧରି ସତେଜ ରହିଥାଏ। ତେଣୁ ଘରେ ଗଙ୍ଗାଜଳ ରଖି ଆବଶ୍ୟକ ଅନୁସାରେ ଧାର୍ମିକ କାର୍ଯ୍ୟରେ ବ୍ୟବହାର କରାଯାଏ, ଦୀର୍ଘଦିନ ଧରି।

ପ୍ରତିଦିନ ହଜାର ହଜାର ଲୋକ ଗଙ୍ଗାନଦୀ କୂଳରେ ଅବସ୍ଥିତ ଧାର୍ମିକ ସ୍ଥଳୀଗୁଡ଼ିକୁ ତୀର୍ଥ କରିବାକୁ ଯାଆନ୍ତି। ଦର୍ଶନ ପୂର୍ବରୁ କେହି ଗଙ୍ଗାନଦୀରେ ସ୍ନାନ କରିବାକୁ ଭୁଲନ୍ତି ନାହିଁ। ଉତ୍ତରପ୍ରଦେଶର ପ୍ରୟାଗରାଜ ସହର ନିକଟବର୍ତ୍ତୀ ଗଙ୍ଗାନଦୀ କୂଳରେ ତ ପ୍ରତି ବାରବର୍ଷରେ ଥରେ ଯେଉଁ କୁମ୍ଭମେଳା ଅନୁଷ୍ଠିତ ହୁଏ ସେଠାରେ ବିଶ୍ୱର ସବୁଠାରୁ ଅଧିକ ଜନସମାଗମ ହୁଏ। ତଥାପି କୁମ୍ଭମେଳା ସମୟରେ ମହାମାରୀ ନ ବ୍ୟାପିବା ଏକ ଆଶ୍ଚର୍ଯ୍ୟଜନକ ଘଟଣା। ଏହା ବିଶିଷ୍ଟ ବ୍ରିଟିଶ ଗବେଷକ ପ୍ରଫେସର ଅର୍ଣ୍ଣେଷ୍ଟ ହାନ୍‌ବରୀ ହାନ୍‌କିନ୍‌ଙ୍କୁ ଗବେଷଣା ପାଇଁ ଆକୃଷ୍ଟ କରିଥିଲା। ସେ ଭାରତ ଆସି ଗଙ୍ଗାନଦୀ କୂଳରେ ଡେରା ପକାଇଲେ। ଦୀର୍ଘଦିନର ଗବେଷଣା ପରେ ସେ ଯେଉଁ ନିଷ୍କର୍ଷର ଉନ୍ମୋଚନ କରିଥିଲେ ତାହା ଯୁଗାନ୍ତକାରୀ ଥିଲା। ସେ ପ୍ରମାଣିତ କରି ଦେଖାଇଲେ ଯେ ହଇଜା ରୋଗର କାରକ 'ଭାଇବ୍ରିଓ କଲେରୀ' ନାମକ ଅଣୁଜୀବ ଗଙ୍ଗାଜଳ ସଂସ୍ପର୍ଶରେ ଆସି ମାତ୍ର ୩ ଘଣ୍ଟାରେ ମୃତ୍ୟୁବରଣ କରୁଛନ୍ତି। ଏହା ପୂର୍ବରୁ ପ୍ରଫେସର କ୍ରିଲୋଭ୍ ରୁଷର ପ୍ରସିଦ୍ଧ ନଦୀ ଭଲ୍‌ଗାର ଜଳ ଉପରେ ଗବେଷଣା କରି ଦେଖିଥିଲେ ଯେ, ଏହି ନଦୀର ଜଳରେ 'ଭାଇବ୍ରିଓ କଲେରୀ' ଅଣୁଜୀବ ପ୍ରାୟ ୫୬୮ ଦିନ ଧରି ବଞ୍ଚିରହୁଛି। ଜାପାନୀ ବୈଜ୍ଞାନିକ ୟାନୋ ଗବେଷଣା କରି ଦେଖାଇଥିଲେ ଯେ, ବିଶୁଦ୍ଧ ଜଳରେ ପ୍ରାୟ ୨୪୫ ଦିନ ପର୍ଯ୍ୟନ୍ତ ବଞ୍ଚିରହେ ଭାଇବ୍ରିଓ କଲେରୀ ଅଣୁଜୀବ। ଅର୍ଥାତ୍ ଖାଲି ଅନ୍ୟାନ୍ୟ ସାଧାରଣ ନଦୀ ନୁହେଁ ବରଂ ବିଶୁଦ୍ଧ ଜଳଠାରୁ ଉତ୍ତମମାନର ଅଟେ ଗଙ୍ଗାଜଳ। ଏହା ବିଶ୍ୱରେ ବିରଳ। ହାନ୍‌କିନ୍‌ଙ୍କ ଗବେଷଣାରୁ ଆଉ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଲା। ଉତ୍ତପ୍ତ କଲା ପରେ ଗଙ୍ଗାଜଳର ଅଣୁଜୀବମାରକ ଗୁଣ ହ୍ରାସ ପାଇଥାଏ। ପ୍ରଫେସର ହାନ୍‌କିନ୍‌ଙ୍କ ଗବେଷଣାତ୍ମକ ନିଷ୍କର୍ଷ ବିଶ୍ୱର ଏକ ସମ୍ଭ୍ରାନ୍ତ ଜର୍ନାଲ 'ଆନାଲେସ୍ ଡି ଇନ୍‌ଷ୍ଟିଚ୍ୟୁଟ୍ ପାଶ୍ଚର'ର ସଂଖ୍ୟା ୧୦, ପୃଷ୍ଠା ୫୧୧–୫୨୩ରେ ୧୮୯୬ ସାଲରେ ପ୍ରକାଶିତ ହେଲା। ଏହା ସେତେବେଳେ ସମଗ୍ର ବିଶ୍ୱର ଜନମାନସକୁ ଆନ୍ଦୋଳିତ କରିଥିଲା।

୧୯୨୭ ସାଲରେ ହଇଜା ଉପରେ ବ୍ୟାପକ ଗବେଷଣା ପାଇଁ ଭାରତ ଆସିଲେ ବିଶିଷ୍ଟ ଗବେଷକ ପ୍ରଫେସର ଫେଲିକ୍ସ ଡି' ହେରେଲ୍। ତାଙ୍କ ସହଯୋଗୀ ହିସାବରେ କାମ କରିବା ପାଇଁ ରହିଲେ ମାକ୍ ଗିଲ୍ ବିଶ୍ୱବିଦ୍ୟାଳୟର ଡାକ୍ତର ମାଲୋନ୍ ଓ ଭାରତୀୟ ଡାକ୍ତର ଲାହିଡ଼ି। ସେମାନେ ଗବେଷଣା କରି ଦେଖିଲେ ଯେ ଖାଲି 'ଭାଇବ୍ରିଓ କଲେରୀ' ନୁହେଁ ବରଂ ଝାଡ଼ା ରୋଗର ଜୀବାଣୁ 'ବାଲାଣ୍ଟିଡିଅମ୍ କୋଲି' ଗଙ୍ଗାଜଳ ସଂସ୍ପର୍ଶରେ ଆସି ମାତ୍ର ୪ ଘଣ୍ଟାରେ ମୃତ୍ୟୁମୁଖରେ ପଡ଼ୁଛି।

ପ୍ରଫେସର ଡି' ହେରେଲ୍ ମତବ୍ୟକ୍ତ କରିଥିଲେ ଯେ, ଗଙ୍ଗାଜଳରେ ଦେବଦୂତ ପରି ଗୋଟିଏ ଅଣୁଜୀବ ରହିଛି, ସେ ଯାହାର ନାଁ ଦେଇଥିଲେ 'ବ୍ୟାକ୍ଟେରିଓଫେଜ୍'। ଏହି 'ବ୍ୟାକ୍ଟେରିଓଫେଜ୍' ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ହାନିକାରକ ନୁହେଁ, ମାତ୍ର ମଣିଷ ଓ ଜୀବଜନ୍ତୁଙ୍କ ପାଇଁ କ୍ଷତିକାରକ ଅଣୁଜୀବମାନଙ୍କୁ ନଷ୍ଟ କରିଦେଇଥାଏ। ଫଳରେ ଗଙ୍ଗାଜଳ ବର୍ଷ ବର୍ଷ ଧରି ପାନୀୟ ଉପଯୋଗୀ ଓ ମଣିଷ ପାଇଁ ହିତକାରକ ହୋଇ ରହିଥାଏ। ଏହି 'ବ୍ୟାକ୍ଟେରିଓଫେଜ୍'ର ଉପସ୍ଥିତି ଗଙ୍ଗାଜଳକୁ ବର୍ଷ ବର୍ଷ ଧରି ସତେଜ ରଖିଥାଏ। ମଣିଷ ସମାଜକୁ ମହାମାରୀ ଦାଉରୁ ରକ୍ଷା କରିଥାଏ। ବର୍ତ୍ତମାନ ସୁଦ୍ଧା ବିଶ୍ୱର ଆଉ କୌଣସି ନଦୀ ଜଳରେ ଏପରି ଔଷଧୀୟ ଗୁଣ ରହିଥିବାର ପ୍ରମାଣ ମିଳିନାହିଁ। ଏଥିପାଇଁ ବିଶ୍ୱରେ ବିରଳ ଗଙ୍ଗାଜଳ। ପ୍ରଫେସର ଡି'ହେରେଲ୍‌ଙ୍କ ଗବେଷଣାତ୍ମକ ନିବନ୍ଧ 'ୟାଲେ ଜର୍ନାଲ୍ ଅଫ୍ ବାୟୋଲୋଜି ଓ ମେଡିସିନ୍'ର ସଂଖ୍ୟା ୧ (୪), ପୃଷ୍ଠା ୧୯୫–୨୧୯ରେ ୧୯୨୯ ସାଲ୍‌ରେ ପ୍ରକାଶିତ ହୋଇଥିଲା। ତତ୍କାଳୀନ ବ୍ରିଟିଶ୍ ସରକାର ଡି'ହେରେଲଙ୍କ ଗବେଷଣାକୁ ପ୍ରୋତ୍ସାହନ ପ୍ରଦାନ କରିଥିଲେ।

ଭାରତ ସ୍ୱାଧୀନ ହେବା ପରେ ଗଙ୍ଗାନଦୀର ଜଳ ସମ୍ବନ୍ଧରେ ଯେଉଁଭଳି ଗବେଷଣା ହେବାକଥା ହୋଇନାହିଁ। ବହୁବର୍ଷ ବ୍ୟବଧାନରେ ୨୩ ସେପ୍ଟେମ୍ବର ୨୦୦୮ରେ ପ୍ରଫେସର ଚନ୍ଦ୍ରଶେଖର ନୌଟିଆଲଙ୍କ ଏକ ନିବନ୍ଧ 'କରେଣ୍ଟ ମାଇକ୍ରୋବାୟୋଲୋଜି' ନାମକ ବିଶ୍ୱର ଏକ ସମ୍ଭ୍ରାନ୍ତ ଜର୍ନାଲର ସଂଖ୍ୟା ୫୮, ପୃଷ୍ଠା୨୫–୨୯ରେ ପ୍ରକାଶିତ ହୋଇଛି। ସେ ପ୍ରମାଣ କରି ଦେଖାଇଛନ୍ତି ଯେ, ଝାଡ଼ା ରୋଗର କାରକ 'ଇଶ୍ଚେରିଆ କୋଲି' ଜୀବାଣୁ ସଜ ଗଙ୍ଗାଜଳ ସଂସ୍ପର୍ଶରେ ଆସି ୩ ଦିନରେ ମୃତ୍ୟୁବରଣ କରୁଥିବା ବେଳେ ୮ ବର୍ଷର ପୁରୁଣା ଗଙ୍ଗାଜଳରେ ୭ ଦିନରେ ଓ ୧୬ ବର୍ଷ ପୁରୁଣା ଗଙ୍ଗାଜଳରେ ୧୫ ଦିନରେ ମୃତ୍ୟୁବରଣ କରେ। ଅର୍ଥାତ୍ ଗଙ୍ଗାଜଳ ବିଭିନ୍ନ ପ୍ରକାରର ଜୀବାଣୁ, ଭୂତାଣୁ, କୀଟାଣୁ ପ୍ରଭୃତି ଅଣୁଜୀବମାନଙ୍କୁ ନଷ୍ଟକରି ମାନବ କଲ୍ୟାଣକାରୀ ଦେବୀ ରୂପେ ଉଭା ହୋଇଛି। ସଜ ଗଙ୍ଗାଜଳ ସବୁଠାରୁ ଉତ୍ତମ ଓ ସମୟକ୍ରମେ ଏହାର ଗୁଣବତ୍ତା ହ୍ରାସ ପାଇଥାଏ।

'ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ।' ଆମେ ପ୍ରକୃତିର ଏ ସ୍ୱର୍ଗୀୟ ଦାନକୁ ନଷ୍ଟ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିଚାଲିଛେ। ଗଙ୍ଗାକୂଳରେ ଗଢ଼ିଉଠିଛି କାନପୁର ପରି ଶିଳ୍ପାଞ୍ଚଳ। ଏହି ଶିଳ୍ପାଞ୍ଚଳରୁ ନିର୍ଗତ ବର୍ଜ୍ୟବସ୍ତୁ ଯଥା– ଦସ୍ତା, ଷ୍ଟ୍ରୋନ୍ସିଅମ୍ ଓ କ୍ରୋମିଅମ୍ ପ୍ରଭୃତିକୁ ଗଙ୍ଗା ନଦୀକୁ ଛଡାଯାଉଛି। ଏହି ବିଷ ଖାଲି ଜଳକୁ ପ୍ରଦୂଷିତ କରୁନାହିଁ ବରଂ ଖାଦ୍ୟପଦାର୍ଥକୁ ବିଷାକ୍ତ କରୁଛି। ଏ ପୃଷ୍ଠଭୂମିରେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟର ଗବେଷକ ପ୍ରଫେସର ଅୱଧେଶ କୁମାର ରାଏଙ୍କ ଗବେଷଣା ପ୍ରଣିଧାନଯୋଗ୍ୟ। ସେ କାନପୁର ନିକଟବର୍ତ୍ତୀ ଗଙ୍ଗାନଦୀର ଜଳ ମାଡୁଥିବା ଶସ୍ୟକ୍ଷେତ୍ର ଓ ବାଡିବଗିଚାରୁ ମିଳୁଥିବା ଧାନ, ସୋରିଷ, ଟମାଟୋ ଉପରେ ଗବେଷଣା କରି ଦେଖିଲେ ଏହି ଶସ୍ୟ ଓ ପନିପରିବାରେ ବିଷାକ୍ତ ଦସ୍ତା, ଷ୍ଟ୍ରୋନ୍ସିଅମ୍ ଓ କ୍ରୋମିଅମ୍ ପ୍ରଭୃତି ଧାତୁ ଭରିରହିଛି। ଏ ବିଷୟକ ଏକାଧିକ ନିବନ୍ଧ ସେ ବିଶ୍ୱର ବିଭିନ୍ନ ସମ୍ଭ୍ରାନ୍ତ ଜର୍ନାଲରେ ପ୍ରକାଶ କରିଛନ୍ତି।

ଇଂରେଜମାନେ ଯେତେବେଳେ ରାମନାଳ ନାମକ ଗୋଟିଏ ବର୍ଜ୍ୟବସ୍ତୁ ନିଷ୍କାସନ ନାଳକୁ ଗଙ୍ଗାନଦୀରେ ମିଶାଇବା ପାଇଁ ଆଦେଶ ଦେଇଥିଲେ ମହାମନା ମଦନମୋହନ ମାଲବ୍ୟଙ୍କ ନେତୃତ୍ୱରେ ଏହାକୁ ଦୃଢ଼ ବିରୋଧ କରାଯାଇଥିଲା। କିନ୍ତୁ ଆଜି ସ୍ୱାଧୀନ ଭାରତରେ ଖାଲି ନାଳ ନୁହେଁ ବରଂ କଳକାରଖାନାର ବର୍ଜ୍ୟବସ୍ତୁ ଗଙ୍ଗାନଦୀକୁ ଛାଡି ଦିଆଯାଉଛି । ଏ ପୃଷ୍ଠଭୂମିରେ ଦୁଇଜଣ ପ୍ରସିଦ୍ଧ ବ୍ୟକ୍ତିଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ। ବିଶିଷ୍ଟ ପରିବେଶବିତ୍ ରାଜେନ୍ଦ୍ର ସିଂ କହନ୍ତି, ଝାଡ଼ା ବସିସାରିବା ପରେ ଗଙ୍ଗାକୁ ଗାଧୋଇବା ପାଇଁ ଯିବାକୁ ତାଙ୍କ ଘରେ ଛୋଟବେଳୁ ତାଗିଦ କରାଯାଇଛି। ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଗିରିଧର ମାଲବ୍ୟ କହନ୍ତି, ଛୋଟବେଳେ ସେ ଯେତେବେଳେ ପ୍ରାତଃସ୍ନାନ କରିବା ପାଇଁ ଗଙ୍ଗାନଦୀକୁ ଯାଆନ୍ତି ତାଙ୍କ ଘରେ ତାଗିଦ କରାଯାଏ ପ୍ରଥମେ ଘରେ ଗାଧୋଇ ତା' ପରେ ଗଙ୍ଗାନଦୀରେ ଗାଧୋଇବା ପାଇଁ। ଝାଳନାଳ ହୋଇ ଗଙ୍ଗାସ୍ନାନ କରିବା ମନା। ଏପରି ମାନସିକତା ରଖୁଥିବା ଭାରତୀୟ ସମାଜ ତୀର୍ଥଯାତ୍ରା ସମୟରେ ଗଙ୍ଗାଜଳକୁ ଏତେ ବ୍ୟାପକ ମାତ୍ରାରେ ପ୍ରଦୂଷିତ କରୁଛନ୍ତି ଦେଖିଲେ ଯେ କେହିବି ବିସ୍ମିତ ହେବ।

ଦୀର୍ଘ ଓ ନୀରୋଗ ଜୀବନଦାୟକ ଗଙ୍ଗାଜଳ ଖାଲି ଗଙ୍ଗାକୂଳରେ ବସବାସ କରୁଥିବା ୪୦ କୋଟି ଲୋକଙ୍କ ପାଇଁ ନୁହେଁ, ଆକୁମାରୀ ହିମାଚଳ ପର୍ଯ୍ୟନ୍ତ ବସବାସ କରୁଥିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ମହତ୍ତ୍ୱପୂର୍ଣ୍ଣ। ୨୦୦୯ରେ ଜାତୀୟ ନଦୀର ମାନ୍ୟତା ପାଇଥିବା ଗଙ୍ଗାନଦୀ ଆମର ଜାତୀୟ ଆବଶ୍ୟକତା। ଆସନ୍ତୁ ସମସ୍ତେ 'ନିର୍ମଳ ଗଙ୍ଗା, ଅବିରଳ ଗଙ୍ଗା' ସ୍ଲୋଗାନକୁ ଏକ ଆନ୍ଦୋଳନରେ ପରିଣତ କରିବା।

ଖନ୍ଦାଡ଼ିପ, ରେଢ଼ାଖୋଲ, gourishankar sahoo@gmail.com

# ପିଲାଙ୍କ ଖେଳ: କାଲି ଓ ଆଜି



ରୁଦ୍ର ପ୍ରସନ୍ନ ରଥ

ଖେଳ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଖେଳକୁ ନେଇ ପିଲାମାନେ ସବୁବେଳେ ଉତ୍ସାହିତ ଥାଆନ୍ତି। ସୁଯୋଗ ପାଇଲା ମାନେ ଖେଳିବାକୁ ପଳାଇଯାଆନ୍ତି। କେତେବେଳେ ବାଗୁଡ଼ି ତ ଆଉ କେତେବେଳେ ବୋହୂଚୋରି, ପୁଣି କେତେବେଳେ ଡାଳମାଙ୍କୁଡ଼ି। କିଛି ନ ହେଲେ ଡାବଲପୁଆ ଆଉ କାଚବାଟି ମିଳିଗଲେ ପିଲାଙ୍କୁ ରୋକେ କିଏ ? ଗାଁ ସଂସ୍କୃତିରେ କ୍ରିକେଟ ପଶିବାର ବହୁ ପୂର୍ବରୁ ଏ ଖେଳ ସବୁ ଆମ ସଭ୍ୟତା ଏବଂ ସଂସ୍କୃତିର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ହୋଇ ରହିଥିଲା। ସ୍କୁଲ ଯିବା ପୂର୍ବରୁ ଖେଳ, ସ୍କୁଲରେ ଭୋଜନ ବିରତିରେ ଖେଳ, ସ୍କୁଲରୁ ଫେରିଲା ପରେ ବହିବସ୍ତାନି ଫୋପାଡି ଦେଇ ସାଙ୍ଗମାନଙ୍କ ସହ ମାତିଯାଇ ଖେଳ। ଏମିତି ହିଁ ପିଲାମାନଙ୍କର ପିଲାଦିନ କଟିଯାଉଥିଲା ତୋଟା ଆଉ ନଦୀପଠାରେ। ପୁଣି ରଜ ଆଦି ପର୍ବପର୍ବାଣି ବେଳେ ଡୁ ଡୁ ଖେଳରେ ଗାଁଟାଯାକର ପିଲା ଏକାଠି ହେଉଥିଲେ ପଡ଼ିଆରେ। କୁମାରପୂର୍ଣ୍ଣିମା ରାତିରେ ଝିଅଙ୍କ ପୁଚିରେ ଗାଁର ରାତିଟା ଜୀବନ୍ତ ମନେହୁଏ। ଏମିତି ଖେଳରୁ ହିଁ ପିଲା ଶିଖୁଥିଲେ ସମ୍ପର୍କ। ବଢୁଥିଲା ପିଲା ପିଲାଙ୍କ ମଧ୍ୟରେ ଆତ୍ମୀୟତା। ଜାତିପ୍ରଥା ଉପରେ ତୀକ୍ଷ୍ଣ ନଜର ରଖୁଥିବା ବଡ଼ମାନଙ୍କ ଆଖିକୁ ଖୁବ୍ ସହଜରେ ଫାଙ୍କିଦେଇ ପିଲାମାନେ ଖେଳରେ ମଜ୍ଜି ଯାଉଥିଲେ। ଏହି ଖେଳରୁ ହିଁ ପିଲାମାନେ ଭବିଷ୍ୟତର ଜୀବନ ବଞ୍ଚିବା ପାଇଁ ଇନ୍ଧନ ଗୋଟାଇ ପାରୁଥିଲେ।

ଗାଁରେ ଟେଲିଭିଜନ ପଶିଲା ପରେ ସବୁ ପିଲା ଧୀରେ ଧୀରେ କ୍ରିକେଟମୁହାଁ ହେଲେ। କ୍ରିକେଟ ଓ ଟିଭି ହିଁ ପିଲାଦିନର ଏ ପୁରୁଣା କ୍ରୀଡ଼ାସବୁକୁ ଆମଠାରୁ ଛଡ଼ାଇନେଇଗଲା। ନିଜେ ଖେଳିବା ଅପେକ୍ଷା ପିଲାମାନେ ଟିଭିରେ ଖେଳ ଦେଖିବାକୁ ବେଶି ଗୁରୁତ୍ୱ ଦେବାକୁ ଆରମ୍ଭ କଲେ। ଖେଳପଡ଼ିଆ ଖାଲି ପଡ଼ିବା ଆରମ୍ଭ କଲା। ପିଲା ପିଲା ଭିତରେ ସମ୍ପର୍କ ପାଣିଚିଆ ହେବାରୁ ଆଉ କେହି ଖେଳ ଖେଳିବାକୁ ଗଲେ ନାହିଁ। ଖେଳପଡ଼ିଆରେ ଆଉ ହୋ ହଲ୍ଲା ଶୁଣିବାକୁ ମିଳିଲା ନାହିଁ। ବାଗୁଡ଼ି, ବୋହୂଚୋରି, ଖୋଖୋ ପରି ସାଂସ୍କୃତିକ ଐତିହ୍ୟ ସବୁ ଧୀରେ ଧୀରେ କବର ନେବାକୁ ଲାଗିଲେ। ଆମ ପାରମ୍ପରିକ କ୍ରୀଡ଼ା ସବୁ କବର ନେଲେ ଆଉ ସେ ଜାଗାରେ ଧୀରେ ଧୀରେ ଟୁର୍ନାମେଣ୍ଟ ସବୁ ମୁଣ୍ଡ ଟେକିବା ଆରମ୍ଭ କଲେ। ଖାସ୍‌କରି ଶୀତଦିନେ ଫୁଟବଲ କିମ୍ବା କ୍ରିକେଟ ଟୁର୍ନାମେଣ୍ଟ ସବୁ ଧୀରେ ଧୀରେ ଗାଁରେ ମୁଣ୍ଡ ଟେକିବାକୁ ଲାଗିଲା। ଜିତିଲେ ନଗଦ ଟଙ୍କା ପୁରସ୍କାର। ପୁଣି ଏହି ଖେଳରୁ ହିଁ ଆରମ୍ଭ ଗଣ୍ଡଗୋଳ, ମୁଣ୍ଡ ଫଟାଫଟି। ଯେଉଁ ଖେଳ ପିଲାଙ୍କୁ ଏକାଠି କରୁଥିଲା ସେହି ଖେଳ ହିଁ ଶିଖାଇଦେଲା ଭେଦଭାବ, ଘୃଣା ଆଉ ହିଂସା।

ଆମ କ୍ରୀଡ଼ା ସଂସ୍କୃତିକୁ ଭୂଲୁଣ୍ଠିତ କରିବାକୁ ସତେଯେମିତି ଏତିକି ଯଥେଷ୍ଟ ନ ଥିଲା। ଏହା ପରେ ପରେ ଆସିଲା ଆଉ ଦୁଇଟି ବଡ଼ ଦୁର୍ଯୋଗ। ଆମ ଶିକ୍ଷା ବ୍ୟବସ୍ଥା ବଦଳିଗଲା। ସବୁ ପିଲାଙ୍କୁ ବଡ଼ ଅଫିସର କରିବା ପାଇଁ ମାତାପିତାଙ୍କ ଭିତରେ ଭରିଦିଆଗଲା ଅହେତୁକ ଆତୁରତା। ବସ୍ତାନିର ବୋଝ ବଢ଼ି ବଢ଼ି ଗଲା। ୬ ଘଣ୍ଟାର ସ୍କୁଲ ସମୟ ଭିତରେ ପିଇଟି କ୍ଲାସର ସମୟ କମି କମି କେବଳ ଶନିବାର ସକାଳ ମଧ୍ୟରେ ସୀମାବଦ୍ଧ ହୋଇଗଲା। ପୁଣି ଡାକ୍ତର, ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖୁଥିବା ମାତାପିତା ଖେଳକୁ ଗୌଣ ଏବଂ ଖେଳାଳିକୁ ତାମ୍‌ସା କରୁଥିବା ଶସ୍ତା ଘରର ପିଲା ବୋଲି ଭାବିଲେ। ବଡ଼ଘର ପିଲା କେବଳ ଗଣିତ ଓ ଇଂଲିଶ ପଢ଼ିବ ବୋଲି ଯେମିତି ଏକ ଅଲିଖିତ ନିୟମ ଲାଗୁ ହୋଇଗଲା। ଖେଳୁଥିବା ପିଲାର ଯେ ଭଲ ପାଠ ହେବ ନାହିଁ ସେମିତି ଏକ ବଦ୍ଧମୂଳ ଧାରଣା ନେଇ ମାତାପିତା ବଢ଼ି ଚାଲିଲେ। ଆଉ ପିଲାଟି କ୍ଲାସରୁମ୍‌ରେ ବସି ଖାଲିପଡ଼ିଆକୁ ଦେଖି ଦେଖି ନିଜ ମନର ଓରିମାନା ମେଣ୍ଟାଇଲା ସତ ହେଲେ ଖେଳପଡ଼ିଆକୁ ଓହ୍ଲାଇ ଧୂଳିଧୂସରିତ ହେବାକୁ ସୁଯୋଗ ପାଇଲା ନାହିଁ। ନା ସିଏ ଖେଳି ଶିଖିଲା ନା ଧୂଳିକାଦୁଅରେ ସରସର ହୋଇ ଘରକୁ ଫେରିଲା। ବରଂ ନିଜ ଅଜାଣତରେ ହିଁ ସେ ଖେଳକୁ ପାଠର ବଡ଼ ଶତ୍ରୁ ବୋଲି ଧରିନେଲା।

ପିଲା ଉପରେ ପାଠର ଚାପ ଦିନକୁ ଦିନ ବଢ଼ି ଚାଲିଥିଲା ବେଳେ ହିଁ ଏହି ପୃଥିବୀରେ ମୋବାଇଲ ବିପ୍ଳବ ବେଶ୍ ଦ୍ରୁତ ଗତିରେ ଆଗକୁ ବଢୁଥିଲା। ମୋବାଇଲ ଆମ ଦୁନିଆକୁ ବେଶ୍ ବ୍ୟାପକ ଭାବେ ପ୍ରଭାବିତ କରିବାକୁ ଆରମ୍ଭ କରିଦେଇଥିଲା। ଗାଁରୁ ସହରକୁ ଆସିଥିବା ପିଲା ସହରର ଛୋଟ ପଡ଼ିଆରେ ହେଉ କିମ୍ବା ଆପାର୍ଟମେଣ୍ଟର ଭିଡ଼ ଭିତରେ ଥିବା ଗଳି ରାସ୍ତାରେ ତଥାପି ଖେଳ ଜାରି ରଖିଥିଲାବେଳେ ଏହି ମୋବାଇଲ ସେଥିରେ ବି ବ୍ୟାଘାତ ଆଣିଦେଲା। ପିଲା ଖେଳ ଛାଡ଼ିଦେଇ ମୋବାଇଲ ଭିତରେ ମୁଣ୍ଡଗୁଞ୍ଜିବା ଆରମ୍ଭ କଲେ। ସହରର ଛୋଟ ପଡ଼ିଆରେ ଗୁଗୁଚିଆ ଗଛ ବଢ଼ିଚାଲିଲା। ଆଉ ଏପଟେ ଆମେ ପ୍ରତି ଅଲିମ୍ପିକ୍ସ ଆଉ ଏସୀୟ କ୍ରୀଡ଼ା ପରେ ମୁଣ୍ଡରେ ହାତ ଦେଇ ଆମ କ୍ରୀଡାବିତ୍‌ମାନେ କେଉଁ କାମକୁ ନୁହଁ ବୋଲି କହି ଚାଲିଲେ।

ପିଲାଏ ଏବେ ଖେଳିବେ କେମିତି ? କାଇଜର ଫାମିଲି ଫାଉଣ୍ଡେଶନ ଦ୍ୱାରା ୨୦୧୦ରେ କରାଯାଇଥିବା ଏକ ସର୍ଭେ ଅନୁଯାୟୀ ୮ରୁ ୧୮ ବର୍ଷ ବୟସ୍କ ଶିଶୁମାନେ ଦୈନିକ ୭ ଘଣ୍ଟା ୩୮ ମିନିଟ୍ ଯାଏ ମୋବାଇଲ କିମ୍ବା ଟିଭି ସ୍କ୍ରିନ୍ ଦେଖିବାରେ ବ୍ୟସ୍ତ ରହୁଛନ୍ତି। ଆଉ ମାୟୋ କ୍ଲିନିକ୍ କିମ୍ବା ଆମେରିକାର ସ୍କୁଲ ଅଧିକାରୀଙ୍କ ମତରେ ପିଲାମାନେ ଦୈନିକ ୩୦ ମିନିଟ୍‌ରୁ ଏକ ଘଣ୍ଟାଯାଏ ଖେଳିବା ଉଚିତ। ଏହା ଏବେ ସମ୍ଭବ ହେଉନାହିଁ। ଫଳରେ ପିଲାର ବ୍ୟକ୍ତିତ୍ୱ ବିକାଶରେ ବାଧା ଉପୁଜୁଛି। ଏଣୁ ମାତାପିତା ଏବଂ ଶିକ୍ଷକମାନେ ଏ ଦିଗରେ ଧ୍ୟାନ ଦେଇ ପିଲାର ମନକୁ ବହିରୁ ହଟେଇ ପଡ଼ିଆ ଯାଏ ଅନ୍ତତଃ ଦିନକୁ ଥରେ ଘଣ୍ଟାଏ ପାଇଁ ନେବା ଲାଗି ଚେଷ୍ଟା କରିବା ଉଚିତ।

ଧବଳଗିରି, ଯାଜପୁର ରୋଡ,
ମୋ–୭୯୭୮୬୭୧୭୭୬

## ଏଇ ଭାରତରେ

ଦୂରରେ ଥାଇ ଠକେଇ କରିବା ସହଜ। ଏବେ ଅନଲାଇନ୍ ଶପିଂ ଦୂରଠକେଇର ଏକ ପ୍ଲାଟଫର୍ମରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଭଳି ଠକେଇ ବିଷୟରେ ପ୍ରାୟତଃ କିଛି ଲୋକ ଅବଗତ ଅଛନ୍ତି। ଏହାଦ୍ୱାରା ଜଣେ ଠକାମିର ଶିକାର ହେଲେ ଆଉଥରେ କୌଣସି ଜିନିଷ ମଗାଇବାକୁ ମନ ବଳାଏ ନାହିଁ ଏ କଥା ନିଶ୍ଚିତ। ତେବେ ଏହି ଠକାମିର ଶିକାର ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା। ସୋନାକ୍ଷୀ ଏହି ଠକେଇର ଶିକାର ହେବା ଅନୁଭୂତି ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେ ଅନଲାଇନ୍ ଯୋଗେ ଏକ ଇଅର ଫୋନ୍ ମଗାଇଥିଲେ। କିନ୍ତୁ ତାଙ୍କ ଠିକଣାରେ ଆସିଲା ଏକ କଳଙ୍କିଲଗା ଲୁହା। ଏହାର ଫଟୋ ସେ ଟୁଇଟର ଯୋଗେ ଶେୟାର କରିଛନ୍ତି। ଏହାକୁ ଦେଖିବା ପରେ ସୋସିଆଲ ମିଡିଆର ବ୍ୟବହାରକାରୀମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଉକ୍ତ ଲୁହାଖଣ୍ଡଟି ଭଲ ଭାବରେ ପ୍ୟାକ୍ ହୋଇଥିଲା। ଆଦୌ ଖୋଲା ନ ହୋଇ ବିଧିସଙ୍ଗତ ଭାବରେ ଜଉମୁଦ ଦିଆଯାଇଥିଲା। କିନ୍ତୁ ଏହା ଉପରେ ଲେଖାଯାଇଥିଲା, 'ଆପଣଙ୍କ ଗ୍ରାହକ ସେବାକେନ୍ଦ୍ର ଆପଣଙ୍କୁ ସାହାଯ୍ୟ କରିବାକୁ ଚାହୁଁନାହିଁ।' ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ଏହା ଟୁଇଟ୍ କରିବା ପରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

## ଚିରନ୍ତନୀ

ସକଳ ମମତା ତେଜି ନ ଖୋଜଇଁ ମୁକତି ମାରଗ,
ହୁଅଇ ନାସ୍ତିକ ପଛେ, ନ ଲୋଡ଼ଇ ଅପର ସ୍ୱରଗ,
କି ଆନନ୍ଦ ନିହିତ ସେ ସ୍ୱର୍ଗ ପରବାସେ,
ହୁଏ କି ତା' ସୁଷମିତ ଶିଶୁର ସୁହାସେ !
ସେ ସଙ୍ଗୀତ ପ୍ରିୟାର ନୂପୁରେ,
ଅଛି କେଉଁ ବଇକୁଣ୍ଠ ପୁରେ ?
ପ୍ରିୟା ରୂପ–ଶଶୀ
ସେ କେଉଁ ଉର୍ବଶୀ
ପାରେ ଜିଣି
ଗରବିଣୀ !

(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଡିସେମ୍ବର ୧୯୯୩

- ପୂର୍ବତନ ଯୁଗୋସ୍ଲାଭିଆରେ ଜାତିସଂଘ ସେନା ରହିଥିବା ପର୍ଯ୍ୟନ୍ତ କାନାଡାର ସୈନ୍ୟମାନେ ଉକ୍ତ ସେନାବାହିନୀ ସହିତ ସେଠାରେ ରହିବେ ବୋଲି କାନାଡାର ପ୍ରତିରକ୍ଷା ମନ୍ତ୍ରୀ ପ୍ରକାଶ କରିଛନ୍ତି।
- ଟାଟା କମ୍ପାନୀ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟୋଗରେ ଚିଲିକା ହ୍ରଦରେ ଚିଙ୍ଗୁଡ଼ି ଚାଷ ପାଇଁ ଯେଉଁ ନିଷ୍ପତ୍ତି କରାଯାଇଥିଲା ତାକୁ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବି.ଏଡ୍. ଡିଗ୍ରୀଧାରୀ ହତାଶ

ମହାଶୟ,

ରାଜ୍ୟରେ ବି.ଏଡ୍. କଲେଜ ଓ ସିଟ୍ ସଂଖ୍ୟା ପର୍ଯ୍ୟାପ୍ତ ନ ଥିବାରୁ ଏହାର ସୁଯୋଗ ସମସ୍ତଙ୍କୁ ମିଳୁନାହିଁ। ଚଳିତ ବର୍ଷ ବି.ଏଡ୍. ନିମନ୍ତେ ପାଖାପାଖି ଏକ ଲକ୍ଷ ଦରଖାସ୍ତ ପଡ଼ିଥିବାବେଳେ ରାଜ୍ୟ ସରକାରଙ୍କ ସ୍ୱୀକୃତ ମୋଟ ୧୬୫୦ଟି ସିଟ୍ ରହିଛି। ଯଥେଷ୍ଟ ମାର୍କ ଥାଇ ମଧ୍ୟ ସରକାରଙ୍କ ସଂରକ୍ଷଣ ନୀତି ପାଇଁ ଅର୍ଦ୍ଧେକ ଅସଫଳ ହେଉଛନ୍ତି। ଏଣୁ ସେମାନେ ବାହାର ରାଜ୍ୟର କଲେଜ ଓ ବେସରକାରୀ କଲେଜରେ ନାମ ଲେଖାଉଛନ୍ତି। କିନ୍ତୁ ଛଅମାସ ପୂର୍ବେ ହଠାତ୍ ଏକ ବିଜ୍ଞାପନ ପ୍ରକାଶ ପାଇଲା ଯେ, ବାହାର ରାଜ୍ୟର ବି.ଏଡ୍. ଡିଗ୍ରୀକୁ ସ୍ୱୀକୃତି ଦିଆଯିବ ନାହିଁ। ସରକାରଙ୍କ ଅବହେଳା ଏବଂ ସଂରକ୍ଷଣ ନୀତି ଏବେ ମେଧାବୀ ଛାତ୍ରୀଛାତ୍ରଙ୍କୁ ନିରାଶ କରୁଛି। ଏଣୁ ସରକାର ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କରନ୍ତୁ।

ଯାଜ୍ଞସେନୀ ସାହୁ, ସେମିଳିଗୁଡା, କୋରାପୁଟ

### ଶାକାହାର ସପକ୍ଷରେ ମୁସ୍‌ଲିମ ସନ୍ଥ

ଖାଦ୍ୟ ପ୍ରତି ରୁଚି କାହାର କେମିତି, ସେଥିରେ ଆମର କିଛି କହିବାର ନାହିଁ। କିନ୍ତୁ କେଉଁ ଖାଦ୍ୟ ଭଲ ବା ଖରାପ ସେ ନେଇ ମତ ଦେବାର ଅଧିକାର ଅଛି। ମାନେକା ଗାନ୍ଧୀଙ୍କ ମତରେ ନିରାମିଷ ଖାଦ୍ୟ ଶରୀର ପାଇଁ ଉପକାରୀ। ଆମିଷ ଖାଦ୍ୟ ମନକୁ ଉତ୍ତେଜିତ କରେ। ମହମ୍ମଦ, ଯିଶୁ, ଗାନ୍ଧୀ, ବୁଦ୍ଧଦେବ ଏବଂ ରୁମି ହେଉଛନ୍ତି ଶାକାହାରୀ। ରୁମି ଜଣେ ମୁସଲିମ ସନ୍ଥ। ସେ ହେଉଛନ୍ତି ରସୁଲ ମହମ୍ମଦଙ୍କ ପ୍ରକୃତ ଅନୁଗାମୀ। ଅନ୍ୟମାନେ ତାଙ୍କର ପଦାଙ୍କ ଅନୁସରଣ କରିବା ଉଚିତ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ମାଟ୍ରିକ ପରୀକ୍ଷା ଫର୍ମପୂରଣ ଅବଧି ବଢ଼ିଲା

**କଟକ ଅଫିସ,୧୩।୧୨:** ଆସନ୍ତା ମାଟ୍ରିକ ପରୀକ୍ଷା-୨୦୧୯ ପାଇଁ ଫର୍ମ ପୂରଣ ଅବଧିକୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆଉ ଦୁଇଦିନ ବଢ଼ାଇ ଦେଇଛନ୍ତି। ବିନା ଜରିମାନାରେ ଫର୍ମପୂରଣ ନିମନ୍ତେ ଦେୟ ପୈଠ କରିବାର ଅନ୍ତିମ ସମୟ ଡିସେମ୍ବର ୧୩ ତାରିଖ ରାତି ୧୧ଟା ୪୫ ଧାର୍ଯ୍ୟ କରାଯାଇଥିଲା। ଏହାକୁ ୧୫ ତାରିଖ ରାତି ୧୧ ଟା ୪୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏତଦ୍‌ବ୍ୟତୀତ ୧୬ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଫର୍ମ ଦାଖଲର ବ୍ୟବସ୍ଥା ମଧ୍ୟ କରାଯାଇଛି। ତେବେ ଜରିମାନା ସହ ଫର୍ମପୂରଣ ସମୟ ସୀମା ଅପରିବର୍ତ୍ତିତ ରହିଛି। ଜରିମାନା ଦେଇ ଫର୍ମପୂରଣ କରିବାକୁ ଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ଦେୟ ଦାଖଲର ଅନ୍ତିମ ସମୟ ୧୮ ତାରିଖ ରାତି ୧୧ଟା ୪୫ ଧାର୍ଯ୍ୟ ହୋଇଛି। ଛାତ୍ରୀଛାତ୍ରମାନେ ୧୯ ତାରିଖ ମଧ୍ୟରାତି ପର୍ଯ୍ୟନ୍ତ ଫର୍ମଦାଖଲ କରିପାରିବେ। ବ୍ୟାଙ୍କିଙ୍ଗ୍ ଜରିଆରେ ଦେୟ ପୈଠରେ ସମସ୍ୟା ଯୋଗୁ ସମୟସୀମାକୁ ବୃଦ୍ଧି କରାଯାଇଛି ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ସୂଚନାଥାଉକି ବୋର୍ଡର ନିଜସ୍ୱ ୱେବ୍‌ସାଇଟ୍. www. bseodisha.ac.inରେ ଫର୍ମପୂରଣ ପ୍ରକ୍ରିୟା ଜାରି ରହିଛି।

# ଗାଇଡ୍‌ଲାଇନ ମାନୁନାହାନ୍ତି ସରକାର:ଏନ୍‌ସିପିସିଆର

**ଭୁବନେଶ୍ୱର,୧୩।୧୨ (ବ୍ୟୁରୋ)**

ଶିଶୁମାନଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଗମ୍ଭୀର ନୁହଁନ୍ତି। ରାଜ୍ୟ ସରକାର ଜାତୀୟ ଶିଶୁ ସୁରକ୍ଷା ଅଧିକାର(ଏନସିପିସିଆର)ଗାଇଡ୍ ଲାଇନକୁ ମାନୁ ନାହାନ୍ତି। ବିଭିନ୍ନ ଛାତ୍ରାବାସରେ ରହୁଥିବା ୧ରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ବର୍ଷେ ପୂର୍ବରୁ ଦିଆଯାଇଥିବା ଗାଇଡଲାଇନକୁ ରାଜ୍ୟ ସରକାର ଅଣଦେଖା କରିଛନ୍ତି। ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ଏନସିପିସିଆର ସଦସ୍ୟ ଯଶବନ୍ତ ଜୈନ କହିଛନ୍ତି। ଗୁରୁବାର ରାଜ୍ୟ ଅତିଥି ଭବନରେ ଶିଶୁମାନଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ପିଲାମାନଙ୍କ ଉପରେ ହେଉଥିବା ନିର୍ଯାତନାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଓଡ଼ିଶାରେ କେତେକ ବେଆଇନ ଶେଲଟର ହୋମ ଚାଲୁଛି ତାହାର ହିସାବ ସରକାରଙ୍କ ପାଖରେ ନାହିଁ। ଢେଙ୍କାନାଳ ଜିଲାରେ ଚାଲୁଥିବା ବେଆଇନ ଶେଲଟର ହୋମ ଛାତ୍ରମାନଙ୍କୁ ଯୌନ ଶୋଷଣ କରୁଥିଲେ ମଧ୍ୟ ସେ ବିଷୟରେ ସରକାର ଅବଗତ ନ ଥିଲେ। ଏନସିପିସିଆର ପକ୍ଷରୁ ଯେଉଁ ଗାଇଡ ଲାଇନ ଜାରି କରାଯାଇଛି ତାହାକୁ ଆଦୌ

**ଶେଲ୍‌ଟର ହୋମ୍ ସୁରକ୍ଷା ଚିନ୍ତା**

ପାଳନ କରାଯାଉ ନାହିଁ। ରାଜ୍ୟ ସରକାର ନିଜେ ମଧ୍ୟ ଏଥିପାଇଁ ଗାଇଡ ଲାଇନ ପ୍ରସ୍ତୁତ କରି ନାହାନ୍ତି। ଶେଲଟର ହୋମ ଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଇବା ସହ କର୍ମଚାରୀମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦେବାକୁ ଗାଇଡ ଲାଇନରେ ନିର୍ଦ୍ଦେଶ ରହିଛି। ଏଥିସହିତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ନିୟମିତ ବ୍ୟବଧାନରେ ରାଜ୍ୟରେ ଥିବା ସମସ୍ତ ଛାତ୍ରାବାସଗୁଡ଼ିକୁ ପରିଦର୍ଶନ କରିବା ସହ ଏନସିପିସିଆରକୁ ରିପୋର୍ଟ ଦେବା କଥା । ତାହା କରାଯାଉ ନ ଥିବାରୁ ଜୈନ କ୍ଷୋଭ ପ୍ରକାଶ କରିଛନ୍ତି।

ଏନସିପିସିଆରର ୯ଟି ଟିମ୍ ରାଜ୍ୟର ୧୯ଟି ଜିଲାରେ ଥିବା ଶେଲଟର ହୋମଗୁଡ଼ିକୁ ବୁଲି ଯାଞ୍ଚ କରିବେ। ତେବେ ଟିମ କେତେବେଳେ କେଉଁ ଶେଲଟର ହୋମକୁ ଯିବେ ସେ ବିଷୟ ସମ୍ପୂର୍ଣ୍ଣ ଗୋପନ ରଖାଯିବ। ଢେଙ୍କାନାଳ ଶେଲଟର ହୋମଗୁଡ଼ିକର ରାଜ୍ୟରେ ଥିବା ଅନ୍ୟ ଶାଖା ଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯିବ। ଏପରିକି ଝାଡ଼ଖଣ୍ଡ ଓ କଲିକତାରେ ଉକ୍ତ ବେଆଇନ ସଂସ୍ଥାର କାର୍ଯ୍ୟାଳୟ ଥିବା ଜଣାପଡ଼ିଛି। ସେଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯିବ। ଏହି ସଂସ୍ଥାକୁ ଅର୍ଥ କେଉଁ ଉତ୍ସରୁ ଆସୁଥିଲା, କେତେଦିନ ଧରି ଏଭଳି ବେଆଇନ କାର୍ଯ୍ୟ ଚାଲିଥିଲା, ଧର୍ମାନ୍ତରୀକରଣ ହେଉଥିଲା କି ନାହିଁ, ବାଲ୍ୟ ଅଧିକାର ଆଇନ ଅନୁଯାୟୀ ପିଲାମାନଙ୍କୁ ସୁବିଧା ମିଳୁଥିଲା କି ନାହିଁ। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା କିପରି ରହିଛି ସେ ସବୁର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜୈନ କହିଛନ୍ତି। ତଦନ୍ତ ଟିମ୍‌ରେ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ସଦସ୍ୟମାନେ ମଧ୍ୟ ରହିବେ। ଢେଙ୍କାନାଳ ଶେଲଟର ହୋମ କେଳେଙ୍କାରୀ ଉପରେ କି ପଦକ୍ଷେପ ନିଆଯାଇଛି ସେ ନେଇ ଏନସିପିଆରସି ଅଧ୍ୟକ୍ଷ ରିପୋର୍ଟ ଦେବେ। ଜୈନ କହିଛନ୍ତି ଯେ ବର୍ଷକ ପୂର୍ବରୁ ମୁଁ ଆସି ଏଠାରେ ଶିଶୁମାନଙ୍କ ସୁରକ୍ଷା ନେଇ ସମୀକ୍ଷା କରିବା ସହ ଏନସିପିସିଆର ଗାଇଡ ଲାଇନକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲି। ଏ ନେଇ ୩ ଥର ଭିଡିଓ କନଫରେନ୍ସି ମାଧ୍ୟମରେ ଆଲୋଚନା ହୋଇଛି। ହେଲେ ପୋଲିସ କିମ୍ବା ରାଜ୍ୟ ପ୍ରଶାସନ ଏହା ଉପରେ ସେତେଟା ଗୁରୁତ୍ୱ ଦେଇ ନାହାନ୍ତି। ଏ ନେଇ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ ପଠାଯିବ ବୋଲି ଜୈନ କହିଛନ୍ତି। ଆଲୋଚନା ବେଳେ ରାଜ୍ୟ ସରକାର ରାଜ୍ୟରେ ୨୧୭ଟି ପଞ୍ଜୀକୃତ ଛାତ୍ରାବାସ ଚାଲିଥିବା ସୂଚନା ଦେଇଥିବାବେଳେ କେତେ ବେଆଇନ ଚାଲିଛି ତାହାର କୌଣସି ସୂଚନା ଦେଇନାହାନ୍ତି। ପ୍ରତ୍ୟେକ ଛାତ୍ରାବାସ ପାଇଁ ଗାଇଡ ଲାଇନ ହେବା ଦରକାର। କୌଣସି ଗାଇଡ ଲାଇନ ନ ଥିବାରୁ କେତେକ ସଂସ୍ଥା ଏହାର ଫାଇଦା ଉଠାଉଛନ୍ତି ବୋଲି ଜୈନ କହିଛନ୍ତି। ଜୈନ କଟକ ଓ ଢେଙ୍କାନାଳ ଜିଲା ଗସ୍ତ କରି ଶେଲଟର ହୋମଗୁଡ଼ିକୁ ଯାଞ୍ଚ ଆରମ୍ଭ କରିଛନ୍ତି । ଦୁଇଦିନ ଧରି ଏହି କାର୍ଯ୍ୟ ଚାଲୁ ରହିବ। ଯିବା ପୂର୍ବରୁ ଟିମ ଶେଲଟର ହୋମଗୁଡ଼ିକର ପରିସ୍ଥିତି ସମ୍ପର୍କରେ ଖବରଦାତା ସମ୍ମିଳନୀରେ ଉପସ୍ଥାପନ କରିବେ ବୋଲି ସେ ସୂଚନା ଦେଇଛନ୍ତି। ଢେଙ୍କାନାଳ ଜିଲାର ବେଲଟିକିରିଠାରେ ଥିବା ଗୁଡ୍‌ନିୟୁଜ ଇଣ୍ଡିଆ ଶେଲଟର ହୋମରେ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଘଟଣା ପ୍ରଘଟ ହେବା ପରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ରାଜ୍ୟରେ ଥିବା ସମସ୍ତ ଛାତ୍ରାବାସର ଯାଞ୍ଚ କରିବାକୁ ଏନସିପିସିଆରକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାରଠାରୁ ଏନେଇ ଯାଞ୍ଚ ଆରମ୍ଭ କରାଯାଇଛି। ଟିମଗୁଡ଼ିକ ଦୁଇଦିନ ଧରି ଛାତ୍ରାବାସ ଓ ଛାତ୍ରୀ ନିବାସଗୁଡ଼ିକୁ ଯାଞ୍ଚ କରି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ।

# ଚେନ୍ନାଇ ମୁହାଁ ସାମୁଦ୍ରିକ ଝଡ଼

- ରାଜ୍ୟରେ ଦୁଇଦିନ ବର୍ଷିବ
- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

ଦକ୍ଷିଣ ପୂର୍ବ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଡିପ୍ ଡିପ୍ରେଶନରେ ପରିଣତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ସାମୁଦ୍ରିକ ଝଡ଼ରେ ରୂପାନ୍ତରୀତ ହେବାର ସମ୍ଭାବନା ରହିଛି। ଗୁରୁବାର ଏହା ଉତ୍ତର-ଉତ୍ତର ପୂର୍ବ ଦିଗକୁ ଗତିପଥ ବଦଳାଇଛି। ଦକ୍ଷିଣ-ଦକ୍ଷିଣ ପୂର୍ବ ଚେନ୍ନାଇ ଉପକୂଳରୁ ୧୦୭୦ କି.ମି. ଏବଂ ଦକ୍ଷିଣ-ଦକ୍ଷିଣ ପୂର୍ବ ଆନ୍ଧ୍ର ପ୍ରଦେଶର ମଛଲିପଟ୍ଟନମ୍ ଠାରୁ ୧୨୫୦ କି.ମି. ଦୂରରେ ଝଡ଼ କେନ୍ଦ୍ରୀଭୂତ ହୋଇଛି। ଏହା ଅଧିକ ବଳଶାଳୀ ହୋଇ ତାମିଲନାଡୁ ଏବଂ ଆନ୍ଧ୍ର ଉପକୂଳ ଆଡ଼କୁ ମାଡ଼ି ଆସୁଛି। ଏହାର ବେଗ ଘଣ୍ଟା ପ୍ରତି ୧୧ କିଲୋମିଟର ରହିଛି। ଆସନ୍ତା ୭୨ ଘଣ୍ଟା ମଧ୍ୟରେ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଓ ଉତ୍ତର ତାମିଲନାଡୁ ଅତିକ୍ରମ କରିବ। ଏହାର ପ୍ରଭାବରେ ଆସନ୍ତା ୧୬ ଓ ୧୭ ତାରିଖରେ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ଆସନ୍ତା ୧୭ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ତେବେ ଓଡ଼ିଶା ପ୍ରତି ପବନ କିମ୍ବା ପ୍ରବଳ ବର୍ଷାର ବିପଦ ନାହିଁ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଅନୁମାନ କରାଯାଇଛି। ବାତ୍ୟାଜନିତ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶମାନ ଜାରି କରାଯାଇଛି। ମଣ୍ଡିରେ ଥିବା ଧାନବସ୍ତାକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେବା ଲାଗି ଜିଲାପାଳମାନଙ୍କୁ କୁହାଯାଇଛି।

# ନିରଞ୍ଜନଙ୍କ ମୁହଁରେ ଆରଏସ୍‌ଏସ୍‌ର ଭାଷା: କୃଷ୍ଣ

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ୍)ର ଭାଷା କହୁଛନ୍ତି। କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣ ସଗରିଆ ଗୁରୁବାର ଏପରି ଅଭିଯୋଗ ଆଣିଛନ୍ତି। ଏହି ମର୍ମରେ ସେ ନିରଞ୍ଜନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠି ସୋସିଆଲ ମିଡିଆରେ ଭାଇରାଲ ହେବା ସହ କଂଗ୍ରେସ ରାଜନୀତିରେ ଚର୍ଚ୍ଚା ସୃଷ୍ଟି କରିଛି। ଚିଠି ମାଧ୍ୟମରେ କୃଷ୍ଣ ଉଲ୍ଲେଖ କରିଛନ୍ତି ଯେ, ବର୍ଗ ଏବଂ ଜାତି ମଧ୍ୟରେ ଥିବା ଫରକ ଆପଣ ହୁଏତ ଭଲ ଭାବରେ ବୁଝିନାହାନ୍ତି। ସମ୍ବିଧାନରେ ବର୍ଗ ଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥା ରହିଛି। ସେଥିପାଇଁ ରାଜ୍ୟର ୯୪ ପ୍ରତିଶତ ଅର୍ଥାତ୍ ଏସ୍‌ସି,ଏସ୍‌ଟି,ଓବିସି ଏବଂ ସଂଖ୍ୟାଲଘୁଙ୍କୁ ନେଇ ବର୍ଗ କଥା କୁହାଯାଇଥିଲା। ହେଲେ ନିରଞ୍ଜନବାବୁ ଏହାକୁ ଜାତି ହିସାବରେ ଧରୁଛନ୍ତି। ଯାହା ସମ୍ପୂର୍ଣ୍ଣ ଭୁଲ୍ ଏବଂ ଆରଏସ୍‌ଏସ୍‌ର ଭାଷା ବୋଲି ସଗରିଆ କହିଛନ୍ତି। ସେହିପରି କିଛିଦିନ ତଳେ 'ପଟ୍ଟନାୟକ' ବୋଲି ତାଙ୍କୁ ପିସିସି ସଭାପତି କରାଯାଇଥିବା ନିରଞ୍ଜନ କହିଥିଲେ। ଏହା ଜାତି କଥା ନୁହେଁ କି, ଏହା କ'ଣ କଂଗ୍ରେସ ଦଳର ନୀତି କି ବୋଲି କୃଷ୍ଣ ପ୍ରଶ୍ନ କରିଛନ୍ତି। ତେଣୁ କରି ନିରଞ୍ଜନ ନିଜେ କରିଥିବା ଭୁଲ୍ ମାନିବା ସହ ସ୍ପଷ୍ଟୀକରଣ ଦେବା ଉଚିତ ବୋଲି କୃଷ୍ଣ କହିଛନ୍ତି।

### ■ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ସିନିୟର ସିଟିଜେନ୍‌ଙ୍କ ପେନ୍‌ସନ ବଢ଼ାଅ

**ନୂଆଦିଲ୍ଲୀ,୧୩।୧୨**

**ପ୍ରତି ଜିଲାରେ ନିର୍ମାଣ କର ଓଲ୍ଡଏଜ୍ ହୋମ୍**

ବିପିଏଲ୍ ଶ୍ରେଣୀରେ ଥିବା ସିନିୟର ସିଟିଜେନଙ୍କ ପେନସନ ପରିମାଣ ବଢ଼ାଇବାକୁ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ସେମାନଙ୍କ ଲାଗି ପ୍ରତି ଜିଲାରେ ଅତିକମ୍‌ରେ ଗୋଟିଏ ଲେଖାଏ ଓଲ୍ଡଏଜ୍ ହୋମ୍ ନିର୍ମାଣ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି।

ବୃଦ୍ଧ ମାତାପିତାଙ୍କୁ ସେମାନଙ୍କ ସନ୍ତାନମାନେ ବାର୍ଦ୍ଧକ୍ୟ ବେଳେ ଅଣଦେଖା କରୁଥିବା ନେଇ ଆଗତ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ବିଚାରପତି ମଦନ ବି.ଲୋକୁର ଓ ବିଚାରପତି ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏମାନଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ନିଆଯିବାର ଆବଶ୍ୟକତା ରହିଛି, କାରଣ ଆଜିର ସମାଜରେ ସେମାନଙ୍କୁ ଅଣଦେଖା କରାଯାଉଛି। ସେମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆଗେଇ ଆସିବାକୁ ଖଣ୍ଡପୀଠ କହିଛନ୍ତି। ସୂଚନାଥାଉ କି, ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ଓଲ୍ଡ ଏଜ୍ ପେନସନ ସ୍କିମ୍ ଅନୁଯାୟୀ, ୬୦ରୁ ୭୯ ବର୍ଷ ବୟସ ମଧ୍ୟରେ ସିନିୟର ସିଟିଜେନଙ୍କୁ ସରକାରଙ୍କ ପକ୍ଷରୁ ମାସକୁ ମାତ୍ର ୨୦୦ ଟଙ୍କା ପେନ୍‌ସନ ଦିଆଯିବାର ବ୍ୟବସ୍ଥା ରହିଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ହେଲେ ମାସକ ୫୦୦ ଟଙ୍କା ମିଳୁଛି। ରାଜ୍ୟ ସରକାରମାନେ ମଧ୍ୟ ଏହି ଯୋଜନାରେ କେନ୍ଦ୍ର ସରକାରଙ୍କ ବ୍ୟତିରେକ ନିଜସ୍ୱ ଯୋଗଦାନ ଦେଉଛନ୍ତି। ଏଣୁ ଏହି କାରଣରୁ ଉକ୍ତ ଯୋଜନାରେ ବିଭିନ୍ନ ରାଜ୍ୟରେ ପେନସନ ପରିମାଣ ଭିନ୍ନ ରହିଛି। ଖଣ୍ଡପୀଠ କହିଛନ୍ତି ଯେ, ୨୦୦୭ରେ ଶେଷ ଥର ପାଇଁ ପେନ୍‌ସନ ସ୍କିମ୍‌ରେ ଅର୍ଥ ପରିମାଣ ସଂଶୋଧିତ ହୋଇଥିଲା। ଏଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏଥିପ୍ରତି ଧ୍ୟାନ ଦିଅନ୍ତୁ। ପୂର୍ବତନ କେନ୍ଦ୍ର ଆଇନ ମନ୍ତ୍ରୀ ଅଶ୍ୱିନୀ କୁମାରଙ୍କ ପକ୍ଷରୁ ଆଗତ ମାମଲାକୁ ବିଚାର କରି ପ୍ରତି ଜିଲାରେ ରହିଥିବା ଓଲ୍ଡ ଏଜ୍ ହୋମ୍, ଜେରିଆଟିକ୍ କେୟାର ସୁବିଧା ଓ ହସ୍ପିଟାଲର ତଥ୍ୟ ଆସନ୍ତାବର୍ଷ ଜାନୁୟାରୀ ୩୧ ତାରିଖ ସୁଦ୍ଧା ଅଦାଲତରେ ଦାଖଲ କରିବାକୁ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ମେଣ୍ଟେନାନ୍ସ ଆଣ୍ଡ୍ ୱେଲଫେୟାର ଅଫ୍ ପ୍ୟାରେଣ୍ଟସ ଆଣ୍ଡ ସିନିୟର ସିଟିଜେନ୍ସ ଆଇନ ଅନୁଯାୟୀ ପ୍ରତି ଜିଲାରେ ଓଲ୍ଡଏଜ୍ ହୋମ୍ ପ୍ରତିଷ୍ଠା କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ ରହିଛି।

### ■ ହେମାନନ୍ଦଙ୍କୁ କାହ୍ନୁଙ୍କ ପ୍ରଶ୍ନ

# 'ଶୃଙ୍ଖଳା କମିଟି ଅଧ୍ୟକ୍ଷ ଗଣମାଧ୍ୟମରେ ମତ ଦେବା ବିଶୃଙ୍ଖଳା ନୁହେଁ କି'

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

**ସମସ୍ତଙ୍କୁ ନେଇ ଚାଲନ୍ତୁ ନିରଞ୍ଜନ : ସୁରେଶ**

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ଦଳରୁ ହଟାଇବା ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଚାହୁଁଛନ୍ତି। ଏଥିପାଇଁ ବୁଧବାର ଶୃଙ୍ଖଳା କମିଟି ବସାଇ କାର୍ଯ୍ୟାନୁଷ୍ଠାନ ସୁପାରିସ୍ ପାଇଁ ଏଆଇସିସିକୁ କୁହାଯାଇଛି। ଖୋଦ୍ ଶୃଙ୍ଖଳା କମିଟି ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳ ଗଣମାଧ୍ୟମକୁ ଏହା କହିଥିଲେ। ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଶ୍ରୀକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ କରାଯାଇଥିବା ପ୍ରକାଶ ପାଇଛି। ହେଲେ ଏହାର ଗୋଟିଏ ଦିନ ଉକ୍ତ ମନ୍ତବ୍ୟ ପାଇଁ ହେମାନନ୍ଦଙ୍କୁ ଏକ ପ୍ରକାର ହଟହଟା ହେବାକୁ ପଡ଼ିଛି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁ ଚରଣ ଲେଙ୍କା ଶୃଙ୍ଖଳା କମିଟିର ଶୃଙ୍ଖଳା ରକ୍ଷା ନେଇ ପ୍ରଶ୍ନ ଉଠାଇଛନ୍ତି। ଏହା କଂଗ୍ରେସ ରାଜନୀତିକୁ ଆହୁରି ରୋଚକ କରିଛି। କାହ୍ନୁ କହିଛନ୍ତି ଯେ, 'ଶ୍ରୀକାନ୍ତ ବାବୁ କ'ଣ କରିଛନ୍ତି ଯେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବ। ଏଥିପାଇଁ ଏଆଇସିସିକୁ ସୁପାରିସ କରାଯାଇଛି'। ଏକଥା ଶୃଙ୍ଖଳା କମିଟି ଅଧ୍ୟକ୍ଷ ବାରମ୍ବାର ଗଣମାଧ୍ୟମରେ କହିଛନ୍ତି। ଏହା କ'ଣ ବିଶୃଙ୍ଖଳା ନୁହେଁ କି ବୋଲି କାହ୍ନୁ ପ୍ରଶ୍ନ କରିଛନ୍ତି। ସେହିପରି ଶ୍ରୀକାନ୍ତଙ୍କ ବିରୋଧରେ କରାଯାଉଥିବା ଷଡ଼ଯନ୍ତ୍ର ତାଙ୍କୁ ବ୍ୟଥିତ କରିଛି ବୋଲି କାହ୍ନୁ ମତ ରଖିଛନ୍ତି। ଅନୁରୂପ ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ମଧ୍ୟ ଏହି ପ୍ରସଙ୍ଗରେ ମତ ରଖିଛନ୍ତି। ସେ କହିଛନ୍ତି ଯେ, ନିରଞ୍ଜନ ବାବୁଙ୍କୁ ଅନୁରୋଧ, ସେ ସମସ୍ତଙ୍କୁ ନେଇ ଚାଲନ୍ତୁ। ଏପଟ କି ସେପଟ ନୁହେଁ। କଂଗ୍ରେସ ହିଁ ଏକମାତ୍ର ପଟ ହେବା ଉଚିତ। ଆମେ ସମସ୍ୟାର ସମାଧାନ କରିବା ଉଚିତ, ଏଆଇସିସି ପର୍ଯ୍ୟନ୍ତ କଥା ଯିବ କାହିଁକି ବୋଲି ସୁରେଶ କହିଛନ୍ତି।

ଶ୍ରୀକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କଥା କହି କାହ୍ନୁଙ୍କ ଦ୍ୱାରା ହେମାନନ୍ଦ ସମାଲୋଚିତ ହେବା ପରେ ନିଜ ମତ ପରିବର୍ତ୍ତନ କରିଛନ୍ତି। ସେ କହିଛନ୍ତି ଯେ, ଆପୋସ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ଏଆଇସିସିକୁ କୁହାଯାଇଛି। ୩ ରାଜ୍ୟ କଂଗ୍ରେସ ପ୍ରଦର୍ଶନକୁ ନେଇ ସମସ୍ତେ ଶିକ୍ଷା କରିବା ଉଚିତ। ଅପରପକ୍ଷରେ ହେମାନନ୍ଦଙ୍କ ଏପରି ମତ ପରିବର୍ତ୍ତନ ଦ୍ୱାରା ନିରଞ୍ଜନ ଶିବିର ହତୋତ୍ସାହିତ ହୋଇଛି।


**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/19 ତା.11.12.2018 ରିଖ

"ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ ।"

"ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍ (Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ ।"

PR - 406/J/18-19

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



Government of India/ भारत सरकार
Ministry of Environment, Forest & Climate Change/ पर्यावरण, वन और जलवायु परिवर्तन मंत्रालय
Eastern Regional Office/ पूर्वी क्षेत्रीय कार्यालय
A/3, Chandrasekharpur/ ए/३, चन्द्रशेखरपुर
Bhubaneswar - 751 023/ भुवनेश्वर - ७५१ ०२३

Telephone: 0674-2301213, 2301248, 2302452, 2302453. Fax: 0674-2302432. E-mail: roez.bsr-mef@nic.in

**HIRING OF LEGAL ASSISTANT/ CONSULTANT ON CONTRACT BASIS**

Ministry of Environment, Forest & Climate Change, Eastern Regional Office, Bhubaneswar invites applications from the reputed Service Provider(s) for the Hiring/Engagement of Legal Assistant/ Consultant (One No.) on contractual basis for a period of one year.

| Sl. No. | Name of post | Essential Qualifications | Desirable Qualifications | Remuneration |
|---|---|---|---|---|
| 1. | Legal Assistant/ Consultant | Bachelor of Law/ Master of Law from recognized University | Candidates possessing valid licence to practice Legal Matters with one/two years experience shall be given preference | Rs. 30,000/- p.m. plus Service Tax |

The interested Service Provider (s) may submit their quotations with detailed bio-data of the proposed candidate to this office latest by 16.00 hours of 16.01.2019.

The Contract document and Terms of Reference can be obtained from this office on any working day.

*Sd./- (SUMAN MOHAPATRA)*
*CF (Central) & HOO*
*Ph no. 0674-2302432*











TRAI

ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ମୋବାଇଲ ନମ୍ବର ପୋର୍ଟେବିଲିଟି (ଏମ୍ଏନ୍‌ପି) ନିୟମରେ ସଂଶୋଧନ ଆଣିଛି। ଏମ୍ଏନ୍‌ପି ଧାରାକୁ ସରଳ ଏବଂ ଦ୍ରୁତ କରିବାକୁ ଟ୍ରାଇ ଏଭଳି ନିଷ୍ପତ୍ତି ନେଇଛି। କୌଣସି ବ୍ୟକ୍ତି ପୋର୍ଟିଂ ଲାଗି ଅନୁରୋଧ କଲେ ଗୋଟିଏ ସର୍ଭିସ ଏରିଆ ମଧ୍ୟରେ ଦୁଇଦିନରେ ଏହି ସୁବିଧା ଦେବାକୁ କୁହାଯାଇଛି। ସେହିଭଳି ଭିନ୍ନ ସର୍କଲ କ୍ଷେତ୍ରରେ ୪ ଦିନ ଏବଂ ପୋର୍ଟିଂ ସେବା ଅଗ୍ରାହ୍ୟ କ୍ଷେତ୍ରରେ ଜରିମାନା ଲାଗୁ ନେଇ ନିୟମ ରହିଛି।

## ସଂକ୍ଷେପରେ

### ଚିଟ୍‌ଫଣ୍ଡ ସ୍ୱତନ୍ତ୍ର କୋର୍ଟଙ୍କ ବଡ଼ ଆଦେଶ

### ୨ ଲକ୍ଷ ୩୮ ହଜାର ୪୭୭ କ୍ଷୁଦ୍ର ଜମାକାରୀ ଫେରିପାଇବେ ଟଙ୍କା

**କଟକ ଅଫିସ, ୧୩।୧୨:** ରୋଜ୍‌ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନିଜ୍‌ରେ ଟଙ୍କା ଜମା କରିଥିବା କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀମାନେ ଟଙ୍କା ଫେରସ୍ତ ପାଇବେ। ଓଡ଼ିଶା ପ୍ରୋଟେକ୍ସନ ଅଫ୍ ଇଣ୍ଟେରେଷ୍ଟ ଅଫ୍ ଡିପୋଜିଟର୍ସ ଆଇନ ଅନୁଯାୟୀ ସ୍ୱତନ୍ତ୍ର କୋର୍ଟ ରାଜ୍ୟ ସରକାରଙ୍କୁ ଏହି ଆଦେଶ ଦେଇଛନ୍ତି। ଏହି ଅନୁଯାୟୀ ରୋଜଭ୍ୟାଲି ସଂସ୍ଥାରେ ଟଙ୍କା ଜମା ରଖିଥିବା ୨ ଲକ୍ଷ ୩୮ ହଜାର ୪୭୭ ଜଣ କ୍ଷତିଗ୍ରସ୍ତ କ୍ଷୁଦ୍ର ଜମାକାରୀ ୯୨ କୋଟି ୮ ଲକ୍ଷ ୯୬ହଜାର ୯୮୨ ଟଙ୍କା ଫେରସ୍ତ ପାଇବେ। କ୍ଷେତ୍ର ଅନୁଧ୍ୟାନକାରୀ ଦଳ ୧୦ହଜାର କିମ୍ବା ଏହା ତଳକୁ ଜମା ରଖିଥିବା ଜମାକାରୀମାନଙ୍କୁ ଚିହ୍ନଟ କରିବା ପରେ କୋର୍ଟରେ ତାଲିକା ଦାଖଲ କରାଯାଇଥିଲା। ଏହି ଜମାକାରୀମାନେ ୯୫ କୋଟି ୮୪ ଲକ୍ଷ ୧୨ ହଜାର ୮୯୩ ଟଙ୍କା ଜମା କରିଥିଲେ। ଯେଉଁମାନଙ୍କର ୭ ହଜାର କିମ୍ବା ଏହା ତଳକୁ ଟଙ୍କା ଜମା ରହିଛି, ସେମାନଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ। ସେହିପରି ୭ ହଜାରରୁ ୧୦ ହଜାର ମଧ୍ୟରେ ଜମା ରଖିଥିବା ଜମାକାରୀମାନେ ୭ ହଜାର ଟଙ୍କା ସହିତ ଅବଶିଷ୍ଟ ଟଙ୍କାର ୫୨ ପ୍ରତିଶତ ଟଙ୍କା ଫେରସ୍ତ ପାଇବେ ବୋଲି ସ୍ୱତନ୍ତ୍ର କୋର୍ଟର ସ୍ୱତନ୍ତ୍ର ପିପି ସୁବ୍ରତ ମହାନ୍ତି ସୂଚନା ଦେଇଛନ୍ତି। ଏହି ଜମାକାରୀମାନଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଟ୍ରାନ୍ସଫର କରାଯିବ ବୋଲି ମହାନ୍ତି କହିଛନ୍ତି।

### ଲାଞ୍ଚ: ବନ ଉନ୍ନୟନ ନିଗମ କ୍ଷେତ୍ର ସହକାରୀ ଗିରଫ

**କଟକ ଅଫିସ, ୧୩।୧୨:** ୨ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ନୟାଗଡ଼ ଜିଲା ବନ ଉନ୍ନୟନ ନିଗମର କ୍ଷେତ୍ର ସହକାରୀ ବ୍ରଜକିଶୋର ବେଉରା। ଗୁରୁବାର ବେଉରା ଏହି ଲାଞ୍ଚ ଇଟାମାଟି ଥାନା ଅଧୀନ ନଚ୍ଛିପୁର ଗ୍ରାମର ଭଗବାନ ନାହାକଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ଦୁଇଟି କାଠଗଣ୍ଡି ଦେବା ପାଇଁ କ୍ଷେତ୍ର ସହକାରୀ ବେଉରା ଖଇରପଟି ଗ୍ରାମରେ ଭଗବାନଙ୍କଠାରୁ ଏହି ଗ୍ରହଣ କରୁଥିବା ସମୟରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ବେଉରାଙ୍କ ଶାର୍ଟ ପକେଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏହା ପରେ ବେଉରାଙ୍କ ଦଶପଲ୍ଲାସ୍ଥିତ ବାସଭବନକୁ ଭିଜିଲାନ୍ସ ଯାଞ୍ଚ କରିଛି। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୫୪/୨୦୧୮ରେ ଏକ ମାମଲା ରୁଜୁ କରାଯାଇ ବେଉରାଙ୍କୁ ଗିରଫ କରାଯାଇଛି।

# ହକି ମ୍ୟାଚ୍ ଦେଖିଲେ ମୁଖ୍ୟସ୍ରୋତକୁ ଫେରିଥିବା ମାଓବାଦୀ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ମାଲକାନଗିରି ପୋଲିସ ନିକଟରେ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତକୁ ଫେରିଥିବା ୩୦ ମାଓବାଦୀ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ହକି ମ୍ୟାଚ୍ ଦେଖିଛନ୍ତି। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ବସି ସେମାନେ ଭାରତ ଏବଂ ନେଦରଲାଣ୍ଡସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌କୁ ଉପଭୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କ ସହିତ ମଝିରେ ମଝିରେ କଥା ହେଉଥିବା ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ ୧୬ ମହିଳା ଏବଂ ୧୪ ପୁରୁଷ ଥିଲେ। ଖେଳ ଦେଖିବା ପୂର୍ବରୁ ଅପରାହ୍ନ ପ୍ରାୟ ୫ଟାରେ ସେମାନେ ପୋଲିସ ଫ୍ୟାନ୍ ଭିଲେଜ ବୁଲିବା ସହିତ ଶରୀରରେ ରଙ୍ଗିନ ଟାଟୁ କରିଥିଲେ।

ପୂର୍ବାହ୍ନରେ ସେମାନେ ନନ୍ଦନକାନନ ସମେତ ଭୁବନେଶ୍ୱରର ବିଭିନ୍ନ ସ୍ଥାନ ବୁଲିଥିଲେ। ଏହି ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ମାଲକାନାଗିରିର ୨୦ ଏବଂ କୋରାପୁଟର ୧୦ ଜଣ ରହିଛନ୍ତି। ଶୁକ୍ରବାର ସେମାନେ ପୁରୀ ଓ କୋଣାର୍କ ବୁଲିବାକୁ ଯିବାର କାର୍ଯ୍ୟକ୍ରମ ରହିଛି। ୨୦୦୯ରେ ଆତ୍ମସମର୍ପଣ କରିଥିବା କୋରାପୁଟ ଜିଲା ନାରାୟଣପାଟଣା ଅଞ୍ଚଳର କାଳିଆ ଦୁଲୁକା କହିଛନ୍ତି, ପ୍ରଥମ ଥର କରି ଭୁବନେଶ୍ୱର ବୁଲିବାକୁ ଆସିଥିବାରୁ ଖୁସି ଲାଗୁଛି। ଆମେ ମାଓବାଦୀ ଥିବାବେଳେ ଜଙ୍ଗଲରେ ମୃତ୍ୟୁ ସହ ପ୍ରତିଦିନ ସଂଗ୍ରାମ କରୁଥିଲୁ। କିନ୍ତୁ ଆତ୍ମସମର୍ପଣ କରି ବହୁତ ଖୁସି ଅନୁଭବ କରୁଛି। ହକି ମ୍ୟାଚ୍ ଦେଖିବା ପାଇଁ ପ୍ରବଳ ଉତ୍ସାହ ଥିଲା। ପୋଲିସ ଆମକୁ ବହୁତ ସହଯୋଗ କରୁଛି। ଆତ୍ମସମର୍ପଣ ପରେ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ପୋଲିସ ଯୋଗାଇ ଦେଉଛି। ଯେଉଁ ମାଓବାଦୀମାନେ ଜଙ୍ଗଲରେ ସଂଘର୍ଷ କରୁଛନ୍ତି ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ଆମ ଭଳି ସାଧାରଣ ଜୀବନଯାପନ କରିବାକୁ କାଳିଆ ଆହ୍ୱାନ କରିଛନ୍ତି। ମାଲକାନାଗିରି ଏସ୍‌ପି ଜଗମୋହନ ମୀନା କହିଛନ୍ତି, ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଛି। ସେମାନେ ହକି ମ୍ୟାଚ୍ ଦେଖିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେଥିପାଇଁ ସେମାନଙ୍କୁ ହକି ମ୍ୟାଚ୍ ଦେଖାଇବା ପାଇଁ ଭୁବନେଶ୍ୱରକୁ ଅଣାଯାଇଛି। ଏହାସହ ସେମାନେ ନନ୍ଦନକାନନ ବୁଲିଛନ୍ତି। ଶୁକ୍ରବାର କୋଣାର୍କ ଓ ପୁରୀ ବୁଲିବାକୁ ଯିବେ। ଗଣମାଧ୍ୟମ ଜରିଆରେ ଏସ୍‌ପି କହିଛନ୍ତି ଯେ, ଯେଉଁମାନେ ଭୁଲ ବାଟରେ ଯାଇ ମାଓବାଦୀ ହୋଇଛନ୍ତି, ସେମାନେ ଆତ୍ମସମର୍ପଣ କରନ୍ତୁ। ସରକାରଙ୍କ ପକ୍ଷରୁ ଯାହା କିଛି ସୁବିଧା ରହିଛି ସେସବୁ ଯୋଗାଇ ଦିଆଯିବ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ହକି ଖେଳର ମଜା ନେଉଛନ୍ତି ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ୍ ହୋଇଥିବା ମାଓବାଦୀମାନେ।

- ନନ୍ଦନକାନନ ବୁଲିଲେ
- ଆଜି କୋଣାର୍କ ଓ ପୁରୀ ବୁଲିବେ

### ■ ମହିଳା ସଂରକ୍ଷଣ ପ୍ରସଙ୍ଗ

# ଅକାଳୀ ଦଳକୁ ଭେଟିଲା ବିଜେଡି

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

ବିଜୁ ଜନତା ଦଳ(ବିଜେଡି)ର ଏକ ପ୍ରତିନିଧି ଦଳ ଗୁରୁବାର ଶିରୋମଣୀ ଅକାଳୀ ଦଳକୁ ନୂଆଦିଲ୍ଲୀଠାରେ ଭେଟିଛନ୍ତି। ବିଜେଡି ତରଫରୁ ଦଳର ଉପସଭାପତି ତଥା ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ ଅକାଳୀ ଦଳର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲଙ୍କୁ ଭେଟିଛନ୍ତି। ପାର୍ଲାମେଣ୍ଟ ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ କରିବା ଲାଗି ବିଜେଡି ପ୍ରତିନିଧି ଅକାଳୀ ଦଳର ସମର୍ଥନ ଲୋଡ଼ିଛନ୍ତି। କେନ୍ଦ୍ରମନ୍ତ୍ରୀ ବାଦଲ ମହିଳା ସଂରକ୍ଷଣ ପ୍ରସଙ୍ଗରେ ବିଜେଡି ସଭାପତି ତଥା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସକୁ ପ୍ରଶଂସା କରିଛନ୍ତି।



କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲଙ୍କ ସହ ବିଜେଡି ଏମ୍‌ପି ତଥାଗତ ସତପଥୀ ଏବଂ ରାଜ୍ୟ ସମବାୟ ଓ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର।

ଏନେଇ ଢେଙ୍କାନାଳ ଏମ୍‌ପି ତଥାଗତ କହିଛନ୍ତି ଯେ, ଶିରୋମଣୀ ଅକାଳୀ ଦଳ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ ଜଣାଇଛନ୍ତି। ଏନେଇ ଅକାଳୀ ଦଳର ମୁଖ୍ୟ ପ୍ରକାଶ ସିଂ ବାଦଲଙ୍କ ସହ କେନ୍ଦ୍ରମନ୍ତ୍ରୀ ହରସିମରତ୍ କଥା ହୋଇଛନ୍ତି। ୩୩ ପ୍ରତିଶତ ବଦଳରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ନେଇ ବାଦଲ ମତ ରଖିଛନ୍ତି।

### ବିଦ୍ୟୁତ୍ ତାର ନେଲା ହାତୀ ଜୀବନ

**ଦେବଗଡ଼, ୧୩।୧୨(ସ୍ୱ.ପ୍ର.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଲାଇମୁରା ଅଞ୍ଚଳ ମୟୂରଡିମା ଗ୍ରାମରେ ବିଦ୍ୟୁତ୍ ତାର ଲାଗି ଗୁରୁବାର ଏକ ମାଈ ହାତୀର ମୃତ୍ୟୁ ଘଟିଛି। ହାତୀ ୧୨ ମାସର ଗର୍ଭିଣୀ ଥିଲା। ବ୍ୟବଚ୍ଛେଦବେଳେ ପେଟରୁ ଏକ ଅଣ୍ଡିରା ଶାବକ ବାହାରିଛି। ମୃତହାତୀର ବୟସ ୩୫ବର୍ଷ ହେବ ବୋଲି ବ୍ୟବଚ୍ଛେଦ କରିଥିବା ଭିଏସ୍ ଡ଼ା. ସତ୍ୟବ୍ରତ ମିଶ୍ର କହିଛନ୍ତି। ହାତୀ ଧାନ ଖାଇବାକୁ ବିଲକୁ ଯାଇଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ତଳକୁ ଓହଳିଥିବା ୧୧ କେଭି ତାର ସଂସ୍ପର୍ଶରେ ଆସିଥିଲା। ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଲୋକେ ବିଲକୁ ଯାଇଥିବାବେଳେ ହାତୀ ମରି ପଡିଥିବା ଦେଖିଥିଲେ। ପରେ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ପକ୍ଷରୁ ଦେବଗଡ଼ ରେଞ୍ଜ ଅଫିସର, ଲଇମୁରା ଫରେଷ୍ଟର ଓ ଫରେଷ୍ଟଗାର୍ଡଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀକୁ ଉଦ୍ଧାର କରିଥିଲେ। ମାର୍ଗଶିର ମାସ ଗୁରୁବାରରେ ହାତୀ ମୃତ୍ୟୁ ଘଟିଥିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଧୁ କପିଳା,**
**ତାକୁ ଡରନ୍ତି ନିଜେ ଭୋଳା ।**

ହୁଣ୍ଡା ପ୍ରକୃତି ବ୍ୟକ୍ତିଙ୍କର ବିଚାର ଜ୍ଞାନ ନ ଥାଏ। କେଉଁଟା ଠିକ୍ କେଉଁଟା ଭୁଲ୍ ତା'ର ବାଛ ବିଚାର କରିବାର ଶକ୍ତି ରହି ନ ଥାଏ। ଏହି ଧରଣର ବ୍ୟକ୍ତି ଯେକୌଣସି ସ୍ତରକୁ ମଧ ଖସିଯାଇପାରନ୍ତି। ତେଣୁ ତାଙ୍କଠାରୁ ଯଥାସମ୍ଭବ ଦୂରତ୍ୱ ବଜାୟ ରଖିବା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଶାଠ ନ ଥାଇ ପାଠ,**
**ମଞ୍ଜି ନ ଥାଇ କାଠ,**
**ନାହା ନ ଥାଇ ଘାଟ,**
**ହେତୁ ନ ଥାଇ ପାଠ,**
**ଲୋକ ନ ଥାଇ ନାଟ ।**

ବ୍ୟବହାରିକ ଜ୍ଞାନ ବିନା ପାଠ ମୂଲ୍ୟହୀନ ହୋଇଥାଏ। ମଞ୍ଜି ନ ଥିବା କାଠରେ ପୋକ ଲାଗିଯାଇଥାଏ। ନାଆ ନ ଥିଲେ ଘାଟ ପରିତ୍ୟକ୍ତ ହୋଇ ପଡ଼ି ରହିବା ଭଳି ବିଚାର ବୁଦ୍ଧି ହୋଇ ନ ଥିବା ପିଲାକୁ ପାଠ ପଢ଼ାଇବାରେ କୌଣସି ମୂଲ୍ୟ ମିଳି ନ ଥାଏ। ସେହିପରି ଦର୍ଶକ ବିନା ନାଟକର କୌଣସି ଗୁରୁତ୍ୱ ବା ଅସ୍ତିତ୍ୱ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ସ୍ୱାମୀଙ୍କୁ ଜୁଭେନାଇଲ୍ ଶେଲ୍‌ଟର ଗୃହକୁ ସ୍ଥାନାନ୍ତର

**ନବବଧୂ ହତ୍ୟା ମାମଲା**

**ରଣପୁର,୧୩।୧୨(ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ବଜ୍ରରାଜପୁର ପଞ୍ଚାୟତର ବାଙ୍କପୁର ଗ୍ରାମରେ ଗତ ସେପ୍ଟେମ୍ବର ୧୨ରେ ଜଣେ ନବବଧୂଙ୍କୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ରଣପୁର ଜେଲ ପଠାଯାଇଥିଲା। ସେ ସେଠାରେ ୩ ମାସ ରହିବା ପରେ ଏବେ ତାଙ୍କୁ ନାବାଳକ ଦର୍ଶାଇ ଗୁରୁବାର ରଣପୁର ପୋଲିସ ଅନୁଗୋଳ ଜୁଭେନାଇଲ ଶେଲ୍‌ଟର ଗୃହକୁ ସ୍ଥାନାନ୍ତର କରିଛି। ନବବଧୂ ହତ୍ୟା ଅଭିଯୋଗରେ ପୋଲିସ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉଭୟଙ୍କର ଜାମିନ ନାମଞ୍ଜୁର ହେବାରୁ ମା' ଓ ପୁଅଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଥିଲା। ୩ମାସ ପରେ ପୋଲିସ ତଦନ୍ତ କରି ଜାଣିବାକୁ ପାଇଲା ଯେ ଅଭିଯୁକ୍ତ ସ୍ୱାମୀ ଯୁବକ ନୁହନ୍ତି ଜଣେ ୧୭ ବର୍ଷୀୟ ନାବାଳକ। ଏ ନେଇ ତଦନ୍ତ କରୁଥିବା ପୋଲିସ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବ୍ରଜରାଜପୁର ପଞ୍ଚାୟତର କୁଞ୍ଜବନ ଗ୍ରାମର ଜଣେ ନାବାଳିକା(୧୫) ରଣପୁର କଲେଜରେ ଅଧ୍ୟୟନ କରୁଥିଲା ବେଳେ ସେଠାରେ ପଢୁଥିବା ବାଙ୍କପୁର ଗ୍ରାମର ନାବାଳକ (୧୭)ଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରିବାର ଲୋକେ ବିବାହ ପାଇଁ ରାଜି ନ ଥିବାରୁ ଗତ ଛଅ ମାସ ତଳେ ପ୍ରେମୀଯୁଗଳ ମନ୍ଦିରରେ ବିବାହ କରି ଘରୁ ଫେରାର ହୋଇ ଭୁବନେଶ୍ୱରରେ ରହି ଆସୁଥିଲେ। ଏନେଇ ଝିଅଘର ତରଫରୁ ରଣପୁର ଥାନାରେ ଅପହରଣ ନେଇ ଅଭିଯୋଗ ହୋଇଥିଲା। ପରେ ପୁଅ ଘର ତରଫରୁ ଉଭୟଙ୍କୁ ଭୁବନେଶ୍ୱରରୁ ବାଙ୍କପୁର ଗ୍ରାମକୁ ଫେରାଇ ଅଣାଯାଇଥିଲା। ହେଲେ ବୋହୂକୁ ବାପଘରୁ ଯାଇ ଯୌତୁକ ଆଣିବା ପାଇଁ ସ୍ୱାମୀ ଓ ଶାଶୁ ଶ୍ୱଶୁର ଚାପ ପକାଉଥିଲେ। ଏଥିରେ ବୋହୂ ଅରାଜି ହେବାରୁ ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES) | DR. R. PRASAD GAMS (PATNA)
ମଳକଣ୍ଟକ (FISSURE) | DR. PREM KUMAR BAMS, LLB (UTKAL)
ଭଗନ୍ଦର (FISTULA) | 10AM TO 8PM
WITHOUT SURGICAL OPERATION
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286, 7750921101

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551, 9068296909

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603, 7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261, 7991052595
405 D, Gandhi Marg, Mumbai-02

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ଼, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ, ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ।
2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୫୯୬୬୮୫୫୮
୩୯, ପଟେଲ ନଗର, ଆଂଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
(B.B.28, Sec. 4, Salt Lake City Kolkatta- 700064)
7606086442, 7606062768
nationalcoop98@gmail.com

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ନବବର୍ଷ ଧମାକା!!!
କୁବେର ଫାଇନାନ୍ସ
ଖର୍ଚ୍ଚ ଋଣରୁ କଟିବ (ପଞ୍ଜୀକୃତ)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍
ସମସ୍ତ ଋଣ ୧% ସୁଧ, ୪୦% ରିହାତି
9354181401, 8375014500
41/14, ସେକ୍ଟର-1, ପୁଷ୍ପ ବିହାର, ଦିଲ୍ଲୀ-110017

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370, 7840058835
H.No.-258, VPO Duhai, Ghaziabad, (U.P.) 201203

ସତ୍ୟମ ବିଜନେସ୍
ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469, 8395030162

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285, 9861088447

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ସାଟେଲାଇଟ୍ କ୍ୟାମେରାରେ ଆଣ୍ଟାର୍କଟିକା

**ୱାଶିଂଟନ୍:** ନାସା ସାଟେଲାଇଟ୍ ପ୍ରଥମଥର ପାଇଁ ଆଣ୍ଟାର୍କଟିକା ବରଫର ସ୍ପଷ୍ଟ ଫଟୋଚିତ୍ର ପ୍ରେରଣ କରିଛି। ଏହା ବରଫ ପାହାଡର ଉଚ୍ଚତା ମାପ କରିପାରିବ ବୋଲି ଆମେରିକାର ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି। ଉକ୍ତ ସାଟେଲାଇଟ୍ ମହାକାଶକୁ ଲଞ୍ଚ୍ ହେବାର ପାଖାପାଖି ୩ ମାସ ହେଲାଣି। ଏହାକୁ 'ଆଇସ୍, କ୍ଲାଉଡ ଆଣ୍ଡ ଲ୍ୟାଣ୍ଡ ଏଲିଭେଶନ୍ ସାଟେଲାଇଟ୍-୨' ବା ସଂକ୍ଷେପରେ 'ଆଇସ୍‌ସାଟ୍-୨' ନାମକରଣ କରାଯାଇଛି। ସାମାନ୍ୟ ଇଞ୍ଚେ ବହଳର ବରଫ ଉଚ୍ଚତା ମାପ କରିବାକୁ ମଧ୍ୟ ଏହା ସମର୍ଥ। ଏହା ସମୁଦ୍ରରେ ଭାସମାନ ବରଫ, ଜଙ୍ଗଲର ଘନତା ଏବଂ ଉପକୂଳ ସମୁଦ୍ରର ଗଭୀରତା ମାପ କରିପାରିବ।

ପୃଥିବୀର ବରଫ ଆସ୍ତରଣ, ହିମସ୍ରୋତ, ସମୁଦ୍ରରେ ଭାସମାନ ବରଫ ଏବଂ ଜଙ୍ଗଲର ସ୍ଥିତି ଅନୁଧ୍ୟାନ ପାଇଁ ଆଇସ୍‌ସାଟ୍-୨କୁ ସେପ୍ଟେମ୍ବର ୧୫ରେ ଲଞ୍ଚ୍ କରାଯାଇଥିଲା। ଗବେଷଣା ଓ ଆବିଷ୍କାର କ୍ଷେତ୍ରରେ ଆଇସ୍‌ସାଟ୍-୨ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିବ ବୋଲି ମେରୀଲାଣ୍ଡସ୍ଥିତ ନାସାର



ଗଡ୍ଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରର ପ୍ରକଳ୍ପ ବୈଜ୍ଞାନିକ ଟମ୍ ନ୍ୟୁମ୍ୟାନ୍ ପ୍ରକାଶ କରିଛନ୍ତି।

ଇତିହାସର ଆଇନାରେ

## ଡିସେମ୍ବର ୧୪ର ପ୍ରମୁଖ ଘଟଣା

୧୭୯୯ ଡିସେମ୍ବର ୧୪ରେ ଆମେରିକାର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାଶିଂଟନଙ୍କର ପରଲୋକ ହୋଇଥିଲା। ସେ ଆମେରିକା ବୈପ୍ଲବିକ ସଂଗ୍ରାମରେ ପାଟ୍ରିଅଟ ବାହିନୀର ନେତୃତ୍ୱ ନେଇ, ବ୍ରିଟିଶ ବିରୋଧରେ ବିଜୟ ହାସଲ କରିଥିଲେ। ନୂତନ ସଂଘୀୟ ସରକାର ପ୍ରତିଷ୍ଠା ଲାଗି ୧୭୮୭ରେ ଅନୁଷ୍ଠିତ ସାମ୍ବିଧାନିକ ସମ୍ମିଳନୀରେ ସେ ଅଧ୍ୟକ୍ଷତା କରିଥିଲେ।

୧୯୪୭ ଡିସେମ୍ବର ୧୪ରେ ବ୍ରାଜିଲ୍‌ର ପୂର୍ବତନ ରାଷ୍ଟ୍ରପତି ଡିଲ୍‌ମା ଭାନା ରୌସେଫଙ୍କ ଜନ୍ମ। ସେ ବ୍ରାଜିଲର ୩୬ତମ ରାଷ୍ଟ୍ରପତି ଭାବେ ୨୦୧୧ରୁ ୨୦୧୬ ଅଗଷ୍ଟ ୩୧ ପର୍ଯ୍ୟନ୍ତ ରହିଥିଲେ। ସେ ଗଣତାନ୍ତ୍ରିକ ଭାବେ ନିର୍ବାଚିତ ବିଶ୍ୱରେ ପ୍ରଥମ ମହିଳା ରାଷ୍ଟ୍ରପତି ଯାହାଙ୍କ ବିରୋଧରେ ମହାଭିଯୋଗ ଅଣାଯାଇ ତାଙ୍କୁ ବହିଷ୍କାର କରାଯାଇଥିଲା।

# ୧୮ରେ 'ମଣିକର୍ଣ୍ଣିକା'ର ଟ୍ରେଲର ରିଲିଜ୍

**ମୁମ୍ବାଇ:** ଡିସେମ୍ବର ୧୮ରେ 'ମଣିକର୍ଣ୍ଣିକା'ର ଟ୍ରେଲର ରିଲିଜ ହେଉଥିବା ବେଳେ ଏଥିପାଇଁ ମହାପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ପ୍ରକାଶ କରିଛନ୍ତି। କଙ୍ଗନା ଏଥିରେ ରାଣୀ ଲକ୍ଷ୍ମୀବାଈ ଭୂମିକାରେ ଅଭିନୟ କରିଛନ୍ତି। କଙ୍ଗନାଙ୍କ ସମେତ ପୂରା ଟିମ୍ ଫିଲ୍ମର ଟ୍ରେଲର ରିଲିଜ୍ ବେଳେ ଉପସ୍ଥିତ ରହିବେ। କମଲ ଜୈନଙ୍କ ସହାୟତାରେ ଜି ଷ୍ଟୁଡିଓରେ ଏହା ରିଲିଜ ହେବାକୁ ଯାଉଛି। ଜୈନ ଏକ ବିବୃତିରେ କହନ୍ତି, ଉକ୍ତ ଫିଲ୍ମର ଟିଜରକୁ ପ୍ରାୟତଃ ସମସ୍ତେ ପସନ୍ଦ କରିଛନ୍ତି। ଫିଲ୍ମର କାହାଣୀ ଦର୍ଶକଙ୍କୁ ଅଧିକ ଉତ୍ସାହିତ କରିବା ଆଶା ଅଛି। ପ୍ରଥମେ ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ କ୍ରିଶ୍। ତେବେ କଙ୍ଗନା ନିର୍ଦ୍ଦେଶନା ଦାୟିତ୍ୱ ନେବା ପରେ ଫିଲ୍ମ ନିର୍ମାଣରେ କିଛିଟା ଅଦଳବଦଳ ହୋଇଥିଲା। ଉକ୍ତ ଫିଲ୍ମରେ ଐତିହାସିକ ବୀରା ରମଣୀ ରାଣୀ ଲକ୍ଷ୍ମୀବାଈଙ୍କ ଯୋଦ୍ଧାପଣିଆ ଓ ଦେଶାତ୍ମବୋଧ ବିଷୟରେ ବର୍ଣ୍ଣନା କରାଯାଇଛି। ଉଭୟ ତାମିଲ ଓ ତେଲୁଗୁ ଭାଷାରେ ଏହା ରିଲିଜ୍ ହେବ। ପ୍ରଯୋଜକ ଏଥିପାଇଁ ଏକ ବୃହତ୍ ଯୋଜନା ପ୍ରସ୍ତୁତ କରିଛନ୍ତି।



୨୦୧୯ ଜାନୁୟାରୀ ୨୫ରେ ବିଶ୍ୱବ୍ୟାପୀ ୫୦ଟି ଦେଶରେ ଏହା ମୁକ୍ତିଲାଭ କରିବାକୁ ଯାଉଛି ବୋଲି ଜି ଷ୍ଟୁଡିଓର ସିଇଓ ଶାରିକ୍ ପଟେଲ୍ ପ୍ରକାଶ କରିଛନ୍ତି।



# ସଙ୍କୁଚିତ ହୋଇପାରୁଥିବା ଡ୍ରୋନ୍

**ଜେନେଭା:** ସୁଇଜରଲାଣ୍ଡସ୍ଥିତ ଇକୋଲ ପଲିଟେକନିକ୍ ଫେଡେରାଲେ ଡି ଲାଉସାନେ ଏବଂ ଜ୍ୟୁରିକ୍ ୟୁନିଭର୍ସିଟିର ଗବେଷକମାନେ ଏକ ଡ୍ରୋନ୍ ବିକାଶ କରିଛନ୍ତି। ଏହା ଆବଶ୍ୟକସ୍ଥଳେ ଡେଣାକୁ ଜାକିଜୁକି ସଂକୁଚିତ ହୋଇପାରିବ ଏବଂ ସଂକୀର୍ଣ୍ଣ ସ୍ଥାନରେ ପ୍ରବେଶ କରିବାକୁ ସମର୍ଥ ହେବ। ଏହି ଉଡନ୍ତା ରୋବୋ ଅନୁସନ୍ଧାନ ଓ ଉଦ୍ଧାରକାରୀ ଟିମ୍ ପାଇଁ ସହାୟକ ହୋଇପାରିବ। ଏଥିସହିତ ଭୂକମ୍ପ, ଅଗ୍ନିକାଣ୍ଡ ଭଳି ପ୍ରାକୃତିକ ବିପର୍ଯ୍ୟୟ ପରେ ବିଧ୍ୱସ୍ତ ଅଟ୍ଟାଳିକା ତଳେ ଫସି ରହିଥିବା ଲୋକଙ୍କୁ ଅନୁସନ୍ଧାନ କରିପାରିବ। ପକ୍ଷୀଠୁ ପ୍ରେରଣା ପାଇ ଏଭଳି ଡ୍ରୋନ୍ ବିକାଶ କରାଯାଇଛି। ଏହାକୁ ବହୁମୁଖୀ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ଏହାକୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ରହିଛି ବୋଲି ଜ୍ୟୁରିକ୍ ୟୁନିଭର୍ସିଟିର ଗବେଷକ ଡ୍ୟାଭିଡେ ଫାଲାଙ୍ଗା ପ୍ରକାଶ କରିଛନ୍ତି। ଅନ୍ୟ ଡ୍ରୋନ୍ ତୁଳନାରେ ଏହା ସ୍ୱତନ୍ତ୍ର। ଏହା ନିରନ୍ତର ଉଡାଣ ପ୍ରକ୍ରିୟା ଜାରି ରଖେ।


DADLS-219



ରାଜ୍ୟସ୍ତରୀୟ
ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ
ଜୟନ୍ତୀ ସମାରୋହ
୧୪ ଡ଼ିସେମ୍ବର, ୨୦୧୮

ସମୟ – ସକାଳ ଘ.୮ .୩୦ମି.
ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ସାଧାରଣ ସଭା
ସମୟ – ସନ୍ଧ୍ୟା ୬ ଘଟିକା
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଶଶି ଭୂଷଣ ବେହେରା, ମାନ୍ୟବର ଅର୍ଥ ଓ ଅବକାରୀ ମନ୍ତ୍ରୀ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ
– ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ, ମାନ୍ୟବର ବିଧାୟକ ତଥା ସ୍ମୃତି ସଂସଦର ସଭାପତି
ମୁଖ୍ୟ ବକ୍ତା – ପ୍ରାଧ୍ୟାପକ ଡକ୍ଟର ମଣୀନ୍ଦ୍ର କୁମାର ମେହେର, ବିଶିଷ୍ଟ ସ୍ତମ୍ଭକାର ଓ ପ୍ରାବନ୍ଧିକ
ଧନ୍ୟବାଦ ଅର୍ପଣ – ଡ଼ାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ, ସ୍ମୃତି ସଂସଦର ସମ୍ପାଦକ

ମୁଖ୍ୟ ଅତିଥିଙ୍କ ଦ୍ୱାରା ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ଭଜନ ଏକାମ୍ର ଜ୍ୟୋତି ଅନୁଷ୍ଠାନର ସଙ୍ଗୀତ ନିର୍ଦ୍ଦେଶକ ଦୀନବନ୍ଧୁ ମଲିଆ, ବିଶିଷ୍ଟ ଗାୟିକା ସୋହିନୀ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ଅଭୟ ମଲିଆ, ମଳୟ ରଞ୍ଜନ ମହନ୍ତ, ନିର୍ମଳା ସୁବୁଦ୍ଧି, ଶକୁନ୍ତଳା ବିଶ୍ୱାଳ, ଅଜୟ, ଶିଶୁ ପ୍ରତିଭା ଶ୍ରୀବାଲି ଦାସ ଓ ରିତୁପର୍ଣ୍ଣା ନନ୍ଦଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0494/1819



DSPL-291

ଶକ୍ତି ବିଭାଗ
ଓଡ଼ିଶା ସରକାର

ଘରେ ଘରେ ଆଜି ବିଜୁଳି
ଓଡ଼ିଶା ଗଲାଣି ବଦଳି









ଆମ ମୁଖ୍ୟମନ୍ତ୍ରୀ ଦେଇଥିବା କଥା ଆଜି କାର୍ଯ୍ୟରେ ପରିଣତ ହୋଇଛି । ଓଡ଼ିଶାର ସବୁ ଘରକୁ ବିଜୁଳି ଶକ୍ତି ଯୋଗାଇବା କଥା ଆଜି ସତ ହୋଇଛି । ୯୫ ଲକ୍ଷରୁ ଅଧିକ ଘରକୁ ଆମେ ବିଦ୍ୟୁତ୍ ସଂଯୋଗ ପହଞ୍ଚାଇ ସାରିଛୁ । ଯଦି କୌଣସି ପରିବାର ବିଦ୍ୟୁତ୍ ସଂଯୋଗ ଏଯାଏଁ ପାଇ ପାରି ନାହାନ୍ତି, ସେମାନେ ଏହି ଡିସେମ୍ବର ମାସର ୧୫ ରୁ ୨୦ ତାରିଖ ମଧ୍ୟରେ ପ୍ରତି ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା 'ପିଠା' (PEETHA) ଶିବିରରେ ପହଞ୍ଚି ବିନା ଜମାରେ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରନ୍ତୁ ।

WESCO UTILITY
SOUTHCO UTILITY
CESU
NESCO UTILITY

ଶକ୍ତି ବିଭାଗ, ଓଡ଼ିଶା ସରକାର

04001/13/0007/1819

## ଡଟ ଫେଷ୍ଟ

### ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଭୁବନେଶ୍ୱର ସିଟି ଫେଷ୍ଟିଭାଲ୍ 'ଡଟ୍ ଫେଷ୍ଟ' ଅବସରରେ ଚନ୍ଦକା ନେଚର ୱାକ୍, ଗୋଡ଼ିବାରି ନେଚର କ୍ୟାମ୍ପ୍, ସକାଳ ୬ଟା ୩୦। ହେରିଟେଜ୍ ସାଇକେଲ ଟୁର୍, ମାଉସୀ ମା' ମନ୍ଦିର, ପୁରୁଣା ଭୁବନେଶ୍ୱର, ଅପରାହ୍ନ ୩ଟା ୩୦। 'ଫରହାନ ଲାଇଭ୍', ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ରାତି ୭ଟା ୩୦।
- ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା ଜିଲା ଅଙ୍ଗନୱାଡ଼ି କର୍ମଚାରୀଙ୍କ ଗଣଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ମାଟି କ୍ରିଏସନ୍‌ସର 'ଖୋଲା ଉତ୍ସବ', ହୋଟେଲ ସ୍ୱସ୍ତିଗ୍ରାଣ୍ଡ, ମାଷ୍ଟରକ୍ୟାଣ୍ଟିନ୍ ଛକ, ଅପରାହ୍ନ ୩ଟା।
- କାଗଜ କଣ୍ଢେଇ ତିଆରି କର୍ମଶାଳା, ଏସ୍ପ୍ଲାନେଡ୍ ୱାନ୍ ମଲ୍, ଅପରାହ୍ନ ୩ଟା।
- ନ୍ୟାଶନାଲ ଯୁବା କୋଅପରେଟିଭ୍ ସୋସାଇଟି ଲିମିଟେଡ୍ ପକ୍ଷରୁ ଓଡ଼ିଶାର ଜନଜାତି ବର୍ଗ ହକି ଖେଳାଳିଙ୍କ ଉପରେ ଆଧାରିତ ପୁସ୍ତକ 'ହକି ହୈ ଜିନ୍ଦେଗୀ' ଉନ୍ମୋଚନ, ହୋଟେଲ ଦ କ୍ରାଉନ୍, ଅପରାହ୍ନ ୫ଟା ୩୦।
- ଇଣ୍ଡିଆନ କାଉନ୍‌ସିଲ ଫର୍ କଲଚରାଲ ରିଲେସନ୍ସ ପକ୍ଷରୁ ଓଡ଼ିଶୀ ଓ ଛଉକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ 'ବାହାନ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**
- ଜିଲାସ୍ତରୀୟ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ସମ୍ପର୍କିତ କାର୍ଯ୍ୟକ୍ରମ, ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟିଭି ଇନ୍‌ଷ୍ଟିଚ୍ୟୁଟ, ଯୋବ୍ରା, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଇଣ୍ଡଷ୍ଟ୍ରିଜ୍ ଆସୋସିଏଶନ ପକ୍ଷରୁ କର୍ମଶାଳା, ଆସୋସିଏଶନ ସମ୍ମିଳନୀ କକ୍ଷ, ଜଗତପୁର, ଅପରାହ୍ନ ୨ଟା।

**ପୁରୀ**
- ନିଗମାନନ୍ଦ ଆଶ୍ରମ ପକ୍ଷରୁ ଶୋଭାଯାତ୍ରା, ଲୋକନାଥ ରୋଡ୍, ସକାଳ ୮ଟା ୩୦।
- ନାନୋ ଫେଷ୍ଟିଭାଲ୍‌ର ଦ୍ୱିତୀୟ ଦିବସ, ଟାଉନ୍ ହଲ୍, ପୂର୍ବାହ୍ନ ୧୦ଟା।

**ଖୋର୍ଦ୍ଧା**
- ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଓଡ଼ିଶା ରାଜ୍ୟ ପକ୍ଷରୁ ରୋଭର୍ ରେଞ୍ଜର୍ ସମାଗମ-୨୦୧୮, ଷ୍ଟେଟ୍ ଟ୍ରେନିଂ ସେଣ୍ଟର, ଖୋର୍ଦ୍ଧା ଶିକ୍ଷାଞ୍ଚଳ, ବରୁଣେଇ, ପୂର୍ବାହ୍ନ ୧୦ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଆଖି ଖୋସିଦେଲା 'ଫ୍ୟୁଜନ୍ ଫିଏଷ୍ଟା'

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ନାଚ ଓ ଗୀତର ଫ୍ୟୁଜନ୍‌ରେ ଗୁରୁବାର ମୁଖରିତ ହୋଇଥିଲା ଡଟ୍ ଫେଷ୍ଟ ମଞ୍ଚ। 'ଭି ଡ୍ୟାନ୍ସ କମ୍ପାନୀ'ର ଧୁମ୍‌ଧଡକ୍ ନାଚ ସାଙ୍ଗକୁ କଣ୍ଠଶିଳ୍ପୀ ଅଙ୍କୁର ତିୱାରୀଙ୍କ ମନଛୁଆଁ ଗୀତର ମଜା ନେଇଥିଲେ ଦର୍ଶକ। ସଙ୍ଗୀତ ଏବଂ ନୃତ୍ୟ କ୍ଷେତ୍ରରେ ଦେଶର ଶ୍ରେଷ୍ଠ ଦଳ ଓ ଶ୍ରେଷ୍ଠ କଳାକାରଙ୍କୁ ମଞ୍ଚରେ ଲାଇଭ୍ ଦେଖିଥିଲେ ଭୁବନେଶ୍ୱରବାସୀ।

ବିଡିଏ ଏବଂ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା 'ଡଟ୍ ଫେଷ୍ଟ'ର ଗୁରୁବାର ଥିଲା ତ୍ରୟୋଦଶତମ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ 'ଫ୍ୟୁଜନ୍ ଫିଏଷ୍ଟା'ରେ ଉଭୟ ନାଚ ଓ ଗୀତର ଫ୍ୟୁଜନକୁ ଉପଭୋଗ କରିଥିଲେ ହଜାର ହଜାର ଦର୍ଶକ। 'ଡ୍ୟାନ୍ସ ପ୍ଲସ୍', 'ଇଣ୍ଡିଆସ୍ ଗଟ୍ ଟ୍ୟାଲେଣ୍ଟ', 'ବୁଗି ଉଗି' ଓ 'ଏଣ୍ଟରଟେନ୍‌ମେଣ୍ଟ କେ ଲିୟେ କୁଛ୍ ଭି କରେଗା' ଭଳି ବହୁ ରିୟାଲିଟି ଶୋ' ଜିତିଥିବା ଭାରତର ପ୍ରଥମ ତଥା ଏକମାତ୍ର ଡ୍ୟାନ୍ସ ଗ୍ରୁପ୍ 'ଭି ଡ୍ୟାନ୍ସ କମ୍ପାନୀ' ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା। କୋରିଓଗ୍ରାଫର ଭେର୍ଣ୍ଣନ୍ ମଣ୍ଟେଇରୋଙ୍କ ନେତୃତ୍ୱରେ ୨୫ଜଣିଆ ଏହି ଦଳ ଆଖି ଖୋସିଦେଲା ଭଳି ହିପ୍ ହପ୍ ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କୁ ଚକିତ କରିଥିଲେ। ପ୍ରସିଦ୍ଧ ବଲିଉଡ୍ ଫିଲ୍ମ 'ଏବିସିଡି ୨' ଏହି ଡ୍ୟାନ୍ସ ଗ୍ରୁପ୍‌ର କାହାଣୀ ଉପରେ ନିର୍ମିତ ହୋଇଥିବା ବେଳେ ଏହାକୁ ମଞ୍ଚରେ ଯଥାର୍ଥ କରିଥିଲେ ଗ୍ରୁପ୍‌ର ପ୍ରତ୍ୟେକ ନୃତ୍ୟଶିଳ୍ପୀ। 'ଦେବଶ୍ରୀ ଗଣେଶ', 'ଘୁମର୍', 'ସ୍ୱାଗ୍ ସେ କରେଙ୍ଗେ ସବ୍‌କା ସ୍ୱାଗତ୍', 'ଖଲବଲ୍ଲୀ', 'ମହ୍ଲାରୀ' ଭଳି ବହୁ ହିଟ୍ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ସେହିଭଳି ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲେ କଣ୍ଠଶିଳ୍ପୀ ଅଙ୍କୁର ତିୱାରୀ ଓ ତାଙ୍କ ହିନ୍ଦୀ ପପ୍-ରକ୍ ବ୍ୟାଣ୍ଡ 'ଘଲଟ୍ ଫ୍ୟାମିଲି'। ସିଙ୍ଗର, ସଙ୍ଗ୍ ରାଇଟର୍, ଫିଲ୍ମ ମେକର ତଥା ଆକ୍ଟର ଅଙ୍କୁରଙ୍କ ବହୁମୁଖୀ ପ୍ରତିଭାକୁ ଦେଖିବାକୁ ପାଇଥିଲେ ଦର୍ଶକ। ନିଜର ପ୍ରଥମ ଆଲବମ୍ 'ଜନତ୍' ସହ ହିନ୍ଦୀ ଫିଲ୍ମ 'ରାତ୍ ଗୟୀ ବାତ୍ ଗୟୀ'ରେ ମ୍ୟୁଜିକ୍ ଦେଇଥିବା ଅଙ୍କୁରଙ୍କ ଏହି ବ୍ୟାଣ୍ଡ 'ୟାରୋଁ', 'ଚାନ୍ଦ୍ ଚାହିୟେ', 'ତେରୀ ୟାଦ୍', 'ମୁସାଫିର୍', 'ଗଲଫେମିୟାଁ' ଭଳି ଗୀତ ଉପସ୍ଥାପନ କରିଥିଲେ।



## ଆଜିର ଆକର୍ଷଣ 'ଫର୍‌ହାନ ଲାଇଭ୍'

ଡଟ୍ ଫେଷ୍ଟର ଚତୁର୍ଦ୍ଦଶତମ ସନ୍ଧ୍ୟାରେ ମୁଖ୍ୟ ଆକର୍ଷଣ ରହିବେ ପ୍ଲେବ୍ୟାକ୍ ସିଙ୍ଗର, ଟେଲିଭିଜନ ହୋଷ୍ଟ, ସ୍କ୍ରିନ୍ ରାଇଟର, ଫିଲ୍ମ ଡାଇରେକ୍ଟର, ପ୍ରଡ୍ୟୁସର ତଥା ଆକ୍ଟର ଫର୍‌ହାନ ଅଖତର୍। ପୂର୍ବରୁ ଭୁବନେଶ୍ୱରକୁ ଦୁଇଥର ଆସିଥିବା ଫର୍‌ହାନଙ୍କ ଏହା ଭୁବନେଶ୍ୱରରେ ତୃତୀୟ ଲାଇଭ୍ କନସର୍ଟ ହେବ। 'ଦିଲ୍ ଧଡ୍‌କନେ ଦୋ', 'ଜିନ୍ଦେଗୀ ନା ମିଲେଗୀ ଦୋବାରା', 'ରକ୍ ଅନ୍' ଭଳି ବହୁ ଫିଲ୍ମରେ ଗୀତ ଗାଇଥିବା ଫର୍‌ହାନଙ୍କ ପାଇଁ ଶୁକ୍ରବାର ଡଟ୍ ଫେଷ୍ଟରେ ପ୍ରବଳ ଭିଡ଼ ହେବା ଆଶା କରାଯାଉଛି। ଏହାବ୍ୟତୀତ ଶୁକ୍ରବାର ଚନ୍ଦକା ନେଚର ୱାକ୍, ହେରିଟେଜ୍ ସାଇକେଲ ଟୁର୍, ଜୈନ ୱାକ୍‌ସ ଓ ନନ୍ଦନକାନନ ନେଚର ୱାକ୍ ଆୟୋଜନ ହେବ।



'ଭି ଡ୍ୟାନ୍ସ କମ୍ପାନୀ' କଳାକାରଙ୍କ ନୃତ୍ୟ ପରିବେଷଣ।

## ଫେଷ୍ଟ ବୁଲିଲେ ୨୫୦ ଏସ୍‌ସି, ଏସ୍‌ଟି ହଷ୍ଟେଲ ଅନ୍ତେବାସୀ

ବିଡିଏ, ବିଏମ୍‌ସି ଏବଂ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଆୟୋଜିତ 'ଡଟ୍ ଫେଷ୍ଟ'କୁ ଗୁରୁବାର ଭୁବନେଶ୍ୱର ଏସ୍‌ସି, ଏସ୍‌ଟି ହଷ୍ଟେଲର ୨୫୦ଜଣ ଅନ୍ତେବାସୀ ବୁଲିବାକୁ ଆସିଥିଲେ। ଆୟୋଜକଙ୍କ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ଭାବେ ପିଲାମାନଙ୍କୁ ପ୍ରଦର୍ଶନୀ ପଡ଼ିଆକୁ ଅଣାଯାଇଥିଲା। ପ୍ରଥମେ ଇଣ୍ଟରନ୍ୟାଶନାଲ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲରେ ପିଲାମାନେ ଦେଶୀ, ବିଦେଶୀ ସୁସ୍ୱାଦୁ ଖାଦ୍ୟର ମଜାନେବା ପରେ ଡଟ୍ ଫେଷ୍ଟ ମଞ୍ଚ ନିକଟକୁ ଯାଇ ସନ୍ଧ୍ୟାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଭି ଡ୍ୟାନ୍ସ କମ୍ପାନୀର ନୃତ୍ୟ ପିଲାମାନଙ୍କୁ ବେଶ୍ ପ୍ରଭାବିତ କରିଥିବା ବେଳେ ସମସ୍ତେ ଖୁସି ମନରେ ହଷ୍ଟେଲକୁ ଫେରିଥିଲେ। ସହରର ସବୁବର୍ଗର ଲୋକ ଯେପରି ଏହି ମେଗା ସିଟି ଫେଷ୍ଟିଭାଲକୁ ଉପଭୋଗ କରିପାରିବେ, ତାହାକୁ ଦୃଷ୍ଟିରେ ରଖି ଆୟୋଜକଙ୍କ ପକ୍ଷରୁ ପ୍ରତିଦିନ ଭିନ୍ନ ଭିନ୍ନ ବର୍ଗର ଲୋକଙ୍କୁ ମାଗଣାରେ ଫେଷ୍ଟ ବୁଲିବାର ସୁଯୋଗ ଦିଆଯାଉଛି।



ଡଟ୍ ଫେଷ୍ଟର ତ୍ରୟୋଦଶତମ ସନ୍ଧ୍ୟାରେ 'ଭି ଡ୍ୟାନ୍ସ କମ୍ପାନୀ' କଳାକାର ନୃତ୍ୟ ପରିବେଷଣ କରୁଛନ୍ତି।

▲ ଅଙ୍କୁର ତିୱାରୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଇଚ୍ଛାବତୀଙ୍କ ଜୀବନାଦର୍ଶ ପ୍ରେରଣାର ଉତ୍ସ

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା**




ଡ. ବିଜୟାନନ୍ଦ ସିଂଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

କଟକ ଅଫିସ, ୧୩।୧୨

ସମାଜସେବୀ ସ୍ୱର୍ଗତ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ କଏରାପାରୀ ବାସଭବନ ଓ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହରେ ଗୁରୁବାର ପାଳିତ ହୋଇଛି। 'ଧନେଶ୍ୱର ରଥ ଫାଉଣ୍ଡେଶନ' ପକ୍ଷରୁ ଆୟୋଜିତ ସମାରୋହରେ ଇଂ. ଲଳିତମୋହନ ମିଶ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା 'ଉତ୍କଳ ସାହିତ୍ୟ ସମାଜ'ର ସଭାପତି ଡ. ବିଜୟାନନ୍ଦ ସିଂ ଯୋଗଦେଇ ଇଚ୍ଛାବତୀ ରଥଙ୍କ ସ୍ମୃତିଚାରଣ କରି କହିଲେ, କେହି ପିତାମାତାଙ୍କ ଋଣ ପରିଶୋଧ କରିପାରନ୍ତି ନାହିଁ। ସନ୍ତାନଙ୍କ ସଫଳତା ହିଁ ପିତାମାତାଙ୍କୁ ପରମ ସୁଖୀ କରାଇଥାଏ। ମୁଖ୍ୟବକ୍ତା ଆନ୍ତର୍ଜାତିକ ଅଶୋଭନୀତା ନିରୋଧ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀ ନାରୀ ସଶକ୍ତୀକରଣ ଉପରେ କହିଥିଲେ। ସମ୍ମାନିତ ଅତିଥି 'ଡ୍ରିମ୍‌ସ'ର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଇଚ୍ଛାବତୀଙ୍କ ଜୀବନାଦର୍ଶ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। 'ଡ୍ରିମ୍‌ସ'ର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ଇଚ୍ଛାବତୀ ରଥଙ୍କ ପୁତ୍ର ପ୍ରମୋଦ ଚନ୍ଦ୍ର ରଥ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଫାଉଣ୍ଡେଶନ ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାରୋହରେ ପ୍ରଶାସକ ଅଖିଳ କୁମାର ମହାପାତ୍ର, ଶିକ୍ଷାବିତ୍ ଡ. ରୁଦ୍ରନାରାୟଣ ମିଶ୍ର, ଡ. ରାଜେନ୍ଦ୍ର କୁମାର ଦାସ, ଡ. ସ୍ନିଗ୍ଧମଧୁସୂଦନ ଦାସ, ପ୍ରଫେସର ଅନସୂୟା ପଟ୍ଟନାୟକ, ଇଂ. ତପସ୍ୱିନୀ ସାହୁ, ଦିଲୀପ କୁମାର ମଲ୍ଲିକ, ପ୍ରଶାନ୍ତ କୁମାର ନାୟକ, ଆଶିଷ କୁମାର ସ୍ୱାଇଁ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। କଏରାପାରୀ ବାସଭବନରେ ଗୀତାପାରାୟଣ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଜଗମୋହନ ରଥ, ସୁବ୍ରତ କୁମାର ରଥ, ଇଂ ଦୁର୍ଗାପ୍ରସାଦ ରଥ ପ୍ରମୁଖ ପରିଚାଳନା କରିଥିଲେ।

# ଶ୍ରୀଭୂମି ସଂସ୍ଥା ମୁଖ୍ୟଙ୍କୁ ହାଇକୋର୍ଟରୁ ଜାମିନ

## ପୂର୍ବରୁ ୭ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିଲେ ସ୍ୱତନ୍ତ୍ର ଅଦାଲତ

**କଟକ ଅଫିସ, ୧୩।୧୨:** ଚିଟ୍‌ଫଣ୍ଡ ସଂସ୍ଥା ଶ୍ରୀ ଭୂମି କନଷ୍ଟ୍ରକଶନ ଲିମିଟେଡ୍‌ର ମୁଖ୍ୟ ଶୁଭ୍ରାଂଶୁ ସିଂଙ୍କୁ ହାଇକୋର୍ଟରୁ ଗୁରୁବାର ଜାମିନ ମିଳିଛି। ପୂର୍ବରୁ ସ୍ୱତନ୍ତ୍ର ଅଦାଲତ ସିଂଙ୍କୁ ୭ବର୍ଷ ଜେଲ୍ ଓ ୧ ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଥିଲେ। ତେବେ ସ୍ୱତନ୍ତ୍ର କୋର୍ଟଙ୍କ ଜରିମାନା ଆଦେଶ ଉପରେ ମଧ୍ୟ ହାଇକୋର୍ଟ ରହିତାଦେଶ ଲଗାଇଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ମାମଲାର ଶୁଣାଣି କରି ଉପରୋକ୍ତ ଆଦେଶ ଦେଇଛନ୍ତି। ସୂଚନା ଥାଉକି, ଶ୍ରୀ ଭୂମି କନଷ୍ଟ୍ରକଶନ ସଂସ୍ଥା ପକ୍ଷରୁ ଲୋକଙ୍କୁ ଜମି ଯୋଗାଇ ଦେବା ନାଁରେ ୫ କୋଟି ଟଙ୍କା ଠକି ନିଆଯାଇଥିଲା। ଠକାମିର ଶିକାର ଲୋକଙ୍କ ଅଭିଯୋଗକ୍ରମେ ୨୦୧୫ରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ସଂସ୍ଥାର ମୁଖ୍ୟ ଶୁଭ୍ରାଂଶୁଙ୍କୁ ଗିରଫ କରିଥିଲା। ପରେ ସ୍ୱତନ୍ତ୍ର କୋର୍ଟ ସିଂଙ୍କ ବିରୋଧରେ ଦଣ୍ଡବିଧାନ କରିଥିଲେ। ଏହା ବିରୋଧରେ ସିଂ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିଂଙ୍କ ପକ୍ଷରୁ ଆଇନଜୀବୀ ଅଭିଜିତ ମିଶ୍ର ମାମଲା ପରିଚାଳନା କରୁଥିଲେ।

## ମାଛଧରା କଟକଣାକୁ ପୂରୁଛି ଦେଢ଼ମାସ

# ମଲେଣି ୧୨୫ ଅଲିଭ ରିଡ୍‌ଲେ

- ନିଷିଦ୍ଧାଞ୍ଚଳରେ ଫିସିଂ ବେଳେ ଟ୍ରଲର ଜବତ
- ୯ ଜଣଙ୍କୁ ଧରି ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କଲା ବନ ବିଭାଗ

ପୁରୀ ଅଫିସ,୧୩।୧୨

ନଭେମ୍ବର ମାସରୁ ଲକ୍ଷାଧିକ ସଂଖ୍ୟାରେ ଅଲିଭ ରିଡ୍‌ଲେ କଇଁଛ ଅଣ୍ଡାଦାନ ପାଇଁ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରନ୍ତି। କୂଳଠାରୁ ୫ରୁ ୧୦ କିମି ମଧ୍ୟରେ ସେମାନଙ୍କର ମିଳନ ହୁଏ। ତେଣୁ ଓଡ଼ିଶା ମୁହାଁ ହେଉଥିବା ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଇତିମଧ୍ୟରେ ଏହି କଟକଣା ଦେଢ଼ ମାସ ପୂରିବାକୁ ଯାଉଛି। ହେଲେ ଟ୍ରଲର ମାଡ଼ରେ ଏବଂ ଜାଲରେ ପଡି ଏହି ସମୟ ମଧ୍ୟରେ ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଞ୍ଚଳରେ ୧୨୫ କଇଁଛଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି। ଅନ୍ୟପକ୍ଷରେ ବୁଧବାର ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ବେଳେ ଗୋଟିଏ ଟ୍ରଲରକୁ ଜବତ କରିଛି ବନ ବିଭାଗ।

ସୂଚନା ଅନୁଯାୟୀ, ଅରଖକୁଦାଠାରୁ ଦେବୀ ମୁହାଣ ପ୍ରାୟ ୮୦ କିମି ବ୍ୟାପ୍ତ ବେଳାଭୂମି ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ରହିଛି। ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ଦେବୀ ମୁହାଣଠାରୁ କେଲୁଣୀ ମୁହାଣ ୨୧ କିମି ଅଞ୍ଚଳରେ ଉପକୂଳଠାରୁ ସମୁଦ୍ର ମଧ୍ୟକୁ ୨୦କିମି ପର୍ଯ୍ୟନ୍ତ ଅଞ୍ଚଳରେ ଟ୍ରଲର ଚଳଚାଳକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହାବାଦ ଅନ୍ୟାନ୍ୟ ଅଞ୍ଚଳରେ ଉପକୂଳଠାରୁ ୫ କିମି ମଧ୍ୟରେ ଟ୍ରଲର ଚଳାଚଳ ନିଷେଧ ରହିଛି। କିନ୍ତୁ ଏହି ନୋ ଫିସିଙ୍ଗ ଜୋନରେ ଅଧିକାଂଶ ସମୟ ଚକ୍କର କାଟୁଥିବା ଟ୍ରଲରଗୁଡ଼ିକ ଅଲିଭ ରିଡ୍‌ଲେଙ୍କ ମୃତ୍ୟୁର କାରଣ ସାଜୁଛନ୍ତି।

ପୁରୀ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ ରବୀନ୍ଦ୍ର କୁମାର ମହାପାତ୍ରଙ୍କ ସୂଚନା ମୁତାବକ, ପୁରୀ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ସମୁଦ୍ର ବେଳାଭୂମିରେ ୧୩ଟି କଇଁଛ ସୁରକ୍ଷା କ୍ୟାମ୍ପ କରାଯାଇଛି। ୧୨ଟି ବେଳାଭୂମିରେ (ଅନ୍ ସୋର କ୍ୟାମ୍ପ) ହୋଇଥିବା ବେଳେ ଗୋଟିଏ ସମୁଦ୍ର ମଧ୍ୟରେ ପାଟ୍ରୋଲିଂ (ଅଫ୍ ସୋର କ୍ୟାମ୍ପ) କରାଯାଇଛି। ଅସ୍ତରଙ୍ଗ ଅଞ୍ଚଳରେ ଅର୍ଥାତ୍ ଦେବୀ ମୁହାଣଠାରୁ କେଲୁଣୀ ମୁହାଣ ମଧ୍ୟରେ ନିୟମିତ ପାଟ୍ରୋଲିଂ କରାଯାଉଛି। ଯେହେତୁ ଏଠାକୁ ଅଧିକ ସଂଖ୍ୟକ ଅଲିଭ ରିଡ୍‌ଲେ ଆସିଥାନ୍ତି ସେଥିପାଇଁ ଏହି ଅଞ୍ଚଳ ଉପରେ ଅଧିକ ଫୋକସ ରହିଛି। ବୁଧବାର ଅସ୍ତରଙ୍ଗ ସମୁଦ୍ର ନୋ ଫିସିଙ୍ଗ ଅଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ପାରାଦୀପର ଏକ ଟ୍ରଲରକୁ ପାଟ୍ରୋଲିଂ ଟିମ୍ ଜବତ କରିଛି। ଗୁରୁବାର ଏଥିରେ ଥିବା ୯ ମତ୍ସ୍ୟଜୀବୀ, ଜାଲ, ମାଛ ଏବଂ ଟ୍ରଲରକୁ ବନ ବିଭାଗ ନୂଆଗଡ଼ ଜେଟିଠାରେ ଓମ୍ପା ଆକ୍ଟ ଅନୁଯାୟୀ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିଛି।

ଅନ୍ୟପକ୍ଷରେ ପୁରୀ ବନ୍ୟପ୍ରାଣୀ ବିଭାଗର ତଥ୍ୟ ଅନୁଯାୟୀ, ଚଳିତବର୍ଷ ନଭେମ୍ବର ୧ରୁ ଡିସେମ୍ବର ୧୩ ମଧ୍ୟରେ ୧୨୫ କଇଁଛଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁରୀ ବନ୍ୟପ୍ରାଣୀ ଡିଭିଜନର ସହକାରୀ ବନ ସଂରକ୍ଷକ କୁହନ୍ତି, କଇଁଛ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଭାବେ ଦୃଷ୍ଟି ରଖାଯାଇଛି। ବିଶେଷକରି ଦେବୀନାସୀଠାରୁ କେଲୁଣୀ ମୁହାଣ ପର୍ଯ୍ୟନ୍ତ ଅଞ୍ଚଳରେ ସାମୁଦ୍ରିକ ପାଟ୍ରୋଲିଂକୁ ଜୋର୍‌ଦାର କରାଯାଉଛି। ବେଳେ ବେଳେ ଚନ୍ଦ୍ରଭାଗା ଏବଂ ପୁରୀ ସମୁଦ୍ରରେ ମଧ୍ୟ ପାଟ୍ରୋଲିଂ ହେଉଛି। ଆଗକୁ ଏହି ପାଟ୍ରୋଲିଂକୁ ଆହୁରି କଡ଼ାକଡି କରାଯିବ।

# ସାଇକେଲରେ ବୁଲି ପ୍ରକୃତିର ମଜାନେଲେ ପର୍ଯ୍ୟଟକ

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ହେରିଟେଜ୍ ସାଇକେଲ ଟୁର୍ ପରେ ଏବେ ନନ୍ଦନକାନନ ସାଇକେଲ ଟ୍ରେଲ୍ ତଥା ନେଚର ସାଇକେଲ ଟ୍ରେଲ୍ ଭଳି ଆଉ ଏକ ନୂଆ କନ୍‌ସେପ୍ଟ ନେଇଆସିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)। ବିଡିଏ ପକ୍ଷରୁ ପ୍ଲେବୁକ୍ କନ୍‌ସଲଟାନ୍ସି ସହାୟତାରେ ଆରମ୍ଭ ହୋଇଛି ନନ୍ଦନକାନନ ସାଇକେଲ ଟ୍ରେଲ୍। ଗୁରୁବାର ନନ୍ଦନକାନନ ମଧ୍ୟରେ ଆୟୋଜିତ ଏହି ସାଇକେଲ ଟ୍ରେଲ୍ ନନ୍ଦନକାନନ ମୁଖ୍ୟ ଗେଟ୍‌ରୁ ଆରମ୍ଭ ହୋଇ ଗ୍ଲାସ୍ ହାଉସ୍‌ରେ ଶେଷ ହୋଇଥିଲା। ଅପରାହ୍ନ ୩ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ ପ୍ରାୟ ଦୁଇଘଣ୍ଟା ଧରି ଚାଲିଥିବା ଏହି ଟ୍ରେଲ୍‌ରେ ବହୁ ସାଇକେଲ ଆରୋହୀ ଅଂଶଗ୍ରହଣ କରିଥିଲେ।

ସ୍ମାର୍ଟ ସିଟିରେ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ଏବଂ ପ୍ରକୃତିର ସୁରକ୍ଷା ପାଇଁ ବିଡିଏ ପକ୍ଷରୁ ଆୟୋଜିତ ଏହି ଅଭିନବ କାର୍ଯ୍ୟକ୍ରମରେ ସାଇକେଲ ଆରୋହୀମାନେ ନନ୍ଦନକାନନର ଅପରୂପ ପ୍ରକୃତିକୁ ଅତି ନିକଟରୁ ଉପଭୋଗ କରିଥିଲେ। ଗୋଲାପ ଉଦ୍ୟାନରେ ୫୫ଟି ଭିନ୍ନ ପ୍ରଜାତିର ଗୋଲାପ ସହ ମୋଟ ୧୨୦୦ ପ୍ରକାରର ବୃକ୍ଷ ଦେଖିଥିଲେ। ବଟାନିକାଲ୍ ଗାର୍ଡେନରେ ବୁଲିବା ବେଳେ ଶୀତ ଋତୁରେ ଫୁଟିଥିବା ଫୁଲ ଦେଖିବାର ସୁଯୋଗ ପାଇଥିଲେ। ଏହି ଅବସରରେ ପାର୍କର ଇତିହାସ ଓ ବିବିଧତା ବିଷୟରେ ରାଜ୍ୟ ବଟାନିକାଲ୍ ଗାର୍ଡେନର ସହକାରୀ ବନ ସଂରକ୍ଷକ ଗିରିଶ ଶତପଥୀ ବର୍ଣ୍ଣନା କରିଥିଲେ। ୭୫ ହେକ୍ଟର ଜମିରେ ପରିବ୍ୟାପ୍ତ ବଟାନିକାଲ୍ ଗାର୍ଡେନରେ ୨୪ଟି ଭିନ୍ନ ପ୍ରକାରର ସାଟେଲାଇଟ୍ ଗାର୍ଡେନ ଓ ପାର୍କ ରହିଛି। ଏହାସହ ପ୍ରାକୃତିକ ବନସ୍ପତି ଓ ଘାସର ଉଦ୍ୟାନ ରହିଛି। ଏହାମଧ୍ୟରେ ଥିବା ପ୍ରଜାପତି ପାର୍କରେ ୬୪୦୦ଟି ଗଛ ଏବଂ ୮୧ ଭିନ୍ନ ପ୍ରଜାତିର ପ୍ରଜାପତି ରହିଥିବା ଶତପଥୀ କହିଥିଲେ। ଏହାବ୍ୟତୀତ ଆରୋହୀଙ୍କ ପାଇଁ ଗ୍ଲାସ୍ ହାଉସ୍ ଅନ୍ୟତମ ଆକର୍ଷଣ ଥିଲା। ୨୦୧୩ ବର୍ଗଫୁଟ ପରିମିତ ଏହି ଅଞ୍ଚଳରେ ବୁଲିବା ସମୟରେ ବହୁ ସୁବାସିତ ବୃକ୍ଷ ଦେଖିବାର ସୁଯୋଗ ମିଳିଥିଲା। ସେହିଭଳି କାର୍ନିଭରସ୍ ଗାର୍ଡେନ, କାକ୍‌ଟସ ଗାର୍ଡେନ ମଧ୍ୟ ଟ୍ରେଲ୍‌ର ଅନ୍ୟତମ ଆକର୍ଷଣ ରହିଥିଲା।



**ନନ୍ଦନକାନନ ସାଇକେଲ ଟ୍ରେଲ୍**

## ନାଟମଣ୍ଡପ ମରାମତି ପାଇଁ ଆଜି ଭାରା ବନ୍ଧା ଯିବ

# ଲାଗିବ ଷ୍ଟ୍ରକ୍‌ଚରାଲ ହେଲ୍‌ଥ ମନିଟରିଂ ସିଷ୍ଟମ

ପୁରୀ ଅଫିସ,୧୩।୧୨

ନାଟମଣ୍ଡପର ବିଭିନ୍ନ ସ୍ଥାନ ଦୁର୍ବଳ ରହିଥିବାବେଳେ ମୁଖ୍ୟ ବିମ୍ (ଗରୁଡ଼ ସ୍ତମ୍ଭ ସମ୍ମୁଖ)ରେ ଫାଟ ସୃଷ୍ଟି ହୋଇଛି। ଏହାର ମରାମତି ପାଇଁ ଶୁକ୍ରବାରଠାରୁ ଭାରା ବନ୍ଧା ଯିବ। ଭାରା ବନ୍ଧା ଯିବା ପରେ କାମ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଶ୍ରୀମନ୍ଦିରର ସୁରକ୍ଷା ପାଇଁ ପ୍ରୟୋଗ କରାଯିବ ଢାଞ୍ଚାଗତ ସ୍ୱାସ୍ଥ୍ୟ ଅନୁଧ୍ୟାନ ବ୍ୟବସ୍ଥା (ଷ୍ଟ୍ରକ୍‌ଚରାଲ ହେଲ୍‌ଥ ମନିଟରିଂ ସିଷ୍ଟମ)। ଫାଟ ସୃଷ୍ଟି ହୋଇଥିବା ବିମ୍ ଏବଂ କଲମରେ କ୍ରାକ୍ ମିଟର, ଟିଲ୍‌ଟି ମିଟର ଆଦି ଲଗାଇଦେଲେ ଷ୍ଟ୍ରକ୍‌ଚରାଲ ହେଲ୍‌ଥ ମନିଟରିଂ ସିଷ୍ଟମରେ ଏସବୁର ସ୍ଥିତି ଜଣାପଡ଼ିବ। ଏହାପରେ ତର୍ଜମା କରାଯାଇ ମରାମତି ହେବ ବୋଲି ଜଣାପଡ଼ିଛି। ମାଡ୍ରାସ ଆଇଆଇଟି ତତ୍ତ୍ୱାବଧାନରେ ଲକ୍ଷ୍ନୌର ଏଡୁରାଇଟ୍ କମ୍ପାନୀ ଏହି ସିଷ୍ଟମ ଲଗାଇବ। ଏଥିସହିତ ଏହି ମୁଖ୍ୟ ବିମ୍‌ରେ ନୂତନ ଡିଜାଇନର ଏକ ସପୋର୍ଟ ମଧ୍ୟ ଦିଆଯିବ। ଦିନେ ଦୁଇଦିନ ମଧ୍ୟରେ ନାଟମଣ୍ଡପର ଛାତ ମରାମତି କରାଯିବ। ଖଡ୍ଗପୁର ଆଇଆଇଟି ପରାମର୍ଶରେ ଫସରକ୍ କମ୍ପାନୀ ଛାତ ମରାମତି କରିବ। ଛାତରୁ ଯେପରି ପାଣି ନ ଗଳିବ ସେଥିପାଇଁ ରାସାୟନିକ ପ୍ରଲେପ ଦିଆଯିବ।



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



ଦ୍ୱାଦଶ ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା

# ବଛାହେଲେ ରାଜ୍ୟର ୨୦ କୁନି ଜ୍ୟୋତିର୍ବିଜ୍ଞାନୀ




ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ଅତିଥିଙ୍କ ସହ କୁନି ବୈଜ୍ଞାନିକମାନେ।

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ରାଜ୍ୟର ଶ୍ରେଷ୍ଠ ବିବେଚିତ ୨୦ଜଣ କୁନି ତଥା ଯୁବ ଜ୍ୟୋତିର୍ବିଜ୍ଞାନୀଙ୍କୁ ପୁରସ୍କୃତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଟାଟା ଷ୍ଟିଲ୍ ଓ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ମିଳିତ ଉଦ୍ୟମରେ ଆୟୋଜିତ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ୨୦୧୮-୧୯ ପ୍ରତିଯୋଗିତାର ବିଜେତାଙ୍କୁ ମୁଖ୍ୟମନ୍ତ୍ରୀ ଗୁରୁବାର ପ୍ଲାନେଟାରିୟମ୍ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ପ୍ରଦାନ କରିଛନ୍ତି। ଓଡ଼ିଶାରୁ ଶ୍ରେଷ୍ଠ ୨୦ ଯୁବ ମହାକାଶ ବିଜ୍ଞାନୀ ଚୟନ ପାଇଁ ଗତ ୪ ମାସ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ୩୦ ଜିଲାର ୩୦୦ ବିଦ୍ୟାଳୟରୁ ୬୩,୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଗତବର୍ଷ ଏଥିରେ ୩୨,୦୦୦ ପ୍ରତିଯୋଗୀଙ୍କୁ ଦେଖିବାକୁ ମିଳିଥିବା ବେଳେ ଚଳିତବର୍ଷ ଏହାର ଦୁଇଗୁଣା ଅଧିକ ପ୍ରତିଯୋଗୀ ଭାଗନେଇଥିଲେ, ଯାହାକି ୧୨ବର୍ଷର ଇତିହାସରେ ପ୍ରଥମ ଥିଲା।

ଚଳିତବର୍ଷ ପ୍ରତିଯୋଗିତାର ଥିମ୍ 'ଇମାଜିନ୍ ସ୍ପେସ୍ ଏକ୍ସପ୍ଲୋରେଶନ, ୫୦ ଇୟର୍ସ ଫ୍ରମ୍ ନାଓ' ଥିବାବେଳେ ଏଥିରେ ପିଲାଙ୍କ ପାଇଁ କୁଇଜ୍ ଏବଂ ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରୁ ଶ୍ରେଷ୍ଠ ବିବେଚିତ ୨୦ ପ୍ରତିଯୋଗୀଙ୍କୁ ଆଗାମୀ ଦିନରେ ମହାକାଶ ଗବେଷଣା କେନ୍ଦ୍ର(ଇସ୍ରୋ)ର ଯେକୌଣସି ଗବେଷଣା ସଂସ୍ଥାକୁ ପରିଦର୍ଶନରେ ନିଆଯିବ।

## ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

ଚଳିତବର୍ଷ ଦ୍ୱାଦଶ ସଂସ୍କରଣରେ ପଦାର୍ପଣ କରିଥିବା ଏହି ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଦେଶର ଦୁଇ ପ୍ରମୁଖ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁଣେସ୍ଥିତ ଇଣ୍ଟର ୟୁନିଭର୍ସିଟି ସେଣ୍ଟର ଫର୍ ଆଷ୍ଟ୍ରୋନୋମୀ ଆଣ୍ଡ୍ ଆଷ୍ଟ୍ରୋଫିଜିକ୍ସର ବରିଷ୍ଠ ପ୍ରଫେସର ତରୁଣ ସୌରାଦୀପ ଏବଂ ମୁମ୍ବାଇସ୍ଥିତ ର୍‌ୟାଡ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡ. ଆନନ୍ଦ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପଠାଣି ସାମନ୍ତ ପ୍ଲାନେଟାରିୟମ୍ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ସାହୁ, ଟାଟା ଷ୍ଟିଲ୍ କର୍ପୋରେଟ୍ ସର୍ଭିସେସ୍‌ର ଭାଇସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ, ଟାଟା ଷ୍ଟିଲ୍ ର' ମ୍ୟାଟେରିଆଲ୍‌ସର ଭାଇସ୍ ପ୍ରେସିଡେଣ୍ଟ ଅରୁଣ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅରୁଣ ମିଶ୍ର କହିଥିଲେ, ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆମ ଭବିଷ୍ୟତକୁ ତିଆରି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାକୁ ଅଧିକ ଉପଯୋଗୀ କରିବାକୁ ଆମେ ଏଥିରେ ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ କାମ କରୁଥିବା ଗବେଷକ, ବିଶେଷଜ୍ଞ ଏବଂ କେତେକ ଗ୍ରୁପ୍ ସହ ହାତ ମିଳାଇବାକୁ ନିଷ୍ପତ୍ତି ନେଇଛୁ। ଏହାସହ ମହାକାଶ ବିଜ୍ଞାନ ଓ ମହାକାଶ ଗବେଷଣା କ୍ଷେତ୍ରରେ କିଭଳି ଓଡ଼ିଶାରୁ ଅଧିକରୁ ଅଧିକ ପ୍ରତିଭା ଚିହ୍ନଟ ହୋଇପାରିବେ, ତାହା ଉପରେ ଗୁରୁତ୍ୱାରୋପ କରୁଛୁ। ସେହିପରି ଏହି କାର୍ଯ୍ୟକ୍ରମ ପିଲାମାନଙ୍କ ମଧ୍ୟରେ ଭାବନା ଓ କଳ୍ପନାର ପରିପ୍ରକାଶ ସହିତ ଜ୍ଞାନ ବାଣ୍ଟିବାର ସୁଯୋଗ ପ୍ରଦାନ କରୁଛି ବୋଲି ଚାଣକ୍ୟ ଚୌଧୁରୀ ଏହି ଅବସରରେ କହିଥିଲେ।

# ହେଲ୍‌ମେଟ ବ୍ୟବହାର ପାଇଁ ସଚେତନ କରୁଛନ୍ତି ପୂଜା

- ଟିମ୍ ସହ ପରିବହନ କମିଶନରଙ୍କୁ ଭେଟିଲେ
- ସରକାରୀ ସ୍ତରରେ ସଚେତନତା ବୃଦ୍ଧି ପାଇଁ ପ୍ରସ୍ତାବ ଦେଲେ

କଟକ ଅଫିସ,୧୩।୧୨




ପୂଜା ଯାଦବଙ୍କୁ ବିଧାୟକ ପ୍ରଭାତ ବିଶ୍ୱାଳ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

ବିନା ହେଲ୍‌ମେଟରେ ଯାତ୍ରା ବିପଜ୍ଜନକ। ନିୟମକୁ କଡାକଡି ପାଳନ କରାଯାଉ ନ ଥିବାରୁ ଦୁର୍ଘଟଣାରେ ଅନେକ ଜୀବନ ଯାଉଛି। କର୍ମକ୍ଷେତ୍ରକୁ ଗାଡ଼ିରେ ବିନା ହେଲମେଟ୍‌ରେ ଯାଉଥିବା ମହିଳାଙ୍କୁ ପୋଲିସ ରାସ୍ତାରେ ଅଟକାଇଲେ ସୁଦ୍ଧା ବେଳେବେଳେ ସେମାନଙ୍କ ପ୍ରତି କୋହଳ ମନୋଭାବ ଦେଖାଉଛି। ତେଣୁ ହେଲ୍‌ମେଟ ବ୍ୟବହାର ନେଇ ମହିଳାମାନଙ୍କୁ ସଚେତନ କରାଇବା ପାଇଁ ବୁଲେଟରେ ଭାରତ ଭ୍ରମଣରେ ଅଛନ୍ତି ମଥୁରାର ଯୁବତୀ ପୂଜା ଯାଦବ। ନଭେମ୍ବର ୨୦ରୁ ନଏଡାରୁ ଯାତ୍ରା ଶୁଭାରମ୍ଭ କରିଥିବା ପୂଜା ଏଯାବତ୍ ୭ଟି ରାଜ୍ୟ ବୁଲିସାରି ଗୁରୁବାର କଟକରେ ପହଞ୍ଚିଛନ୍ତି। ପୂଜାଙ୍କୁ ମଧୁପାଟଣା ଟ୍ରାଫିକ ହେଡ୍‌କ୍ୱାର୍ଟରଠାରେ ଫୋରମ ଫର୍ ପ୍ରିଭେନଶନ ଅଫ୍ ରୋଡ୍ ଆକ୍ସିଡେଣ୍ଟ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଉକ୍ତ ଅନୁଷ୍ଠାନ ପକ୍ଷରୁ ବିକାଶ ମହାପାତ୍ର, କଟକ ଚୌଦ୍ୱାର ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ସମେତ ବହୁ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର ଉପସ୍ଥିତ ଥିଲେ। ଏହି ସମୟରେ ଉକ୍ତ ବାଟ ଦେଇ ବିନା ହେଲ୍‌ମେଟରେ ଯାତାୟାତ କରୁଥିବା ମହିଳା ଓ ଯୁବତୀଙ୍କୁ ପୂଜା ସଚେତନ କରାଇଥିଲେ। ପୂଜାଙ୍କ କହିବାନୁଯାୟୀ, ବାଇକ ରାଇଡ୍ ଉଇଥ୍ ହେଲମେଟ୍ କ୍ୟାମ୍ପେନ ପାଇଁ କାମ କରୁଥିବା ୧୨ବର୍ଷର ପୁରୁଣା ସଂସ୍ଥା ଟ୍ରାକ୍ସ ପକ୍ଷରୁ ତାଙ୍କୁ ଏହି ଭାରତ ଭ୍ରମଣ ଅଭିଯାନ ପାଇଁ ସମର୍ଥନ ଓ ସହଯୋଗ ମିଳିଛି। ଏଥିସହିତ ପୂଜା ଓ ଫୋରମ ଫର୍ ପ୍ରିଭେନଶନ ଅଫ୍ ରୋଡ୍ ଆକ୍ସିଡେଣ୍ଟ ପକ୍ଷରୁ ଏକ ଟିମ୍ ମିଳିତ ଭାବେ ରାଜ୍ୟ ପରିବହନ କମିଶନର ସଞ୍ଜୀବ ପଣ୍ଡାଙ୍କୁ କଟକସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଭେଟି ହେଲ୍‌ମେଟ ବ୍ୟବହାର ନେଇ କିଭଳି ସରକାରୀ ସ୍ତରରେ ଆହୁରି ସଚେତନତା ବୃଦ୍ଧି କରାଯାଇପାରିବ ସେ ବିଷୟରେ ଆଲୋଚନା ମଧ୍ୟ କରିଛନ୍ତି।

# ହକିକୁ ନେଇ ଅଣ୍ଡର ୱାଟର ଭିଡିଓ ସଙ୍ଗ୍

ୟୁଟ୍ୟୁବ୍‌ରେ ରିଲିଜ୍ ହେଲା ଓଲି ଆୟାରେ...



କଟକ ଅଫିସ,୧୩।୧୨

ଓଡିଶାରେ ହକି ବିଶ୍ୱକପ୍‌କୁ ପ୍ରମୋଟ କରିବା ପାଇଁ ପାଣି ଭିତରେ ପ୍ରସ୍ତୁତ ହେଲା ଭିଡିଓ ସଙ୍ଗ। ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସ୍କୁବା ଡାଇଭର ସବୀର ବକ୍ସ ଏବଂ ତାଙ୍କ ଟିମ୍ ୨୦ ଦିନ ମଧ୍ୟରେ ଏଭଳି ଏକ ଭିଡିଓ ସଙ୍ଗ ପ୍ରସ୍ତୁତ କରିଛନ୍ତି। ଗୁରୁବାର ୟୁଟ୍ୟୁବ୍‌ରେ ରିଲିଜ ହୋଇଥିବା ଏହି ଭିଡିଓ ସଙ୍ଗ୍ ଆରମ୍ଭରୁ ଭଲ ଲାଇକ୍ ସାଉଣ୍ଟିଛି। ଓଲି ଆୟାରେ... ଗୀତରେ ପାଣି ଭିତରେ ଷ୍ଟଣ୍ଟ କରି ଦେଖାଇଛନ୍ତି ସ୍କୁବା ଡାଇଭର ସବୀରଙ୍କ ସହ ଛାତ୍ର ହ୍ୟାରି ରାଓ ଓ ସୁରଜ ବାହାଲ। ୨ ମିନିଟ ଅବଧି ବିଶିଷ୍ଟ ଏହି ଭିଡିଓ ସଙ୍ଗ୍‌ରେ ପୁରୀ ସମୁଦ୍ର, କଟକ ମହାନଦୀ ଏବଂ ରାଉରକେଲା ପାନପୋଷ ଛାତ୍ରାବାସର କିଛି ଦୃଶ୍ୟ ସ୍ଥାନ ପାଇଛି। ଏହି ଭିଡିଓଟି ପ୍ରସ୍ତୁତ କରିବାରେ ହାଇଦ୍ରାବାଦସ୍ଥିତ ଗୋ ରାଇଟ୍ ଆଡ୍‌ଭେଞ୍ଚର ରିସର୍ଟ କମ୍ପାନୀ ସହଯୋଗ କରିଥିବା ବେଳେ ରାଉରକେଲାର ପ୍ରଦୀପ ଗୁରୁୱାରା ମ୍ୟୁଜିକ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ପୂର୍ବରୁ ସବୀରଙ୍କ ଦ୍ୱାରା ୨୦୦୭ କ୍ରିକେଟ ବିଶ୍ୱକପ୍ ସମୟରେ ପ୍ରସ୍ତୁତ ଅଣ୍ଡର ୱାଟର ଭିଡିଓ ସଙ୍ଗ (ଚଲୋ ଚଲେ ହମ ଉସ୍ ପଥ ପର ଯୋ ପଥ ବିଜୟ ଦିଲାଏଗା) ଲିମ୍‌କା ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନ ପାଇସାରିଛି।

ଶ୍ରୀମନ୍ଦିରରେ ଘୋଡ଼ ଲାଗି ବେଶ ଆରମ୍ଭ

# ଦାରୁଦିଅଁ ପିନ୍ଧିଲେ ଶୀତବସ୍ତ୍ର

ପୁରୀ ଅଫିସ,୧୩।୧୨

ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରୀମନ୍ଦିରରେ ଭଉଣୀ ଭାଇଙ୍କ ସହ ଅବସ୍ଥାନ କରି ମାନବୀୟ ଲୀଳା କରୁଛନ୍ତି। ଏହି କ୍ରମରେ ଖରାଦିନେ ଗ୍ରୀଷ୍ମତାପରୁ ରକ୍ଷାପାଇବା ପାଇଁ ମହାପ୍ରଭୁ ଚନ୍ଦନ ଯାତ୍ରା କରିଥାନ୍ତି। ସେହିପରି ଶୀତଦିନେ ମଧ୍ୟ ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ସାଧାରଣ ମଣିଷଟିଏ ଭଳି ଶୀତବସ୍ତ୍ର ପରିଧାନ କରିଥାନ୍ତି। ମାର୍ଗଶିର ମାସରେ ଅଧିକ ଶୀତ ହୋଇଥାଏ। ତେଣୁ ଶୀତରୁ ରକ୍ଷା ପାଇବା ପାଇଁ ମାର୍ଗଶିର ଶୁକ୍ଳ ଷଷ୍ଠୀଠାରୁ ଶୀତବସ୍ତ୍ର ପରିଧାନ କରିଥାନ୍ତି। ଏହାକୁ ଶ୍ରୀମନ୍ଦିର ଭାଷାରେ ଘୋଡ଼ଲାଗି ବୋଲି କୁହାଯାଇଥାଏ।



ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘୋଡ଼ ଲାଗି ବେଶ ଅନୁଷ୍ଠିତ ହୋଇଛି। ସକାଳ ଧୂପ ବଢ଼ିବା ପରେ ଠାକୁରଙ୍କ ମଇଲମ କରାଯାଇଥିଲା। ଭୋଗମଣ୍ଡପ ଘରେ ବୁଧବାର ରାତିରେ ଅଧିବାସ ହୋଇଥିବା ଘୋଡ଼ ବସ୍ତ୍ରଗୁଡ଼ିକୁ ପଟୁଆରରେ ଶ୍ରୀମନ୍ଦିରକୁ ସାଢ଼େ ତିନି ଘେରା ଏବଂ ରତ୍ନସିଂହାସନକୁ ସାଢ଼େ ତିନିଘେରା ପ୍ରଦକ୍ଷିଣ କରାଇ ରତ୍ନସିଂହାସନରେ ବିଜେ କରାଯାଇଥିଲା। ପୁଷ୍ପାଳକ ସେବକମାନେ ତିନିଠାକୁରଙ୍କୁ ପାଗ ଓ ଘୋଡ଼ ଲାଗି କରିଥିଲେ। ଠାକୁରଙ୍କୁ ଏହି ଘୋଡ଼ରେ ସୂତାବସ୍ତ୍ର, ଖଣ୍ଡୁଆପାଟ, ଭେଲ୍‌ଭେଟ କପଡ଼ାର ବସ୍ତ୍ର, ଟୋପର, ମଫଲର ପ୍ରଭୃତି ଲାଗି କରାଯାଇଥିଲା। ଘୋଡ଼ଲାଗି ସରିବା ପରେ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ମଧ୍ୟ ଲାଗି କରାଯାଇଥିଲା।






ସତ୍ୟବାନ୍



ପିଙ୍କି



ରୁଦ୍ରମାଧବ



ଲିପୁନ୍



ଅଙ୍କିତା



ଚିରଞ୍ଜୟ



ଗୁରୁପ୍ରସାଦ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୪ ଡିସେମ୍ବର,୨୦୧୮



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ



## ସଂକ୍ଷେପରେ

### ଋଣ କରାଇଦେବା ଆଳରେ ଠକେଇ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ):** ଜଣେ ମହିଳାଙ୍କୁ ଋଣ କରାଇଦେବା ଆଳରେ ଠକେଇ ହୋଇଛି। ଠକେଇର ଶିକାର ହୋଇଛନ୍ତି ଆଇଗିଣିଆର ରଶ୍ମିତା ରାଜୁ। ଏ ନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ରଶ୍ମିତାଙ୍କୁ ଜଣେ ଯୁବକ ବ୍ୟାଙ୍କରୁ ବ୍ୟକ୍ତିଗତ ଋଣ କରାଇଦେବା ପାଇଁ କହିଥିଲେ। ଏଥିପାଇଁ ତାଙ୍କୁ ବ୍ୟାଙ୍କ୍ ପାସବୁକ୍, ବ୍ୟାଙ୍କ୍ ଚେକ୍ ଓ ଅନ୍ୟାନ୍ୟ ପ୍ରମାଣପତ୍ର ଆଣିବାକୁ କହିଥିଲେ। ଗୁରୁବାର ସକାଳେ ରଶ୍ମିତା ସମସ୍ତ କାଗଜପତ୍ର ଧରି ଖଣ୍ଡଗିରିରେ ଥିବା ଏକ ବ୍ୟାଙ୍କକୁ ଯାଇଥିଲେ। ସେଠାରେ ଉକ୍ତ ଯୁବକ ତାଙ୍କଠାରୁ ୬ଟି ଚେକ୍‌ରେ ଦସ୍ତଖତ କରାଇ ନେଇଥିଲେ। ରଶ୍ମିତାଙ୍କୁ ବସାଇ କାଉଣ୍ଟରରେ ଡିପୋଜିଟ୍ କରି ଆସୁଛି ବୋଲି କହି ଯାଇଥିଲେ। ମାତ୍ର ପରେ ଆଉ ଫେରି ନ ଥିଲେ। ରଶ୍ମିତାଙ୍କର ସନ୍ଦେହ ହେବାରୁ ସେ ବ୍ୟାଙ୍କକୁ ଯାଇ କର୍ମଚାରୀଙ୍କ ପଚାରିଥିଲେ। ଉକ୍ତ ଯୁବକ ତାଙ୍କ ଆକାଉଣ୍ଟରୁ ୨୨ ହଜାର ଟଙ୍କା ଉଠାଇ ନେଇଥିବା ସେ ଜାଣିବାକୁ ପାଇଥିଲେ।

### ବେଆଇନ ପାର୍କିଂରୁ ଦୁର୍ଘଟଣା: ଜଣେ ମୃତ, ୫ଗୁରୁତର

**କଟକରୋଡ,୧୩।୧୨(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ବେଆଇନ ପାର୍କିଂ ଯୋଗୁ ବୁଧବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଗୁରୁତର ହୋଇଛନ୍ତି। ମୃତକ ହେଲେ ଶହୀଦନଗର ଅଞ୍ଚଳର ସରସିଜକାନ୍ତ ମହାନ୍ତି ଏବଂ ଆହତଙ୍କ ପରିଚୟ ଜଣାପଡ଼ି ନାହିଁ। ପୋଲିସ ସୂଚନା ଅନୁଯାୟୀ, ରାତି ପ୍ରାୟ ୨ଟା ୩୦ସମୟରେ ରସୁଲଗଡରୁ ସରସିଜ ତାଙ୍କ ଅଟୋ ନଂଓଡି ୩୩ ଡି୫୭୧୮ରେ ପାଞ୍ଚ ଯାତ୍ରୀଙ୍କୁ ନେଇ କଳ୍ପନା ଛକକୁ ଆସୁଥିଲେ। ବୁଦ୍ଧେଶ୍ୱରୀ ମନ୍ଦିର ସମ୍ମୁଖରେ ଏକ ମାଲ ବୋଝେଇ ଟ୍ରକ ନଂ ଏନଏଲ ୦୨କେ ୫୩୫୩ ବେଆଇନ ପାର୍କିଂ କରିଥିବାରୁ ରାସ୍ତା ଅତି ସଙ୍କୁଚିତ ହେବା ସହ ଅନ୍ଧାର ହୋଇଥିଲା। ଫଳରେ ଅଟୋଚାଳକ ଜାଣି ନପାରି ଟ୍ରକ ପଛରେ ପିଟି ହୋଇଥିଲା। ଏଥିରେ ସରସିଜ ଗୁରୁତର ହୋଇଥିବାବେଳେ ଅଟୋରେ ଥିବା ସମସ୍ତ ଯାତ୍ରୀ ରାସ୍ତାକୁ ଛିଟିକି ପଡ଼ିଥିଲେ। ଖବରପାଇ ଲକ୍ଷ୍ମୀସାଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ଡାକ୍ତର ସରସିଜଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋ ଓ ଟ୍ରକକୁ ଜବତ କରିବା ସହ ଥାନାରେ ନଂ ୩୧୯/୧୮ରେ ଏକ ମାମଲା ରୁଜୁ କରିଛି। ଘଟଣାସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ଅଛି। ନିୟମିତ ରାତିରେ ସେହି ମନ୍ଦିର ନିକଟରେ ଅଧିକାଂଶ ଟ୍ରକ ରାସ୍ତା ଉପରେ ରହୁଥିବାରୁ ରାସ୍ତା ଅବରୋଧ ହେବା ସହ ଯାତାୟାତରେ ଲୋକଙ୍କୁ ଅସୁବିଧା ହେଉଛି। ତେଣୁ ଏଥିପ୍ରତି ପୋଲିସ ଓ ଟ୍ରାଫିକ ବିଭାଗ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

### ଚୋରି ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ):** ମୋବାଇଲ ଚୋରି ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମସ୍‌ଜିଦ କଲୋନୀ ଅଞ୍ଚଳରେ ରହୁଥିବା ଜଗତପୁର ଥାନା ସାତବାଟିଆର ଆରିଫ ଖାନ। ୟୁନିଟ-୩ ଅଞ୍ଚଳର ମିସ୍ତ୍ରି ଅଜୟ ମହାନ୍ତି ଖରବେଳନଗର ଅଞ୍ଚଳରେ ଏକ ରେଷ୍ଟୁରାଣ୍ଟରେ ରଙ୍ଗ କାମ କରୁଥିବାବେଳେ ଆରିଫ ତାଙ୍କ ମୋବାଇଲ ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଏକ ମାମଲା(୩୨୨/୧୮) ରୁଜୁ ହୋଇଥିଲା।

# ବୃଦ୍ଧାଙ୍କୁ ବନ୍ଧୁକ ଦେଖାଇ ଘରୁ ଲୁଟିଲେ

- ଗୋଡ଼ହାତ ବାନ୍ଧି ଫିଙ୍ଗି ଚାଲିଗଲେ
- ଚୋରି ଏଟିଏମ୍ କାର୍ଡରେ ଶପିଂ କରି ୨ ଧରାପଡ଼ିଲେ

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

ଶହୀଦନଗର ଥାନା ଅଧୀନ ଭିଏସ୍‌ଏସ୍‌ନଗର ଅଞ୍ଚଳରେ ଏକୁଟିଆ ରହୁଥିବା ଜଣେ ବୃଦ୍ଧାଙ୍କୁ ଟାର୍ଗେଟ କରି ଲୁଟ କରିଛନ୍ତି ଲୁଟେରା। ଗୁରୁବାର ସନ୍ଧ୍ୟାରେ ସେମାନେ ବୃଦ୍ଧାଙ୍କ ଘରେ ପଶି ବନ୍ଧୁକ ଦେଖାଇ ଲୁଟ୍ କରିବା ପରେ ତାଙ୍କ ଗୋଡ଼ହାତ ବାନ୍ଧି ଫେରାର ହୋଇଯାଇଥିଲେ। ବୃଦ୍ଧା ଜଣକ କୌଶଳକ୍ରମେ ମୁକୁଳି ତଳେ ଥିବା ଭଡାଟିଆଙ୍କୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଲୁଟେରାମାନେ ଚୋରି ଏଟିଏମ୍ କାର୍ଡ ଜରିଆରେ ଶପିଂ କରୁଥିବାବେଳେ ପୋଲିସ ଟ୍ରାକ୍ କରି ସେମାନଙ୍କୁ ଧରିଛି।

ସୂଚନା ମୁତାବକ, ଭିଏସ୍‌ଏସ୍ ନଗର ପ୍ଲଟ ନମ୍ବର ବିଏମ-୨୦ରେ ମାଳବିକା ଚାନ୍ଦ(୭୦) ରୁହନ୍ତି। ମାଳବିକାଙ୍କ ପିଲାମାନେ ବାହାରେ ରହୁଥିବା ବେଳେ ପ୍ରଥମ ମହଲାରେ ମାଳବିକା ଏକା ରହୁଥିଲେ। ତଳ ଘର ଭଡାରେ ଦେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ସେ ଉପର ଘରେ ବିଶ୍ରାମ କରୁଥିଲେ। ସନ୍ଧ୍ୟା ପ୍ରାୟ ସାଢେ ୬ଟା ବେଳକୁ ଜଣେ ଯୁବକ ଘର ଭିତରକୁ ପଶିଥିଲେ। ସେ ମାଉସି ଘର କାମ ସରିଲାଣି କି ବୋଲି ପଚାରିବା ବେଳେ ଆଉ ଜଣେ ଯୁବକ ଘର ଭିତରକୁ ପଶି ମାଳବିକାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଥିଲେ। ନଗଦ ୨୦ ହଜାର ଟଙ୍କା, ୧୦ ଭରି ସୁନା ଏବଂ ୩ଟି ଏଟିଏମ କାର୍ଡ ସମେତ ସେଗୁଡ଼ିକର ପାସୱାର୍ଡ ନେଇଯାଇଥିଲେ। ଏହା ପରେ ମହିଳାଙ୍କ ମୁହଁରେ ଜରି ପ୍ଲାଷ୍ଟର ମାରି ହାତ ଗୋଡ ବାନ୍ଧି ଘରର ଗୋଟିଏ କୋଣରେ ପକାଇ ଫେରାର ହୋଇଯାଇଥିଲେ। ମାଳବିକା କୌଶଳକ୍ରମେ ମୁକୁଳିବା ପରେ ଭଡାଟିଆଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଖବର ପାଇ ପୋଲିସ ପହଞ୍ଚିଥିଲା। ଏହି ସମୟରେ ଲୁଟେରାମାନେ ମାଳବିକାଙ୍କ ଏଟିଏମ୍‌ରୁ ଶପିଂ କରିବା ପରେ ଆକାଉଣ୍ଟରୁ ବାଲାନ୍ସ କଟିବା ନେଇ ତାଙ୍କ ଫୋନକୁ ମେସେଜ ଆସିଥିଲା। ପ୍ରାୟ ତିନୋଟି ଭିନ୍ନ ଭିନ୍ନ ଶୋରୁମରୁ ୪୦ ହଜାର ଟଙ୍କାର ଶପିଂ କରିଥିଲେ, ଯାହା ପୋଲିସକୁ ସେମାନଙ୍କ ନିକଟରେ ପହଞ୍ଚିବା ଲାଗି ସୁରାକ ଯୋଗାଇଥିଲା। ପରେ ଡିସିପି ଅନୁପ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଲୁଟେରାଙ୍କୁ ଧରିବାକୁ ଲାଗି ପଡ଼ିଥିଲେ। ୨ଜଣ ଲୁଟେରା ଇନଫୋସିଟି ଥାନା ଅଞ୍ଚଳରେ ଏକ ଦୋକାନରୁ ମୋବାଇଲ ଫୋନ କିଣୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା।

- ବଟି ଆଦାୟ କରୁଥିଲେ

# କିନ୍ନରଙ୍କଠାରୁ ମାଡ଼ ଖାଇଲେ ପୋଲିସ ବାବୁ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

କିନ୍ନରଙ୍କଠାରୁ ବଟି ଆଦାୟ କରିବା ଜଣେ କନଷ୍ଟେବଲଙ୍କ ପାଇଁ ମହଙ୍ଗା ପଡିଛି। ଶେଷରେ କିନ୍ନରଙ୍କଠାରୁ ମାଡ ଖାଇ ସେ ଘରକୁ ଫେରିଛନ୍ତି। ଚନ୍ଦ୍ରଶେଖରପୁର ଥାନା ଓମ୍‌ଫେଡ ଛକରେ ଗୁରୁବାର ଏହି ଘଟଣା ଘଟିଛି। କନଷ୍ଟେବଲ ଜଣକ ସବୁଦିନ କିନ୍ନର ଓ ସେମାନଙ୍କ ନିକଟକୁ ଆସୁଥିବା ବ୍ୟକ୍ତିଙ୍କଠାରୁ ବଟି ଆଦାୟ କରନ୍ତି ବୋଲି କିନ୍ନରମାନେ କହିଛନ୍ତି। କେତେଜଣ କିନ୍ନର ନାମ ଗୋପନ ରଖି କହିଛନ୍ତି, ଗୁରୁବାର ରାତି ପ୍ରାୟ ୯ଟା ୩୦ରେ ଓମ୍‌ଫେଡ ଛକ ନିକଟରେ ୭ ଜଣ କିନ୍ନର ଛିଡା ହୋଇଥିଲେ। ଏହି ସମୟରେ ଜଣେ କିନ୍ନରଙ୍କ ନିକଟକୁ ବାଇକରେ ଦୁଇ ଯୁବକ ଆସିଥିଲେ। କିନ୍ନର ଜଣକ ତାଙ୍କ ସହ କଥା ହେଉଥିବାବେଳେ ଜଣେ କନଷ୍ଟେବଲ ସେଠାରେ ପହଞ୍ଚିଥିଲେ। କ'ଣ ପାଇଁ ଏଠାରେ ଏସବୁ କରୁଛ କହି ଉକ୍ତ ୨ ଯୁବକ ଓ କିନ୍ନରଙ୍କୁ ଧମକାଇଥିଲେ। ଏପରିକି ଯୁବକଦ୍ୱୟଙ୍କୁ ଥାନାକୁ ଯିବା ପାଇଁ କହିଥିଲେ। ହେଲେ ଦୁଇ ଯୁବକ ଭୟରେ ତାଙ୍କୁ ୨ଶହ ଟଙ୍କା ଦେଇ ଚାଲିଯାଇଥିଲେ। ଏହାପରେ ପୋଲିସ କନଷ୍ଟେବଲ ଜଣକ କିନ୍ନରଙ୍କୁ ୫ଶହ ଟଙ୍କା ମାଗିଥିଲେ। କିନ୍ନର ଟଙ୍କା ଦେବାକୁ ମନା କରିବାରୁ ଉକ୍ତ କନଷ୍ଟେବଳ ତାଙ୍କ ପର୍ସରୁ ଜବରଦସ୍ତି ଟଙ୍କା ନେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ କିନ୍ନର ଜଣକ ତାଙ୍କ ହାତ ମୋଡି ଦେଇଥିଲେ। ଫଳରେ ପୋଲିସ ବାବୁ ରାଗିଯାଇ କିନ୍ନରଙ୍କ ଉପରକୁ ହାତ ଉଠାଇଥିଲେ। ଏହି ସମୟରେ ସେଠାରେ ଥିବା ଅନ୍ୟ କେତେଜଣ କିନ୍ନର କନଷ୍ଟେବଲଙ୍କୁ ଉତ୍ତମ ମଧ୍ୟମ ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ଭୟରେ ପୋଲିସ କନଷ୍ଟେବଲ ଜଣକ ପିସିଆରକୁ ଫୋନ ନ କରି ଏକ ମୁହାଁ ହୋଇ ଚାଲିଯାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିନାହାନ୍ତି। ଏନେଇ ଚନ୍ଦ୍ରଶେଖରପୁର ଥାନାକୁ ଯୋଗାଯୋଗ କରାଯିବାରୁ ମାଡ଼ ଖାଇଥିବା ସମ୍ପୃକ୍ତ କନଷ୍ଟେବଳ ଉକ୍ତ ଥାନାର ନୁହେଁ ବୋଲି କୁହାଯାଇଥିଲା।

- ଶିକ୍ଷକଙ୍କ ବଦଳି ବାତିଲ କରିବାକୁ ଦାବି

# ଶ୍ରେଣୀଗୃହରେ ତାଲା ପକାଇଲେ ଗ୍ରାମବାସୀ



ତାଲା ପଡ଼ିଥିବା ଶ୍ରେଣୀଗୃହ ଆଗରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

**ବାଲିଅନ୍ତା,୧୩।୧୨(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକରେ ବିଶରପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷଙ୍କ ବଦଳିକୁ ବାତିଲ କରିବା ଦାବିରେ ପୂର୍ବରୁ ଧାରଣାରେ ବସିଥିବା ଗ୍ରାମବାସୀ ଗୁରୁବାର ସ୍କୁଲର ଶ୍ରେଣୀଗୃହରେ ତାଲାପକାଇ ଆନ୍ଦୋଳନ କରିଛନ୍ତି। ଫଳରେ ଶିକ୍ଷକମାନେ ବିଦ୍ୟାଳୟ ବାରଣ୍ଡାରେ ବସି ରହିଥିଲେ। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ୬୫ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୬ଜଣ ଶିକ୍ଷୟିତ୍ରୀଶିକ୍ଷକ ଥିବାବେଳେ ବାରମ୍ବାର ଶିକ୍ଷକଙ୍କ ଡେପୁଟେଶନରେ ପଠାଇ ଦିଆଯାଉଥିବାରୁ ଗତ ଶନିବାର ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଶିକ୍ଷକଙ୍କ ଅଭାବ ସତ୍ତ୍ୱେ ବାରମ୍ବାର ବଦଳି ଯୋଗୁ ପିଲାମାନଙ୍କ ପାଠପଢ଼ାରେ ବ୍ୟାହତ ହେଉଥିବା ନେଇ ଗ୍ରାମର ଚିତ୍ତରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ନ କରିବାରୁ ପୁଣି ଗ୍ରାମବାସୀ ଶ୍ରେଣୀଗୃହରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏଥିରେ ଛାତ୍ରୀଛାତ୍ର ମଧ୍ୟ ସହଯୋଗ କରିଥିଲେ। ଖବରପାଇ ଅତିରିକ୍ତ ଶିକ୍ଷାଧିକାରୀ ପ୍ରଦୀପ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିବା ସହ ତାଙ୍କଠାରୁ ବଦଳି ଶିକ୍ଷକଙ୍କ ପୁଣି ବିଦ୍ୟାଳୟରେ ଆଣିବା ପାଇଁ ଦାବିପତ୍ର ଗ୍ରହଣ କରିଥିଲେ। ବଦଳି ଶିକ୍ଷକ ବିଦ୍ୟାଳୟକୁ ନ ଫେରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶତ୍ରୁଘ୍ନ ବେହେରା କହିଛନ୍ତି। ଏ ନେଇ ଏବିଇଓ ଜେନାଙ୍କୁ ପଚାରିବାରେ ଗ୍ରାମବାସୀ ଦେଇଥିବା ଦାବିପତ୍ର ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଜଣାଇବି ବୋଲି କହିଛନ୍ତି।

# ବାଣୀବିହାରରେ ୨ ଶିକ୍ଷକ ଗୋଷ୍ଠୀ ମୁହାଁମୁହିଁ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ସଂଘ ନିର୍ବାଚନଙ୍କୁ ନେଇ ଦୁଇ ଶିକ୍ଷକ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଆସନ୍ତା ୧୮ ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟ ଟିଚର୍ସ ଆସୋସିଏଶନ(ୟୁୟୁଟିଏ)ର ନିର୍ବାଚନ ହେବାକୁ ସ୍ଥିର କରାଯାଇଥିଲା। କିନ୍ତୁ ୨ବର୍ଷଧରି କ୍ୟାମ୍ପସ ଅଶାନ୍ତ ଯୋଗୁ ଛାତ୍ର ସଂସଦ ନିର୍ବାଚନ ବାତିଲ ହେଉଥିବାରୁ କେତେକ ଛାତ୍ରଗୋଷ୍ଠୀ ଏବଂ ପ୍ରଫେସର ୟୁୟୁଟିଏର ନିର୍ବାଚନକୁ ବିରୋଧ କରିଥିଲେ। ଫଳରେ ଶିକ୍ଷକମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ବିରୋଧ ସତ୍ତ୍ୱେ ବୁଧବାର ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ। କିନ୍ତୁ ଅପରାହ୍ନ ପ୍ରାୟ ୫ଟା ବେଳକୁ ଏହାକୁ ନେଇ ବିବାଦ ଦେଖାଦେବା ସହ ନାମାଙ୍କନପତ୍ର ବାକ୍ସ ଗାଏବ ହୋଇଯାଇଥିଲା। ଗୁରୁବାର ନିର୍ବାଚନ ସପକ୍ଷରେ ଥିବା ଶିକ୍ଷକମାନେ ଏହି ଘଟଣାର ତଦନ୍ତ କରାଯାଇ ପୁନର୍ବାର ନିର୍ବାଚନ କରିବାକୁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ଅନ୍ୟପଟେ ବିରୋଧୀମାନେ ନିର୍ବାଚନ ନ କରିବାକୁ ଦାବି କରିଥିଲେ। ଏହାକୁ ନେଇ ଗୁରୁବାର ୨ ଶିକ୍ଷକ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହେବା ସହ ଠେଲାପେଲା ହୋଇଥିଲା। ପ୍ରାୟ ଅଧଘଣ୍ଟା ଧରି କୁଳପତିଙ୍କ କାର୍ଯ୍ୟାଳୟ ନିକଟରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ନାମାଙ୍କନପତ୍ର ବାକ୍ସ ଗାଏବ ହେବା ଘଟଣାରେ ବିରୋଧୀ ଗୋଷ୍ଠୀଙ୍କ ସମ୍ପୃକ୍ତି ଥିବା ନିର୍ବାଚନ ସପକ୍ଷରେ ଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ତେବେ ଶୁକ୍ରବାର ବୈଠକ ଡକାଯାଇ ବିବାଦର ସମାଧାନ ହେବ ବୋଲି କୁଳପତି ସୌମେନ୍ଦ୍ରମୋହନ ପଟ୍ଟନାୟକ କହିଛନ୍ତି।

# ଗୁଳି ଫୁଟାଇ ବ୍ୟବସାୟୀଙ୍କଠାରୁ ଲୁଟିଲେ

**ପାତ୍ରପଡା, ୧୩।୧୨(ଡି.ଏନ.ଏ.)**

ତମାଣ୍ଡୋ ଥାନା ଅଧୀନ କାଶୀପୁର ରାସ୍ତାରେ ଗୁରୁବାର ରାତି ୧୧ଟା ୪୫ରେ ଜଣେ ବ୍ୟବସାୟୀଙ୍କଠାରୁ ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି। ଏଥିସହ ଗୁଳି ଫୁଟାଇ ତାଙ୍କୁ ଭୟଭୀତ କରିବା ସହ ୨ ବାଇକ୍‌ରେ ଆସିଥିବା ୪ ଜଣ ଫେରାର ହୋଇଯାଇଥିଲେ। ଲୁଟ୍‌ର ଶିକାର ବ୍ୟବସାୟୀ ହେଲେ ରବୀନ୍ଦ୍ର ସ୍ୱାଇଁ (୪୫)। ରବୀନ୍ଦ୍ର ପ୍ରତିଦିନ ଭଳି ଗୁପଚୁପ୍ ବ୍ୟବସାୟ ସାରି ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ କୋଲ ଇଣ୍ଡିଆ ରାସ୍ତାର ଏକ ନିଛାଟିଆ ସ୍ଥାନରେ ୨ ଦୁର୍ବୃତ୍ତ ୨ଟି ପଲସର ବାଇକ୍‌ରେ ଆସି ପ୍ରଥମେ ରବୀନ୍ଦ୍ରଙ୍କୁ ଅଟକାଇଥିଲେ। ପାଖରେ କ'ଣ ଟଙ୍କା ରଖିଛୁ ବୋଲି ପଚାରିଥିଲେ। ଟଙ୍କା ନ ଦେବାରୁ ରବୀନ୍ଦ୍ରଙ୍କୁ ଠେଲାପେଲା କରିବା ସହ ବନ୍ଧୁକ ବାହାର କରି ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳି ଲକ୍ଷ୍ୟ ଭ୍ରଷ୍ଟ ହୋଇ ଏକ ପାଚେରିରେ ବାଜିଥିଲା। ଗୁଳି ଫୁଟିବା ପରେ ରବୀନ୍ଦ୍ର ଭୟଭୀତ ହୋଇ ପଡିଥିଲେ। ଗୁପଚୁପ ବିକ୍ରି କରି ରବୀନ୍ଦ୍ର ଆଣିଥିବା ୯ ଶହ ଟଙ୍କାକୁ ଦୁର୍ବୃତ୍ତମାନେ ଛଡାଇ ନେଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେବାରେ ଆଇଆଇସି ସୀତାଂଶୁ ମାନ୍ଧାତା, ଜୋନ୍ ୩ର ଏସିପି ପି.କେ. ରାଉତ ପହଞ୍ଚି ଯାଞ୍ଚ କରିଥିଲେ।

## ବ୍ରାଉନସୁଗାର ଜବତ, ୨ ଗିରଫ

**ପାତ୍ରପଡା, ୧୩।୧୨(ଡି.ଏନ.ଏ.)**

ତମାଣ୍ଡୋ ଥାନା ଜାତୀୟ ରାଜପଥ କଡରେ ଥିବା ଏକ ନିର୍ମାଣାଧୀନ ମହଲ ନିକଟରୁ ପୋଲିସ ୨ ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ରସୁଲଗଡ ଅଞ୍ଚଳର ବାସୁଦେବ ମହାନ୍ତି(୪୧) ଓ ତାରେଣୀ ପ୍ରସାଦ ମହାପାତ୍ର(୨୬)। ପୋଲିସ ସେମାନଙ୍କଠାରୁ ୨୦ ଗ୍ରାମ ବ୍ରାଉନସୁଗାର, ୩୫ ହଜାର ଟଙ୍କା, ଗୋଟିଏ ବାଇକ୍ ଓ ୨ଟି ମୋବାଇଲ ଫୋନ ଜବତ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ମହଲ ନିକଟରେ ବ୍ରାଉନସୁଗାର ବିକ୍ରି କରୁଥିବା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ପୋଲିସ ସେଠାରେ ଚଢାଉ କରି ଦୁଇ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିବାରେ ସେମାନଙ୍କଠାରୁ ବ୍ରାଉନ ସୁଗାର ଓ ଟଙ୍କା ମିଳିଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ. ୧୦୬/୧୮ରେ ମାମଲା ରୁଜୁ ହୋଇଛି। ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ।

## ଦହି ବରା ଖାଇଲେ ଟଙ୍କା ମାଗିବାରୁ ଦୋକାନୀଙ୍କୁ ମାଡ଼

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ଦହି ବରା ପେଟପୂରା ଖାଇଲେ ଓ ଘରକୁ ପାର୍ସଲ ମଧ୍ୟ ନେଲେ। ହେଲେ ଟଙ୍କା ମାଗିବାରୁ ଦୋକାନୀଙ୍କୁ ଏକ କାଠ ଫାଳିଆରେ ମାଡ ମାରି ମୁଣ୍ଡ ଫଟାଇଦେଲେ। ଦୋକାନୀ ପ୍ରତିବାଦ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ମଧ୍ୟ ମାଡ଼ ମାରିବାରୁ ସେ ଆହତ ହୋଇଛନ୍ତି। ଏୟାରଫିଲ୍ଡ ଥାନା ନିକଟରେ ଗୁରୁବାର ଏହି ଘଟଣା ଘଟିଛି। ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଦୁଇଟି ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଡୁମୁଡୁମା ଅଞ୍ଚଳର ଦିଲୀପ ନାମକ ବ୍ୟକ୍ତି ଏୟାରଫିଲ୍ଡ ଥାନା ନିକଟରେ ଦହିବରା ବ୍ୟବସାୟ କରନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ସୁନ୍ଦରପଦାର ଜଣେ ଯୁବକ ତାଙ୍କ ଦୋକାନରୁ ଦହିବରା ଖାଇଥିଲେ। ଦହିବରା ଖାଇବା ପରେ ସେ ଘରକୁ ମଧ୍ୟ ପାର୍ସଲ ନେଇଥିଲେ। ଦିଲୀପ ଟଙ୍କା ମାଗିବାରୁ ସେ ତାଙ୍କୁ ଧମକାଇଥିଲେ। ମୁଁ ଲୋକାଲ ଟୋକା ଟଙ୍କା ନ ଦେଲେ ମୋର କ'ଣ କରିବୁ ବୋଲି କହିଥିଲେ। ଏହାକୁ ଦିଲୀପ ବିରୋଧ କରିବାରୁ ସେ ଏକ କାଠଫାଳିଆରେ ତାଙ୍କ ମୁଣ୍ଡକୁ ପିଟିଥିଲେ। ଫଳରେ ଦିଲୀପଙ୍କ ମୁଣ୍ଡ ଫାଟିଯାଇଥିଲା। ଦିଲୀପ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉକ୍ତ ଯୁବକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି।

- ବିସ୍ଫୋରଣରେ ମରିଛି ହାତୀ: ଜମିମାଲିକ ଗିରଫ

# ଗ୍ରାମବାସୀଙ୍କ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ

**ଆଠଗଡ,୧୩।୧୨(ସ୍ୱ.ପ୍ର.)**

କଟକ ଜିଲା ଆଠଗଡ ବନାଞ୍ଚଳ ଅନ୍ତର୍ଗତ ବୌଦା- ବନଖଣ୍ଡି ସଂରକ୍ଷିତ ଜଙ୍ଗଲର ରାଜନଗର ଗ୍ରାମରେ ବୁଧବାର ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା। ବିଲରେ ପଡିଥିବା ବାରୁଦ ତିଆରି ବିସ୍ଫୋରକ ଗୁଳା ଖାଇବା ଯୋଗୁ ହାତୀର ମୃତ୍ୟୁ ଘଟିଛି ବୋଲି ଆଠଗଡ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କା କହିଛନ୍ତି। ଏହି ଅଭିଯୋଗରେ ବନ ବିଭାଗ ପକ୍ଷରୁ ମାମଲା (ନଂ-୮୦/୧୮-୧୯)ରୁଜୁ କରାଯାଇଛି। ଏଥିସହ ହାତୀ ମରିଥିବା ବିଲର ମାଲିକ ପ୍ରସନ୍ନ ଦେହୁରି(୪୮)ଙ୍କୁ ଗୁରୁବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷେ ଏହି ଗିରଫକୁ ନେଇ ରାଜନଗର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ବନ ବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗର ତଦନ୍ତ ଅନୁଯାୟୀ, ବିଲରେ ପଡିଥିବା ବିସ୍ଫୋରକ ଗୁଳା ଖାଇବା ଯୋଗୁ ମାଈହାତୀର ଜିଭ ଛିଣ୍ଡିଯାଇଛି। ଏଥିସହ ତା'ପାଟି ଭିତରେ ପ୍ରାୟ ୧୦ ଦାନ୍ତ ଓ ହାଡ ଭାଙ୍ଗି ପ୍ରବଳ ରକ୍ତସ୍ରାବ ହୋଇଛି। ଏସମ୍ପର୍କିତ ସବିଶେଷ ବିବରଣୀ ବ୍ୟବଚ୍ଛେଦ ରିପୋର୍ଟ ପରେ ଜଣାପଡିବ ବୋଲି ବନଖଣ୍ଡ ଅଧିକାରୀ ଲେଙ୍କା ପ୍ରକାଶ କରିଛନ୍ତି। ଏହି ଅଭିଯୋଗରେ ପ୍ରସନ୍ନଙ୍କୁ ଗିରଫ କରାଯିବା ପରେ ଉତ୍ୟକ୍ତ ଗ୍ରାମବାସୀ ପ୍ରଥମେ ବନାଞ୍ଚଳ ଅଧିକାରୀ ଓ ପରେ ବନ ଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ,ଅନ୍ୟ କୌଣସି ବ୍ୟକ୍ତି ବାରହା ଶିକାର ପାଇଁ ପ୍ରସନ୍ନଙ୍କ ଜମିରେ ବାରୁଦ ଗୁଳା ପକାଇଥିବା ବେଳେ ହାତୀ ଏହାକୁ ଖାଇ ଦେଇଛି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରା ନ ଯାଇ କେବଳ ସନ୍ଦେହରେ ତାଙ୍କୁ ଗିରଫ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଗ୍ରାମବାସୀଙ୍କ ଏକ ପ୍ରତିନିଧିଦଳ ବନଖଣ୍ଡ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ଘଟଣାର ଅଧିକ ତଦନ୍ତ କରାଯିବ ବୋଲି ଲେଙ୍କା ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ହଟିଥିଲେ।

# ୟୁନିୟନ ବ୍ୟାଙ୍କ କ୍ଷେତ୍ର ମହାପ୍ରବନ୍ଧକଙ୍କ ଓଡ଼ିଶା ଗସ୍ତ




**ଭୁବନେଶ୍ୱର ,୧୩।୧୨**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ରାଞ୍ଚିର କ୍ଷେତ୍ର ପ୍ରବନ୍ଧକ ଅତୁଲ କୁମାର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟକୁ ଦୁଇ ଦିନିଆ ଗସ୍ତରେ ଆସିଥିଲେ। ସେ କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ଏହାର ପରିସରଭୁକ୍ତ ଶାଖା କାର୍ଯ୍ୟାଳୟଗୁଡ଼ିକର ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଡିଜିଟାଲ ବ୍ୟାଙ୍କିଙ୍ଗ, କୋର ବିଜନେସ ଗ୍ରୋଥ୍, ଗ୍ରାହକ ସେବା ବୃଦ୍ଧି ଓ ନୂତନ ଗ୍ରାହକ ସୃଷ୍ଟି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ପିଏ ଆଦାୟ ବ୍ୟାଙ୍କିଙ୍ଗ କ୍ଷେତ୍ର ଲାଗି ଏକ ପ୍ରମୁଖ ଆବଶ୍ୟକତା ବୋଲି ଏହି ଅବସରରେ ସେ ସୂଚନା ଦେଇଛନ୍ତି। ବ୍ୟାଙ୍କ ପକ୍ଷରୁ ଋଣ ମୁକ୍ତି ଶିବିର ଅଭିଯାନରେ ଏନ୍‌ପିଏ ଗ୍ରହୀତାଙ୍କୁ ସାକ୍ଷାତ କରି ଆକାଉଣ୍ଟର ଫଇସଲା କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।




# ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

**ଇଏସ୍‌ଆଇ ହସ୍ପିଟାଲ**

- ନେଟ୍ ନ ଥିବା କହି ରୋଗୀକୁ ରେଫର କଲେନି
- ମୃତଦେହ ରଖି ୨ ଘଣ୍ଟା ରାସ୍ତାରୋକୋ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

ରୋଗୀ ମୃତ୍ୟୁକୁ କେନ୍ଦ୍ର କରି ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଇଏସ୍‌ଆଇ ହସ୍ପିଟାଲରେ ଉତ୍ତେଜନା ଦେଖିବାକୁ ମିଳିଛି। ଡାକ୍ତର ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରି ପାଟିତୁଣ୍ଡ କରିଥିଲେ। ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ପରିବାର ଲୋକେ ମୃତଦେହକୁ ମେ'ଫେୟାର ସଂଲଗ୍ନ ରାସ୍ତାରେ ରଖି ୨ଘଣ୍ଟା ରାସ୍ତାରୋକୋ କରିଥିଲେ। ଏପରି କି ହକି ଖେଳ ଚାଲୁଥିବାରୁ ଖେଳାଳିମାନେ ମେ ଫେୟାର ହୋଟେଲକୁ ଯିବା ଆସିବାରେ ସମସ୍ୟା ଉପୁଜିବା ଆଶଙ୍କା କରି ପୋଲିସ ସେମାନଙ୍କୁ ରାସ୍ତା ଉପରୁ ହସ୍ପିଟାଲ ଗେଟ ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ। ଦୀର୍ଘ ୭ ଘଣ୍ଟା ପରେ ରେଡ୍‌କ୍ରସ୍‌ରୁ ୧୬ ହଜାର ଟଙ୍କା ଦିଆଯିବା ସହିତ ଶୁକ୍ରବାର ଅଧିକ କ୍ଷତିପୂରଣ ଦେବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ସୂଚନା ଅନୁଯାୟୀ, କୀର୍ତ୍ତନ ଭଞ୍ଜଙ୍କ ଗ୍ରାମ ନୟାଗଡ଼ ଜିଲା ମାଲେଶ୍ୱର ଗ୍ରାମରେ। ସେ ପରିବାର ସହ ସାଲିଆସାହି ଶକ୍ତିବିହାରରେ ରହିବା ସହ ଲଳିତକଳା କରନ୍ତି। ବୁଧବାର ତାଙ୍କ ସ୍ତ୍ରୀ ଅହଲ୍ୟାଙ୍କୁ ଥଣ୍ଡା ହୋଇଥିଲା। ନିଃଶ୍ୱାସ ନେବାରେ କଷ୍ଟ ହେବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଇଏସ୍‌ଆଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ଇଞ୍ଜେକ୍ସନ ଦେଇଥିଲେ। ପରେ ସନ୍ଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ପରିବାର ଲୋକେ ଡାକ୍ତରଙ୍କୁ ଏ ନେଇ ଜଣାଇଥିଲେ ମଧ୍ୟ ଡାକ୍ତର ଗୁରୁତ୍ୱ ଦେଇ ନ ଥିଲେ। ବରଂ କହିଥିଲେ ତାଙ୍କର ଶ୍ୱାସ ଅଛି ତୁମେ ନେଇ ଅକ୍ସିଜେନ୍ ଲଗାଇ ଦିଅ। ରୋଗୀଙ୍କ ସମ୍ପର୍କୀୟମାନେ ଏହାକୁ ବିରୋଧ କରିବାରୁ ଡାକ୍ତର ତାଙ୍କୁ ମାଡ଼ ମାରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଶେଷରେ ପରିବାର ଲୋକେ ତାଙ୍କୁ ଅନ୍ୟ ହସ୍ପିଟାଲକୁ ରେଫର କରିବା ପାଇଁ କହିଥିଲେ। ହେଲେ ହସ୍ପିଟାଲ କର୍ତ୍ତୃପକ୍ଷ ତାହା କରି ନ ଥିଲେ। ବରଂ ନେଟ୍ ନାହିଁ ଆମେ ହେଡ୍ ଅଫିସକୁ ପଠାଇବୁ, ସେଠାରୁ ରେଫର ଅର୍ଡର ଆସିଲେ ଆମେ ରେଫର କରିପାରିବୁ ବୋଲି କହିଥିଲେ। ତେବେ ରାତି ପ୍ରାୟ ୨ଟା ୩୦ରେ ଅହଲ୍ୟାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଅଞ୍ଜଳୀ ପାଢୀଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ କିଛି କହିବାକୁ ଇଚ୍ଛା ପ୍ରକାଶ କରି ନ ଥିଲେ।

## ଶ୍ରୀଲିଙ୍ଗରାଜଙ୍କ ଓଢ଼ଣ ଷଷ୍ଠୀ ଯାତ୍ରା, ଘୋଡ଼ ଲାଗି

**ପୁରୁଣା ଭୁବନେଶ୍ୱର, ୧୩।୧୨ (ଡି.ଏନ.ଏ.)**

ମାର୍ଗଶିର ମାସ ଶୁକ୍ଳପକ୍ଷ ଷଷ୍ଠୀ ଅବସରରେ ଗୁରୁବାର ମହାପ୍ରଭୁ ଶ୍ରୀଲିଙ୍ଗରାଜ ଓଢ଼ଣ ଷଷ୍ଠୀ ଯାତ୍ରା ସହ ଘୋଡ ଲାଗି ଅନୁଷ୍ଠିତ ହୋଇଯାଇଛି। ସକାଳୁ ଦିଅଁଙ୍କ ଆଳତୀ, ଅବକାଶ, ହୋମ ପରେ ଦର୍ଶନ ଆରମ୍ଭ ହୋଇଥିଲା। ପରେ ରୋଷ ହୋମ, ମହାସ୍ନାନ, ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା, ଖଇଦହି ବଲ୍ଲଭ ସକାଳ ଧୂପ ହୋଇ ଭୋଗ ମଣ୍ଡପ କରାଯାଇଥିଲା। ଏହାପରେ ପୁନର୍ବାର ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ, ଅଧିବାସ ପୂଜା ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀଜୀଉଙ୍କୁ ନୂତନ ଶୀତବସ୍ତ୍ର ଘୋଡ ଲାଗି ହୋଇଥିଲା। ସୂଚନାଥାଉ କି ଠାକୁରଙ୍କ ଏହି ଘୋଡ ଲାଗି ଆସନ୍ତା ଶିବରାତ୍ରୀ ପର୍ଯ୍ୟନ୍ତ ବିଧି ମତେ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କହିଛନ୍ତି।

ରାଜ୍ୟରେ ମ୍ୟାଲେରିଆ ନିରାକରଣରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଶଂସା କରାଯିବା ସହ ବିଭାଗୀୟ ସଚିବଙ୍କୁ ଚିଠି ଲେଖାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଚିବ ପ୍ରୀତି ସୁଦାନ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବ ପ୍ରମୋଦ ମେହେର୍ଦାଙ୍କୁ ଚିଠି ଲେଖି ପ୍ରଶଂସା କରିଛନ୍ତି। ପ୍ରୀତି ସୁଦାନ କହିଛନ୍ତି ଯେ, ଓଡ଼ିଶାରେ ଦୁଇବର୍ଷ ମଧ୍ୟରେ ମ୍ୟାଲେରିଆ ପ୍ରକୋପ ୨୨.୩୨ ପ୍ରତିଶତ ହ୍ରାସ ପାଇଛି। ସେହିପରି ୨୦୧୭ ବର୍ଷ ତୁଳନାରେ ମ୍ୟାଲେରିଆ ରୋଗୀ ସଂଖ୍ୟା ୬୬ ପ୍ରତିଶତ କମିଛି।

## ସଂକ୍ଷେପରେ

### ଓଏଏସ୍ ଅଧିକାରୀଙ୍କୁ ପଦୋନ୍ନତି

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ):** ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ ୩୬ ଜଣ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀଙ୍କ ପଦୋନ୍ନତି ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଓଏଏସ୍ -ବର୍ଗ(କ)(କନିଷ୍ଠ ବ୍ରାଞ୍ଚ) ଅଧିକାରୀମାନେ ଓଏଏସ୍ -ବର୍ଗ(କ)(ବରିଷ୍ଠ ବ୍ରାଞ୍ଚ)କୁ ପଦୋନ୍ନତି ପାଇଛନ୍ତି। ଏହି ଅଫିସରମାନେ ହେଉଛନ୍ତି-ଅଶୋକ କୁମାର ପୁରୋହିତ,ମହେଶ କୁମାର ଚୌଧୁରୀ, ତନ୍ମୟ କୁମାର ଦରୱାନ, ସୁଷମା ବିଉଙ୍ଗ, ସସ୍ମିତା ସାହୁ,ଅନିରୁଦ୍ଧ ପ୍ରଧାନ ପ୍ରମୁଖ।

### ସ୍ୱାଧୀନତା ସଂଗ୍ରାମୀ ବାଇଧର ସ୍ୱାଇଁଙ୍କ ପରଲୋକ



**ଢେଙ୍କାନାଳ ଅଫିସ, ୧୩।୧୨:** ଢେଙ୍କାନାଳ ଜିଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବାଇଧର ସ୍ୱାଇଁଙ୍କ କାମାକ୍ଷାନଗର ବ୍ଲକ ବାଲିଗୋରଡ଼ସ୍ଥିତ ବାସଭବନରେ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ଅନ୍ତିମ ସମୟରେ ତାଙ୍କ ନିକଟରେ ବଡ଼ପୁଅ ବିଜୟ କୁମାର ସ୍ୱାଇଁ, ପୁତ୍ରବଧୂଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ୧୯୨୭ ଏପ୍ରିଲ ୧୫ରେ ବାଲିଗୋରଡ଼ ଗ୍ରାମରେ ଭୂମିଷ୍ଠ ହୋଇଥିଲ ବାଇଧର। ସେ ୧୯୩୮ରେ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦେଇଥିଲେ। ସେହି ସମୟରେ ସ୍ୱାଧୀନତା ସଂଗ୍ରାମୀ ମୂର୍ଷା ମଲ୍ଲିକଙ୍କ ସହିତ ମିଶି ଥାନା, କଚେରି ପୋଡ଼ି ସହ ପରଜଙ୍ଗ ଥାନା ଘେରାଉ କରିଥିଲେ। ୧୯୪୨ରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ଗିରଫ ହୋଇଥିଲେ ବାଇଧର। ତାଙ୍କୁ ୪ବର୍ଷ ୧୦ମାସ ୬ ଦିନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଦେଶ ସ୍ୱାଧୀନ ହେବାପରେ ସେ ଜିଲାର ବିକାଶ ଦିଗରେ କାମ କରିଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜିଲା ପୋଲିସ ପ୍ରଶାସନ ପକ୍ଷରୁ ତାଙ୍କୁ ରାଷ୍ଟ୍ରୀୟ ସମ୍ମାନ ଦିଆଯାଇଥିଲା। ସଂଗ୍ରାମୀ ବାଇଧରଙ୍କ ପରଲୋକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି। ଦେଶପ୍ରେମୀ ବାଇଧର ଥିଲେ ଜଣେ ସମର୍ପିତ ବ୍ୟକ୍ତିତ୍ୱ। ତାଙ୍କ ବିୟୋଗରେ ରାଜ୍ୟ ଜଣେ ମହାନ ବ୍ୟକ୍ତିଙ୍କୁ ହରାଇଲା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

### ବିଭୁ ପ୍ରସାଦ ସମତାକ୍ରାନ୍ତି ଗଣମାଧ୍ୟମ ପ୍ରମୁଖ

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ):** ନିକଟରେ ପୁନର୍ଗଠିତ ହୋଇଥିବା ସମତାକ୍ରାନ୍ତି ଦଳର ଗଣମାଧ୍ୟମ ବିଭାଗ ମୁଖ୍ୟଙ୍କ ନାମ ଘୋଷଣା କରାଯାଇଛି। ବିଭୂ ପ୍ରସାଦ ରଥଙ୍କୁ ସର୍ବସମ୍ମତ କ୍ରମେ ଦଳର ଗଣମାଧ୍ୟମ ପ୍ରମୁଖ ଭାବେ ନିଯୁକ୍ତ କରାଯାଇଛି।

## କାର୍ଯ୍ୟାଦେଶକୁ ନେଇ ହତ୍ୟା

# ଜଣେ ମୃତ, ୫ ଗୁରୁତର

ଭଦ୍ରକ ଅଫିସ,୧୩।୧୨

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ରାମନବମୀ ବେତଡ଼ା ପଞ୍ଚାୟତ ଗୋହିରାଣୀ ଗାଁରେ ଖେଳପଡ଼ିଆର ଉନ୍ନତୀକରଣ କାର୍ଯ୍ୟକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଘଟଣାସ୍ଥଳରେ ଲୋକନାଥ ସେଠୀ(୩୫) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଉଭୟ ପକ୍ଷର ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗାଁରେ ଉତ୍ତେଜନା ଲାଗି ରହିଥିବାରୁ ୧ ପ୍ଲାଟୁନ ପୋଲିସ ମୁତୟନ ଅଛନ୍ତି। ମୃତ ଲୋକନାଥଙ୍କ ସମ୍ପର୍କୀୟଙ୍କ ଅଭିଯୋଗ କ୍ରମେ ପୋଲିସ ୨୦ ଜଣଙ୍କ ନାମରେ ଏକ ହତ୍ୟା ମାମଲା (ନଂ.୬୦୦/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ଗୋହିରାଣୀ ଗାଁ ଶେଷମୁଣ୍ଡରେ ଥିବା ଏକ ଖେଳପଡ଼ିଆର ଉନ୍ନତୀକରଣ ପାଇଁ ୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଗାଁର ହରେକୃଷ୍ଣ ସେଠୀ ନାମକ ଜଣେ ବ୍ୟକ୍ତିଙ୍କ ନାଁରେ ବର୍ଷକ ତଳେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟାଦେଶକୁ ସ୍ଥାନୀୟ ସରପଞ୍ଚଙ୍କ ଗୋଷ୍ଠୀ ବିରୋଧ କରୁଥିଲେ। ଉକ୍ତ ଖେଳପଡ଼ିଆର ସମତୁଲ ପାଇଁ ଗୁରୁବାର କାର୍ଯ୍ୟ ଆରମ୍ଭ ହୋଇଥିଲା। ସରପଞ୍ଚ ଓ ତାଙ୍କ ପୁଅଙ୍କ ସମେତ ସମର୍ଥକମାନେ ମାରଣାସ୍ତ୍ର ଧରି କାର୍ଯ୍ୟ ହେଉଥିବା ସ୍ଥାନରେ ପହଞ୍ଚି ବିରୋଧ କରିବାରୁ ସେଠାରେ କାର୍ଯ୍ୟ କରୁଥିବା ଲୋକନାଥ ଓ ତାଙ୍କ ସମର୍ଥକଙ୍କ ସହ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଥାନାରେ ଦିଆଯାଇଥିବା ଏତଲା ଅନୁସାରେ ସରପଞ୍ଚ ବିମ୍ବାଧର ଦାସ ଓ ତାଙ୍କ ପୁଅ ଚନ୍ଦନଙ୍କ ସମେତ ସମର୍ଥକମାନେ ଭୁଜାଲିରେ ଲୋକନାଥଙ୍କ ପେଟକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଲୋକନାଥଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଆକ୍ରମଣରେ ଗୁରୁତର ହୋଇଥିବା ଉଭୟ ପକ୍ଷର କାଶୀନାଥ ସେଠୀ, ଅନିଲ କୁମାର ସେଠୀ, ଅମୂଲ୍ୟ ସେଠୀ, ଅରୁଣ କୁମାର ସେଠୀ ଓ ପ୍ରତାପ ଜେନା ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଥିବା ବେଳେ ଲୋକନାଥଙ୍କ ସମ୍ପର୍କୀୟ ଅରୁଣ କୁମାର ସେଠୀଙ୍କ ଏତଲାକୁ ଭିତ୍ତିକରି ସରପଞ୍ଚ ଓ ତାଙ୍କ ପୁଅ ସମେତ ୨୦ ଜଣଙ୍କ ନାଁରେ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ କରିଛି। ଏସ୍‌ଡିପିଓ ଜଳନ୍ଧର ଜାଲି ଜିଲା ଚିକିତ୍ସାଳୟ ଓ ଗୋହିରାଣୀ ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି। ସରପଞ୍ଚ ଫେରାର ଥିବାବେଳେ ତାଙ୍କ ପୁଅଙ୍କୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।



ଭଦ୍ରକ ଗୋହିରାଣୀସ୍ଥିତ ଖେଳପଡ଼ିଆରେ ପୋଲିସ ତଦନ୍ତ କରୁଛି।

- ୨ ଗୋଷ୍ଠୀ ମୁହାଁମୁହିଁ
- ସରପଞ୍ଚ ଓ ତାଙ୍କ ପୁଅ ସମେତ ୨୦ ଜଣଙ୍କ ନାଁରେ ହତ୍ୟା ମାମଲା

## 'ୱେବ୍‌ସାଇଟ୍‌ରେ ପ୍ରତିଫଳିତ ହେଉନାହିଁ ଥ୍ରୀ-ଟି ମନ୍ତ୍ର'




ପୂର୍ବପରି ୱେବ୍‌ସାଇଟ୍‌ରେ ମନ୍ତ୍ରୀ ତାଲିକାରେ ଦାମୋଦର ରାଉତଙ୍କ ନାମ (ବୃତ୍ତ ଚିହ୍ନିତ ଅଂଶ)।

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶାସନରେ ଥ୍ରି-ଟି ଅର୍ଥାତ୍ ଟ୍ରାନ୍ସପରେନ୍ସି, ଟିମ୍‌ୱାର୍କ ଏବଂ ଟେକ୍ନୋଲୋଜି ନେଇ ମତ ରଖିଆସୁଛନ୍ତି। ହେଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ତାହାକୁ ଠିକ୍ ଭାବରେ ଅନୁପାଳନ କରୁ ନ ଥିବା ଲକ୍ଷ୍ୟ କରାଯାଇଛି। ସିଏମ୍‌ଓ ଦ୍ୱାରା ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ମନ୍ତ୍ରୀମାନଙ୍କ ସମ୍ପତ୍ତି ତାଲିକା ସିଏମ୍‌ଓ ୱେବ୍‌ସାଇଟ୍(http://cm.odisha.gov.in)ରେ ଅପଲୋଡ୍ କରାଯାଇନାହିଁ। କେବଳ ସେତିକି ନୁହେଁ, ମନ୍ତ୍ରୀ ପରିଷଦରୁ ଦାମୋଦର ରାଉତ ବିଦା ହେବା ପରେ ମଧ୍ୟ ତାଙ୍କ ନାଁ ୱେବ୍‌ସାଇଟ୍‌ରେ ପୂର୍ବପରି ରହିଛି। ଯାହାକୁ ନେଇ କେତେକ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି।

ପ୍ରଶାସନିକ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଅକ୍ଟୋବର କିମ୍ବା ନଭେମ୍ବର ଶେଷ ଆଡ଼କୁ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କ ସମ୍ପତ୍ତି ତାଲିକା ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଥାଏ। ହେଲେ ଚଳିତ ବର୍ଷ ତାହା ଠିକ୍ ଭାବେ ଅନୁପାଳନ କରାଯାଇନାହିଁ। ଉକ୍ତ ୱେବ୍‌ସାଇଟ୍‌ରେ ୨୦୧୦-୧୧ ଆର୍ଥିକ ବର୍ଷରୁ ୨୦୧୬-୧୭ ପର୍ଯ୍ୟନ୍ତ ମନ୍ତ୍ରୀମାନଙ୍କ ସମ୍ପତ୍ତି ତାଲିକା ଅପଲୋଡ୍ କରାଯାଇଛି। ଏସମ୍ପର୍କରେ ରାଜ୍ୟ ମନ୍ତ୍ରୀ ପରିଷଦର ଜନୈକ କ୍ୟାବିନେଟ୍ ମନ୍ତ୍ରୀ କହିଛନ୍ତି ଯେ, ସେ ତାଙ୍କ ସମ୍ପତ୍ତି ତାଲିକା ସମ୍ପର୍କିତ ତଥ୍ୟ ସିଏମ୍‌ଓକୁ ଦେଇ ସାରିଛନ୍ତି। ସେହିପରି ଅନ୍ୟାନ୍ୟ ମନ୍ତ୍ରୀମାନଙ୍କ ଦ୍ୱାରା ମଧ୍ୟ ସମ୍ପତ୍ତି ତାଲିକା ଠିକ୍ ସମୟରେ ଦିଆଯାଇଛି। ଅନ୍ୟ ଜଣେ ବରିଷ୍ଠ ମନ୍ତ୍ରୀ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ସମ୍ପତ୍ତି ତାଲିକା ନିୟମିତ ପ୍ରଦାନ କରିବା ପ୍ରତ୍ୟେକ ଜନପ୍ରତିନିଧି ଏବଂ ମନ୍ତ୍ରୀଙ୍କ ଦାୟିତ୍ୱ। ଏଥିରେ କେହି ଅବହେଳା କରିବାର ପ୍ରଶ୍ନ ଉଠୁନାହିଁ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମ୍ପତ୍ତିତାଲିକାର ପରିମାଣ ସମ୍ପର୍କରେ ସିଏମ୍‌ଓକୁ ଅବଗତ କରାଯାଇଛି। ଅପରପକ୍ଷରେ ଏନେଇ ସିଏମ୍‌ଓ ଜଣେ ବରିଷ୍ଠ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ବି କୌଣସି ମତାମତ ମିଳିପାରିନାହିଁ।

# ଚିଠି ଲେଖି ଉଜ୍ଜ୍ୱଳାର ବିଫଳତା ଦର୍ଶାଇଲେ ସୂର୍ଯ୍ୟ

## ଏହାକୁ ନେଇ ରାଜନୀତି ନ କରନ୍ତୁ ସରକାର: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ):** ଉଜ୍ଜ୍ୱଳା ଯୋଜନାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ ବିବାଦ ଲାଗି ରହିଛି। ବିଜେଡି ଏହି ଯୋଜନା ରାଜ୍ୟରେ ବିଫଳ ହୋଇଥିବା କହୁଥିବା ବେଳେ ଭାଜପା ପାଲଟା ଆକ୍ରମଣ କରୁଛି। କିଛିଦିନ ତଳେ ବିଜେଡି ମହିଳା ସଂଗଠନ ପକ୍ଷରୁ ସମାନ ପ୍ରସଙ୍ଗ ନେଇ ଏକ ଖବରଦାତା ସମ୍ମିଳନୀ ଜରିଆରେ କେନ୍ଦ୍ରମନ୍ତ୍ରୀଙ୍କୁ ଏହି ଯୋଜନାର ସଫଳତା ନେଇ ଏକ ଶ୍ୱେତପତ୍ର ଜାରି କରିବା ପାଇଁ ଆହ୍ୱାନ କରାଯାଇଥିଲା। ବର୍ତ୍ତମାନ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଉଜ୍ଜ୍ୱଳା ଯୋଜନା ରାଜ୍ୟରେ ବିଫଳ ହୋଇଥିବା କଥା ଦୋହରାଇଛନ୍ତି। ପାତ୍ର ଏନେଇ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଥରେ ଗ୍ୟାସ୍ ସଂଯୋଗ ନେବାପରେ ଆଉ ପରବର୍ତ୍ତୀ ସମୟରେ ରିଫିଲିଂ ପାଇଁ ଆସୁନାହାନ୍ତି। ଗ୍ୟାସ୍‌ର ଦର ଏତେ ଅଧିକ ହେଉଛି ଯେ, ସାଧାରଣ ଗରିବ ଲୋକଙ୍କ କ୍ରୟଶକ୍ତି ବାହାରକୁ ଚାଲିଯାଉଛି। ଖାଲି ମାଗଣାରେ ଗ୍ୟାସ୍ ସଂଯୋଗ ଦେଲେ ହେବନାହିଁ, ରିହାତି ଦରରେ କେନ୍ଦ୍ରମନ୍ତ୍ରୀ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଗ୍ୟାସ୍ ଯୋଗାଇବା ପାଇଁ ସହାୟତା କରନ୍ତୁ। ରାଜ୍ୟରେ ୩୫ଲକ୍ଷ ୧୬ହଜାର ୩୮୪ ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମେ ୨୦୧୬-୧୭ ଆର୍ଥିକ ବର୍ଷରେ ୮ଲକ୍ଷ ୧୮ହଜାର ହିତାଧିକାରୀ ରିଫିଲିଂ ପାଇଁ ଆସିଥିଲେ। ଏହାର ଗୋଟିଏ ବର୍ଷପରେ ଅର୍ଥାତ୍ ୨୦୧୭-୧୮ରେ ଏହା ୬ଲକ୍ଷ ୪୫ଲକ୍ଷକୁ ହ୍ରାସ ପାଇଛି ବୋଲି ପାତ୍ର ତାଙ୍କ ଚିଠିରେ ଦର୍ଶାଇଛନ୍ତି।

ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଲେଖିଥିବା ଚିଠି ଉପରେ ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଉଜ୍ଜ୍ୱଳା ଯୋଜନା ବିରୋଧରେ ବିଜେଡି ଓ ରାଜ୍ୟ ସରକାର ମିଥ୍ୟା ରାଜନୈତିକ ପ୍ରଚାର କରୁଛନ୍ତି। ଏଥିରୁ ଉଜ୍ଜ୍ୱଳା ଯୋଜନାକୁ ନେଇ ସେମାନଙ୍କର ଡରକୁ ପ୍ରମାଣିତ କରୁଛି।

ମୋଦି ସରକାରଙ୍କ ଉଜ୍ଜ୍ୱଳା ଯୋଜନା ରାଜ୍ୟର ୪୧ ଲକ୍ଷ ଗରୀବ ପରିବାରର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିଛି। ଉଜ୍ଜ୍ୱଳା ଓଡିଶାକୁ ଶତ ପ୍ରତିଶତ ଧୂଆଁ ମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାର ସହଯୋଗ କରନ୍ତୁ। ଏଥିପାଇଁ ଅନୁରୋଧ କରିବା ସହ ଏହି ପବିତ୍ର ଯୋଜନାକୁ ନେଇ ରାଜନୀତି ନ କରିବାକୁ ଅନୁରୋଧ କରୁଛି। ୨୦୧୪ ମେ ପୂର୍ବରୁ ରାଜ୍ୟରେ ସର୍ବମୋଟ ୧୯ଲକ୍ଷ ଏଲପିଜି ସଂଯୋଗ ଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହି ସଂଖ୍ୟା ୭୨.୫ ଲକ୍ଷରେ ପହଞ୍ଚିଛି। ଏଥିରେ ୪୧ ଲକ୍ଷ ଗରୀବ ପରିବାର ସାମିଲ ହୋଇ ପାରିଛନ୍ତି, ଏହା ରାଜ୍ୟ ସରକାର ଭୁଲିବା ଉଚିତ ନୁହେଁ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

### ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ବ୍ୟାଙ୍କ୍‌ର ପ୍ରଥମ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୧୨(ବ୍ୟୁରୋ)

ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଦ୍ୱାରା ଆରବିଏଲ୍ ବ୍ୟାଙ୍କର ପ୍ରଥମ ଶାଖା ଗୁରୁବାର ଭୁବନେଶ୍ୱରରେ ଉଦ୍‌ଘାଟିତ ହୋଇଛି। ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସହ ସାଧାରଣ ଲୋକଙ୍କୁ ଯୋଡିବା ଆରବିଏଲ୍‌ର ମୁଖ୍ୟ ଲକ୍ଷ୍ୟ ହେଉ ବୋଲି ପାଢ଼ୀ କହିଛନ୍ତି। ଏହି ବ୍ୟାଙ୍କ୍‌ର ୨୬୯ଟି ଶାଖା ବର୍ତ୍ତମାନ ଦେଶର ବିଭିନ୍ନ ଓ ରାଜ୍ୟରେ କାର୍ଯ୍ୟ କରୁଛି। ଓଡ଼ିଶାରେ ନିକଟ ଭବିଷ୍ୟତରେ ଯାଜପୁର ଏବଂ ପାରାଦୀପରେ ୨ଟି ଶାଖା ଖୋଲିବାର ଯୋଜନା ରହିଥିବା ଆରବିଏଲ୍‌ର ଆର୍ଥିକ ଅନୁଷ୍ଠାନ ମୁଖ୍ୟ ଦୀପକ ଗଡାୟନ କହିଛନ୍ତି।

ସେହିପରି ଆରବିଏଲ୍‌ର ଓଡ଼ିଶା ମୁଖ୍ୟ ଇଶନ ସାମନ୍ତରାୟ କହିଛନ୍ତି ଯେ, ବ୍ୟାଙ୍କ୍ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା ଓ ସ୍ୱୀକୃତି ପାଇଛି। ୨୦୧୨ରୁ ୨୦୧୬ ପର୍ଯ୍ୟନ୍ତ ଲଗାତର ୫ ବର୍ଷ ଧରି ମିଡ୍ ସିଡିଡ୍ ସେଗ୍‌ମେଣ୍ଟ କ୍ଷେତ୍ରରେ ଦ୍ରୁତ ବର୍ଦ୍ଧିଷ୍ଣୁ ବ୍ୟାଙ୍କ୍ ଭାବେ ବିଜ୍‌ନେସ୍ ଟୁଡେ ଅଧ୍ୟୟନ ଦ୍ୱାରା ପ୍ରମାଣିତ ହୋଇଛି। ଏହି ବ୍ୟାଙ୍କ୍ ଉଭୟ ଏନ୍‌ଏସ୍‌ଇ ଏବଂ ବିଏସ୍‌ଇ ବ୍ୟବସ୍ଥାର ତାଲିକାଭୁକ୍ତ।

## ରିଭିଜନ ମାମଲାଗୁଡ଼ିକର ଦାଖଲ ଓ ଶୁଣାଣି ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)

ରାଜ୍ୟରେ ରାଜସ୍ୱ ପରିଷଦ ସଦସ୍ୟଙ୍କ ସମେତ ବିଭିନ୍ନ କମିଶନର ଓ ଅତିରିକ୍ତ କମିଶନରମାନଙ୍କ ପାଖରେ ପ୍ରାୟ ୧ଲକ୍ଷ ୨୩ହଜାର ୭୧୯ଟି ବନ୍ଦୋବସ୍ତ ଓ ଚକବନ୍ଦୀ ସଂକ୍ରାନ୍ତୀୟ ରିଭିଜନ ମାମଲା ବିଚାର ନ ହୋଇ ପଡ଼ିରହିଛି। ତେଣୁ ଆବେଦନକାରୀଙ୍କୁ ଏଥିପାଇଁ ବାରମ୍ବାର ଦୌଡିବାକୁ ପଡୁଛି। ଅପରପକ୍ଷରେ ନ୍ୟାୟ ମିଳିବାରେ ମଧ୍ୟ ବିଳମ୍ବ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବକେୟା ମାମଲାଗୁଡ଼ିକର ତ୍ୱରିତ ବିଚାର କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ ୩୦ ଜିଲାର ଅତିରିକ୍ତ ଜିଲାପାଳମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ରିଭିଜନାଲ କୋର୍ଟରେ ଦାଖଲ ହୋଇଥିବା ଓ ଏ ପର୍ଯ୍ୟନ୍ତ ବିଚାର ପାଇଁ ନିଆଯାଇ ନ ଥିବା ମାମଲାଗୁଡ଼ିକ ସମ୍ପୃକ୍ତ ଜିଲାର ଅତିରିକ୍ତ ଜିଲାପାଳମାନଙ୍କୁ ବିଚାର ଓ ଶୁଣାଣି ଲାଗି ହସ୍ତାନ୍ତର କରାଯିବ। ଏଥିସହିତ ନୂତନ ରିଭିଜନ ମାମଲାଗୁଡ଼ିକ ସମ୍ପୃକ୍ତ ଜିଲାର ଅତିରିକ୍ତ ଜିଲାପାଳଙ୍କଠାରେ ଦାଖଲ ହୋଇ ବିଚାର କରାଯିବ। ଜମିଜମା ବନ୍ଦୋବସ୍ତ ରିଭିଜନ ମାମଲାର ବିଚାର ନିମନ୍ତେ ୩୦ ଜିଲାର ଅତିରିକ୍ତ ଜିଲାପାଳ ଓ ଚକବନ୍ଦୀ ରିଭିଜନ ମାମଲା ଥିବା ୧୯ ଜିଲାର ଅତିରିକ୍ତ ଜିଲାପାଳମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁଯାୟୀ କ୍ଷମତା ପ୍ରଦାନ କରାଯାଇଛି। ଏହି ବ୍ୟବସ୍ଥାରେ ଲୋକମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ଆଶାପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଇନ୍ଦିରାଙ୍କ...

୧୯୮୦ରେ ସପ୍ତମ ଲୋକ ସଭାକୁ ନିର୍ବାଚିତ ହେବା ପରେ କ୍ରମାଗତ ଭାବେ ଜିତି ଆସୁଛନ୍ତି। ୧୯୯୧ ଜୁନ୍‌ରେ ସେ ପ୍ରଥମେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ନିଯୁକ୍ତ ହୋଇଥିଲେ। ପରେ ୧୯୯୫ରୁ ୧୯୯୬ ପର୍ଯ୍ୟନ୍ତ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ହୋଇଥିଲେ। ୨୦୦୧ରୁ ୨୦୦୪ ସେ ଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦକ ଥିଲେ ଏବଂ ୨୦୦୪ରୁ ୨୦୦୯ ବାଣିଜ୍ୟ ଓ ଶିଳ୍ପ ବିଭାଗ ମନ୍ତ୍ରୀ ହୋଇଥିଲେ। ୨୦୦୯ରେ ପଞ୍ଚଦଶ ଲୋକ ସଭାକୁ ନିର୍ବାଚିତ ହେବା ସହ କେନ୍ଦ୍ରରେ ସଡକ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ହୋଇଥିଲେ। ୨୦୧୧ରେ ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବାରୁ ସେ ସହରାଞ୍ଚଳ ବିକାଶ ମନ୍ତ୍ରୀ ହୋଇଥିଲେ। ୨୦୧୧ ସେପ୍ଟେମ୍ବରରେ ତାଙ୍କୁ ସବୁଠୁ ଧନୀ କେନ୍ଦ୍ରମନ୍ତ୍ରୀ ଘୋଷଣା କରାଯାଇଥିଲା। ସେତେବେଳେ ତାଙ୍କର ସମ୍ପତ୍ତି ପରିମାଣ ୨୭୩ କୋଟି ଟଙ୍କା ଥିଲା। ୨୦୧୨ ଅକ୍ଟୋବରରେ ତାଙ୍କୁ ଅତିରିକ୍ତ ଭାବେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଥିଲା।୨୦୧୨ ଡିସେମ୍ବରରେ ସେ ଜୟରାମ ରମେଶଙ୍କ ସ୍ଥାନରେ ଯୋଜନା ଆୟୋଗର ଏକ୍ସ-ଅଫିସିଓ ସଦସ୍ୟ ହୋଇଥିଲେ। ୨୦୧୪ ରେ ସେ ଷୋଡଶ ଲୋକ ସଭାକୁ ନିର୍ବାଚିତ ହୋଇ ଏକମାତ୍ର ସଦସ୍ୟ ଭାବେ ଆନୁଷ୍ଠାନିକ ଶପଥ ନେଇଥିଲେ ଏବଂ ଅସ୍ଥାୟୀ ବାଚସ୍ପତି ନିର୍ବାଚିତ ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ଗୋପୀନାଥ ମୁଣ୍ଡେଙ୍କ ପରଲୋକ ଯୋଗୁ ଗୃହ ସ୍ଥଗିତ ରହିଥିଲା ଏବଂ ଅନ୍ୟ କୌଣସି ସଦସ୍ୟ ଆନୁଷ୍ଠାନିକ ଭାବେ ଶପଥ ନେଇପାରି ନଥିଲେ। ସଞ୍ଜୟ ଗାନ୍ଧୀ ସ୍କୁଲ୍ ମେଟ୍ ଥିବାରୁ ନେହେରୁ-ଗାନ୍ଧୀ ପରିବାର ସହ କମଲନାଥଙ୍କର ଘନିଷ୍ଠତା ଥିଲା। ଏପରିକି ୧୯୭୯ରେ ମୋରାରଜୀ ଦେଶାଇ ସରକାର ଭାଙ୍ଗିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ସେଥିପାଇଁ ଇନ୍ଦିରା ଗାନ୍ଧୀ ତାଙ୍କୁ ତାଙ୍କର ତୃତୀୟ ପୁତ୍ର ଭଳି ଦେଖୁଥିଲେ।

କମଲନାଥ ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଟେକନୋଲୋଜି (ଆଇଏମ୍‌ଟି) ବୋର୍ଡଅଫ୍‌ଗଭର୍ନର୍ସର ଅଧ୍ୟକ୍ଷ ରହିଥିଲେ ଏବଂ ମଧ୍ୟପ୍ରଦେଶ ଶିଶୁ ବିକାଶପରିଷଦରସଭାପତିଏବଂଭାରତଯୁବକସମାଜରପୃଷ୍ଠପୋଷକଥିଲେ।

୨୦୦୭ରେ କମଲନାଥ ବାଣିଜ୍ୟ ମନ୍ତ୍ରୀ ଥିବାବେଳେ ତାଙ୍କ ବିରୋଧରେ ଚାଉଳ ରପ୍ତାନି ଅନିୟମିତତା ଅଭିଯୋଗ ହୋଇଥିଲା। ଅଣବାସମତି ଚାଉଳ ରପ୍ତାନି ଉପରୁ କଟକଣା ଉଠାଇଦେବା ଫଳରେ ଘରୋଇ କମ୍ପାନୀ ଲାଭବାନ ହୋଇଥିଲେ ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀକୁ ସାମାନ୍ୟ ଲାଭ ମିଳିଥିଲା। ହାୱାଲା ଦୁର୍ନୀତିରେ ତାଙ୍କ ବିରୋଧରେ ଚାର୍ଜଶିଟ ଦାଖଲ ପରେ ୧୯୯୬ରେ କଂଗ୍ରେସ ତାଙ୍କୁ ଟିକେଟ ଦେଇ ନ ଥିଲା। ଫଳରେ ଛିନ୍ଦୱାଡ଼ାରୁ ତାଙ୍କ ସ୍ତ୍ରୀ ଅଳକାନାଥ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୧୯୮୪ ଶିଖ୍ ଦଙ୍ଗା ବେଳେ ରାକବଗଞ୍ଜ ଗୁରୁଦ୍ୱାରା ବାହାରେ ଦୁଇ ଜଣ ଶିଖ୍‌ଙ୍କୁ ଜିଅନ୍ତା ଜାଳିଦିଆଯାଇଥିଲା। ସେଠାରେ କମଲନାଥ ଉପସ୍ଥିତ ଥାଇ ହିଂସାକୁ ପ୍ରୋତ୍ସାହିତ କରିଥିବା ଅଭିଯୋଗ ହୋଇଥିଲା। ସେ ଉତ୍ତ୍ୟକ୍ତ ଲୋକଙ୍କୁ ଲୁହା ରଡ୍ ଏବଂ କିରୋସିନ ଯୋଗାଇଥିଲେ ବୋଲି ବିଭିନ୍ନ ମହଲରେ ଆଲୋଚନା ହୋଇଥିଲା।

**ODISHA HYDRO POWER CORPORATION LTD.**
OHPC
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
Balimela Hydro Electric Project, At/Post: Balimela, Dist: Malkangiri, Pin: 764051 (Odisha), Phone Nos: 06861-232581/ 232695, Fax No.: 06861-232541, Email: unit.head_balimela@yahoo.com
No.CAD-1133:- CIN: U40101OR1995SGC003963

**Lr. No.- 6266** **Dt: 12.12.2018**

**1st CORRIGENDUM TO TCN No. 23/2018-19 Dated 22.11.2018**

**Sub:** Supply, retrofitting, testing, installation and commissioning of five numbers of Numerical Relays for 220 KV Feeders under PSDF scheme on turn key basis at BHEP, Balimela.

The last dates of this Office Tender Call Notice No: 23/2018-19 dated 22.11.2018 for Supply, retrofitting, testing, installation and commissioning of five numbers of Numerical Relays for 220 V Feeders under PSDF scheme on turn key basis at BHEP, Balimela is extended as follows.

Last date of sell of Tender Paper : 13.00 hrs of 29.12.2018
Last date of Receipt of Tender : 16.00 hrs of 29.12.2018
Date of opening of tender paper : 16.30 hrs of 29.12.2018
All other terms and conditions of the above TCN remains unaltered.

Sd./- Sr. General Manager (Ele.), Balimela HEP, Balimela
04019/11/0084/1819

**ଜିଲ୍ଲା କାର୍ଯ୍ୟାଳୟ, ଯାଜପୁର**
(ଶିଶୁ ସୁରକ୍ଷା ୟୁନିଟ୍)
ପତ୍ର ସଂଖ୍ୟା : DCPU/JPR/1074/18 ତାରିଖ : ୧୩.୧୨.୨୦୧୮

**ବିଜ୍ଞପ୍ତି**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା. ୨୪.୦୯.୨୦୧୮ ରିଖରେ ଯାଜପୁର ଜିଲ୍ଲାର ଯାଜପୁର- କେଉଁଝର ରୋଡ଼ ରେଳ ଷ୍ଟେସନର ପରିତ୍ୟକ୍ତ ସ୍ଥାନରୁ ଏକ ଶିଶୁ ପୁତ୍ରକୁ ଯାଜପୁର ରୋଡ ପୋଲିସ ଦ୍ୱାରା ଉଦ୍ଧାର କରାଯାଇ ଶିଶୁ ସୁରକ୍ଷା ୟୁନିଟ୍, ଯାଜପୁରକୁ ହସ୍ତାନ୍ତର କରାଯାଇଥିଲା ଓ ପରେ ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିର୍ଦ୍ଦେଶକ୍ରମେ ଶିଶୁଟିକୁ ଉତ୍କଳ ବାଳାଶ୍ରମସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଠାରେ ଅସ୍ଥାୟୀ ଭାବରେ ଅଇଥାନ କରାଯାଇଛି। ଯଦି ଉକ୍ତ ଶିଶୁଟିର ପିତା-ମାତା କିମ୍ବା କୌଣସି ଅଭିଭାବକ / ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଅଧ୍ୟକ୍ଷା, ଶିଶୁ ମଙ୍ଗଳ କମିଟି, ଯାଜପୁର (ମୋବାଇଲ-9337810497) କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର, ଫୋନ- ୦୬୭୨୮-୨୨୩୬୨୨, ୯୪୩୭୨୯୭୬୨୨ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦେଇ ଉକ୍ତ ଶିଶୁଟିକୁ ନେବାପାଇଁ ଦାବି ଉପସ୍ଥାପନ କରିପାରିବେ। ଯଦି ଉକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଦାୟ ମୁକ୍ତ ଘୋଷଣା କରାଯିବ।

| ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର କରାଯାଇଥିବା ସ୍ଥାନ | CWC କେସ୍ ନମ୍ବର ଓ ତାରିଖ | ଫଟୋ |
|---|---|---|---|---|---|
| ଜିତ | ପୁଅ | ୦୩ ବର୍ଷ | ଯାଜପୁର-କେଉଁଝର ରୋଡ୍ ରେଳ ଷ୍ଟେସନର ପରିତ୍ୟକ୍ତ ସ୍ଥାନରୁ | ୧୪୪୫/୨୯.୦୯.୨୦୧୮ |  |

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର

**Odisha State Medical Corporation Limited (OSMC)**
OSMC – Assuring Quality, Saving Lives
In front of Ram Mandir, Convent Square, Unit – III, Bhubaneswar -751 001, Tel.: (0674) 2380608,
Website: www.osmcl.nic.in, Email : proc.osmcl.od@nic.in
Date: 12.12.2018

**NOTICE INVITING E-TENDER FOR SUPPLY & INSTALLATION OF LABORATORY EQUIPMENTS AT AHRCC, CUTTACK**

**No. CAD-1136:-** Online Bids through e-Tender portal (https://tendersodisha.gov.in) are invited from eligible bidders for supply, installation & commissioning of Equipments as per the particulars mentioned below:

| Sl. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2018-19/ AHRCC-LABEQUIPMENT/16 | Supply & Installation of Laboratory Equipments At AHRCC, Cuttack | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | **14.12.2018, 3 PM** | |
| 2. | Date & time of Pre-bid meeting | **22.12.2018, 11 AM** Venue: Conference Hall, Odisha State Medical Corporation Ltd., Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time: **26.12.2018, 3 PM** | End Date & Time: **10.01.2019, 5 PM** |
| 4. | Date & time of online Technical bid opening | 14.01.2019, 11 AM | |
| 5. | Date of demonstration of Equipment (if required by the Tender Inviting Authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. | |
| 6. | Date of opening of Price Bid | To be informed to the qualified bidders. | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.

Sd./-
Managing Director
OSMC Ltd., Odisha
10112/11/0047/1819

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

# MOCK TEST PAPER # 2

## CLASS-X (MATHEMATICS)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

*i.* ***All questions are compulsory. There are 30 questions in all.***

*ii.* ***This question paper has four sections : Section A, Section B, Section C and Section D.***

*iii.* ***Section A contains 6 questions of one mark each, Section B contains 6 questions of two marks each, Section C contains 10 questions of three marks each, Section D contains 8 questions of four marks each.***

*iv.* ***There is no overall choice. However, an internal choice has been provided in four questions of three marks each and three questions of four marks each. You have to attempt only one of the choices in such questions.***

*v.* ***Use of calculators is not permitted.***

### SECTION-A

1. Find the HCF of 96 and 404 by prime factorization method. Hence, find their LCM.
2. If the first term of an A.P. is 2 and common difference is 4, then find the sum of its 40 terms.
3. In figure APB is a tangent to a circle with centre O at point P. If $\angle QPB = 50^0$, then find the measure of $\angle POQ$.




4. If $\alpha$ and $\beta$ are the zeros of the quadratic polynomial $p(x) = 4x^2 - 5x - 1$, find the value of $\alpha^2\beta + \alpha\beta^2$.
5. The mean of first n odd natural numbers is $\frac{n^2}{81}$, then find n.
6. Suppose you drop a die at random on the rectangular region shown in figure. What is the probability that it will land inside the circle with diameter 1 m ?




### SECTION-B

7. Find the greatest number of 6 digits exactly divisible by 24, 15 and 36.
8. If –4 is a root of the quadratic equation $x^2 + px - 4 = 0$ and the quadratic equation $x^2 + px + k = 0$ has equal roots, find the value of k.
9. If P(x, y) is any point on the line joining the points A (a, 0) and B(0, b), then show that $\frac{x}{a} + \frac{y}{b} = 1$
10. The mean of n observations is $\bar{x}$. If the first observation is increased by 1, the second by 2, the third by 3, and so on, then find the new mean.
11. A rhombus of side 20 cm has two angles of $60^0$ each. Find the length of the diagonals.
12. A number x is selected from the numbers 1, 2, 3 and then a second number y is randomly selected from the numbers 1, 4, 9. What is the probability that the product xy of the two numbers will be less than 9 ?

### SECTION-C

13. Prove that one of every three consecutive positive integers is divisible by 3.
14. Solve: $2(3u - v) = 5uv$, $2(u + 3v) = 5uv$
15. Prove that the equation $x^2(a^2 + b^2) + 2x(ac + bd) + (c^2 + d^2) = 0$ has no real root, if $ad \neq bc$
16. Which term of the A.P. 3, 15, 27, 39,......... will be 120 more than its 21st term ?
17. In figure, BC is a tangent to the circle with centre O. OE bisects AP. Prove that $\Delta AEO \sim \Delta ABC$.




**OR**

In figure, O is the centre of the circle and BCD is tangent to it at C. Prove that $\angle BAC + \angle ACD = 90^0$




18. O is any point inside a triangle ABC. The bisector of $\angle AOB$, $\angle BOC$ and $\angle COA$ mneet the sides AB, BC and CA in point D, E and F respectively. Show that AD x BE x CF = DB x EC x FA

**OR**

ABC is a triangle in which AB = AC and D is a point on AC such that $BC^2 = AC \times CD$. Prove that BD = BC.

19. Draw a $\Delta ABC$ with side BC = 6 cm, AB = 5 cm and $\angle ABC = 60^0$. Then construct a triangle whose sides are $(3/4)^{th}$ of the corresponding sides of $\Delta ABC$.
20. If $\angle B$ and $\angle Q$ are acute angles such that sinB = sinQ, then prove that $\angle B = \angle Q$
21. PQRS is a diameter of a circle of radius 6 cm. The lengths PQ, QR and RS are equal. Semi-circles are drawn on PQ and QS as diameters as shown in figure. Find the perimeter and area of the shaded region.




22. A right circular cone is of height 8.4 cm and the radius of its base is 2.1 cm. It is melted and recast into a sphere. Find the radius of the sphere.

### SECTION-D

23. If two zeros of the polynomial $f(x) = x^4 - 6x^3 - 26x^2 + 138x - 35$ are $2 \pm \sqrt{3}$, find other zeros.
24. The sum of the third and seventh terms of A.P. is 6 and their product is 8. Find the sum of first sixteen terms of the A.P.
25. Three vertices of a parallelogram ABCD are A(3, –4), B(–1, –3) and C(–6, 2). Find the coordinates of vertex D and find the area of parallelogram ABCD.

**OR**

If the point (x, y) is equidistant from the points (a + b, b – a) and (a – b, a + b), prove that bx = ay

26. In trapezium ABCD, AB || DC and DC = 2AB.EF drawn parallel to AB cuts AD is F and BC in E such that $\frac{BE}{EC} = \frac{3}{4}$. Diagonal DB intersects EF at G. Prove that 7FE = 10 AB.
27. From the top of a building 60 m high the angles of depression of the top and the bottom of a tower are observed to be $30^0$ and $60^0$. Find the height of the tower.

**OR**

A 1.2 m tall girl spots a balloon moving with the wind in a horizontal line at a height of 88.2 m from the ground. The angle of elevation of the balloon from the eyes of the girl at any instant is $60^0$. After some time, the angle of elevation reduces to $30^0$. Find the distance travelled by the balloon during the interval.

28. Prove that $(\sin A + \sec A)^2 + (\cos A + \operatorname{cosec} A)^2 = (1 + \sec A \operatorname{cosec} A)^2$.
29. A solid consisting of a right cone standing on a hemisphere is placed upright in a right circular cylinder full of water and touches the bottom. Find the volume of water left in the cylinder, if the radius of the cylinder is 60 cm and its height is 180 cm, the radius of the hemisphere is 60 cm and height of the cone is 120 cm, assuming that the hemisphere and the cone have common base.

**OR**

The height of a right circular cone is trisected by two planes drawn parallel to the base. Show that the volumes of the three portions starting from the top are in the ratio 1 : 7 : 19.

30. The mean of the following frequency table is 50. But the frequencies $f_1$ and $f_2$ in class 20-40 and 60-80 are missing. Find the missing frequencies.

| Class | 0–20 | 20–40 | 40–60 | 60–80 | 80–100 | Total |
|---|---|---|---|---|---|---|
| Frequency | 17 | $f_1$ | 32 | $f_2$ | 19 | 120 |

For Answers visit: www.dharitri.com


Vidyamandir Classes
GURUKUL FOR IITJEE AND MEDICAL PREPARATION

NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.

Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

"ଆଜିକାଲି ୱେଷ୍ଟଇଣ୍ଡିଜ ଦଳର ପ୍ରଦର୍ଶନ, କ୍ଲାଇଭ ଲୟଡ୍ସ, ଭିଭିଆନ ରିଚାର୍ଡ ଏବଂ ଗ୍ୟାରି ସୋବର୍ସଙ୍କ ଭଳି କ୍ରିକେଟ କିମ୍ବଦନ୍ତୀଙ୍କୁ ଖୁବ୍ ବ୍ୟଥିତ କରୁଥିବ ନିଶ୍ଚୟ।"
– ଫିଲ୍ ସିମନ୍ସ, ୱେଷ୍ଟଇଣ୍ଡିଜ ଓପନର



"ଏକ ଡବ୍ଲ୍ୟୁଟିଏ ଇଭେଣ୍ଟ ଆୟୋଜନ ପାଇଁ ଭାରତକୁ ୫୦ ମହିଳା ସିଙ୍ଗଲ୍ସ ଖେଳାଳି ସୃଷ୍ଟି କରିବାକୁ ପଡ଼ିବ। ଏହା ଦ୍ୱାରା ଷ୍ଟାଡିୟମକୁ ଦର୍ଶକ ଆକର୍ଷିତ କରିହେବ।"
– ମହେଶ ଭୂପତି, ଏକାଧିକ ଗ୍ରାଣ୍ଡସ୍ଲାମ ବିଜେତା



## ସଂକ୍ଷେପରେ

### ଭାରତ ଫାଇନାଲରେ

କଲମ୍ବୋ, ୧୩।୧୨ (ପି.ଟି.): ଏଠାରେ ଚାଲିଥିବା ଏସିସି ଇମର୍ଜିଂ ଟିମ୍ସ ଏସିଆ କପ୍‌ରେ ଭାରତ ୭ ଉଇକେଟରେ ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଦଳକୁ ଜିତାଇବାରେ ନୀତୀଶ ରାଣା ଓ ହିମତ ସିଂଙ୍କ ବିଶେଷ ଭୂମିକା ରହିଥିଲା। ଉଭୟେ ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତ ୧୭୩ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ଦିଲ୍ଲୀର ଏହି ବ୍ୟାଟ୍ସମ୍ୟାନଦ୍ୱୟ ଚତୁର୍ଥ ଉଇକେଟରେ ୧୨୬ ରନ ଯୋଗ କରିଥିଲେ। ରାଣା ୬୦ ବଲ୍‌ରୁ ୬୦ ରନ କରିଥିବାବେଳେ ହିମତ ୫୮ ବଲ୍‌ରୁ ୫୯ ରନ କରିଥିଲେ। ଭାରତ ୨୭.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସିଂ ଲଗାତର ୩ଟି ସମେତ ମୋଟ ୫ ଛକା ଲଗାଇଥିବା ବେଳେ ରାଣା ୩ ଛକା ମାରିଥିଲେ। ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୪୪.୪ ଓଭରରେ ୧୭୨ ରନରେ ଅଲଆଉଟ ହୋଇଯାଇଥିଲା।

### ସିନ୍ଧୁ, ସମୀର ବିଜୟୀ

ଗୁଆଙ୍ଗଝୋ, ୧୩।୧୨ (ପି.ଟି.)- ଚଳିତ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ଗୁରୁବାର ଭାରତର ପି. ଭି. ସିନ୍ଧୁ ଏବଂ ସମୀର ବର୍ମା ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଅଲିମ୍ପିକ ରୌପ୍ୟ ବିଜୟିନୀ ସିନ୍ଧୁ ବିଶ୍ୱର ନମ୍ବର ୱାନ ତାଇ ତିଜୁ ୟିଙ୍ଗ୍‌ଙ୍କ ବିପକ୍ଷରେ ତାଙ୍କ ପରାଜୟ ଧାରାକୁ ରୋକି ପାରିଛନ୍ତି। ଗ୍ରୁପ୍ ଏ'ରେ ସେ ଚାଇନିଜ ତାଇପେର ଏହି ଖେଳାଳିଙ୍କୁ ୧୪-୨୧, ୨୧-୧୬, ୨୧-୧୮ରେ ହରାଇ ଦେଇଛନ୍ତି। ଦୁଇ ଖେଳାଳି ପରସ୍ପରକୁ ୧୩ର ଭେଟିଛନ୍ତି। କ୍ରମାଗତ ୬ ଥର ପରାଜୟ ପରେ ସିନ୍ଧୁଙ୍କର ଏହି ଖେଳାଳିଙ୍କ ବିପକ୍ଷରେ ଏହା ପ୍ରଥମ ବିଜୟ। ଶେଷ ମୁହୂର୍ତ୍ତରେ ଏହି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବିଶ୍ୱର ୧୪ ନମ୍ବର ଖେଳାଳି ସମୀର ୧୦ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଇଣ୍ଡୋନେସିଆର ଟମି ସୁଗିଆର୍ତ୍ତୋଙ୍କୁ ଗ୍ରୁପ୍ ବି'ର ଏକ ମୁକାବିଲାରେ ୨୧-୧୬, ୨୧-୭ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ ମାତ୍ର ୪୦ ମିନିଟ୍‌ରେ ଶେଷ ହୋଇଥିଲା। ୨୪ ବର୍ଷୀୟ ଭାରତୀୟ ତାଙ୍କ ଓପନିଂ ମ୍ୟାଚରେ ବିଶ୍ୱର ନମ୍ବର ୱାନ ତଥା ବିଶ୍ୱ ଚାମ୍ପିୟନ କେଣ୍ଟୋ ମୋମୋତାଙ୍କଠାରୁ ହାରିଯାଇଥିଲେ।

# ଆଜିଠାରୁ ପର୍ଥରେ ଭାରତ-ଅଷ୍ଟ୍ରେଲିଆ ଲଢ଼େଇ

ପର୍ଥ, ୧୩।୧୨(ପି.ଟି.)

ପର୍ଥର ନୂଆ ଓପ୍ଟସ୍ ଷ୍ଟାଡିୟମରେ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଦ୍ୱିତୀୟ ଟେଷ୍ଟ। ପର୍ଥର ଏହି ନୂଆ ପିଚ୍‌ରେ ବଲ୍ ଦ୍ରୁତ ହେବା ସହିତ ବାଉନ୍ସ କରିବ। ଅବଶ୍ୟ ପର୍ଥରେ ବଲ ସବୁବେଳେ ବହୁ ପରିମାଣରେ ଦ୍ରୁତ ହେବା ସହ ବାଉନ୍ସ ହୋଇଥାଏ ଓ ଏହା ଭାରତୀୟ ଦଳ ପାଇଁ ଆଦୌ ନୂଆ ନୁହଁ। ଏହି ସବୁଜ ଉଇକେଟରେ ଖେଳିବାକୁ ଯାଉଥିବାରୁ ଆମେ କିଛି ପରିମାଣରେ ନର୍ଭସ ଅଛୁ। ତେବେ ତା'ଠାରୁ ଅଧିକ ଉତ୍ସାହିତ ଅଛୁ ବୋଲି କୋହଲି କହିଛନ୍ତି। ଭାରତୀୟ ଦଳରେ ମଧ୍ୟ କେତେଜଣ ବିଶ୍ୱସ୍ତରୀୟ ଦ୍ରୁତ ବୋଲର ଅଛନ୍ତି। ତେଣୁ ଏହି ପିଚ୍‌ରେ ଉଭୟ ଦଳ ସମାନ ଭାବେ ପରୀକ୍ଷାର ସମ୍ମୁଖୀନ ହେବେ।

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆଡିଲେଡରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୩୧ ରନରେ ବିଜୟୀ ହୋଇ ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଫଳରେ ଭାରତର ଆତ୍ମବିଶ୍ୱାସରେ ଯଥେଷ୍ଟ ବୃଦ୍ଧି ଘଟିଛି। ଏବେ ଉଭୟ ଦଳ ପାଇଁ ଏହି ମ୍ୟାଚ୍‌ର ଗୁରୁତ୍ୱ ବଢ଼ିଯାଇଛି।

କ୍ୟୁରେଟର ବ୍ରେଟ୍ ସିପଥୋର୍ପ ଏକ ବାଉନ୍ସ ଉଇକେଟ ପ୍ରସ୍ତୁତ କରିବା ପାଇଁ ପ୍ରୟାସ କରିଛନ୍ତି। ଉଇକେଟରେ ପ୍ରବଳ ଘାସ ରହିଛି। ଫଳରେ ଉଭୟ ଦଳର ଦ୍ରୁତ ବୋଲରମାନେ ଫାଇଦା ଉଠାଇ ପ୍ରତିପକ୍ଷ ଦଳର ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଇପାରିବେ। ଏହି ମ୍ୟାଚ୍‌ରେ ବିଜୟୀ ହୋଇ ଭାରତ ୨-୦ରେ ଅଗ୍ରଣୀ ହାସଲ କରିବା ଲକ୍ଷ୍ୟରେ ରହିଛି।



ଅଧିନାୟକ ବିରାଟ କୋହଲି ଗୁରୁବାର ପର୍ଥ ପିଚ୍‌କୁ ନିରୀକ୍ଷଣ କରୁଛନ୍ତି।

ଏହି ମ୍ୟାଚ୍ ପାଇଁ ଭାରତୀୟ ଦଳରେ କେତୋଟି ପରିବର୍ତ୍ତନ ହେବା ଏକ ପ୍ରକାର ନିଶ୍ଚିତ। କାରଣ ଏକାଧିକ ଭାରତୀୟ କ୍ରିକେଟର ଆଘାତ ସମସ୍ୟାର ସମ୍ମୁଖୀନ ହୋଇ ଦଳରୁ ବାଦ୍ ପଡିଛନ୍ତି। ଦ୍ୱିତୀୟ ଟେଷ୍ଟ ପାଇଁ ଘୋଷିତ ୧୩ ଜଣିଆ ଭାରତୀୟ ଦଳରେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରୋହିତ ଶର୍ମା ବାଦ୍ ପଡିଛନ୍ତି। ଏହି ଦୁଇ ଖେଳାଳି ଇଞ୍ଜୁରିର ଶିକାର ହୋଇଛନ୍ତି। ବାମ ତଳିପେଟରେ ଯନ୍ତ୍ରଣା କାରଣରୁ ଅଶ୍ୱିନ୍ ବାଦ୍ ପଡିଛନ୍ତି। ସେ ପ୍ରଥମ ଟେଷ୍ଟ ଅବସରରେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ସେହିପରି ପ୍ରଥମ ଟେଷ୍ଟ ଖେଳିବା ଅବସରରେ ରୋହିତ୍ ପିଠି ଯନ୍ତ୍ରଣାର ଶିକାର ହୋଇଥିଲେ। ଦୁଇ ଦିନଧରି ହୋଇଥିବା ଅଭ୍ୟାସ ସେସନରେ ଏହି କାରଣରୁ ସେ ଅନୁପସ୍ଥିତ ଥିଲେ। ଅଶ୍ୱିନ ମଧ୍ୟ ବୁଧବାର ଟ୍ରେନିଂରେ ସାମିଲ ହୋଇ ନ ଥିଲେ। ତେବେ ଗୁରୁବାର ଅଭ୍ୟାସ ଅବସରରେ ସେ ଉପସ୍ଥିତ ଥିଲେ। ସେ ନେଟ୍ସରେ ବ୍ୟାଟିଂ କିମ୍ବା ବୋଲିଂ କରି ନ ଥିଲେ। ଯୁବ ଓପନର ପୃଥ୍ୱୀ ଶ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇନାହାନ୍ତି। ଫଳରେ ଭାରତ ଓପନିଂ ଯୋଡି ଭାବେ ଲୋକେଶ ରାହୁଲ ଓ ମୁରଲୀ ବିଜୟଙ୍କୁ ଖେଳାଇବା ନିଶ୍ଚିତ ହୋଇଛି। ୧୩ ଜଣିଆ ଭାରତୀୟ ଦଳରେ ହନୁମା ବିହାରୀ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର ଓ ଉମେଶ ଯାଦବଙ୍କୁ ସାମିଲ କରାଯାଇଛି। ଫଳରେ ଭାରତ ଏକ ନୂଆ କ୍ରମପରିବର୍ତ୍ତନ ଓ ସଂଯୋଜନ ନେଇ ପଡିଆକୁ ଓହ୍ଲାଇବ। ତେଣୁ ଭାରତ ଦ୍ରୁତ ବୋଲରଙ୍କ ଉପରେ ଭରସା କରିବ। ପୂର୍ବରୁ ମଧ୍ୟ କୋହଲି ଦ୍ରୁତ ବୋଲରଙ୍କୁ ନେଇ ଏ ଭଳି ପରୀକ୍ଷା ନିରୀକ୍ଷା କରିଛନ୍ତି। ଗତ ଜୋହାନ୍ସବର୍ଗ ଟେଷ୍ଟରେ କୋହଲି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମେତ ୪ଜଣ ଦ୍ରୁତ ବୋଲରଙ୍କୁ ଖେଳାଇଥିଲେ।

ଏହାପୂର୍ବରୁ ୨୦୧୨ରେ ପର୍ଥରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍‌ରେ ଭାରତ ଏକ ସମ୍ପୂର୍ଣ୍ଣ ପେସ୍ ବାହିନୀ ସହ ପଡିଆକୁ ଓହ୍ଲାଇଥିଲା। ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଦ୍ରୁତ ବୋଲର ଜାହିର ଖାଁ, ଉମେଶ ଯାଦବ, ଇଶାନ୍ତ ଶର୍ମା ଓ ଆର. ବିନୟ କୁମାରଙ୍କୁ ସେତେବେଳେ ୱାକା ଗ୍ରାଉଣ୍ଡରେ ଖେଳାଇଥିଲେ। ସେହିବେଳେ ଏହି ଟେଷ୍ଟରେ ବୀରେନ୍ଦ୍ର ସେହ୍ୱାଗ୍ ୭.୨ ଓଭର ଅଫ୍ ସ୍ପିନ ବୋଲିଂ କରିଥିଲେ।

ରୋହିତଙ୍କ ଅନୁପସ୍ଥିତିରେ ବିହାରୀ ଖେଳିବା ସମ୍ଭାବନା ସୃଷ୍ଟି ହୋଇଛି। ଏହା ପୂର୍ବରୁ ଇଂଲଣ୍ଡର ଓଭାଲରେ ଅନୁଷ୍ଠିତ ପଞ୍ଚମ ଟେଷ୍ଟରେ ବିହାରୀ ପଦାର୍ପଣ କରିଥିଲେ ଓ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିହାରୀ ମଧ୍ୟ ଭଲ କାମଚଳା ଅଫ୍ ସ୍ପିନ୍ ବୋଲିଂ କରିବାର କ୍ଷମତା ରଖନ୍ତି। ତେଣୁ ବିହାରୀଙ୍କୁ ବ୍ୟବହାର କରିବାକୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଆଦୌ ପଛାଇବ ନାହିଁ। ଗତ ଓଭାଲ ଟେଷ୍ଟରେ ମଧ୍ୟ ବିହାରୀ ୧୦.୩ ଓଭର ବୋଲିଂ କରିଥିଲେ। ସିଡନୀରେ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍‌ରେ ମଧ୍ୟ ସେ କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ବିରୋଧରେ ୧୨ ଓଭର ବୋଲିଂ କରିଥିଲେ।

### ଦ୍ୱିତୀୟ ଟେଷ୍ଟ

- **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ, ମୁରଲୀ ବିଜୟ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟ କିପର), ରବୀନ୍ଦ୍ର ଜାଡେଜା, ଇଶାନ୍ତ ଶର୍ମା, ଯଶପ୍ରୀତ ବୁମରା, ମହମ୍ମଦ ସାମି, ଭୁବନେଶ୍ୱର କୁମାର ଓ ଉମେଶ ଯାଦବ।
- **ଅଷ୍ଟ୍ରେଲିଆ ଦଳ:** ଟିମ ପେନ (ଅଧିନାୟକ), ମାର୍କସ ହାରିସ୍, ଆରୋନ ଫିଞ୍ଚ୍, ଉସ୍‌ମାନ ଖ୍ୱାଜା, ଟ୍ରେଭିସ୍ ହେଡ, ଶନ ମାର୍ଶ, ପିଟର ହ୍ୟାଣ୍ଡସ୍କମ୍ବ, ନାଥନ ଲିୟନ, ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ ଓ ଜୋଶ ହାଜେଲଉଡ।

**ମ୍ୟାଚ୍ ଆରମ୍ଭ: ସକାଳ ୭ଟା ୫୦** **ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟୱର୍କ**

# ଓଡ଼ିଶା ବନାମ ରାଜସ୍ଥାନ

ଭୁବନେଶ୍ୱର, ୧୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଘରୋଇ କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ରଣ୍‌ଜୀ ଟ୍ରଫିର ୬ ରାଉଣ୍ଡ ଖେଳ ଶୁକ୍ରବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏହିକ୍ରମରେ ଓଡ଼ିଶା ଦଳ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଦୁଇଥର ରଣଜୀ ଟ୍ରଫି ଚାମ୍ପିୟନ ରାଜସ୍ଥାନକୁ ଭେଟିବ। ଭୁବନେଶ୍ୱର ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଏଥିଲାଗି ଉଭୟ ରାଜସ୍ଥାନ ଓ ଘରୋଇ ଓଡ଼ିଶା କ୍ରିକେଟ ଦଳ ଜୋର୍‌ଦାର ଅଭ୍ୟାସ ଚଳାଇଛନ୍ତି। ଏଲିଟ୍ ଗ୍ରୁପ୍-ସି ପଏଣ୍ଟ ଟେବୁଲରେ ରାଜସ୍ଥାନ ଶୀର୍ଷରେ ରହିଥିବାବେଳେ ଓଡ଼ିଶା ୬ଷ୍ଠ ସ୍ଥାନରେ ରହିଛି। ଚଳିତ ସିଜନରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୫ ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ଡ୍ର ସହ ୧୩ ପଏଣ୍ଟ ହାସଲ କରିଛି। ଅପରପକ୍ଷରେ ୨୦୧୦-୧୧ ଓ ୨୦୧୧-୧୨ ଲଗାତର ୨ଟି ସିଜନରେ ଚାମ୍ପିୟନ ରହିଥିବା ରାଜସ୍ଥାନ ବର୍ତ୍ତମାନ ସୁଦ୍ଧା ୫ ମ୍ୟାଚ୍‌ରୁ ୪ ବିଜୟ ଓ ଗୋଟିଏ ଡ୍ର ସହ ୨୮ ପଏଣ୍ଟ ପାଇ ଗ୍ରୁପ୍-ସି'ରେ ଶୀର୍ଷ ସ୍ଥାନରେ ରହିଛି। ତେଣୁ ଦୁଇ ଦଳର ପ୍ରଦର୍ଶନକୁ ନଜର କଲେ ମୋହିପାଲ ଲୋମ୍‌ରାଙ୍କ ନେତୃତ୍ୱାଧୀନ ରାଜସ୍ଥାନର ପଲା ଭାରି ରହିଛି। ଓଡ଼ିଶା ରାଞ୍ଚିରେ ଖେଳିଥିବା ତା'ର ପୂର୍ବ ମ୍ୟାଚ୍‌ରେ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲା। ଏହି ମ୍ୟାଚ୍‌ରେ ଘରୋଇ ଝାଡ଼ଖଣ୍ଡ ୨ ରନରେ ଓଡ଼ିଶାକୁ ପରାସ୍ତ କରିଥିଲା। ଅପରପକ୍ଷରେ ରାଜସ୍ଥାନ ଘରୋଇ ଗ୍ରାଉଣ୍ଡରେ ଆସାମକୁ ଏକ ଇନିଂସ ଓ ୪୩ ରନର ବୃହତ ବ୍ୟବଧାନରେ ପରାସ୍ତ କରି ଏଠାକୁ ଖେଳିବାକୁ ଆସିଛି।

ଘରୋଇ ଗ୍ରାଉଣ୍ଡରେ ଚଳିତ ସିଜନରେ ଓଡ଼ିଶାର ଏହା ୪ର୍ଥ ମ୍ୟାଚ୍ ହେବ। ଏଥିପୂର୍ବରୁ ଓଡ଼ିଶା କିଟ୍‌ରେ ହରିୟାଣା ବିପକ୍ଷରେ ଇନିଂସ ପଛୁଆ ରହି ମ୍ୟାଚ୍ ଡ୍ର ରଖିଥିଲା। ଏହାପରେ ପୁଣି ସେହି କିଟ୍ ଗ୍ରାଉଣ୍ଡରେ ଖେଳିଥିବା ୨ୟ ମୁକାବିଲାରେ ଉତ୍ତରପ୍ରଦେଶଠାରୁ ୧୦ ଉଇକେଟ୍‌ରେ ପରାଜୟର ସମ୍ମୁଖୀନ ହୋଇଥିଲା। ତେବେ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ୫ ଉଇକେଟରେ ତ୍ରିପୁରାକୁ ହରାଇଥିଲା।

**ଓଡ଼ିଶା ଦଳ:** ଅନୁରାଗ ଷଡ଼ଙ୍ଗୀ, ରଣଜିତ୍ ସିଂ, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ (ଅଧିନାୟକ), ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ପି. ରୋଶନ କୁମାର ରାଓ (ଉଇକେଟ୍‌କିପର), ଧୀରାଜ ସିଂ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତ, ଶୁଭମ ନାୟକ, ଦେବାଶିଷ ସାମନ୍ତରାୟ, କୋଚ୍- ରଶ୍ମିରଞ୍ଜନ ପରିଡ଼ା।

### ରଣଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ

- ହରିୟାଣା ବିପକ୍ଷରେ ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ଡ୍ର'
- ଉତ୍ତରପ୍ରଦେଶଠାରୁ ୧୦ ଉଇକେଟ୍‌ରେ ପରାସ୍ତ
- ଆସାମ ବିପକ୍ଷରେ ୯ ଉଇକେଟ୍‌ରେ ବିଜୟୀ
- ତ୍ରିପୁରା ବିପକ୍ଷରେ ୫ ଉଇକେଟ୍‌ରେ ବିଜୟୀ
- ଝାଡ଼ଖଣ୍ଡଠାରୁ ୨ ରନରେ ପରାସ୍ତ



ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ଭାରତକୁ ହରାଇବା ପରେ ନେଦରଲାଣ୍ଡ୍ସ ଦଳ।

# ଦୁର୍ବଳ ଅମ୍ପାୟରିଂକୁ ଦାୟୀ କଲେ ହରେନ୍ଦ୍ର

ଭୁବନେଶ୍ୱର, ୧୩।୧୨(କ୍ରୀଡା ପ୍ରତିନିଧି)

ଚଳିତ ବିଶ୍ୱକପ୍‌ରେ ଆୟୋଜକ ଭାରତ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସଠାରୁ ପରାସ୍ତ ହୋଇ ବିଦାୟ ନେଇଛି। ଫଳରେ ପ୍ରଶଂସକ ନିରାଶ ହୋଇଛନ୍ତି। ତେବେ ଏହି ପରାଜୟ ପାଇଁ ଦୁର୍ବଳ ଅମ୍ପାୟରିଂକୁ ଦାୟୀ କରିଛନ୍ତି ଭାରତୀୟ କୋଚ୍ ହରେନ୍ଦ୍ର ସିଂ। ଚଳିତ ବର୍ଷ ଭାରତ ଦୁଇଥର ଦୁର୍ବଳ ଅମ୍ପାୟରିଂର ଶିକାର ହୋଇଛି। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଏହି ଘଟଣାକୁ ଗୁରୁତ୍ୱ ଦେବା ଉଚିତ୍ ଓ ଏ ନେଇ ମତ ରଖିବା ଆବଶ୍ୟକ ବୋଲି ହରେନ୍ଦ୍ର କହିଛନ୍ତି।

୪୩ ବର୍ଷ ପରେ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ଥିଲେ ମଧ୍ୟ ଭାରତ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସଠାରୁ ପରାସ୍ତ ହୋଇଛି। ଏବେ ଅମ୍ପାୟରମାନଙ୍କ ପ୍ରଦର୍ଶନକୁ ଏଫ୍‌ଆଇଏଚ୍ ଗୁରୁତର ସହ ତର୍ଜମା କରିବାର ସମୟ ଆସି ପହଞ୍ଚିଛି ବୋଲି ମ୍ୟାଚ୍ ପରର ଖବରଦାତା ସମ୍ମିଳନୀରେ ସେ କହିଛନ୍ତି। ଆଶାନୁରୂପ ପ୍ରଦର୍ଶନ କରିବାରେ ଆମେ ସଫଳ ହୋଇ ନାହୁଁ। ଏଥିପାଇଁ ମୁଁ କ୍ଷମା ମାଗୁଛି। ଯଦି ଅମ୍ପାୟରମାନେ ସେମାନଙ୍କ ନିଷ୍ପତ୍ତିରେ ଉନ୍ନତି ନ ଆଣନ୍ତି ତେବେ ଆମେ ଏହି ଭଳି ପରାଜୟର ଶିକାର ହେବୁ। ଅମିତ ରୋହିଦାସଙ୍କୁ ୧୦ ମିନିଟ ପାଇଁ ହଳଦିଆ କାର୍ଡ ଦେଖାଗଲା। ଏନେଇ କେହି ସଫେଇ ଦେଇପାରିବେ କି ବୋଲି ହରେନ୍ଦ୍ର ପ୍ରଶ୍ନ ପଚାରିଛନ୍ତି। ପୁଣି ମନପ୍ରୀତ ସିଂଙ୍କୁ ପଛରୁ ଧକ୍କା ଦିଆଯାଇଥିଲା। ସେତେବେଳେ କାହିଁକି ଅମ୍ପାୟର କାହାକୁ ହଳଦିଆ କାର୍ଡ ଦେଖାଇ ନ ଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। କେବଳ ଦୁର୍ବଳ ଅମ୍ପାୟରିଂ ପାଇଁ ଆମେ ଏସିଆନ୍ ଗେମ୍ସ ଓ ବିଶ୍ୱକପ୍‌ରେ ପରାଜୟବରଣ କରିଛୁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ହରେନ୍ଦ୍ର କହିଛନ୍ତି। କୌଣସି ତ୍ରୁଟି କରି ନ ଥିଲେ ମଧ୍ୟ ଆମକୁ ଦୁଇ କାର୍ଡ ଦେଖାଯାଇଥିଲା। ପୁଣି ଆମ ବିପକ୍ଷରେ ଏହି ତ୍ରୁଟି କରାଗଲା ତେବେ ଅମ୍ପାୟରମାନେ ନୀରବ ରହିଥିଲେ। ଅମ୍ପାୟରମାନେ ନିଜର ପ୍ରଦର୍ଶନରେ ଉନ୍ନତି ଆଣିବା ନିହାତି ଜରୁରୀ। ଖାସ୍ ଏହି କାରଣରୁ ଆମେ ଦୁଇଟି ବଡ଼ ଟୁର୍ନାମେଣ୍ଟରେ ପରାଜୟ ବରଣ କରିଛୁ। ତେବେ ଏ ନେଇ କୌଣସି ଅଭିଯୋଗ କରିବାକୁ ହରେନ୍ଦ୍ର ମନା କରିଦେଇଛନ୍ତି ଓ ପରାଜୟକୁ ସ୍ୱୀକାର କରିଛନ୍ତି। ୯୯.୮ ପ୍ରତିଶତ ରେଫରାଲ ଖେଳାଳିଙ୍କ ସପକ୍ଷରେ ଯାଇଥାଏ। ପରାଜୟକୁ ଆମେ ସ୍ୱୀକାର କରୁଛୁ। ଆମେ ଅମ୍ପାୟରିଂରେ ନିରପେକ୍ଷତା ଚାହୁଁଛୁ। ଉଭୟ ଦଳ ପ୍ରତି ସମାନ ମନୋଭାବେ ପୋଷଣ କରାଯିବା ଉଚିତ୍। ଗୋଟିଏ ଛୋଟିଆ ଭୁଲ୍ ନିଷ୍ପତ୍ତି ୪-୬ ବର୍ଷର କଠିନ ପରିଶ୍ରମକୁ ନଷ୍ଟ କରିଦେଇପାରେ ବୋଲି ସେ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର ଅଧିନାୟକ ମନପ୍ରୀତ୍ ସିଂ ଓ କୋଚ୍ ହରେନ୍ଦ୍ର ସିଂ।

ଅପରପକ୍ଷରେ ଭାରତୀୟ ଅଧିନାୟକ ମନପ୍ରୀତ୍ ସିଂ ମଧ୍ୟ ମ୍ୟାଚ୍ ଫଳାଫଳ ନେଇ ନିଜର ଅସନ୍ତୋଷକୁ ଲୁଚାଇ ରଖିପାରି ନାହାନ୍ତି। ତେବେ ବିରୋଧ କିମ୍ବା ଅଭିଯୋଗ କରିବା ନେଇ କୌଣସି କାରଣ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେ ହାରିସାରିଛୁ ଓ ଟୁର୍ନାମେଣ୍ଟରୁ ବିଦାୟ ନେଇ ସାରିଛୁ। ତେଣୁ ଅଭିଯୋଗର କିଛି ମାନେ ନାହିଁ ବୋଲି ସେ କହିଛନ୍ତି। ଦଳ ସବୁମତେ ଚେଷ୍ଟା କରିଥିଲା। ଆମେ ଭଲ ମଧ୍ୟ ଖେଳିଥିଲୁ। ସବୁ ଖେଳାଳି ଶତପ୍ରତିଶତ ପ୍ରଦର୍ଶନ କରିଥିଲେ। ଆମର ଆତ୍ମବିଶ୍ୱସ କମ୍ ହୋଇ ନ ଥିଲା। କିନ୍ତୁ ଫଳାଫଳ ଆମ ସପକ୍ଷରେ ଯାଇ ନ ଥିଲା ବୋଲି ମନପ୍ରୀତ କହିଛନ୍ତି। ଦୁଇଦଳ ସମାନ ଭାବେ ଲଢେଇ କରିଥିଲେ। ତେବେ ଆମେ କେତୋଟି ସୁଯୋଗ ହାତଛଡ଼ା କରିଥିଲୁ। ଫଳରେ ଆମେ ପରାଜିତ ହୋଇଛୁ ବୋଲି ହରେନ୍ଦ୍ର କହିଛନ୍ତି। ଅନ୍ୟପଟେ ନେରଦଲାଣ୍ଡ୍ସ ମଧ୍ୟ କେତୋଟି ସୁଯୋଗ ହାତଛଡ଼ା କରିଥିଲା। ଉଭୟ ଦଳ ଏକ ହାଇଭୋଲ୍ଟେଜ ମ୍ୟାଚ ଖେଳିଥିଲେ। ବେଳେ ବେଳେ ସମୟ ସପକ୍ଷରେ ଯାଇ ନ ଥାଏ। ବିନା ଗୋଲ କିପରରେ ଯେପରି ଆମ ଖେଳାଳିମାନେ ପ୍ରଦର୍ଶନ କରିଥିଲେ ସେଥିପାଇଁ ସେମାନଙ୍କୁ ସାଲ୍ୟୁଟ କରୁଛି। ଆମେ ଭଲ ଖେଳିଲୁ। ଦଳକୁ ୧୦ରୁ ୭ ମାର୍କ ଦେବାକୁ ଚାହେଁ ବୋଲି ହରେନ୍ଦ୍ର କହିଛନ୍ତି। ପୁଣି ପେନାଲ୍ଟି କର୍ନର ମାଧ୍ୟମରେ ନେଦରଲାଣ୍ଡ୍ସ ଯେଉଁ ବିଜୟ ସୂଚକ ଗୋଲ ସ୍କୋର କରିଥିଲା ତାହା ମଧ୍ୟ ଠିକ୍ ନ ଥିଲା ବୋଲି ହରେନ୍ଦ୍ର କହିଛନ୍ତି।

ଅପରପକ୍ଷରେ ନେଦରଲାଣ୍ଡ୍ସ କୋଚ୍ ମ୍ୟାକ୍ସ କାଲଡାସ୍ ହରେନ୍ଦ୍ରଙ୍କ ସହ ଏକମତ ନୁହଁନ୍ତି ବୋଲି କହିଛନ୍ତି। ପରାଜୟ ପରେ ଅମ୍ପାୟରଙ୍କୁ ଦାୟୀ କରାଯିବା ଠିକ୍ ନୁହଁ ବୋଲି ସେ କହିଛନ୍ତି। ଆମେ ବିଜୟ ହାସଲ କରିଛୁ। ଏହା ହେଉଛି ବଡ଼ କଥା। ଅମ୍ପାୟରମାନେ ମ୍ୟାଚ୍ ଖେଳି ନ ଥାନ୍ତି। ଗତ ଚାମ୍ପିୟନ୍ସ ଟ୍ରଫିରେ ଆମେ ଭାରତ ବିପକ୍ଷରେ ମ୍ୟାଚ୍ ଡ୍ର କରିଥିଲୁ। ଅମ୍ପାୟରଙ୍କ ନିଷ୍ପତ୍ତି ଆମ ବିପକ୍ଷରେ ଯାଇଥିଲା। କିନ୍ତୁ ଆମେ ଅଭିଯୋଗ କରି ନ ଥିଲୁ।

# ହକି ସହ ନୂଆ ଦେଶ ଯୋଡ଼ିବ ଏଫ୍‌ଆଇଏଚ୍

ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ହକିର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ହକି ଯେଉଁଠି ଲୋକପ୍ରିୟତା ଅର୍ଜନ କରିଛି ସେଠାରେ ଯେପରି ତାହା ବଜାୟ ରହିବ ତାକୁ ଦେଖିବା ସହ ଏହି ଗେମ୍ ସହ ନୂଆ ଦେଶକୁ ଯୋଡ଼ାଯିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି। ଅନେକ ସମୟରେ ଦେଖାଯାଉଛି ଯେ, କେତେକ ଦେଶ ହକି ପ୍ରତି ଆକୃଷ୍ଟ ହେଉଛନ୍ତି, ମାତ୍ର କିଛି ବର୍ଷ ପରେ ସେଠାରେ ଆଉ ହକି ଦେଖିବାକୁ ମିଳୁନାହିଁ। ଆଗାମୀ ଦିନରେ ତାହାର ଯେପରି ପୁନରାବୃତ୍ତି ନ ହେବ ଏବଂ ସେହି ଦେଶ ଗୁଡ଼ିକରେ ଯେପରି ହକିର ସ୍ଥିତି ବଜାୟ ରହିପାରିବ ତାହା ଉପରେ ମଧ୍ୟ ଏଫ୍‌ଆଇଏଚ୍ ଗୁରୁତ୍ୱାରୋପ କରୁଛି ବୋଲି କଳିଙ୍ଗ ଷ୍ଟାଡିୟମ କନ୍‌ଫରେନ୍ସ ହଲ୍‌ରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଏଫ୍‌ଆଇଏଚ୍ କାର୍ଯ୍ୟକାରିଣୀ ସଦସ୍ୟ ତଥା ଏସିଆନ ହକି ଫେଡେରେଶନ ମୁଖ୍ୟ କାର୍ଯ୍ୟନିର୍ବାହୀ ତୟାବ ଇକରାମ ଏବଂ ହକି ଫାଉଣ୍ଡେଶନ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ମାଇକ୍ ଜୋୟସ। ହକି ଯେପରି ବିଶ୍ୱର ଅଧିକରୁ ଅଧିକ ଦେଶରେ ଖେଳାଯାଇପାରିବ ତା ଉପରେ ଧ୍ୟାନ ଦିଆଯାଉଛି ବୋଲି ଏଫଆଇଏଚ୍ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଗତ ନଭେମ୍ବର ପ୍ରଥମ ଭାଗରେ ଅନୁଷ୍ଠିତ ଏଫ୍‌ଆଇଏଚ୍ କଂଗ୍ରେସରେ 'ହକି ୨୦୨୪' ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଆରମ୍ଭ ପାଇଁ ନିଷ୍ପତ୍ତି ହୋଇଛି। ଏହାର ଅଂଶବିଶେଷଭାବେ କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଛି। ପାକିସ୍ତାନରେ ହକି ଏବେ ସ୍ଥାଣୁ ଅବସ୍ଥାକୁ ଚାଲି ଆସିଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପରେ ପାକିସ୍ତାନ ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିଥିଲା। ବିଶ୍ୱକପ ଇତିହାସରେ ପାକିସ୍ତାନ ସର୍ବାଧିକ ସଫଳ ଦଳ ବିବେଚିତ ହେଉଥିଲେ ହେଁ ଏଥର ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଏହାକୁ ନେଇ ଏଫ୍‌ଆଇଏଚ୍ କର୍ମକର୍ତ୍ତାମାନେ ଚିନ୍ତା ମଧ୍ୟ ପ୍ରକଟ କରିଛନ୍ତି। ସେଠାରେ ଦେଶ ପକ୍ଷରୁ ହକିର ଉନ୍ନତି ପାଇଁ ବିଶେଷ କିଛି ପଦକ୍ଷେପ ନିଆ ଯାଉନାହିଁ। ଏଫ୍‌ଆଇଏଚ୍ ଏ ସମ୍ପର୍କରେ ଅବଗତ ଅଛି, ସେଠାରେ ହକି କିପରି ପୁଣି ଲୋକପ୍ରିୟତା ଲାଭ କରିପାରିବ ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

ରପ୍ତାନିରେ ବୃଦ୍ଧି ହେଲେ ୨୦୨୫ ବେଳକୁ ଭାରତର ଅର୍ଥନୀତି ୫ ଟ୍ରିଲିୟନ ଡଲାର ହୋଇପାରିବ।
– ଅମିତାଭ କାନ୍ତ, ସିଇଓ, ନୀତି ଆୟୋଗ



ପରିବର୍ତ୍ତିତ ସମୟରେ ଗ୍ରାହକଙ୍କ ସହ ଯୋଡିହେବା ଲାଗି ବିଗ୍ ଡାଟା ଉପରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି।
– ପୁନିତ୍ ଆନନ୍ଦ, ସିନିୟର ଜେନେରାଲ ମ୍ୟାନେଜର, ହ୍ୟୁଣ୍ଡାଇ ମୋଟର୍ସ



## ସଂକ୍ଷେପରେ

### ଚୋକ୍ସୀଙ୍କ ବିରୋଧରେ ରେଡ୍‌କର୍ନର ନୋଟିସ

**ନୂଆଦିଲ୍ଲୀ,୧୩-୧୨:** ବହୁଚର୍ଚ୍ଚିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତି ମାମଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପଳାତକ ମେହୁଲ ଚୋକ୍‌ସୀଙ୍କ ବିରୋଧରେ ଇଣ୍ଟରପୋଲ ରେଡ୍‌କର୍ନର ନୋଟିସ ଜାରି କରିଛି। ଚୋକ୍‌ସୀ ନିଜ ଭଣଜା ତଥା ଏହାର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ସହ ମିଶି ପିଏନ୍‌ବିରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ତେବେ ମେହୁଲ ଚଳିତ ବର୍ଷ ଜାନୁୟାରୀରେ ଆଣ୍ଟିଗୁଆର ନାଗରିକତ୍ୱ ଗ୍ରହଣ କରିଛନ୍ତି। ସିବିଆଇ ଆବେଦନକୁ ଇଣ୍ଟରପୋଲ ଗ୍ରହଣ କରିନେଇଛି ବୋଲି ମୁଖପାତ୍ର ଅଭିଷେକ ଦୟାଲ କହିଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ସେ ଭାରତ ଫେରିପାରିବେ ନାହିଁ ବୋଲି ଚୋକ୍‌ସୀ ବହୁ ବାର କାରଣ ଦର୍ଶାଇସାରିଛନ୍ତି।

### ଆଇପିଓ ଆଣିବ ପତଞ୍ଜଳି

**ନୂଆଦିଲ୍ଲୀ,୧୩-୧୨:** ପତଞ୍ଜଳି ଆୟୁର୍ବେଦ ଖୁବଶୀଘ୍ର ଷ୍ଟକ୍ ମାର୍କେଟରେ ପ୍ରବେଶ କରିବାକୁ ଯାଉଛି। ଏ ସଂକ୍ରାନ୍ତରେ କମ୍ପାନୀ ଆଇପିଓ ଆଣିବ ବୋଲି ଯୋଗ ଗୁରୁ ରାମଦେବ ସୂଚନା ଦେଇଛନ୍ତି। ଚଳିତ ମାସରେ ସମସ୍ତଙ୍କୁ ଶୁଭ ଖବର ଦିଆଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଚେରମୂଳିରୁ ନିର୍ମିତ ଔଷଧକୁ ଏକ ଛୋଟ୍ ଦୋକାନରେ ରଖି ବିକ୍ରି କରୁଥିବା ପତଞ୍ଜଳି ଆୟୁର୍ବେଦ ଆଜି ଦେଶର ମଲ୍ଟି ନ୍ୟାଶନାଲ ଏଫ୍‌ଏମ୍‌ସିଜି କମ୍ପାନୀଙ୍କୁ କଡ଼ା ଟକ୍କର ଦେଉଛି। ଆସନ୍ତା ୩ରୁ ୫ ବର୍ଷ ଭିତରେ ବାର୍ଷିକ ୨୦ ହଜାର କୋଟି ଟଙ୍କାର ବ୍ୟବସାୟ କରିବାକୁ କମ୍ପାନୀ ଲକ୍ଷ୍ୟ ଧାର୍ଯ୍ୟ କରିଛି।

### ୨୨ରେ ଜିଏସ୍‌ଟି କାଉନସିଲ ବୈଠକ

**ନୂଆଦିଲ୍ଲୀ,୧୩-୧୨:** ଚଳିତ ମାସ ୨୨ରେ ଜିଏସ୍‌ଟି କାଉନସିଲ ବୈଠକ ବସିବାକୁ ଯାଉଛି। ଏହି ବୈଠକରେ ସିମେଣ୍ଟ, ଅଟୋମୋବାଇଲ ସହ ଜଡିତ ସାମଗ୍ରୀକୁ ୨୮% ସ୍ଲାବ୍‌ରୁ କାଢ଼ି ଆଣିବା ନେଇ ଆଲୋଚନା ହେବ। ଏ ଦିଗରେ ନିଷ୍ପତ୍ତି ହେଲେ ଏଗୁଡିକ ଶସ୍ତା ହେବ। ଏହାଛଡ଼ା ୨୮% ସ୍ଲାବ୍‌କୁ ଅଧିକ ତର୍କସଙ୍ଗତ କରିବା ନେଇ ମଧ କାଉନସିଲ ବିଚାର କରିବେ। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧକ୍ଷତାରେ ଗତ ଦେଢ଼ ବର୍ଷ ଭିତରେ ସରକାର ୧୯୧ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହ୍ରାସ କରିଥିଲେ। କେବଳ ସିମେଣ୍ଟ, ଗାଡ଼ି ଯନ୍ତ୍ରାଂଶ, ଟାୟାର, ଗାଡ଼ି ଉପକରଣ, ମୋଟର ଗାଡ଼ି, ବିମାନ, ସଙ୍ଗୀ ଖେଳ ତଥା ତମାଖୁ, ସିଗାରେଟ ଓ ପାନ ମସଲା ଭଳି ୩୫ ପ୍ରକାର ସାମଗ୍ରୀକୁ ୨୮% ସ୍ଲାବ୍‌ରେ ରଖାଯାଇଛି। ଜିଏସ୍‌ଟିରେ ଏହା ସର୍ବାଧିକ ଟିକସ ଶ୍ରେଣୀ ହୋଇଥିବାରୁ ଏହା ପୂର୍ବାପେକ୍ଷା ମହଙ୍ଗା ହୋଇଛି।

## ଆଜି ରିଜର୍ଭ ବ୍ୟାଙ୍କ ବୋର୍ଡ ବୈଠକ

# ନଗଦ ସଙ୍କଟ ଦୂର ଉପରେ ରହିବ ଜୋର୍

**ମୁମ୍ବାଇ,୧୩-୧୨**



- ଗଭର୍ନର ଭାବେ ପ୍ରଥମଥର ଯୋଗଦେବେ ଶକ୍ତିକାନ୍ତ
- ସଂସ୍କାର ନେଇ ଗଠନ ହୋଇପାରେ କମିଟି
- ୩-୪ଟି ପ୍ରସଙ୍ଗରେ ଆଲୋଚନା ସମ୍ଭବ

ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ବୋର୍ଡ ବୈଠକ ବସିବାକୁ ଯାଉଛି। ଗଭର୍ନର ହେବା ପରେ ଶକ୍ତିକାନ୍ତ ଦାସ ପ୍ରଥମ ଥର ଏହି ବୈଠକରେ ଯୋଗ ଦେବେ। ବଜାରରେ ଏବେ ନଗଦ ସଙ୍କଟ ଉତ୍କଟ ହୋଇଥିବା ବେଳେ ଏହାକୁ ଦୂର କରିବା ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ହେବ। ତେବେ ଆର୍‌ବିଆଇର ଶାସନ ପଦ୍ଧତିରେ ସଂସ୍କାର ଆଣିବା ନେଇ ବୋର୍ଡ ପକ୍ଷରୁ ଏକ କମିଟି ଗଠନ କରିବା ସଂକ୍ରାନ୍ତରେ ଘୋଷଣା ହୋଇପାରେ। ସରକାରଙ୍କ ପ୍ରତିନିଧି ଆର୍ଥିକ ସେବା ସଚିବ ରାଜୀବ କୁମାର ଓ ଅର୍ଥନୈତିକ ବ୍ୟାପାର ସଚିବ ଏସ୍.ସି.ଗର୍ଗ ପୂର୍ବରୁ ଏ ସଂକ୍ରାନ୍ତରେ ପ୍ରସ୍ତାବ ଦେଇଥିଲେ। ଫେବୃୟାରୀ ସର୍କୁଲାର ଓ ପିସିଏକୁ ନେଇ ପୂର୍ବତନ ଗଭର୍ନର ଉର୍ଜିତ ପଟେଲଙ୍କ ନେତୃତ୍ୱରେ ଆର୍‌ବିଆଇ ନେଇଥିବା ନିଷ୍ପତ୍ତିରେ କେନ୍ଦ୍ର ସରକାର ଅସନ୍ତୁଷ୍ଟ ଥିଲେ। ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ମତବିରୋଧରେ ଏହା ପ୍ରମୁଖ କାରଣ ଥିଲା। ଏଥିଯୋଗୁ ଋଣ ନେଇଥିବା ବହୁ କମ୍ପାନୀ ଏନ୍‌ପିଏରେ ପରିବର୍ତ୍ତିତ ହୋଇଗଲେ ଏବଂ ଋଣ ଦେଇଥିବା ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ କଟକଣା ଲାଗୁ ହୋଇଗଲା। ସେମାନେ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗକୁ ଋଣ ଦେଇପାରିଲେ ନାହିଁ। ତେବେ ନୂଆ ଗଭର୍ନରଙ୍କ ସମ୍ମୁଖରେ ଏହି ଦୁଇଟି ସମସ୍ୟା ରହିଛି, ଯାହାର ସମାଧାନ ନିହାତି ଆବଶ୍ୟକ। ତେବେ ବଜାରରେ କେତେ ପରିମାଣରେ ନଗଦ ସଙ୍କଟ ରହିଛି, ସେ ସମ୍ପର୍କରେ ଜାଣିବା ପରେ ହିଁ ଶକ୍ତିକାନ୍ତ ନିଷ୍ପତ୍ତି ନେଇପାରିବେ। ଏହାଛଡ଼ା ରିଜର୍ଭ ବ୍ୟାଙ୍କର ବଳକା ଅର୍ଥ ପ୍ରଦାନକୁ ନେଇ କମିଟି ଗଠନ କରିବାକୁ ନଭେମ୍ବର ୧୪ ବୋର୍ଡ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଉପରେ ଶକ୍ତିକାନ୍ତ ପଚାରି ବୁଝିବେ। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ପୂର୍ବତନ ଗଭର୍ନର ବିମଳ ଜଲାନଙ୍କ ଅଧକ୍ଷରେ କମିଟି ଗଠନ କରାଯିବ। ଏ ନେଇ ଉର୍ଜିତ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି। ଏହି କମିଟିରେ ପୂର୍ବତନ ଆର୍‌ବିଆଇ ଡେପୁଟି ଗଭର୍ନର ରାକେଶ ମୋହନ ଉପ ସଭାପତି ରହିବେ। କମିଟି ଗଠନ ହେବା ମାତ୍ରେ ଏହା ୯୦ ଦିନ ଭିତରେ ତାଙ୍କର ରିପୋର୍ଟ ଆର୍‌ବିଆଇକୁ ଦେବେ। ଏହି କାରଣରୁ ଉକ୍ତ ବୈଠକରେ ଆର୍‌ବିଆଇର ବଳକା ଅର୍ଥ ନେଇ ଆଲୋଚନା ହେବାର ସମ୍ଭାବନା କ୍ଷୀଣ। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ପ୍ରାୟତଃ ୩/୪ଟି ପ୍ରସଙ୍ଗରେ ଶୁକ୍ରବାର ବୋର୍ଡ ବୈଠକରେ ଆଲୋଚନା ହେବ। ପିସିଏରୁ ୩/୪ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ବାହାର କରିବା ନେଇ ବୋର୍ଡ ଫର୍ ଫାଇନାନ୍ସିଆଲ ସୁପରଭିଜନର ମତାମତ କ'ଣ ସେ ସମ୍ପର୍କରେ ଆଲୋଚନା ହୋଇପାରେ। କାରଣ ଗତ ୬ ତାରିଖରେ ଉର୍ଜିତଙ୍କ ନେତୃତ୍ୱରେ ଏହାର ବୈଠକ ବସିଥିଲା।

## ଆର୍‌ବିଆଇ ସହ ବିବାଦ ଥିବା ଜେଟ୍‌ଲୀଙ୍କ ସ୍ୱୀକାର

ଚାରିଆଡୁ ସମାଲୋଚନାର ଶିକାର ହେବା ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ସହ ସରକାରଙ୍କ ମତଭେଦ ଥିବା ପ୍ରଥମଥର ସ୍ୱୀକାର କରିଛନ୍ତି। ଗୁରୁବାର ସେ କହିଛନ୍ତି ଯେ, ପ୍ରାୟତଃ ୨/୩ଟି ପ୍ରସଙ୍ଗରେ ଆର୍‌ବିଆଇ ସହ କେନ୍ଦ୍ରର ମତଭେଦ ରହିଛି। ଏ ସଂକ୍ରାନ୍ତରେ ଏକ ନିୟମ( ଆର୍‌ବିଆଇ ଆଇନର ଧାରା ୭) ଅଧୀନରେ କେନ୍ଦ୍ରୀୟ ବ୍ୟାଙ୍କ ସହ ଆଲୋଚନା ଚାଲିଛି ବୋଲି ସେ କହିଛନ୍ତି। ଅର୍ଥାତ୍ ସରକାର ଉକ୍ତ ଧାରାର ପ୍ରୟୋଗ କରିଛନ୍ତି ବୋଲି ପରୋକ୍ଷରେ ମାନିଛନ୍ତି। ଏହାଦ୍ୱାରା କ'ଣ ଆର୍‌ବିଆଇର ସ୍ୱାୟତ୍ତତା ଛଡାଇ ନିଆଗଲା କି ବୋଲି ସେ ପ୍ରଶ୍ନ କରିଛନ୍ତି। ମତଭେଦ କାରଣରୁ ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଓ ଇନ୍ଦିରା ଗାନ୍ଧୀ ସେତେବେଳେ ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କୁ ଇସ୍ତଫା ଦେବାକୁ କହିଥିଲେ ବୋଲି ସେ ସ୍ମରଣ କରାଇ ଦେଇଥିଲେ। ସେ କହିଛନ୍ତି ଯେ, ଅର୍ଥନୀତିର ପରିଚାଳନାରେ ସରକାର ଏକ ବଡ଼ ଅଂଶୀଦାର ହୋଇଥିବାରୁ ଏଥିପ୍ରତି ଚିନ୍ତିତ ହେବା ସ୍ୱାଭାବିକ। ଋଣ ପ୍ରଦାନ ଓ ଆର୍ଥିକ ସଙ୍କଟ ଦୂର କରିବା ରିଜର୍ଭ ବ୍ୟାଙ୍କର ଦାୟିତ୍ୱ। ଏହାକୁ ସରକାର ଛଡ଼ାଇ ନେଉ ନାହାନ୍ତି। ନିୟମ ପ୍ରୟୋଗ କରି କେବଳ ଆର୍‌ବିଆଇ ସହ ଆଲୋଚନା କରାଯାଉଛି। ଅର୍ଥନୀତି ପ୍ରତି ଥିବା ବିପଦର ସମାଧାନ ଲାଗି ସରକାର ଏକ ସ୍ୱାଧୀନ, ନିରପେକ୍ଷ ସଂସ୍ଥାକୁ କହିପାରିବେ। ଏହା କରି ନ ପାରିଲେ ସରକାର ନିଜ ଦାୟିତ୍ୱ ପାଳନରେ ବିଫଳ ବୋଲି ଧରାଯିବ।



## ପିସିଏ କୋହଳ ଉପରେ ଦାବି ଦୋହରାଇଲେ ୭ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

ଗୁରୁବାର ୭ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମୁଖ୍ୟ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ଏଠାରେ ଭେଟିଛନ୍ତି। ଫେବୃୟାରୀ ୧୨ ସର୍କୁଲାର ଓ ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ) ବା ତ୍ୱରିତ୍ ସୁଧାର ପଦକ୍ଷେପ ନିୟମ କୋହଳ କରିବା ଲାଗି ସେମାନେ ଗଭର୍ନରଙ୍କ ନିକଟରେ ଦାବି କରିଛନ୍ତି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ବ୍ୟାଙ୍କ ମୁଖ୍ୟ କହିଛନ୍ତି ଯେ, ପ୍ରାୟ ୯୦ ମିନିଟ ଧରି ଚାଲିଥିବା ବୈଠକରେ ଗଭର୍ନର ଦାସ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ବୈଠକରେ ଗଭର୍ନରଙ୍କ ବ୍ୟତୀତ ରିଜର୍ଭ ବ୍ୟାଙ୍କର ଅନ୍ୟ ୪ ଡେପୁଟି ଗଭର୍ନର ମଧ ଉପସ୍ଥିତ ଥିଲେ। ଏଥିରେ ଏସ୍‌ବିଆଇ, ଆଇଡିବିଆଇ ବ୍ୟାଙ୍କ, ପିଏନ୍‌ବି, ୟୁବିଆଇ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଦେନା ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟମାନେ ଯୋଗ ଦେଇଥିଲେ। ଅନ୍ୟ ଜଣେ ବ୍ୟାଙ୍କ ମୁଖ୍ୟ କହିଥିଲେ ଯେ, ଗଭର୍ନର ସବୁ କଥା ଶୁଣିଥିଲେ ହେଁ ପରବର୍ତ୍ତୀ ବୈଠକ କେବେ ହେବ ସେ ନେଇ କିଛି ଜଣାଇ ନ ଥିଲେ। ତେବେ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା (ଏନ୍‌ବିଏଫ୍‌ସି)ମାନେ ସମ୍ମୁଖୀନ ହେଉଥିବା ଆର୍ଥିକ ସଙ୍କଟ ସମ୍ପର୍କରେ ସେ ପଚାରି ବୁଝିଥିଲେ। ସୂଚନାଥାଉ କି, ପିସିଏ, ଆର୍‌ବିଆଇର ଫେବୃୟାରୀ ୧୨ ସର୍କୁଲାର, ରିଜର୍ଭ ବ୍ୟାଙ୍କର ବଳକା ଅର୍ଥ ଆଦି ମୁଖ୍ୟ ପ୍ରସଙ୍ଗରେ ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ବିବାଦ ବଢ଼ିଥିଲା। ଏହି କାରଣରୁ ଉର୍ଜିତ ପଟେଲ ଗଭର୍ନର ପଦରୁ ଇସ୍ତଫା ଦେଲେ ବୋଲି କୁହାଯାଉଛି।

## ନେପାଳରେ କୁଟିନା ଶୋ'ରୁମ

**ଭୁବନେଶ୍ୱର, ୧୩-୧୨**

ପ୍ରମୁଖ କମ୍ପାନୀ କୁଟିନା ପକ୍ଷରୁ ନେପାଳର କାଠମାଣ୍ଡୁ ସହରରେ ଏକ ସ୍ୱତନ୍ତ୍ର ଆଉଟଲେଟ ଖୋଲିଛି। ଏହାକୁ କୁଟିନାର ପ୍ରତିଷ୍ଠାତା ନମିତ ବଜୋରିଆ ଉଦ୍‌ଘାଟନ କରିଥିଲେ। ଗ୍ଲୋବାଲ ପ୍ଲାଟଫର୍ମରେ ଏହାର ଉପସ୍ଥିତିକୁ ଦୃଢ କରିବା ଲାଗି କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ୫୦୦ ବର୍ଗଫୁଟ ସ୍ଥାନରେ ଏହି ମଡ୍ୟୁଲାର କିଚେନ ଶୋ'ରୁମ ଶୁଭାରମ୍ଭ ହୋଇଛି। ଏହାକୁ କୁଟିନାର ପ୍ରିମିୟମ ପାର୍ଟନର ମୁଡିତ୍ ମୁରାର୍କା ପରିଚାଳନା କରୁଛନ୍ତି। ଗ୍ରାହକଙ୍କୁ କିଚେନ ଆପ୍ଲାଏନ୍ସ ବର୍ଗରେ ବିଭିନ୍ନ ସାମଗ୍ରୀ ଏହି ଷ୍ଟୋର ଦ୍ୱାରା କମ୍ପାନୀ ପ୍ରଦାନ କରିବାର ଯୋଜନା ରଖିଛି।

## ନାଲ୍‌କୋ ଖଣି ଡିଭିଜନ ପୁରସ୍କୃତ

**ଭୁବନେଶ୍ୱର ,୧୩-୧୨**



ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ)ର ପଞ୍ଚପଟ୍ଟମାଳୀସ୍ଥିତ ବକ୍ସାଇଟ ଖଣିକୁ ୩୬ତମ ବାର୍ଷିକ ମେଟାଲିକ ରେସ୍ ମାଇନ୍ସ ସୁରକ୍ଷା ସପ୍ତାହ ପାଳନ ଅବସରରେ ପୁରସ୍କାର ପ୍ରଦାନ କରାଯାଇଛି। ସୁକିନ୍ଦାଠାରେ ଅନୁଷ୍ଠିତ ଖଣି ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ନାଲ୍‌କୋ ଖଣିକୁ ପୁରସ୍କୃତ କରାଯାଇଛି। ଏଥିରେ ବକ୍ସାଇଟ ଖଣିର ଦକ୍ଷିଣ ବ୍ଲକ ମାଇନ୍ସକୁ ସାଧାରଣ କାର୍ଯ୍ୟକ୍ରମ ପରିଚାଳନା ସହ ମେକାନିକାଲ ମେଣ୍ଟେନାନ୍ସ, ସେଫଟି ଆଣ୍ଡ କ୍ଲିଅରାନ୍ସ, ସେଫଟି ଷ୍ଟଲ ରିନୋଭେଶନ ଭଳି ବିଭିନ୍ନ ବର୍ଗରେ ଅନ୍ୟ କେତେକ ବ୍ଲକକୁ ପୁରସ୍କୃତ କରାଯାଇଛି। ପଞ୍ଚପଟମାଳୀ ବକ୍ସାଇଟ ଖଣି ସୁରକ୍ଷା ଏବଂ ଉତ୍ପାଦନକୁ ନେଇ ଉତ୍କର୍ଷତା ଲାଭ କରିଛି ବୋଲି ନାଲ୍‌କୋ ଅଧକ୍ଷ ଟି.କେ. ଚାନ୍ଦ କହିଛନ୍ତି।

## ରାଜ୍ୟରେ ୧୨,୧୫୧ କୋଟିର ଆୟକର ସଂଗ୍ରହ ଲକ୍ଷ୍ୟ

**ଭୁବନେଶ୍ୱର, ୧୩-୧୨**

ରାଜ୍ୟରେ ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ମୋଟ ଟିକସଦାତାଙ୍କ ସଂଖ୍ୟାରେ ବୃଦ୍ଧି ଘଟି ୧୦,୨୭,୭୯୬ ଛୁଇଁଛି। ଗତ ବର୍ଷ ତୁଳନାରେ ଟିକସଦାତାଙ୍କ ସଂଖ୍ୟାରେ ୨୦% ବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ ୫୦ ହଜାର ନୂଆ ଟିକସଦାତା ଯୋଡିବାର ଯୋଜନା ରହିଛି। ଗତ ଆର୍ଥିକ ବର୍ଷରେ ଓଡ଼ିଶା ରିଜିୟନ ପାଇଁ ୯,୭୨୮ କୋଟି ଟଙ୍କାର ଟିକସ ସଂଗ୍ରହ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଟିକସ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ଟପିବା ସହ ୧୦,୨୧୫ କୋଟି ରହିଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ର ସଦସ୍ୟ ପ୍ରସନ୍ନ କୁମାର ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଓଡ଼ିଶା ରିଜିଅନ ୫,୮୮୦.୯ କୋଟି ଟଙ୍କାର ଟିକସ ସଂଗ୍ରହ କରିପାରିଛି। ଗତ ବର୍ଷ ସମାନ ସମୟ ତୁଳନାରେ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ଏହି କ୍ଷେତ୍ରରେ ଅଭିବୃଦ୍ଧି ହାର ୨୭.୩୨% ରହିଛି। ଚଳିତ ବର୍ଷ ୧୨,୧୫୧ କୋଟି ଟଙ୍କାର ଟିକସ ସଂଗ୍ରହ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସିବିଡିଟି ଧାର୍ଯ୍ୟ କରିଥିବା ଲକ୍ଷ୍ୟର ୪୮.୪% ଟିକସ ସଂଗ୍ରହ କରିବାକୁ ଓଡ଼ିଶା ରିଜିଅନ ସକ୍ଷମ ହୋଇଛି ବୋଲି ଦାସ କହିଛନ୍ତି।

## କୁମ୍ଭମେଳା ପାଇଁ ୮୦୦ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର, ୧୩-୧୨**

କୁମ୍ଭମେଳା ସମୟରେ ତୀର୍ଥଯାତ୍ରୀ ଏବଂ ଶ୍ରଦ୍ଧାଳୁଙ୍କ ସମାଗମକୁ ଧ୍ୟାନରେ ରଖି ଆଲ୍ଲାହାବାଦ ପ୍ରୟାଗକୁ ଗମନାଗମନ ସୁବିଧା ଯୋଗାଣ ଲାଗି ରେଲୱେ ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ଏହି ସମୟରେ ରେଲୱେ ୮୦୦ ସ୍ୱତନ୍ତ୍ର ଟ୍ରେନ ଚଳାଇବ ବୋଲି ସୂଚନା ଦେଇଛି। ସେହିଭଳି ଭିଡିଭୂମି ସଂଯୋଗ, ଅଗ୍ରିମ ସଂରକ୍ଷିତ ଟିକେଟ କ୍ରୟ ସୁବିଧା, ଅଭିନବୀକରଣ ଏବଂ ସୂଚନା ପ୍ରଯୁକ୍ତି ବ୍ୟବସ୍ଥା, ଯାତ୍ରୀମାନଙ୍କୁ ସୁରକ୍ଷା ଏବଂ ନିରାପତ୍ତା ଦିଗରେ ରେଲୱେ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରୁଛି।


## ନିୟନ୍ତ୍ରିତ ବଜାର କମିଟି, ଦେବଗଡ଼

### ଖରିଫ ଇସ୍ତାହାର ୨୦୧୮-୧୯

ଏତଦ୍ୱାରା ଦେବଗଡ଼ ଜିଲ୍ଲାର ସମସ୍ତ ଧାନଚାଷୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଚଳିତ ଖରିଫ ୨୦୧୮-୧୯ ବର୍ଷ ପାଇଁ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ତା ୦୭।୧୨।୨୦୧୮ଠାରୁ ଧାନକ୍ରୟ କରାଯିବ। ଏଣୁ ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ଧାନକୁ ଭଲଭାବେ ସଫାକରି ଏଫ୍.ଏ.କ୍ୟୁ ମାନକୁ ଉନ୍ନୀତ କରାଇ କ୍ରୟ କେନ୍ଦ୍ରକୁ ଆଣି ବିକ୍ରୟ କରିବେ।

**ସେବା ସମବାୟ ସମିତି (ଯୋଗାଣ ବିଭାଗ ତରଫରୁ)**

| ବ୍ଲକ୍‌ର ନାମ | ସମବାୟ ସମିତିର ନାମ | କ୍ର. ସଂ. | ଧାନ ସଂଗ୍ରହ କେନ୍ଦ୍ର ନାମ | ବାର | ସଂଲଗ୍ନ ଗ୍ରାମପଞ୍ଚାୟତ |
|---|---|---|---|---|---|
| ରିଆମାଳ | ରିଆମାଳ ସେବା ସମବାୟ ସମିତି | ୧ | ରିଆମାଳ | ଶନିବାର, ସୋମବାର | ରିଆମଳ, ମଳେହିପଡା (ଅଂଶ) ଆଡସ (ଅଂଶ) |
| | ନାଉଲିପଡା ସେବା ସମବାୟ ସମିତି | ୨ | ନାଉଲିପଡା | ମଙ୍ଗଳବାର, ଶନିବାର | ନାଉଲିପଡା, ଲୁଲଙ୍ଗ, ବୁଡିଦୋ (ଅଂଶ), ମଳେହିପଡା (ଅଂଶ) |
| | ଟିଙ୍କବୀର ସେବା ସମବାୟ ସମିତି | ୩ | ଟିଙ୍କବୀର | ମଙ୍ଗଳବାର, ଶୁକ୍ରବାର | ଟିଙ୍କବୀର |
| | ତାବଡା ସେବା ସମବାୟ ସମିତି | ୪ | ତାବଡା | ମଙ୍ଗଳବାର, ଶନିବାର | ତାବଡା, ଗୁଣ୍ଡେଇପାଲି, ବୁଡିଦୋ (ଅଂଶ), ଆଡସ (ଅଂଶ) ଏ |
| | ତାରଙ୍ଗ ସେବା ସମବାୟ ସମିତି | ୫ | ତାରଙ୍ଗ | ସୋମବାର, ବୁଧବାର | ତୁହିଲାମାଳ, ମଳେହିପଡା, ତାରଙ୍ଗ |
| | ନୂଆଡିହି ସେବା ସମବାୟ ସମିତି | ୬ | ନୂଆଡିହି | ସୋମବାର | ନୂଆଡିହି |
| | | ୭ | ଖିଲେଇ | ଶୁକ୍ରବାର | ଖିଲେଇ |
| | ବୁଢାପାଳ ସେବା ସମବାୟ ସମିତି | ୮ | ବୁଢାପାଳ | ସୋମବାର, ବୁଧବାର | ବୁଢାପାଳ, ପରା |
| | ଚଢ଼େଇମରା ସେବା ସମବାୟ ସମିତି | ୯ | ଚଢ଼େଇମରା | ସୋମବାର, ବୁଧବାର | ଚଢ଼େଇମରା |
| | ପଳସମା ସେବା ସମବାୟ ସମିତି | ୧୦ | ପଳସମା | ଶୁକ୍ରବାର | ପଳସମା, ବାଗବର |
| | | ୧୧ | କଣ୍ଡାବାହାଲ | ମଙ୍ଗଳବାର | ଉତୁଣିଆ, କରଲଗା (ଅଂଶ), କଣ୍ଡାବାହାଲ (ଅଂଶ) |
| | କୁଣ୍ଡେଇଗୋଳା ସେବା ସମବାୟ ସମିତି | ୧୨ | କୁଣ୍ଡେଇଗୋଳା | ବୁଧବାର, ଶନିବାର | କୁଣ୍ଡେଇଗୋଳା |
| ବାରକୋଟ | କଣ୍ଢେଲ ସେବା ସମବାୟ ସମିତି | ୧୩ | କଣ୍ଢେଲ | ମଙ୍ଗଳବାର, ଶୁକ୍ରବାର | କଣ୍ଢେଲ, ବଳମ, ରମ୍ଭେଇ |
| | କଣ୍ଡାପାଲି ସେବା ସମବାୟ ସମିତି | ୧୪ | କଣ୍ଡାପାଲି | ମଙ୍ଗଳବାର, ଶୁକ୍ରବାର | କଣ୍ଡାପାଲି, ଦନ୍ତାରିବାହାଲ |
| | ବସାଲଇ ସେବା ସମବାୟ ସମିତି | ୧୫ | ବସାଲଇ | ମଙ୍ଗଳବାର, ଶନିବାର | ବସାଲଇ |
| | ଦଣ୍ଡାସିଂହ ସେବା ସମବାୟ ସମିତି | ୧୬ | ଦଣ୍ଡାସିଂହ | ମଙ୍ଗଳବାର, ଶନିବାର | ଦଣ୍ଡାସିଂହ, କାଉଁସିବାହାଲ |
| | କାଦୋପଡା ସେବା ସମବାୟ ସମିତି | ୧୭ | କାଦୋପଡା | ବୁଧବାର | କାଦୋପଡା |
| | | ୧୮ | ଝରାକଣ୍ଢେଲ | ସୋମବାର | ଝରାକଣ୍ଢେଲ |
| | | ୧୯ | କେଲଡା | ଶୁକ୍ରବାର | କେଲଡା |
| | ଉଆଁରା ସେବା ସମବାୟ ସମିତି | ୨୦ | ଉଆଁରା | ସୋମବାର, ଶୁକ୍ରବାର | ଉଆଁରା, ବିଜୟନଗର (ଅଂଶ) |
| | କଲା ସେବା ସମବାୟ ସମିତି | ୨୧ | କଲା | ସୋମବାର | କଲା |
| | | ୨୨ | କାଲିଆପାଳ | ଶୁକ୍ରବାର | କାଲିଆପାଳ |
| | ସିଂଙ୍ଗସାଲ ସେବା ସମବାୟ ସମିତି | ୨୩ | ସିଂଙ୍ଗପାଲ | ମଙ୍ଗଳବାର | ସିଂଙ୍ଗପାଲ |
| | | ୨୪ | ବଲଣ୍ଡା | ଶୁକ୍ରବାର | ବଲଣ୍ଡା |
| | ଖଜୁରିଖମଣ ସେବା ସମବାୟ ସମିତି | ୨୫ | ଖଜୁରିଖମଣ | ବୁଧବାର | ଖଜୁରିଖମଣ |
| | | ୨୬ | ମଧୁପୁର | ଶନିବାର | ମଧୁପୁର |
| | ରାଇତାବାହାଲ ସେବା ସମବାୟ ସମିତି | ୨୭ | ରାଇତାବାହାଲ | ଶୁକ୍ରବାର, ସୋମବାର | ରାଇତାବାହାଲ |
| | ଗୁରୁସଙ୍ଗ ସେବା ସମବାୟ ସମିତି | ୨୮ | ଗୁରୁସଙ୍ଗ | ବୁଧବାର | ଗୁରୁସଙ୍ଗ, ସରୁଆଳି |
| | | ୨୯ | ବମପରଡା | ଶନିବାର | ବମପରଡା |
| ତିଲେଇବଣୀ | କଂସର ସେବା ସମବାୟ ସମିତି | ୩୦ | କଂସର | ସୋମବାର, ବୁଧବାର | କଂସର, ଢୋଲପଡା |
| | କେନ୍ଦେଇକୁରୀ ସେବା ସମବାୟ ସମିତି | ୩୧ | କେନ୍ଦେଇକୁରୀ | ସୋମବାର, ଶୁକ୍ରବାର | କେନ୍ଦେଇକୁରୀ, ସାଡୋ |
| | ଦୁଧିଆନାଳୀ ସେବା ସମବାୟ ସମିତି | ୩୨ | ମୁଣ୍ଡଗୋହିରା | ଶନିବାର, ମଙ୍ଗଳବାର | ଦୁଧିଆନାଳୀ, ତାଳକୁଣ୍ଡି |
| | ଲଇମୁରା ସେବା ସମବାୟ ସମିତି | ୩୩ | ଲଇମୁରା | ସୋମବାର | ଲଇମୁରା |
| | | ୩୪ | ଡିମିରିକୁଦର | ଶନିବାର | ଡିମିରିକୁଦର |
| | କୁରୋଡ ସେବା ସମବାୟ ସମିତି | ୩୫ | ଟାଇଁସର | ବୁଧବାର | ଟାଇଁସର, ତିଲେଇବଣି |
| | | ୩୬ | ଦେବଗଡ଼ ମ୍ୟୁନିସିପାଲିଟି | ଶନିବାର | ଦେବଗଡ଼ ମ୍ୟୁନିସିପାଲିଟି |
| | ଗାଙ୍ଗନନ୍ ସେବା ସମବାୟ ସମିତି | ୩୭ | ଗାଙ୍ଗନନ୍ | ଶୁକ୍ରବାର, ମଙ୍ଗଳବାର | ଛେପିଲିପାଲି (ଅଂଶ), ବଡଛାପଲ |
| | ସୁଗୁଡା ସେବା ସମବାୟ ସମିତି | ୩୮ | ସୁଗୁଡା | ମଙ୍ଗଳବାର, ଶନିବାର | ସୁଗୁଡା, ବଣିଆକିଲିଣ୍ଡା, ଛେପିଲିପାଲି (ଅଂଶ) |
| | ଝରାଗୋଗୁଆ ସେବା ସମବାୟ ସମିତି | ୩୯ | ଝରାଗୋଗୁଆ | ମଙ୍ଗଳବାର | ଝରାଗୋଗୁଆ |
| | | ୪୦ | ପାରପୋଶି | ଶୁକ୍ରବାର | ପାରପୋଶି |

**ଧାନର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ**

**ସାଧାରଣ ଶ୍ରେଣୀ** (F.A.Q.) **ଟ.୧୭୫୦.୦୦ (କ୍ୱିଣ୍ଟାଲ ପ୍ରତି)**

**କ ଶ୍ରେଣୀ ଧାନ** **ଟ.୧୭୭୦.୦୦ (କ୍ୱିଣ୍ଟାଲ ପ୍ରତି)**

ଜିଲ୍ଲା ପ୍ରଶାସନ, ଦେବଗଡ଼

## ତହସିଲ କାର୍ଯ୍ୟାଳୟ, ନରସିଂହପୁର, କଟକ

**ଗାଡ଼ି ନିଲାମ ଇସ୍ତାହାର**

ବିଜ୍ଞାପନ ନଂ: **5349** ତାରିଖ: **13.12.18**

ନରସିଂହପୁର ତହସିଲ କାର୍ଯ୍ୟାଳୟର ଜିପ୍ ନଂ.-OR-05-D-4337ଟି ଆସନ୍ତା ତା 29.12.2018 ରିଖ ଘ. 4.30 ମି.ରେ ତହସିଲ କାର୍ଯ୍ୟାଳୟରେ ନିଲାମ କରାଯିବାକୁ ସ୍ଥିରୀକୃତ ହୋଇଅଛି। ଏହି ସମ୍ବନ୍ଧୀୟ ସମସ୍ତ ନିୟମାବଳୀ ଓ ସମ୍ପୂର୍ଣ୍ଣ ବିବରଣୀ www.cuttack.nic.in ରେ ଉପଲବ୍ଧ ଅଟେ। ଇଚ୍ଛୁକ ଆବେଦନକାରୀମାନେ ସମ୍ପୂର୍ଣ୍ଣ ବିବରଣୀ ଏହି ୱେବସାଇଟରୁ ପାଇପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ, ନରସିଂହପୁର ସହିତ ଯୋଗାଯୋଗ କରି ପାଇପାରିବେ।

ସ୍ୱାକ୍ଷର/-
ତହସିଲଦାର, ନରସିଂହପୁର

idco Your power to grow — ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**No. HO/CIV/T&E/E-4423/01/2018/24859** **Date: 11.12.2018**

**EXPRESSION OF INTEREST**

Expression of Interest is invited from renowned Architects for providing Architectural Planning & Design Services for "Construction of Sports Complex for Sambalpur University at Jyoti Vihar, Burla"

The detail EOI notice can be seen in our web site **www.idco.in** (in tenders EOI/REP/Others). Corrigendum or Addendum if any will not be published in newspapers and can be seen in IDCO website.

The bid document can be downloaded from 5.00 PM of 14.12.18. The last date of submission of the EOI is 24.12.2018 by 3.00 P.M.

Sd/-
**Chief General Manager (Civil) I/C**
**IDCO, Bhubaneswar**

**The Odisha Small Industries Corporation Ltd.**
( A Government of Odisha Undertaking) )
(An ISO:9001:2008 certified Govt.Company)
Industrial Estate, Madhupatna, CUTTACK – 753 010. Odisha
Tel No. : 0671-2343084 Fax : 0671-2341875/ 2342561
e-mail: osicltd@gmail.com , osicltd@rediffmail.com website: osicltd.in

**ADVERTISMENT TO EXECUTE WORK UNDER OSIC**

Ref No.412/OSIC Date:13.10.2018

Odisha Small Industries Corporation Ltd(OSIC), a profit making Sate PSU receiving/Contemplating to receive orders from Districts , Govt. Departments and State PSU s related to Rural Electrification, Procurement of different items for marketing of Govt, Departments under Consortium Marketing policy as per IPR & MSME Development Policy of Government of OdIsha.

MSMEs duly empanelled with OSIC for specific work may refer to OSIC web site and Notice Board from time to time to submit their willingness to execute different Electrification, Solar, procurement of items etc on behalf of OSIC

MANAGING DIRECTOR

**PARADIP PORT TRUST**

**e-TENDER CALL NOTICE**

Name of the work : "Water sprinkling on roads & berths from Gate No.4 to NQ-I Junction near Coal Berth via Dock Canteen area for 2019 (Zone-I)". **EMD cost : Rs.2,02,863/-.** Last Date & time of submission of Bid : **01.01.2019 upto 17:15 Hrs.** For details please refer our website https://eprocure.gov.in/eprocure/app.

Executive Engineer
Harbour Works Division No.I
**PPT/PR/518/18-19, DT.13.12.2018**

**PARADIP PORT TRUST**

**CORRIGENDUM TO E-TENDER NO. EM/MM/P/IOHP-24/2018/1811TDR201 DT.09.11.18 FOR SUPPLY OF HORIZONTAL CENTRIFUGAL/VACCUM/OTHER PUMPS.**

The due date of submission of Tender & opening of Technical Bid is hereby extended as below.
1. Last Date of submission of tender up to 5.00 PM of **Dt.18.12.2018**. 2. Opening of EMD Bid at 3.30 PM of **Dt.20.12.2018**.
All other terms and conditions in the original tender remained unaltered. For details, log on to our website **https://eprocure.gov.in/eprocure/app** or contact the office of the undersigned.

**PPT/PR/519/18-19** **Date 13.12.2018**
**Sr. Dy. Materials Manager**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
Tel: 0674-2540051 (EPABX) CIN: U40102OR2004SGC007553
OPTCL Lifeline of Odisha

**NOTICE INVITING TENDER (NIT)**
**(DOMESTIC COMPETITIVE e-BIDDING)**

**e-TENDER NOTICE NO.: CPC-49/2018-19** **Date: 14.12.2018**

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelop system from reputed EPC / Turnkey Contractors for **Engineering, Supply, Erection and Commissioning for 220KV SC line on DC tower from 220/33KV Grid Substation at Laxmipur to proposed RTSS Laxmipur along with 220KV feeder bay extensions at Laxmipur Grid Sub-station at an Estimated Cost of the Package for Rs.10.73 Crore on "TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt.**(14.12.2018) / (11:00)AM** up to Dt.**(07.01.2019) / (12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/ OPTCL"** for further detail.

**Note :** Bidders are requested to regularly visit Official website of OPTCL / Tender Portal only for amendment / errata / corrigendum (if any) and any other information regarding these tenders, as the same shall be published only on the OPTCL website / Tender Portal.

Sd/-
**Chief General Manager (CPC)**
**e-Mail: sgm.cpc@optcl.co.in**

**CR Advt. No. 65/2018-19**

Please connect us: optcl.odisha optcl_odisha energyodisha

## କଳିଙ୍ଗ କର୍ଣ୍ଣର

### ସେହ୍ୱାଗ, ସର୍ଦ୍ଦାର ଅତିଥି



ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଦୁଇଜଣ କିମ୍ବଦନ୍ତୀ ଖେଳାଳି ଅତିଥି ଥିଲେ। ଜର୍ମାନୀ-ବେଲଜିୟମ ପ୍ରଥମ ମ୍ୟାଚରେ ଅତିଥିଭାବେ ଯୋଗ ଦେଇଥିଲେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ ଏବଂ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ସର୍ଦ୍ଦାର ସିଂ। ବୀରେନ୍ଦ୍ରଙ୍କ ସହ ସର୍ଦ୍ଦାର ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚ୍ ଶୁଭାରମ୍ଭ କରିଥିଲେ। ସେହିଭଳି ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ ସମୟରେ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ସହ ବୀରେନ୍ଦ୍ର ଯୋଗ ଦେଇଥିଲେ। ଭାରତ-ନେଦରଲାଣ୍ଡ ଦ୍ୱିତୀୟ ମ୍ୟାଚରେ ମଧ ସେହ୍ୱାଗ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

### ଭାରତୀୟ ସମର୍ଥକ ନିରାଶ

ଗୁରୁବାର ଜର୍ମାନୀ-ବେଲଜିୟମ ମ୍ୟାଚ ବେଳେ କଳିଙ୍ଗ ଷ୍ଟାଡିୟମ ଦର୍ଶକ ଗ୍ୟାଲେରି କିଛି ପରିମାଣରେ ଫାଙ୍କା ରହିଥିଲେ ହେଁ ଭାରତ-ନେଦରଲାଣ୍ଡ ମ୍ୟାଚର କିଛି ସମୟ ପୂର୍ବରୁ ଭରି ଯାଇଥିଲା। ଭାରତୀୟ ଦଳକୁ ସମର୍ଥନ ଜଣାଇବା ପାଇଁ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ଓଡ଼ିଶା ଦର୍ଶକ। ଭାରତୀୟ ଦଳର ପ୍ରତିଟି ମୁଭ୍‌ରେ ଇଣ୍ଡିଆ ଇଣ୍ଡିଆ ଶବ୍ଦରେ ପ୍ରକମ୍ପିତ ହେଉଥିଲା ଷ୍ଟାଡିୟମ। ନର୍ଥ ଷ୍ଟାଣ୍ଡରେ ପାଖାପାଖି ୨୦ ଜଣ ନେଦରଲାଣ୍ଡର ସମର୍ଥକ ଟିମ୍ ଜର୍ସି ରଙ୍ଗର ପୋଷାକ ପିନ୍ଧି ମ୍ୟାଚ ଉପଭୋଗ କରୁଥିବା ଦେଖା ଯାଇଥିଲା। ମାତ୍ର ମ୍ୟାଚ ଶେଷରେ ଭାରତ ପରାଜିତ ହୋଇଥିବାରୁ ଘରୋଇ ଦର୍ଶକ ମନଦୁଃଖରେ ଫେରିଥିଲେ।

### ଓଲି କଲା ମନୋରଞ୍ଜନ

ଗୁରୁବାର ଅନୁଷ୍ଠିତ ୨ଟି ଯାକ ମ୍ୟାଚର ମଧ୍ୟାନ୍ତର ୧୦ ମିନିଟରେ ମାସ୍କଟ ଓଲି ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ପଡ଼ିଆ ଚାରିପାଖ ପରିକ୍ରମା କରିବା ସହ ବିଭିନ୍ନ ଗୀତର ତାଳେତାଳେ ନାଚିଥିଲା ଓଲି।

### ସେମିଫାଇନାଲ କାର୍ଯ୍ୟସୂଚୀ

| ଡିସେମ୍ବର ୧୫ |
| --- |
| ଇଂଲଣ୍ଡ ବନାମ ବେଲଜିୟମ |
| ସମୟ: ଅପରାହ୍ନ ୪ଟା |
| ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ |
| ସମୟ: ସନ୍ଧ୍ୟା ୬ଟା ୩୦ |






ଭାରତ ପରାଜୟରେ ମର୍ମାହତ ଘରୋଇ ଦର୍ଶକ।

# କ୍ୱାର୍ଟରରୁ ଭାରତର ଅଭିଯାନ ଶେଷ

ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)

ଘରୋଇ ପରିବେଶ ଏବଂ ଭରପୂର ଦର୍ଶକ ସମର୍ଥନ ସତ୍ତ୍ୱେ ଭାରତର ହକି ବିଶ୍ୱକପ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ଅନ୍ତିମ କ୍ୱାର୍ଟର ଫାଇନାଲରେ ଭାରତ ୧–୨ ଗୋଲରେ ନେଦରଲାଣ୍ଡଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛି। ମ୍ୟାଚର ୧୨ତମ ମିନିଟରେ ଗୋଲ ସ୍କୋର କରି ଅଗ୍ରଣୀ ନେଇଥିଲେ ହେଁ ପରବର୍ତ୍ତୀ ଭାଗରେ ମୋମେଣ୍ଟମ୍‌କୁ ବଜାୟ ରଖି ନ ପାରି ଭାରତ ପରାଜୟ ସ୍ୱାଦ ଚାଖିଛି। ଫଳରେ ଦୀର୍ଘ ୪୩ ବର୍ଷ ବ୍ୟବଧାନରେ ଭାରତର ସେମିଫାଇନାଲ ପ୍ରବେଶ ଆଶା ଧୂଳିସାତ ହୋଇଛି। ଭାରତ ଶେଷଥର ପାଇଁ ୧୯୭୫ରେ ସେମିଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲା ଏବଂ ଶ୍ରେଷ୍ଠ ପ୍ରଦର୍ଶନ ସହ ଚାମ୍ପିୟନ ହୋଇଥିଲା। ମାତ୍ର ଏଥର ଦଳକୁ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଭାରତ–ନେଦରଲାଣ୍ଡ ମ୍ୟାଚ ସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ୧୫ ତାରିଖର ପ୍ରଥମ ସେମିଫାଇନାଲରେ ଇଂଲଣ୍ଡ ଓ ବେଲଜିୟମ ମଧ୍ୟରେ ମୁକାବିଲା ହେବ। ସେହିଦିନ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବ ନେଦରଲାଣ୍ଡ।

ଘରୋଇ ପରିବେଶ ଏବଂ ଦର୍ଶକଭରା ଷ୍ଟାଡିୟମର ଦର୍ଶକଙ୍କ ସମର୍ଥନରେ ସ୍ୱାଭାବିକ ଭାବେ ଆରମ୍ଭରୁ ଉତ୍ସାହୀ ପ୍ରଦର୍ଶନ କରିଥିଲା ମନପ୍ରୀତ ସିଂଙ୍କ ଟିମ୍ ଇଣ୍ଡିଆ। ତେବେ ବିଶ୍ୱର ୪ ନମ୍ବର ଦଳ ନେଦରଲାଣ୍ଡ ମଧ ଦକ୍ଷତା ଦେଖାଇଥିଲା। ପ୍ରଥମ ୧୧ ମିନିଟର ସଂଘର୍ଷ ପରେ ୧୨ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ହରମନପ୍ରୀତ ସିଂଙ୍କ ଶୁଟ୍ ସେଭ୍ ହୋଇ ଫେରିଆସିଥିବାବେଳେ ବଲ୍‌କୁ ନିଜ ନିୟନ୍ତ୍ରଣକୁ ଆଣି ତାହାକୁ ଗୋଲରେ ପରିଣତ କରିଥିଲେ ଆକାଶଦୀପ ସିଂ। ଚଳିତ ବିଶ୍ୱକପରେ ଏହା ଥିଲା ତାଙ୍କର ଦ୍ୱିତୀୟ ଓ ଓଭରଅଲ୍ ବିଶ୍ୱକପରେ ୭ମ ଗୋଲ। ତେବେ ଭାରତର ଏହି ଖୁସି ବେଶି ସମୟ ତିଷ୍ଠିପାରି ନ ଥିଲା। ପ୍ରଥମ କ୍ୱାର୍ଟର ଶେଷହେବାକୁ ଅଳ୍ପ କିଛି ସମୟ ଥିବାବେଳେ ନେଦରଲାଣ୍ଡର ଥିଏରି ବ୍ରିଙ୍କ୍‌ମ୍ୟାନ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ନେଦରଲାଣ୍ଡକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ମାତ୍ର ଖେଳାଳି ତାହାକୁ ପୋଷ୍ଟ ବାହାରେ ମାରିଥିଲେ। ୧୯ତମ ମିନିଟରେ ଲଗାତର ୨ଟି ପେନାଲ୍ଟି କର୍ଣ୍ଣର ମିଳିଥିଲେ ହେଁ ତାହା ସେଭ୍ ହୋଇ ଯାଇଥିଲା। ସେହି ୧୯ତମ ମିନିଟରେ ଆକାଶଦୀପ ବଲ୍‌ନେଇ ନେଦରଲାଣ୍ଡର ଡି ଏରିଆରେ ପ୍ରବେଶ କରିଥିଲେ। ଗୋଲ କରିବାର ସୁବର୍ଣ୍ଣ ସୁଯୋଗ ଥିଲେ ହେଁ ଆକାଶଦୀପ ତରବରିଆ ହୋଇ ମାରିଥିବା ଶଟ ଗୋଲପୋଷ୍ଟର ବହୁ ଉପରେ ଚାଲି ଯାଇଥିଲା। ୪୭ତମ ମିନିଟରେ ନେଦରଲାଣ୍ଡ ଖେଳାଳି ଗୋଲ ଦାବିକରି ଖୁସି ମନାଇଥିଲେ ହେଁ ରେଫରାଲରେ ତାହା ନାକଚ ହୋଇ ଯାଇଥିଲା। ତେବେ ୫୦ତମ ମିନିଟରେ ନେଦରଲାଣ୍ଡର ମିଙ୍କ୍ ଭାନ ଡର ୱିର୍ଡେନ ଦେଇଥିବା ଗୋଲ ଶେଷରେ ନିର୍ଣ୍ଣାୟକ ହୋଇଥିଲା। ୫୫ତମ ମିନିଟରେ ଗୋଲ ପରିଶୋଧ ପାଇଁ ଭାରତ ନିକଟରେ ସୁବର୍ଣ୍ଣ ସୁଯୋଗ ଆସିଥିଲା। ମାତ୍ର ହରମନପ୍ରୀତ ମାରିଥିବା ଶଟ୍ ସେଭ୍ ହୋଇ ଯାଇଥିଲା। ଶେଷ ୫ ମିନିଟ ଭାରତ ବିନା ଗୋଲକିପରରେ ଖେଳିଥିଲା, ମାତ୍ର କିଛି ଲାଭ ହୋଇ ନ ଥିଲା। ୫୮ତମ ମିନିଟରେ ନେଦରଲାଣ୍ଡ ପେନାଲ୍ଟି କର୍ଣ୍ଣର ପାଇଥିଲା। ଭାରତ ବିନା ଗୋଲକିପରରେ ତାହାକୁ ସେଭ୍ କରିବାରେ ସକ୍ଷମ ହୋଇଥିଲା। ଭାରତ ହାରିଥିଲେ ହେଁ ପୂରା ମ୍ୟାଚରେ ଭଲ ପ୍ରଦର୍ଶନ କରିଥିବାରୁ ସୁରେନ୍ଦର କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆମେ ମ୍ୟାଚ ହାତରୁ ଖସାଇଦେଲୁ: ଦିଲୀପ

ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭାରତ ୧–୨ ଗୋଲରେ ନେଦରଲାଣ୍ଡଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛି। ଅନେକ ସୁଯୋଗ ପାଇ ମଧ ଭାରତ ତାହାର ସଦୁପଯୋଗ କରିପାରି ନ ଥିଲା। ଭାରତ ପରାଜୟରେ ମର୍ମାହତ ହୋଇ ଷ୍ଟାଡିୟମରେ ଉପସ୍ଥିତ ୧୫,୦୦୦ ଦର୍ଶକଙ୍କୁ ଶେଷରେ ନିରାଶ ହୋଇ ଘରକୁ ଫେରିବାକୁ ପଡ଼ିଥିଲା। ଏହାକୁ ସହଜରେ ହଜମ କରିପାରି ନାହାନ୍ତି ଓଡ଼ିଶାର କିମ୍ବଦନ୍ତୀ ଖେଳାଳି ଓ କୋଚ୍। ଦଳ ଭଲ ଆରମ୍ଭ କରିଥିଲେ ହେଁ ମଝିରେ ହାଲ୍‌କା ମନୋଭାବ ପୋଷଣ କରିବା ଏବଂ ତ୍ରୁଟିପୂର୍ଣ୍ଣ ପାସ୍ ଦେବା ମହଙ୍ଗା ପଡ଼ିଲା। ନେଦରଲାଣ୍ଡ ଏକ ଶକ୍ତିଶାଳୀ ଦଳ। ତାକୁ କୌଣସି ସୁଯୋଗ ଦେବା ଅର୍ଥ ନିଜ ଗୋଡ଼କୁ କୁରାଢ଼ି ମାରିବା। ଆମ କ୍ଷେତ୍ରରେ ତାହା ହିଁ ହେଲା। ଆମେ ଜାଣତରେ ମ୍ୟାଚକୁ ହାତଛଡ଼ା କରିଦେଲୁ। ଫଳରେ ସେମିଫାଇନାଲ ସ୍ୱପ୍ନ ଅଧୁରା ରହିଗଲା ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ। ଯୁବ ଖେଳାଳିମାନେ ଭଲ ଖେଳୁଥିଲେ। ଆକ୍ରମଣାତ୍ମକ ଆରମ୍ଭ କରିଥିଲେ। ମାତ୍ର ମଝିରେ କେତେକ ତ୍ରୁଟିପୂର୍ଣ୍ଣ ଶଟ୍ ପାସ୍ ଦେଲୁ, ଯାହାର ଫାଇଦା ସେମାନେ ନେଲେ। ଆମେ ଲମ୍ବା ଏରିଏଲ ବଲ୍ ଖେଳିଛୁ। ଏହା ମଧ ତ୍ରୁଟିପୂର୍ଣ୍ଣ ଥିଲା। ଏଥିରୁ ସେମାନେ ଫାଇଦା ନେଇଗଲେ। ଆମକୁ ଆହୁରି ଆକ୍ରମଣାତ୍ମକ ଖେଳି ପ୍ରତିପକ୍ଷ ଡି ଏରିଆକୁ ପଶିବାର ଥିଲା, ମାତ୍ର ଆମେ ତାକୁ ମିସ୍ କରିଗଲୁ। ଡି ଭିତରେ କେତେକ ସୁଯୋଗ ମିଳିଥିଲା। ମାତ୍ର ତାହାର ସଦୁପଯୋଗ ହୋଇ ପାରିନାହିଁ। ମୋଟାମୋଟିଭାବେ କହିବାକୁ ଗଲେ ସବୁକିଛି ଉପଲବ୍ଧ ଥାଇ ମଧ ଆମେ ମ୍ୟାଚ ହାତରୁ ଖସାଇଦେଲୁ। ଫଳରେ ଆମ ଆଶା ଆଶାରେ ହିଁ ରହିଗଲା ବୋଲି ଦିଲୀପ କହିଛନ୍ତି। ଅମ୍ପାୟରିଂ ଭଲ ହେଉ କିମ୍ବା ଖରାପ ଏହା ଗେମ୍‌ର ଏକ ପାର୍ଟ। ଶେଷ ମୁହୂର୍ତ୍ତରେ ଆମ ପିଲାମାନେ ଶଟ୍ କର୍ଣ୍ଣର ପାଇଁ ଦାବି କରୁଥିଲେ, ମାତ୍ର ରେଫରି ତାକୁ ନାକଚ୍ କରିଦେଲେ। ତାହା ଶଟ୍ କର୍ଣ୍ଣର ହୋଇପାରିଥାନ୍ତା। ତେଣୁ ରେଫରିଂରେ ବି କିଛି ତ୍ରୁଟି ରହିଥାଇପାରେ ବୋଲି ସେ ପ୍ରକାଶ କରିଛନ୍ତି।

### ଅମ୍ପାୟର ନିରପେକ୍ଷ ହେବା ଉଚିତ



ଭାରତ–ନେଦରଲାଣ୍ଡ ମ୍ୟାଚରେ ଅମ୍ପାୟର ନିରପେକ୍ଷ ହୋଇ ନ ଥିବା ଅନୁଭବ କରୁଛନ୍ତି ପୂର୍ବତନ ଭାରତୀୟ ଖେଳାଳି ଲାଜରୁସ ବାର୍ଲା। ଏଥିରେ ଅମ୍ପାୟର ଟିକେ ନେଦରଲାଣ୍ଡକୁ ସମର୍ଥନ କରୁଥିବା ପରି ଲାଗିଥିଲା ବୋଲି ସେ କହିଛନ୍ତି। କାରଣ ନେଦରଲାଣ୍ଡ ପେନାଲ୍ଟି କର୍ଣ୍ଣରରୁ ଗୋଲ ଦେବା ପୂର୍ବରୁ ଫାଉଲ୍ ପାଇଁ ରେଫରି ହ୍ୱିସିଲ ମାରିଥିଲେ। ମାତ୍ର ପରେ ନିଷ୍ପତ୍ତି ପରିବର୍ତ୍ତନ କରି ତାକୁ ପେନାଲ୍ଟି କର୍ଣ୍ଣରରେ ପରିଣତ କରିଦେଲେ। ତାକୁ କେହି ଜାଣି ପାରିଲେନି। ଏହା ବ୍ୟତୀତ ଅମିତ ରୋହିଦାସ ଚମତ୍କାର ପ୍ରଦର୍ଶନ କରି ନେଦରଲାଣ୍ଡର ଅନେକ ଉଦ୍ୟମ ପଣ୍ଡ କରିଥିଲେ। ମାତ୍ର ବଡିରେ ଟିକେମାତ୍ର ବଲ୍ ଟଚ୍ ହୋଇଛି କି ନାହିଁ ତାକୁ କାର୍ଡ ଦେଇ ପଡ଼ିଆରୁ ବାହାର କରିଦେଲେ। ସେହିପରି ମ୍ୟାଚ ୩ ମିନିଟ ଥିବାବେଳେ କ୍ୟାପଟେନ ମନପ୍ରୀତଙ୍କୁ ତଳେ ପକାଇ ନେଦରଲାଣ୍ଡର ଜଣେ ଖେଳାଳି ବଲ୍‌କୁ ନେଇ ଆଗକୁ ଚାଲିଗଲେ। ସେ ଖେଳାଳିଙ୍କୁ ନିହାତି ହଳଦିଆ କାର୍ଡ ମିଳିବା କଥା। ମାତ୍ର ରେଫରି ତାହା କଲେନି। ତେଣୁ ରେଫରି ନିରପେକ୍ଷ ରହିଥିବା ମୁଁ ଅନୁଭବ କରିପାରୁନି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନେଦରଲାଣ୍ଡ ଦଳ ବହୁତ ଫାଷ୍ଟ ଖେଳିଥାଏ। ଆମେ ଟିକେବି ସୁଯୋଗ ଦେଲେ ସେମାନେ ତାକୁ ଛାଡ଼ିବେନି। ତାହା ହିଁ ହେଲା। ସେମାନେ ସେଥିରୁ ଫାଇଦା ନେଇ ଫାଉଲ୍ ହେବାର ୩–୪ ସେକେଣ୍ଡ ମଧ୍ୟରେ ଗୋଲଟି ଦେଇଦେଲେ। ଏ ପରିକି ଭାରତୀୟ ଖେଳାଳିମାନେ କିଛି ଜାଣିବା ପୂର୍ବରୁ ସବୁକିଛି ଶେଷ ହୋଇଯାଇଥିଲା। ଆମ ପିଲାମାନେ ଯଦି ଆଉ ଟିକେ ଆଲର୍ଟ ରହିଥାନ୍ତେ ତେବେ ସେ ଗୋଲଟି ହୋଇ ନ ଥାନ୍ତା ଏବଂ ଆମେ ଫାଇଦାରେ ରହିଥାନ୍ତୁ। ଭାରତ ବହୁ ଭଲ ଖେଳିଥିଲା, ମାତ୍ର ଅମ୍ପାୟରଙ୍କ କିଛି ତ୍ରୁଟି ଯୋଗୁ ଆମେ ସେମିଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଗଲୁ। ଭିଡିଓ ବିଶ୍ଳେଷଣ ପରେ ଯଦି ଅମ୍ପାୟରଙ୍କର ତ୍ରୁଟି ରହିଥିବା ଜଣାପଡ଼େ ତେବେ ତାଙ୍କୁ ବାସନ୍ଦ କରାଯିବା ଆବଶ୍ୟକ ବୋଲି ଲାଜରୁସ କହିଛନ୍ତି।

### ଦୁର୍ଭାଗ୍ୟ: ପ୍ରବୋଧ



ଭାରତୀୟ ଦଳ ଭଲ ଖେଳିଲା, ମାତ୍ର ଭାଗ୍ୟ ସାଥ୍ ଦେଲାନି। ଏକାଧିକ ସୁଯୋଗ ପାଇ ମଧ ତାହାର ସଦୁପଯୋଗ ହୋଇପାରିଲାନି। ନେଦରଲାଣ୍ଡ ସୁଯୋଗର ଭରପୂର ସଦୁପଯୋଗ କରି ମ୍ୟାଚ ଜିତିଲା। ଦୁର୍ଭାଗ୍ୟବଶତଃ ଆମେ ଟୁର୍ନାମେଣ୍ଟରୁ ବିଦାୟ ନେଲୁ ବୋଲି କହିଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ।

### ଶ୍ରୀଜେଶଙ୍କ ତ୍ରୁଟି ମହଙ୍ଗା ପଡ଼ିଲା



ଭାରତ ମ୍ୟାଚରେ ଭଲ ଖେଳିଥିଲା, ମାତ୍ର ଗୋଲ ସ୍କୋର କରିପାରିଲାନି। ତା'ର ଫାଇଦା ନେଦରଲାଣ୍ଡ ନେଇଗଲା। ପିଲାମାନେ ପ୍ରତି ମୁହୂର୍ତ୍ତରେ ବଲ୍‌କୁ ହୋଲ୍ଡ କରିଥିଲେ, ମାତ୍ର ସ୍କୋର ହେଲାନି। ବଡ଼ ଟିମ୍ ବିପକ୍ଷରେ ଚାନ୍ସ ହାତଛଡ଼ା କଲେ ତାର ଫଳ ଭୋଗିବାକୁ ପଡ଼ିବ। ତାହା ହିଁ ହେଲା। ଏହାଛଡ଼ା ଭାରତ ହାରିବାର ପ୍ରମୁଖ କାରଣ ହେଉଛି ଗୋଲକିପର କୌଣସି ପ୍ରକାରେ ଟିମ୍‌କୁ ସାଥ୍ ଦେଇପାରିଲେନି। କ୍ୱାର୍ଟର ଫାଇନାଲ ପରି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ପି.ଆର.ଶ୍ରୀଜେଶଙ୍କ ପରି ଖେଳାଳି ନିଜ ଉପରକୁ ଦାୟିତ୍ୱ ନେଇ ଖେଳିବା କଥା, ମାତ୍ର ସେ ଆଦୌ ଦକ୍ଷତା ଅନୁସାରେ ଖେଳି ପାରିଲେନି। ସେ ଟିମ୍ ପାଇଁ କୌଣସି କାମରେ ଲାଗିପାରିଲେନି। ଯେଉଁ ଗୋଲ ୨ଟି ହେଲା ତା'ର ପୂର୍ବାନୁମାନରେ ସେ ବିଫଳ ହେଲେ। ଫଳରେ ଭାରତର ସେମିଫାଇନାଲ ଖେଳିବା ଆଶା ଅଧାରେ ରହିଗଲା ବୋଲି କହିଛନ୍ତି ବରିଷ୍ଠ କୋଚ୍ କାଳୁ ଚରଣ ଚୌଧୁରୀ।






ନେଦରଲାଣ୍ଡଠାରୁ ପରାଜୟ ପରେ ଦୁଃଖାଭୀଭୂତ ଭାରତୀୟ ଦଳର ଖେଳାଳିମାନେ।

# ପୁଣି ପ୍ରତୀକ୍ଷା...

ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ୧୪ତମ ସଂସ୍କରଣରେ ଘରୋଇ ଭାରତର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଯାଇଛି। ଫଳରେ ଦୀର୍ଘ ୪୩ ବର୍ଷ ବ୍ୟବଧାନରେ ଭାରତ ସେମିଫାଇନାଲରେ ପ୍ରବେଶ କରିବ ବୋଲି ଯାହା ଆଶା କରାଯାଉଥିଲା ତାହା ଅଧୁରା ରହି ଯାଇଛି। ଏବେ ଭାରତକୁ ପୁଣି ୪ ବର୍ଷ ପ୍ରତୀକ୍ଷା କରିବାକୁ ପଡ଼ିବ।

ଭାରତ ଶେଷଥର ପାଇଁ ୧୯୭୫ରେ ସେମିଫାଇନାଲରେ ପ୍ରବେଶ କରିଥିଲା। କେବଳ ସେତିକି ନୁହେଁ, ପ୍ରତିଯୋଗିତାର ଏହି ତୃତୀୟ ସଂସ୍କରଣରେ ଦଳ ଚାମ୍ପିୟନ ହୋଇ ଇତିହାସ ମଧ ରଚିଥିଲା। ପୂର୍ବରୁ ଭାରତ ୧୯୭୧ ପ୍ରଥମ ସଂସ୍କରଣରେ ବ୍ରୋଞ୍ଜ ଏବଂ ୧୯୭୩ ଦ୍ୱିତୀୟ ସଂସ୍କରଣରେ ରୌପ୍ୟ ପଦକ ହାସଲ କରିଥିଲା। ମାତ୍ର ଏହା ମଧ୍ୟରେ ୪୩ ବର୍ଷ ବିତିଯାଇଥିଲେ ହେଁ ଦଳ କେବେହେଲେ ଶୀର୍ଷ ୪ ସ୍ଥାନ ମଧ୍ୟରେ ରହିପାରି ନ ଥିଲା। ୧୯୭୮ ଲିଗ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ଦଳକୁ କ୍ଲାସିଫିକେଶନ ମ୍ୟାଚ ଖେଳିବାକୁ ପଡ଼ିଥିଲା ୫–୬ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ସ୍ପେନଠାରୁ ୦–୨ ଗୋଲରେ ହାରି ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ୧୯୮୨ ବିଶ୍ୱକପ ବମ୍ବେର ଘରୋଇ ପରିବେଶରେ ଆୟୋଜନ ହୋଇଥିଲେ ମଧ ଅନୁରୂପ ପ୍ରଦର୍ଶନ ଯୋଗୁ ଦଳକୁ ୫–୬ ପୋଜିଶନରେ ମ୍ୟାଚ ଖେଳିବାକୁ ପଡ଼ିଥିଲା। ମାତ୍ର ଏଥିରେ ସୋଭିଏଟ୍ ୟୁନିୟନକୁ ୫–୧ ଗୋଲରେ ହରାଇ ଦଳ ୫ମ ସ୍ଥାନ ହାସଲ କରିଥିଲା। ୧୯୮୬ ବିଶ୍ୱକପରେ ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ୧୨ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଦଳ ସର୍ବନିମ୍ନ ୧୨ତମ ସ୍ଥାନରେ ରହିଥିଲା। ୧୯୯୦ ବିଶ୍ୱକପରେ ଦଳକୁ ୧୦ମ ସ୍ଥାନ ମିଳିଥିଲା। ଲିଗ୍ ପର୍ଯ୍ୟାୟ ଓ କ୍ରସ୍ ଓଭର ପରେ ୯–୧୦ ପ୍ଲେସିଂ ମ୍ୟାଚରେ ଦଳ ଆର୍ଜେଣ୍ଟିନାଠାରୁ ୦–୧ ଗୋଲରେ ହାରିଯାଇଥିଲା। ୧୯୯୪ ବିଶ୍ୱକପରେ ଦଳର ପ୍ରଦର୍ଶନ ପୂର୍ବ ୪ ସଂସ୍କରଣ ତୁଳନାରେ ଅପେକ୍ଷାକୃତ ଉନ୍ନତ ଥିଲା। ଲିଗ୍ ପର୍ଯ୍ୟାୟରେ ଭଲ ଖେଳିଥିଲେ ହେଁ ସେମିଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିବା ଭାରତୀୟ ଦଳ ପ୍ଲେସିଂ ପାଇଁ କ୍ରସ୍ ଓଭରରେ ଇଂଲଣ୍ଡକୁ ୧–୦ ଗୋଲରେ ହରାଇ ୫ମ ସ୍ଥାନ ଦଖଲ କରିଥିଲା। ୧୯୯୮ ବିଶ୍ୱକପରେ କିନ୍ତୁ ଦଳ ସେହି ପ୍ରଦର୍ଶନ ବଜାୟ ରଖିପାରି ନ ଥିଲା। ଲିଗ୍ ଓ କ୍ରସ୍ ଓଭରପରେ ୯–୧୦ମ ସ୍ଥାନ ପାଇଁ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୧–୦ ଗୋଲରେ ପରାସ୍ତ କରିଥିଲା। ଫଳରେ ଦଳ ୯ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ୨୦୦୨ ବିଶ୍ୱକପରେ ମଧ ଦଳର ପ୍ରଦର୍ଶନ ଆଶାନୁରୂପ ରହି ନ ଥିଲା। ପ୍ଲେସିଂ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୧–୨ ଗୋଲରେ ହାରି ଦଳ ୧୦ମ ସ୍ଥାନ ପାଇଥିଲା। ୨୦୦୬ ବିଶ୍ୱକପରେ ୧୧ତମ ସ୍ଥାନ ପାଇବାପରେ ୨୦୧୦ ନୂଆଦିଲ୍ଲୀ ବିଶ୍ୱକପରେ ଘରୋଇ ପରିବେଶରେ ଦଳ ସାମାନ୍ୟ ଉନ୍ନତ ପ୍ରଦର୍ଶନ ଦେଇଥିଲା। ମାତ୍ର ତାହା ସେମିଫାଇନାଲରେ ପ୍ରବେଶ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଲିଗ୍ ପର୍ଯ୍ୟାୟ ପରେ ଦଳକୁ କ୍ଲାସିଫିକେଶନ ମ୍ୟାଚ ଖେଳିବାକୁ ପଡ଼ିଥିଲା। ୭–୮ ପ୍ଲେସିଂ ମ୍ୟାଚରେ ଦଳ ଆର୍ଜେଣ୍ଟିନାଠାରୁ ୨–୪ ଗୋଲରେ ହାରି ୮ମ ସ୍ଥାନ ପାଇଥିଲା। ୨୦୧୪ ବିଶ୍ୱକପରେ ମଧ ଦଳର ପ୍ରଦର୍ଶନ ଅନୁରୂପ ରହିଥିଲା। ତେବେ ଏଥିରେ ଦଳକୁ ୯ମ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା।

# ଇତିହାସ ରଚିଲା ବେଲଜିୟମ

## ପୂର୍ବତନ ଚାମ୍ପିୟନ ଜର୍ମାନୀର ବିଦାୟ

ଭୁବନେଶ୍ୱର, ୧୩।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ ବେଲଜିୟମ ପାଇଁ ସ୍ମରଣୀୟ ହୋଇଛି। ପ୍ରଥମଥର ପାଇଁ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି ଏହି ଦଳ। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଉତ୍ସାହୀ ପ୍ରଦର୍ଶନ କରି ଆସିଥିବା ବେଲଜିୟମ ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଜର୍ମାନୀକୁ ୨-୧ ଗୋଲରେ ହରାଇ ଏହାର ବିଶ୍ୱକପ୍ ଇତିହାସରେ ନୂଆ ଅଧ୍ୟାୟ ସଂଯୋଗ କରିଛି। ପୂର୍ବରୁ ବେଲଜିୟମ କେବେହେଲେ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିପାରି ନ ଥିଲା। ଗତ ୨୦୧୪ ଅଲିମ୍ପିକ୍ସରେ ଦଳ ସର୍ବାଧିକ ୫ମ ସ୍ଥାନ ପାଇଥିଲା। ଅନ୍ୟପକ୍ଷରେ ୨ଥର ସ୍ୱର୍ଣ୍ଣ ଏବଂ ୨ ଥର ରୌପ୍ୟ ପଦକ ବିଜେତା ଜର୍ମାନୀର ଅଭିଯାନ ଏଥର କ୍ୱାର୍ଟର ଫାଇନାଲରୁ ଶେଷ ହୋଇ ଯାଇଛି। ୨୦୦୨ ଓ ୨୦୦୬ରେ ସ୍ୱର୍ଣ୍ଣ ଏବଂ ୧୯୮୨ ଓ ୨୦୧୦ରେ ରୌପ୍ୟ ପଦକ ଜିତିଥିବା ଜର୍ମାନୀ ଏଥର ବେଲଜିୟମ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛି। ୧୫ତାରିଖ ପ୍ରଥମ ସେମିଫାଇନାଲରେ ବେଲଜିୟମ ଓ ଇଂଲଣ୍ଡ ମଧ୍ୟରେ ମୁକାବିଲା ହେବ।

ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ ଖେଳାଳିଙ୍କ ସହ ପରିଚିତ ହେବାପରେ ମ୍ୟାଚ ଆରମ୍ଭ ହୋଇଥିଲା। ଶେଷରେ ସେହ୍ୱାଗଙ୍କ ସହ ବିଧାୟକ ଦେବାଶିଷ ସାମନ୍ତରାୟ ଅତିଥିଭାବେ ଯୋଗଦେଇ ବେଲଜିୟମ ଦଳର ୪ ନମ୍ବର ଜର୍ସି ପରିହିତ ଆର୍ଥର ଭାନ୍ ଡୋରେନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱର ୫ ନମ୍ବର ଦଳ ଜର୍ମାନୀ ଓ ୩ ନମ୍ବର ବେଲଜିୟମ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ତୁଳନାତ୍ମକଭାବେ ବେଲଜିୟମ ଅଧିକ ସୁଯୋଗ ସୃଷ୍ଟିକରି ଫାଇଦାରେ ରହିଥିଲା। ଆକ୍ରମଣାତ୍ମକ ରଣନୀତିରେ ଖେଳ ଆରମ୍ଭ କରିଥିବା ବେଲଜିୟମକୁ ୭ମ ମିନିଟରେ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଦଳ ତାହାର ସଦୁପଯୋଗ କରିପାରି ନ ଥିଲା। ଅନ୍ୟପକ୍ଷରେ ୧୪ତମ ମିନିଟରେ ଡିଏଟର ଲିନେକୋଗେଲ ଏକ ଫିଲ୍ଡ ଗୋଲ ଦେଇ ଜର୍ମାନୀକୁ ଅଗ୍ରଣୀ କରିବା ସହ ମ୍ୟାଚରେ ଉଷ୍ମତା ଭରିଥିଲେ। ପ୍ରଥମ କ୍ୱାର୍ଟର ଶେଷ ହ୍ୱିସିଲ ବାଜିବାର କିଛି କ୍ଷଣ ପୂର୍ବରୁ ବେଲଜିୟମ ନିକଟରେ ଗୋଲ ପରିଶୋଧ ପାଇଁ ସୁବର୍ଣ୍ଣ ସୁଯୋଗ ମିଳିଥିଲା। ଦଳକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହା ଲଗାତର ୩ଟି ପେନାଲ୍ଟି କର୍ନରରେ ପରିଣତ ହୋଇଥିଲା। ମାତ୍ର ଜର୍ମାନୀ ଗୋଲକିପର ଟୋବିୟାସ ୱାଲ୍ଟର ଚମତ୍କାର ସେଭ୍ କରି ବେଲଜିୟମ ଆଶାରେ ପାଣି ଭରି ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ବେଲଜିୟମ ଆକ୍ରମଣ ରଣନୀତିକୁ ଅଧିକ ତୀବ୍ର କରିଥିଲା। ଜର୍ମାନୀ ଡିଫେନ୍ସରେ ତ୍ରୁଟି ଯୋଗୁ ଏହି କ୍ୱାର୍ଟରରେ ମଧ୍ୟ ବେଲଜିୟମକୁ ୩ଟି ପେନାଲ୍ଟି କର୍ନର ମିଳିଥିଲା। ୧୮ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଗୋଲରେ ପରିଣତ କରି ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ୨୨ତମ ମିନିଟରେ ଦଳକୁ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିଲେ ହେଁ ତାହାର ସଦୁପଯୋଗ ହୋଇପାରି ନ ଥିଲା।

ଦ୍ୱିତୀୟାର୍ଦ୍ଧ ସ୍ୱାଭାବିକଭାବେ ଉତ୍ତେଜନାପୂର୍ଣ୍ଣ ରହିଥିଲା। ଜର୍ମାନୀ ଅଗ୍ରଣୀ ନେବାପାଇଁ ପୁରା ଦମ୍ ଲଗାଇ ଦେଇଥିଲେ ହେଁ ବେଲଜିୟମ ଖେଳାଳିଙ୍କ ସତର୍କତା ଯୋଗୁ ଗୋଟିଏ ହେଲେ ପେନାଲ୍ଟିକର୍ନର ସୁଯୋଗ ସୃଷ୍ଟି କରିପାରି ନ ଥିଲା। ଅନ୍ୟପକ୍ଷରେ ଏହି କ୍ୱାର୍ଟରରେ ମଧ୍ୟ ବେଲଜିୟମ ୨ଟି ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ୩୭ତମ ମିନିଟରେ ବେଲଜିୟମ ଖେଳାଳିଙ୍କ ଶଟ୍‌କୁ ଜର୍ମାନୀ ଗୋଲକିପର ୱାଲ୍ଟର ସେଭ୍ କରି ଦେଇଥିବାବେଳେ ୪୩ତମ ମିନିଟରେ ଦୁର୍ବଳ ଶଟ୍ ଗୋଲକିପରଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଲଢ଼େଇ ଅଧିକ ଜୋରଦାର ହୋଇଥିଲା। ଉଭୟ ଦଳ ଗୋଲ ଦେଇ ଅଗ୍ରଣୀ ପାଇଁ ଉଦ୍ୟମରେ ଥିବାବେଳେ ୫୦ତମ ମିନିଟରେ ଟମ୍ ବୁନ୍‌ଙ୍କ ଫିଲ୍ଡ ଗୋଲ ବେଲଜିୟମକୁ ଅଗ୍ରଣୀ କରାଇଥିଲା। ଅବଶିଷ୍ଟ ୧୦ ମିନିଟରେ ଜର୍ମାନୀ ଘନଘନ ଆକ୍ରମଣ କରିଥିଲା। ଶେଷ ୫ ମିନିଟରେ ଗୋଲକିପରଙ୍କୁ କାଢ଼ି ଦଳ ୧୧ ଜଣ ଖେଳାଳିଙ୍କୁ ନେଇ ଗୋଲ ପରିଶୋଧ ଉଦ୍ୟମ କରିଥିଲା। ମାତ୍ର ଇତିହାସ ସୃଷ୍ଟିର ଦ୍ୱାରଦେଶରେ ପହଞ୍ଚି ଯାଇଥିବା ବେଲଜିୟମ କୌଣସି ପରିସ୍ଥିତିରେ ବାଟ ଛାଡ଼ି ନ ଥିଲା। ଶେଷ ୧୦ ମିନିଟର ଖେଳରେ ବଲ୍ ପ୍ରାୟତଃ ବେଲଜିୟମ ହାଫ୍‌ରେ ରହିଥିଲେ ହେଁ ଦଳର ଖେଳାଳିମାନେ କୌଣସି ପ୍ରକାରେ ଜର୍ମାନୀର ଆକ୍ରମଣକୁ ପ୍ରତିହତ କରିବାକୁ ସକ୍ଷମ ହୋଇଥିଲେ। ଶେଷ ହ୍ୱିସିଲ ବାଜିବା କ୍ଷଣି ବେଲଜିୟମ ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଜଣକ ପରେ ଜଣେ ଖେଳାଳି ଆସି ଗୋଲକିପର ଭିନସେଣ୍ଟ ଭାନାସ୍କଙ୍କ ଉପରକୁ କୁଦି ପଡ଼ିଥିଲେ। ଭିନସେଣ୍ଟ ମଧ୍ୟ ଖୁସିରେ ସମସ୍ତଙ୍କୁ ଟେକି ଧରୁଥିଲେ।

ବଲ୍ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଜର୍ମାନୀକୁ ପଛରେ ପକାଇ ଦେଇଥିଲା ବେଲଜିୟମ। ବଲ୍ ୫୫.୫୦ ପ୍ରତିଶତ ବେଲଜିୟମ ନିୟନ୍ତ୍ରଣରେ ରହିଥିବାବେଳେ ଜର୍ମାନୀ ୪୪.୫୦ ପ୍ରତିଶତ ନିଜ ପାଖରେ ରଖିବାରେ ସକ୍ଷମ ହୋଇଥିଲା। ଜର୍ମାନୀ ୫ଥର ଶୁଟ୍ କରିଥିବାସ୍ଥଳେ ବେଲଜିୟମ ୧୦ ଥର ପ୍ରତିପକ୍ଷ ଗୋଲପୋଷ୍ଟକୁ ବଲ୍ ଶୁଟ୍ କରିଥିଲା। ତେବେ ସର୍କଲ ଏଣ୍ଟ୍ରିରେ ଜର୍ମାନୀ ଆଗରେ ରହିଥିଲା। ବେଲଜିୟମର ୨୦ ତୁଳନାରେ ଜର୍ମାନୀ ୨୧ଥର ପ୍ରତିପକ୍ଷ ଦଳର ସର୍କଲ ଏଣ୍ଟ୍ରି କରିଥିଲା। ଜର୍ମାନୀ ଆଦୌ ପେନାଲ୍ଟି କର୍ନର ପାଇ ନ ଥିବାବେଳେ ବେଲଜିୟମ ୯ଟି ପେନାଲ୍ଟି କର୍ନର ପାଇ ସେଥିରୁ ଗୋଟିଏକୁ ଗୋଲରେ ପରିଣତ କରିପାରିଥିଲା। ମ୍ୟାଚରେ ଏକମାତ୍ର ଗ୍ରୀନ୍ କାର୍ଡ ପାଇଥିଲେ ବେଲଜିୟମର ସେବାଷ୍ଟିଆନ ଡୋକେର।



ବିଜୟ ହାସଲ ପରେ ଖୁସି ମନାଉଛନ୍ତି ବେଲଜିୟମ ଖେଳାଳି।







Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan.

HeroFinCorp. HDFC BANK We understand your world. IndusInd Bank TWO WHEELER LOANS. HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 7894020001. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମାୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ମା ସାକନରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571.




# ଝାଡ଼ଖଣ୍ଡକୁ ହରାଇ ଫାଇନାଲରେ ଓଡ଼ିଶା

କଟକ ଅଫିସ,୧୩।୧୨

ଅରୁଣାଚଳ ପ୍ରଦେଶରେ ଚାଲିଥିବା ଜାତୀୟ ସବ୍ ଜୁନିୟର ଫୁଟ୍‌ବଲ ଚାମ୍ପିୟନଶିପ୍ (ବାଳକ) ଫାଇନାଲରେ ଓଡ଼ିଶା ଦଳ ପ୍ରବେଶ କରିଛି। ଗୁରୁବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୬-୨ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ବିଜୟୀ ଓଡ଼ିଶା ପକ୍ଷରୁ ଅଜୟ ଟପ୍ପୋ ଓ ଅର୍ବିନ ଲାକ୍ରା ଡବଲ୍ ଗୋଲସ୍କୋର କରିଥିଲେ। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ୧-୧ ଗୋଲରେ ଏବଂ ନିର୍ଦ୍ଧାରିତ ୯୦ ମିନିଟ୍ ଶେଷରେ ୨-୨ ଗୋଲରେ ବରାବର୍ ରହିଥିଲା। ଫଳରେ ଅତିରିକ୍ତ ସମୟର ସହାୟତା ନିଆଯାଇଥିଲା। ଅତିରିକ୍ତ ସମୟରେ ଓଡ଼ିଶା ଖେଳାଳିଙ୍କ ଦମ୍‌ଦାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଏଥିରେ ଓଡ଼ିଶା ଆଉ ୪ଟି ଗୋଲସ୍କୋର କରି ମ୍ୟାଚ୍‌କୁ ମ୍ୟାଚ୍‌କୁ ୬-୨ ଗୋଲର ବୃହତ ବ୍ୟବଧାନରେ ଜିତି ନେଇଥିଲା। ଓଡ଼ିଶା ପକ୍ଷରୁ ଅଜୟ ଟପ୍ପୋ (୩୮ତମ ଓ ୧୧୪ତମ ମିନିଟ୍), ହରି ହେମ୍ବ୍ରମ (୯୫ତମ), ଅର୍ବିନ ଲାକ୍ରା (୧୦୯ ଓ ୧୧୧ତମ) ଗୋଲସ୍କୋର କରିଥିଲେ। ଓଡ଼ିଶା ଶେଷଥର ପାଇଁ ୨୦୧୫ରେ ଫାଇନାଲକୁ ପ୍ରବେଶ କରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା।











ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ। - ଟଲଷ୍ଟୟ



## ସଂକ୍ଷେପରେ

### ଚର୍ଚ୍ଚିକାଙ୍କ ଘୋଡ଼ଲାଗି ବେଶ



**ବାଙ୍କୀ, ୧୩।୧୨ (ସ୍ୱ.ପ୍ର.):** ବାଙ୍କୀର ପ୍ରସିଦ୍ଧ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ମାର୍ଗଶିର ଶୁକ୍ଳପକ୍ଷ ଓଢ଼ଣଷଷ୍ଠୀ ଗୁରୁବାରଠାରୁ ମା'ଙ୍କ ଘୋଡଣ ପର୍ବ ଆରମ୍ଭ ହୋଇଛି। ଶୀତଦାଉରୁ ରକ୍ଷାପାଇବା ପାଇଁ ଏବେଠାରୁ ଦୈନିକ ମଙ୍ଗଳ ଆଳତି, ପଞ୍ଚ ଅବକାଶ ଓ ବେଶଭୂଷା କରାଯିବା ପରେ ନୂତନ ଧଳାବସ୍ତ୍ରରେ ଦେବୀଙ୍କୁ ଘୋଡାଇ ଦିଆଯିବ। ଶାରଦୀୟ ଦୁର୍ଗାପୂଜାର ଷୋଳପୂଜା ପରେ ମା'ଚର୍ଚ୍ଚିକାଙ୍କ ଏହା ଏକ ବିଶେଷ ବେଶ ହୋଇଥିବାରୁ ମନ୍ଦିରରେ ଭକ୍ତ ଭିଡ ଜମିଛି। ଦେବୀଙ୍କ ଏହି ଘୋଡଲାଗି ବେଶ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସେବାୟତଙ୍କଠାରୁ ସୂଚନା ମିଳିଛି।

### ପୋଖରୀରେ ବୁଡ଼ି ଜଣେ ମୃତ

**ବଡ଼ମ୍ବା, ୧୩।୧୨(ଡିଏନଏ):** ପୋଖରୀରେ ବୁଡି ବଡ଼ମ୍ବା ଥାନା ଅନ୍ତର୍ଗତ ମାଣିଆବନ୍ଧର କାହ୍ନୁ ପାତ୍ରଙ୍କ ପୁତ୍ର ଅଭୟ ପାତ୍ର(୫୬)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଅଭୟ ଭୋର ସମୟରେ ନିଜ ଘର ନିକଟ ବାଉଁଶ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ପୋଖରୀରେ ତାଙ୍କ ପାଦ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। କିଛି ସମୟ ପରେ ତାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସରେ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ପୋଲିସ ପକ୍ଷରୁ ଥାନାରେ ଅପମୃତ୍ୟୁ ମାମଲା (ନଂ-୧୬/୧୮ )ରୁଜୁ କରାଯାଇ ତଦନ୍ତ ଚଳାଇଛି।

### ବ୍ଲକ କାର୍ଯ୍ୟାଳୟ ପରିସରରୁ ଗଛ କଟାନେଇ ଅସନ୍ତୋଷ

**ସାଲେପୁର, ୧୩।୧୨ (ଡି.ଏନ୍.ଏ):** ସାଲେପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗଛ କଟାନେଇ ଗୁରୁବାର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ବ୍ଲକ କାର୍ଯ୍ୟାଳୟ ପାଚେରୀକୁ ଲାଗିଥିବା ଏକ ବଡ ଗଛକୁ ବିଡିଓ ଉପସ୍ଥିତିରେ କଟାଯାଇଛି। ଏଥିସହ କାର୍ଯ୍ୟାଳୟ ପରିସରରେ ଥିବା ଅନ୍ୟ ୨ ଛୋଟ ଗଛକୁ କାଟିଦିଆଯାଇଛି। ଏହି ଗଛ କଟାନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗଛ କଟାନେଇ ଥିବା ନିୟମଗୁଡିକୁ ପାଳନ କରାଯାଇଛି ନା ନାହିଁ ଓ ଜଙ୍ଗଲ ବିଭାଗର ଅନୁମତି ନିଆଯାଇଛି ନା ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ବ୍ଲକ୍ କାର୍ଯ୍ୟାଳୟ ପରିସରକୁ ଆସିବା ପାଇଁ ଏକ ନୂତନ ରାସ୍ତା ନିର୍ମାଣ କରିବାର ବ୍ୟବସ୍ଥା ଥିବାରୁ ଏହି ଗଛ କଟାଯାଇଛି ବୋଲି ଆଲୋଚନା ହେଉଛି। ଗଛ କଟାକୁ ବ୍ଲକ୍ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା ଓ ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଦିଲୀପ ଦାଶ ନିନ୍ଦା କରିଥିବାବେଳେ ଏହି ଘଟଣା ବିଧିବଦ୍ଧ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଶିବବ୍ରତ ଘୋଷ କହିଛନ୍ତି,ଗଛଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲା। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ କୌଣସି ଅଘଟଣକୁ ଆଶଙ୍କା କରି ଏହାକୁ କାଟି ଦିଆଯାଇଛି।

■ ବାଇଗଣ ବିଲରେ ମାଇହାତୀ ମୃତ୍ୟୁ ଘଟଣା

# ବିସ୍ଫୋରଣରେ ମରିଛି ହାତୀ, ଜମି ମାଲିକ ଗିରଫ

**ଆଠଗଡ, ୧୩।୧୨(ସ୍ୱ.ପ୍ର.)**

କଟକ ଜିଲା ଆଠଗଡ ବନାଞ୍ଚଳ ଅନ୍ତର୍ଗତ ବୌଦା- ବନଖଣ୍ଡି ସଂରକ୍ଷିତ ଜଙ୍ଗଲର ରାଜନଗର ଗ୍ରାମରେ ବୁଧବାର ଏକ ମାଇ ହାତୀର ମୃତ୍ୟୁ ଘଟିଥିଲା। ବିଲରେ ପଡିଥିବା ବାରୁଦ ତିଆରି ବିସ୍ଫୋରକ ଗୁଳା ଖାଇବା ଯୋଗୁ ହାତୀର ମୃତ୍ୟୁ ଘଟିଛି ବୋଲି ଆଠଗଡ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କା କହିଛନ୍ତି। ଏହି ଅଭିଯୋଗରେ ବନ ବିଭାଗ ପକ୍ଷରୁ ମାମଲା (ନଂ-୮୦/୧୮-୧୯)ରୁଜୁ କରାଯାଇଛି। ଏଥିସହ ହାତୀ ମରିଥିବା ବିଲର ମାଲିକ ପ୍ରସନ୍ନ ଦେହୁରି(୪୮)ଙ୍କୁ ଗୁରୁବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷେ ଏହି ଗିରଫକୁ ନେଇ ରାଜନଗର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ବନ ବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗର ତଦନ୍ତ ଅନୁଯାୟୀ, ବିଲରେ ପଡିଥିବା ବିସ୍ଫୋରକ ଗୁଳା ଖାଇବା ଯୋଗୁ ମାଇହାତୀର ଜିଭ ଛିଣ୍ଡିଯାଇଛି। ଏଥିସହ ତା'ପାଟି ଭିତରେ ପ୍ରାୟ ୧୦ ଦାନ୍ତ ଓ ହାଡ ଭାଙ୍ଗି ପ୍ରବଳ ରକ୍ତସ୍ରାବ ହୋଇଛି। ଏସମ୍ପର୍କିତ ସବିଶେଷ ବିବରଣୀ ବ୍ୟବଚ୍ଛେଦ ରିର୍ପୋଟ




ଜମି ମାଲିକଙ୍କ ଗିରଫ ପ୍ରତିବାଦରେ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ କରିଥିବା ଗ୍ରାମବାସୀ।

**ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ**

ପରେ ଜଣାପଡିବ ବୋଲି ବନଖଣ୍ଡ ଅଧିକାରୀ ଲେଙ୍କା ପ୍ରକାଶ କରିଛନ୍ତି । ଏହି ଅଭିଯୋଗରେ ପ୍ରସନ୍ନଙ୍କୁ ଗିରଫ କରାଯିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ପ୍ରଥମେ ବନାଞ୍ଚଳ ଅଧିକାରୀ ଓ ପରେ ବନ ଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ,ଅନ୍ୟ କୌଣସି ବ୍ୟକ୍ତି ବାର୍ହା ଶିକାର ପାଇଁ ପ୍ରସନ୍ନଙ୍କ ଜମିରେ ବାରୁଦ ଗୁଳା ପକାଇଥିବା ବେଳେ ହାତୀ ଏହାକୁ ଖାଇ ଦେଇଛି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରା ନ ଯାଇ କେବଳ ସନ୍ଦେହରେ ତାଙ୍କୁ ଗିରଫ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଗ୍ରାମବାସୀଙ୍କ ଏକ ପ୍ରତିନିଧିଦଳ ବନଖଣ୍ଡ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ଘଟଣାର ଅଧିକ ତଦନ୍ତ କରାଯିବ ବୋଲି ଲେଙ୍କା ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ହଟିଥିଲେ।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

## ଶିଶୁବାଟିକା ବାର୍ଷିକ ଖେଳକୁଦ ସମାରୋହ

**ନିଶ୍ଚିନ୍ତକୋଇଲି ୧୩।୧୨(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧୀନରେ ଥିବା ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଗୁରୁବାର ଶିଶୁବାଟିକା ଖେଳକୁଦ ବାର୍ଷିକ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିରର ପରିଚାଳନା କମିଟି ସମ୍ପାଦକ ଗଗନ ବିହାରୀ ବରାଳ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁନିଲ ବିଶୋଇ, କିଶୋର ବାରିକ, ମାନସୀ ପରିଜା ଓ ପିଙ୍କୁ ମହାରଣା ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଅଞ୍ଜନ ସ୍ୱାଇଁ, ନିବେଦିତା ସିଂ, ପୁଷ୍ପଲତା ପଲେଇ ଓ ବିପିନ ବିହାରୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଶାଶୁଘରୁ ମହିଳାଙ୍କ ମୃତଦେହ ଜବତ

**କଟକ ଅଫିସ, ୧୩।୧୨**

ମଙ୍ଗଳାବାଗ ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳରେ ଗୁରୁବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶାଶୁଘରର ଏକ ଫ୍ୟାନ୍‌ରେ ଶାଢ଼ିରେ ଝୁଲୁଥିବା ଅବସ୍ଥାରେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ମୃତା ମହିଳା ଜଣକ ହେଉଛନ୍ତି ପୁନମ ବେଗମ(୨୯)। ତେବେ ପୁନମ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବାବେଳେ ବାପଘର ପକ୍ଷରୁ ଥାନାରେ ହତ୍ୟା ଅଭିଯୋଗ ହୋଇଛି। ପୁନମଙ୍କ ଭାଇ ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣାର ଏମ୍‌ଡି ଆକବରଙ୍କ

**ଯୌତୁକ ପାଇଁ ହତ୍ୟା ଅଭିଯୋଗ**

ଅଭିଯୋଗ ଅନୁସାରେ, ୪ ବର୍ଷ ତଳେ ପୁନମଙ୍କ ବିବାହ ହୋଇଥିଲା। ତାଙ୍କର ଗୋଟିଏ ୨ ବର୍ଷର ଶିଶୁ ପୁତ୍ର ମଧ୍ୟ ଅଛି। ବିବାହ ପରଠାରୁ ପୁନମଙ୍କୁ ସ୍ୱାମୀ ଓ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ବାପଘରୁ ଟଙ୍କା ଦାବି କରି ମାଡ଼ ମାରୁଥିଲେ। ଏ ସଂକ୍ରାନ୍ତରେ ପୁନମ ପୂର୍ବରୁ ବହୁବାର ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ଆପୋସ ସମାଧାନ ହୋଇଥିଲା। ଗତ କିଛିଦିନ ହେବ ପୁନମଙ୍କୁ ତାଙ୍କ ଶାଶୁଘର ଲୋକେ ପୁଣି ନିର୍ଯାତନା ଦେଉଥିବା ନେଇ ସେ ବାପଘର ଲୋକଙ୍କୁ ଜଣାଇଥିଲେ। ଗୁରୁବାର ସକାଳେ ପୁନମ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ଫୋନରେ ଜଣାଇବା ପରେ ଭାଇ ଆକବର ପହଞ୍ଚିଥିଲେ। ପୁନମ ବେକରେ ଶାଢ଼ି ଲଗାଇ ଫ୍ୟାନ୍ ବ୍ଲେଡ୍‌ରେ ଝୁଲି ରହିଥିବାବେଳେ ତାଙ୍କ ଗୋଡ଼ ତଳେ ଲାଗିଥିବାରୁ ଆକବର ହତ୍ୟା ସନ୍ଦେହ କରିଛନ୍ତି। ଫ୍ୟାନକୁ ଲାଗି ଏକ ଖଟ ପଡିଥିବାରୁ ପୁନମଙ୍କୁ ହତ୍ୟା କରାଯିବା ପରେ ମିଳିମିଶି ଟାଙ୍ଗି ଦେଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ୨ବାଇକ୍ ମୁହାଁମୁହିଁ ଧକ୍କା:ଜଣେ ମୃତ

**ବଡ଼ମ୍ବା, ୧୩।୧୨(ଡି.ଏନ୍.ଏ.)**

ବଡ଼ମ୍ବା ଥାନା ଅନ୍ତର୍ଗତ ମାଣିଆବନ୍ଧ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ୨ବାଇକ୍‌ମୁହାଁମୁହିଁଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଘୋଡ଼ାଡିହ ଗ୍ରାମର ପ୍ରଶାନ୍ତ ସାହୁ(୨୮) । ସୂଚନାଯୋଗ୍ୟ, ପ୍ରଶାନ୍ତ ଏହି ରାସ୍ତାଦେଇ ବାଇକ୍‌ରେ ଯାଉଥିବା ବେଳେ ଅନ୍ୟ ଏକ ବାଇକ୍‌ରେ ବିପରୀତ ପଟୁ ଆସୁଥିବା ସଞ୍ଜୟ ନାୟକ(୩୨) ଏବଂ ବାବୁଲି ନାୟକ(୩୪)ଙ୍କ ସହ ଧକ୍କା ହୋଇଥିଲା। ଏଥିରେ ପ୍ରଶାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଗୁରୁତର ହୋଇଥିବା ସଞ୍ଜୟ ଏବଂ ବାବୁଲିଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଚଳାଇଛି।

## ଜଗନ୍ନାଥ ଧର୍ମଶାଳାର ଶିଳାନ୍ୟାସ

**ଆଠଗଡ, ୧୩।୧୨ (ସ୍ୱ.ପ୍ର.)**

ଆଠଗଡସ୍ଥିତ ପୁରୁଣା ବସ୍‌ଷ୍ଟାଣ୍ଡ ପରିବା ବଜାର ନିକଟରେ ଆଠଗଡ ସହରର ସ୍ୱେଚ୍ଛାସେବୀ ସଂଗଠନ ଜଗନ୍ନାଥ ସେବା ସଂସ୍ଥା ଆନୁକୂଲ୍ୟରେ ଶ୍ରୀ ଜଗନ୍ନାଥ ଧର୍ମଶାଳାର ଶିଳାନ୍ୟାସ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ନଡିଆ ବାଡେଇ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ଉମେଶ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ପର୍ଶୁରାମ ସାହୁ, ସୁବାସ ରଥ, ନାରାୟଣ ଦୋରା ଓ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

### ଯୌତୁକଜନିତ ହତ୍ୟା ଅଭିଯୋଗ

**ନିଶ୍ଚିନ୍ତକୋଇଲି/ନେମାଳ, ୧୩।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଧୀନ ଝାଡେଶ୍ୱରପୁର ପଞ୍ଚାୟତସ୍ଥିତ କୁସୁମଣ୍ଡଳଗୋପୀନାଥପୁର ଗ୍ରାମର ପ୍ରଭାତ ସାହୁଙ୍କ ସ୍ତ୍ରୀ କନକଲତା(୨୯)ଙ୍କ ବୁଧବାର ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ନିଜ ଶୋଇବା ଘରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଏନେଇ ଶାଶୁ ଘର ଲୋକେ ପୋଲିସରେ ଖବରଦେଇ ଏହାକୁ ଆତ୍ମହତ୍ୟା ବୋଲି କହୁଥିବା ବେଳେ ବାପଘର ଲୋକେ ଏହାକୁ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଯୌତୁକ ପାଇଁ ତାଙ୍କୁ ହତ୍ୟା କରାଯାଇଛି ବୋଲି ନେମାଳ ଥାନାରେ କନକଲତାଙ୍କ ଦାଦା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କନକଲତା ୨୦୦୧ରେ ପ୍ରଭାତକୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିକରି କନକଲତାଙ୍କ ଉପରେ ବାରମ୍ବାର ଚାପ ପକାଉଥିଲେ। ଇତିମଧ୍ୟରେ କନକଙ୍କ ଦୁଇ ପୁଅ ହୋଇଛନ୍ତି। ରାତ୍ରିରେ ତାଙ୍କୁ ମାରି ଟାଙ୍ଗି ଦିଆଯାଇଛି ବୋଲି ଦାଦା ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ତହସିଲଦାର ଜିତେନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି। ଏନେଇ ପୋଲିସ ପକ୍ଷରୁ ଥାନାରେ ମାମଲା (ନଂ-୧୧୦/୧୮) ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ବିବେକାନନ୍ଦ ପବ୍ଲିକ ସ୍କୁଲରେ ବିଜ୍ଞାନମେଳା



ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ନରସିଂହପୁର, ୧୩।୧୨(ସ୍ୱ.ପ୍ର.)**

ନରସିଂହପୁରର ଶରଧାପୁରଠାରେ ଥିବା ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ବିଜ୍ଞାନମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଘରୋଇ ବିଦ୍ୟାଳୟରେ ପଢୁଥିବା କୁନି କୁନି ଶିଶୁମାନଙ୍କ ମଧ୍ୟରେ ବିଜ୍ଞାନ ଓ କାରିଗରୀ ବିଦ୍ୟାର ପ୍ରସାର ଘଟାଇବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜଗନ୍ନାଥ ପ୍ରସାଦ ହାଇସ୍କୁଲର ବିରଞ୍ଚି ନାରାୟଣ ସାହୁ ଓ ତ୍ରିଲୋଚନ ମୁଦୁଲି ଏଥିରେ ବିଚାରକ ତଥା ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ପ୍ରଧାନ ଗୁରୁଜୀ ଦିନେଶ ଗୋଛାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ମୁରଲୀଧର ବାରିକ, ଉପଦେଷ୍ଟା ପ୍ରିୟରଞ୍ଜନ ପ୍ରତାପ ସିଂ ଯୋଗଦେଇ କୋମଳମତୀ ଶିଶୁମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ ସହ ବୈଷୟିକ ଜ୍ଞାନର ବିକାଶ କରାଇପାରିଲେ ଜଣେ ଉତ୍ତମ ଛାତ୍ର ସୃଷ୍ଟି ହୋଇପାରିବ ବୋଲି କହିଥିଲେ । ଗୁରୁ ମା' ବିସ୍ମିତା ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଏଟିବିଏନ୍ ଆଇନଜୀବୀ ସଂଘର ଖବରଦାତା ସମ୍ମିଳନୀ

## ପୂର୍ବତନ କର୍ମକର୍ତ୍ତାଙ୍କୁ ବହିଷ୍କାର ଘୋଷଣା

**ଆଠଗଡ, ୧୩।୧୨ (ସ୍ୱ.ପ୍ର.)**

ଆଠଗଡ, ତିଗିରିଆ, ବଡମ୍ବା, ନରସିଂହପୁର ଅଞ୍ଚଳର ଆଇନ୍‌ଜୀବୀଙ୍କ ଦ୍ୱାରା ଗଠିତ ଏଟିବିଏନ୍ ଆଇନ୍‌ଜୀବୀ ସଂଘ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ପୂର୍ବତନ କର୍ମକର୍ତ୍ତାଙ୍କୁ ବହିଷ୍କୃତ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ସଂଘରେ ପୂର୍ବରୁ ରହିଥିବା ଉପସଭାପତି ସତ୍ୟବାଦୀ ମନ୍ତ୍ରୀ, ସାଧାରଣ ସମ୍ପାଦକ ବିଜୟ କୁମାର ବେହେରା, କୋଷାଧ୍ୟକ୍ଷ ଗୋପୀନାଥ ମିଶ୍ର ଓ ଉପଦେଷ୍ଟା ବନୋଜ ପଟ୍ଟନାୟକଙ୍କୁ ସଂଘ ବିରୋଧୀ କାର୍ଯ୍ୟକଳାପ ଲାଗି ବହିଷ୍କୃତ କରାଯାଇଛି ବୋଲି ସଂଘ ସଭାପତି ଫଣିଭୂଷଣ ରଥ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଗତ ୯ ତାରିଖରେ ବଡମ୍ବା ଭଟ୍ଟାରିକା ପୀଠରେ ସଂଘର ବାର୍ଷିକ ସଭାରେ ଏଥିପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଉପସଭାପତି ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ସମ୍ପାଦକ ନଗେନ୍ଦ୍ର ରଥ, କୋଷାଧ୍ୟକ୍ଷ ବିଷ୍ଣୁପ୍ରସାଦ ଦାଶ, ବରିଷ୍ଠ ଆଇନ୍ ଜିବି ହରିହର ବଳବନ୍ତ ରାୟ, ଅଦ୍ୱୈତ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପିଠା କାର୍ଯ୍ୟକ୍ରମ ପାଇଁ ବ୍ଲକସ୍ତରୀୟ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଲୋକେ।

**ନିଶ୍ଚିନ୍ତକୋଇଲି ୧୩।୧୨(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ 'ପିଠା'କୁ ସଫଳ କରିବା ପାଇଁ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକମକୁ ବ୍ଲକ ଅଧ୍ୟକ୍ଷା ସବିତା ଓଝା ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ଜିଲାପରିଷଦ ସଭ୍ୟା ସବିତା ସାମଲ ଯୋଗ ଦେଇ ସରକାରଙ୍କ 'ପିଠା' ଯୋଜନା ଉପରେ ଆଲୋକପାତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଏବିଡିଓ ସୁଶାନ୍ତ ରଣା ପଞ୍ଚାୟତ ଲୋକ ପ୍ରତିନିଧିଙ୍କୁ ଯୋଜନାର ସଫଳ ରୂପାୟନ ଉପରେ ପୁଙ୍ଖାନୁପୁଙ୍ଖ ବିବରଣୀ ଦେଇଥିଲେ। ସୂଚନାଯୋଗ୍ୟ, ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କୁ ଖାଦ୍ୟ ପାନୀୟ, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଭଳି ମୌଳିକ ସୁବିଧା ତ୍ୱରିତ ଓ ନିର୍ଭୁଲ ଭାବେ ଯୋଗାଇଦେବା ପାଇଁ ସରକାର ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଥ୍ରୀଟି କାର୍ଯ୍ୟକ୍ରମକୁ ମଧ୍ୟ ଏହି ଯୋଜନା ସହ ସାମିଲ କରି ପ୍ରତି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ତ୍ୱରାନିତ କରାଯିବ। ଆଗାମୀ ୧୫ ତାରିଖରୁ ୨୦ ଫେବୃୟାରୀ୨୦୧୯ ପର୍ଯ୍ୟନ୍ତ ୪୧ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ୧୨ ଜଣ ଅଧିକାରୀଙ୍କୁ ବିଡିଓଙ୍କ ଦ୍ୱାରା ଚିଠା ପ୍ରସ୍ତୁତ କରାଯାଇଛି।




■ ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ

# କାମର ଦିନକ ପରେ ଉଠିଲା ପିଚୁ

**ସାଲେପୁର, ୧୩।୧୨ (ଡି.ଏନ୍.ଏ)**

ସାଲେପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪(ଏଫ୍) କେନାଲ୍ ବନ୍ଧରେ ରାସ୍ତା କାମ ହେବାର ଗୋଟିଏ ଦିନ ପରେ ପିଚୁ ଉଠିଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ନିମ୍ନମାନର ରାସ୍ତାକାମ ହୋଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଏହି କେନାଲ୍ ବନ୍ଧର ପଟୁଆ ହାଟପାଖରୁ ଭୀମଦାସପୁର ପରିଡ଼ା ସାହି ପର୍ଯ୍ୟନ୍ତ ପ୍ରାୟ ୧କିଲୋମିଟର ରାସ୍ତାକୁ ବୁଧବାର ପିଚୁ କରାଯାଇଥିଲା। ମାତ୍ର ଗୁରୁବାର ଏହି ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇଛି। ଠିକାଦାରଙ୍କ ନିମ୍ନମାନର କାମ ଯୋଗୁ ରାସ୍ତାର ଏପରି ଅବସ୍ଥା ହୋଇଛି ବୋଲି ସାଧାରଣ ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ କରିବା ପାଇଁ ପୂର୍ବତନ ସମିତି ସଭ୍ୟ ଅଜୟ କୁମାର ମହାନ୍ତି ଦାବି କରିଛନ୍ତି। ଏସମ୍ପର୍କରେ ଠିକାଦାର ଅବା ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିବା ବେଳେ ମୋବାଇଲ ସୁଇଚ ଅଫ୍ ରହିଛି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।



ରାସ୍ତାରୁ ପିଚୁ ଉଠିଯାଇଛି।

■ ରାସ୍ତା କାମକୁ ନେଇ ତେଜିଲା ଅସନ୍ତୋଷ

■ ତଦନ୍ତ କରିବାକୁ ଦାବି କଲେ ସମିତିସଭ୍ୟ



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ: ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୩।୧୨:** ମହିଳାଙ୍କୁ ଅସଦାରଣ କରିବା ଅଭିଯୋଗରେ ବାଦାମବାଡି ପୋଲିସ ସ୍ଥାନୀୟ ଶଙ୍କରପୁର ଅଞ୍ଚଳର ସୈଲେନ ଜେନା(୩୦)ଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ମହିଳାଙ୍କ ଘର ମୟୂରଭଞ୍ଜ ଜିଲାରେ ହୋଇଥିବାବେଳେ ସେ ଗତ ସୋମବାର କୌଣସି କାମରେ କଟକ ଆସି ଚାଲି ଚାଲି ପାଲାମଣ୍ଡପ ଆଡକୁ ଯାଉଥିଲେ। ଏହି ସମୟରେ ସୈଲେନ ଏକ ବାଇକରେ ଆସି ତାଙ୍କୁ ଟଣାଓଟଣା କରିଥିଲେ। ମହିଳା ଜଣଙ୍କ ପାଟି କରିବାରୁ ସ୍ଥାନୀୟ ଲୋକେ ଜମା ହୋଇଯାଇଥିଲେ। ଫଳରେ ସୈଲେନ ସେଠାରୁ ପଳାଇ ଯାଇଥିଲେ। ଏ ନେଇ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୩୦/୧୮) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ବିଦ୍ୟାଳୟରୁ ଟଙ୍କା ଚୋରି

**କଣ୍ଟାପଡା, ୧୩।୧୨(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉରୁଜଙ୍ଗ ଭଗବତୀ ବିଦ୍ୟାମନ୍ଦିରର ଅଫିସ ତାଲା ଚୋରି ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏ ନେଇ ଥାନାଧିକାରୀ ଶରତ ସେଠୀ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରଧାନ ଶିକ୍ଷକ ରଣଜିତ୍ ପଟ୍ଟନାୟକ ଗୁରୁବାର ସକାଳ ୮ଟା ୩୦ରେ ବିଦ୍ୟାମନ୍ଦିରକୁ ଆସିଥିଲେ। ଅଫିସ୍ ଗୃହ କବାଟ ତାଲା ଭଙ୍ଗାଯିବା ସହ ଭିତରେ ଥିବା ଗୋଦରେଜ ଆଲମିରା ଓ ଏକ ବଡବାକ୍ସ ଖୋଲା ପଡିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ବିଦ୍ୟାଳୟର ସଭାପତି ଓ ସମ୍ପାଦକଙ୍କୁ ଜଣାଇବା ପରେ ସେମାନେ ପହଞ୍ଚି ଆଲମିରା ଭିତରେ ଖୋଜାଖୋଜି କରିବା ପରେ ୫ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏହି ଚୋରି କରିଥିବା ନେଇ ରଣଜିତ୍ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୧୭/୧୮) ରୁଜୁ କରିଛି।

### ଶ୍ରୀଅରବିନ୍ଦ ସ୍କୁଲ, କଲେଜର ବାର୍ଷିକ ଉତ୍ସବ

**କଟକ ଅଫିସ, ୧୩।୧୨:** ଶ୍ରୀଅରବିନ୍ଦ ସ୍କୁଲ୍ ଅଫ୍ ନିୟୁ ଥଟ୍ ଓ ଶ୍ରୀଅରବିନ୍ଦ ସାଇନ୍ସ କଲେଜର ବାର୍ଷିକ ଉତ୍ସବ ମଧୁପାଟଣା ଶ୍ରୀରାମନଗରସ୍ଥିତ ଅନୁଷ୍ଠାନ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପୁରୀ ଗୋବର୍ଦ୍ଧନ ମଠର ପଣ୍ଡିତ ମାତୃପ୍ରସାଦ ମିଶ୍ର, ଶିଳ୍ପୋଦ୍ୟୋଗୀ ଗୋକୁଳାନନ୍ଦ ନାୟକ ଓ ଶ୍ରୀଅରବିନ୍ଦ ବିଜ୍ଞାନ ମହାବିଦ୍ୟାଳୟ ସଭାପତି ସତ୍ୟଜିତ ମହାନ୍ତି ଯୋଗଦେଇଥିଲେ। ଅଧାପକ ରାଜୀବ ନନ୍ଦ ଅତିଥି ପରିଚୟ, ଅଧାପକ ସୁଦୀପ୍ତ ପତି ପରିଚାଳନା ଓ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ କୁଳମଣି ଦାସ ବିବରଣୀ ପାଠ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମହାବିଦ୍ୟାଳୟ ଉପାଧକ୍ଷା ବାସନ୍ତୀ ଲେଙ୍କା ଧନ୍ୟବାଦ ଦେଇଥିଲେ।

## ବାଇଗଣ ବିଲରେ ମାଈହାତୀ ମୃତ୍ୟୁ ଘଟଣା

# ବିସ୍ଫୋରଣରେ ମରିଛି ହାତୀ: ଜମି ମାଲିକ ଗିରଫ

**ଆଠଗଡ,୧୩।୧୨(ସ୍ୱ.ପ୍ର.)**

କଟକ ଜିଲା ଆଠଗଡ ବନାଞ୍ଚଳ ଅନ୍ତର୍ଗତ ବୌଦା- ବନଖଣ୍ଡି ସଂରକ୍ଷିତ ଜଙ୍ଗଲର ରାଜନଗର ଗ୍ରାମରେ ବୁଧବାର ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା। ବିଲରେ ପଡିଥିବା ବାରୁଦ ତିଆରି ବିସ୍ଫୋରକ ଗୁଳା ଖାଇବା ଯୋଗୁ ହାତୀର ମୃତ୍ୟୁ ଘଟିଛି ବୋଲି ଆଠଗଡ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କା କହିଛନ୍ତି। ଏହି ଅଭିଯୋଗରେ ବନ ବିଭାଗ ପକ୍ଷରୁ ମାମଲା (ନଂ-୮୦/୧୮-୧୯)ରୁଜୁ କରାଯାଇଛି। ଏଥିସହ ହାତୀ ମରିଥିବା ବିଲର ମାଲିକ ପ୍ରସନ୍ନ ଦେହୁରି(୪୮)ଙ୍କୁ ଗୁରୁବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷେ ଏହି ଗିରଫକୁ ନେଇ ରାଜନଗର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ବନ ବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗର ତଦନ୍ତ ଅନୁଯାୟୀ, ବିଲରେ ପଡିଥିବା ବିସ୍ଫୋରକ ଗୁଳା ଖାଇବା ଯୋଗୁ ମାଈହାତୀର ଜିଭ ଛିଣ୍ଡିଯାଇଛି। ଏଥିସହ ତା'ପାଟି ଭିତରେ ପ୍ରାୟ ୧୦ ଦାନ୍ତ ଓ ହାଡ ଭାଙ୍ଗି ପ୍ରବଳ ରକ୍ତସ୍ରାବ ହୋଇଛି। ଏସମ୍ପର୍କିତ ସବିଶେଷ ବିବରଣୀ

**ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ**

ବ୍ୟବଚ୍ଛେଦ ରିପୋର୍ଟ ପରେ ଜଣାପଡିବ ବୋଲି ବନଖଣ୍ଡ ଅଧିକାରୀ ଲେଙ୍କା ପ୍ରକାଶ କରିଛନ୍ତି । ଏହି ଅଭିଯୋଗରେ ପ୍ରସନ୍ନଙ୍କୁ ଗିରଫ କରାଯିବା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ପ୍ରଥମେ ବନାଞ୍ଚଳ ଅଧିକାରୀ ଓ ପରେ ବନ ଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ,ଅନ୍ୟ କୌଣସି ବ୍ୟକ୍ତି ବାରହା ଶିକାର ପାଇଁ ପ୍ରସନ୍ନଙ୍କ ଜମିରେ ବାରୁଦ ଗୁଳା ପକାଇଥିବା ବେଳେ ହାତୀ ଏହାକୁ ଖାଇ ଦେଇଛି। ଏହି ଘଟଣାର ଉପଯୁକ୍ତ ତଦନ୍ତ କରା ନ ଯାଇ କେବଳ ସନ୍ଦେହରେ ତାଙ୍କୁ ଗିରଫ କରାଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଗ୍ରାମବାସୀଙ୍କ ଏକ ପ୍ରତିନିଧିଦଳ ବନଖଣ୍ଡ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ଘଟଣାର ଅଧିକ ତଦନ୍ତ କରାଯିବ ବୋଲି ଲେଙ୍କା ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ହଟିଥିଲେ।



କଟକ ଗଡ଼ଗଡ଼ିଆ ଘାଟ ମହାନଦୀ ତଟରେ ବିଦେଶୀ ପକ୍ଷୀଙ୍କ ସମାଗମ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଦି ଲ' କଲେଜ ଓଲ୍ଡ ଷ୍ଟୁଡେଣ୍ଟ ଆସୋସିଏଶନର ବାର୍ଷିକ ଉତ୍ସବକୁ ଜଷ୍ଟିସ୍ ଏସ୍.କେ. ମିଶ୍ର ଉଦ୍‌ଘାଟନ କରୁଛନ୍ତି।

## କଟକରେ ଉତ୍କଳ ଭାରତର ପଥପ୍ରାନ୍ତ ସଭା

**କଟକ ଅଫିସ,୧୩।୧୨**

ଉତ୍କଳ ଭାରତ ଦଳ ପକ୍ଷରୁ ପୂର୍ବତନ ଏମ୍‌ପି ଐରଖାରବେଳ ସ୍ୱାଇଁ ଗୁରୁବାର କଟକର ୬ଟି ସ୍ଥାନରେ ଦଳୀୟକର୍ମୀଙ୍କୁ ନେଇ ପଥପ୍ରାନ୍ତ ସଭା କରିଛନ୍ତି। ସଭା ଶେଷରେ ଆସନ୍ତା ନିର୍ବାଚନରେ ଲଢିବା ପାଇଁ ସାଧାରଣ ଲୋକଙ୍କଠାରୁ ସହଯୋଗ ଲୋଡ଼ିଛନ୍ତି ଖାରବେଳ। ପ୍ରଥମେ କଟକ ନୂଆବଜାର ଛକ, ପରେ ନୂଆପଡା ଛକ, ଚାନ୍ଦିନୀଚୌକ ଛକ, କଲେଜ ଛକ, ଗୌରୀଶଙ୍କର ପାର୍କଠାରେ ଅନୁଷ୍ଠିତ ସଭାରେ ଖାରବେଳ ବିଭିନ୍ନ ଜାତୀୟ ଗଣମାଧ୍ୟରେ ପ୍ରକାଶିତ ଚିଟ୍ ଫଣ୍ଡ, ଶିଶୁ ମୃତ୍ୟୁହାର, ନଗଡା, ବେକାରି ସମସ୍ୟା ଭଳି ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତା ବିଷୟକୁ ନେଇ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ ସହ ସ୍ଥାନୀୟ ସମାଜସେବୀ ସୁଧାଂଶୁ ପରିଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। କିଛିଦିନ ପୂର୍ବରୁ ରାୟଗଡାରେ ସାଧାରଣ ସଭା କରୁଥିବା ସମୟରେ ଖାରବେଳ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଆକ୍ରମଣର ଶିକାର ହେବା ଘଟଣାକୁ ନଜରରେ ରଖି ଗୁରୁବାର କଟକରେ ତାଙ୍କ ସଭାସ୍ଥଳ ନିକଟରେ ପୋଲିସ ମୁତୟନ କରାଯାଇଥିଲା।

## ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

**ଚୌଦ୍ୱାର, ୧୩।୧୨ (ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ଅଧୀନ ସାରଦା ନଗର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଉତ୍ତମ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଚୌଦ୍ୱାର କଲେଜ ଅଧକ୍ଷା ସ୍ମୃତି ପଟ୍ଟନାୟକ, ରାଜକିଶୋର ସାମନ୍ତରାୟ, ଆକୁଳାନନ୍ଦ ସ୍ୱାଇଁ ଓ ବୀର କିଶୋର ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଶାଶୁଘରୁ ମହିଳାଙ୍କ ମୃତଦେହ ଜବତ

**କଟକ ଅଫିସ,୧୩।୧୨**

**ଯୌତୁକ ପାଇଁ ହତ୍ୟା ଅଭିଯୋଗ**

ମଙ୍ଗଳାବାଗ ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳରେ ଗୁରୁବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଶାଶୁଘରର ଏକ ଫ୍ୟାନ୍‌ରେ ଶାଢ଼ିରେ ଝୁଲୁଥିବା ଅବସ୍ଥାରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ମୃତା ମହିଳା ଜଣକ ହେଉଛନ୍ତି ପୁନମ ବେଗମ(୨୯)। ତେବେ ପୁନମ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବାବେଳେ ବାପଘର ପକ୍ଷରୁ ଥାନାରେ ହତ୍ୟା ଅଭିଯୋଗ ହୋଇଛି। ପୁନମଙ୍କ ଭାଇ ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣାର ଏମ୍‌ଡି ଆକବରଙ୍କ ଅଭିଯୋଗ ଅନୁସାରେ, ୪ ବର୍ଷ ତଳେ ପୁନମଙ୍କ ବିବାହ ହୋଇଥିଲା। ତାଙ୍କର ଗୋଟିଏ ୨ ବର୍ଷର ଶିଶୁ ପୁତ୍ର ମଧ ଅଛି। ବିବାହ ପରଠାରୁ ପୁନମଙ୍କୁ ସ୍ୱାମୀ ଓ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ବାପଘରୁ ଟଙ୍କା ଦାବି କରି ମାଡ଼ ମାରୁଥିଲେ। ଏ ସଂକ୍ରାନ୍ତରେ ପୁନମ ପୂର୍ବରୁ ବହୁବାର ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ଆପୋସ ସମାଧାନ ହୋଇଥିଲା। ଗତ କିଛିଦିନ ହେବ ପୁନମଙ୍କୁ ତାଙ୍କ ଶାଶୁଘର ଲୋକେ ପୁଣି ନିର୍ଯାତନା ଦେଉଥିବା ନେଇ ସେ ବାପଘର ଲୋକଙ୍କୁ ଜଣାଇଥିଲେ। ଗୁରୁବାର ସକାଳେ ପୁନମ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ଫୋନରେ ଜଣାଇବା ପରେ ଭାଇ ଆକବର ପହଞ୍ଚିଥିଲେ। ପୁନମ ବେକରେ ଶାଢ଼ି ଲଗାଇ ଫ୍ୟାନ୍ ବ୍ଲେଡ୍‌ରେ ଝୁଲି ରହିଥିବାବେଳେ ତାଙ୍କ ଗୋଡ଼ ତଳେ ଲାଗିଥିବାରୁ ଆକବର ହତ୍ୟା ସନ୍ଦେହ କରିଛନ୍ତି। ଫ୍ୟାନକୁ ଲାଗି ଏକ ଖଟ ପଡିଥିବାରୁ ପୁନମଙ୍କୁ ହତ୍ୟା କରାଯିବା ପରେ ମିଳିମିଶି ଟାଙ୍ଗି ଦେଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଅନଶନକାରୀଙ୍କୁ ଉଠାଇ ନେଲା ପୋଲିସ

**କଟକ ସଦର, ୧୩।୧୨(ଡି.ଏନ୍.ଏ.):** ୨୧ ଦଫା ଦାବିନେଇ ଗତ ମଙ୍ଗଳବାରଠାରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କିଶନ ନଗର ବିକାଶ ମଞ୍ଚର ସଦସ୍ୟ ସୀତାରାମ ପଣ୍ଡା, ଗଜେନ୍ଦ୍ର ସ୍ୱାଇଁ, ଅଶୋକ ସାମଲ, ଜ୍ୟୋତିରଞ୍ଜନ ଦାସ ଅନଶନରେ ବସିଥିଲେ। ଫଳରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ସମ୍ପର୍କରେ ଗୁରୁବାର କିଶନନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରତିକୂଳ ରିପୋର୍ଟ ଦେବା ସହ ଅନଶନ ଭାଙ୍ଗିବା ପାଇଁ ଅନୁରୋଧ କରିଥିଲେ। ମାତ୍ର ଅନଶନକାରୀମାନେ ଏଥିରେ ରାଜି ନ ହେବାରୁ କିଶୋରନଗର ପୋଲିସ ସେମାନଙ୍କୁ ଉଠାଇ ନେଇ କଟକ ବଡ ଡାକ୍ତରଖାନା ପଠାଇଥିଲା।

## କଂଗ୍ରେସ କମିଟିର ନବନିଯୁକ୍ତ କର୍ମକର୍ତ୍ତାଙ୍କ ନାମ ଘୋଷଣା

**କଟକ ଅଫିସ, ୧୩।୧୨**

କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ନବନିଯୁକ୍ତ କର୍ମକର୍ତ୍ତାଙ୍କ ନାମ ଗୁରୁବାର ଘୋଷଣା କରାଯାଇଛି। ସଭାପତି ଇଂ. ମହମ୍ମଦ ମୋକିମଙ୍କ ସୁପାରିସ କ୍ରମେ ଏମାନଙ୍କ ନାମ ଘୋଷଣା କରାଯାଇଛି। ଉପ ସଭାପତି ଭାବେ ବୀରେନ୍ଦ୍ର ଦାସଙ୍କୁ ମିଶାଇ ୯ ଜଣ, ସାଧାରଣ ସମ୍ପାଦକ ଭାବେ ଅରୁଣ ସେଠୀଙ୍କ ସମେତ ୧୬ ଜଣଙ୍କ ନାମ ଘୋଷଣା କରାଯାଇଛି। ସେହିପରି କୋଷାଧକ୍ଷ ଭାବେ ଶରତ ଚନ୍ଦ୍ର ସେଠୀ, ସମ୍ପାଦକ ଭାବେ ପିନାକୀ ଦତ୍ତଙ୍କ ସମେତ ୨୪ ଜଣଙ୍କ ନାମ ଘୋଷଣା କରାଯାଇଛି। ଏହି ନବଗଠିତ କମିଟିରେ ବରିଷ୍ଠ କଂଗ୍ରେସ ନେତାମାନଙ୍କୁ ନେଇ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଥିବା ମୋକିମ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

## ଅକ୍ଷୟ ମହାନ୍ତି ସ୍ମୃତି ସମାରୋହ

# ସେବାରାଣୀ ମହାପାତ୍ର ପାଇଲେ ଅକ୍ଷୟ ମହାନ୍ତି ସ୍ମୃତି ସମ୍ମାନ



ସମାରୋହରେ କଣ୍ଠଶିଳ୍ପୀ ସେବାରାଣୀ ମହାପାତ୍ରଙ୍କୁ ଅକ୍ଷୟ ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

**କଟକ ଅଫିସ, ୧୩।୧୨**

ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ସ୍ମୃତି ସମାରୋହ ସାରଳା ଭବନଠାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଜଷ୍ଟିସ ବିମଳ ପ୍ରସାଦ ଦାସ, ଜିନ୍ଦଲ ଷ୍ଟିଲ୍ ଓ ପାୱାରର ଭାଇସ୍ ପ୍ରେସିଡେଣ୍ଟ ଡ. ପ୍ରଶାନ୍ତ କୁମାର ହୋତା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳସଚିବ ଅଶୋକ କୁମାର ଦାସ, ପ୍ରଫେସର ଡା. ନୀରଦ କୁମାର ଗୋଛାୟତ, ଡା. ରମେଶ ଚନ୍ଦ୍ର ଦାସ ଓ ଡ. ଭାଗବତ ଶୁକ୍ଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ସେବାରାଣୀ ମହାପାତ୍ରଙ୍କୁ ଅକ୍ଷୟ ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପରିଷଦର ସାଧାରଣ ସମ୍ପାଦକ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ,ପବିତ୍ର ମୋହନ ମହାନ୍ତି ମାନପତ୍ର ପାଠ ଓ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ। ଇଂ. ସୁଶାନ୍ତ କୁମାର ସେଠୀ, ମାନସ ସାହୁ, ସୁବ୍ରତ କୁମାର ଭୂୟାଁ, ପ୍ରଶାନ୍ତ ଭୂୟାଁ, ଭୁବନାନନ୍ଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୌତୁକ ନିର୍ଯାତନା ଅଭିଯୋଗ

# ମହିଳା ଥାନାର ପୁଣି ଦ୍ୱାରସ୍ଥ ହେଲେ ମହିଳା

**କଟକ ଅଫିସ,୧୩।୧୨**

**ଗର୍ଭ ନଷ୍ଟ ନ କରିବାରୁ ମାରିଦେବାକୁ ଉଦ୍ୟମ**

ଯୌତୁକ ପାଇଁ ଅକଥନୀୟ ନିର୍ଯାତନା। ଗର୍ଭ ନଷ୍ଟ ନ କରିବାରୁ ମାରିଦେବାକୁ ଉଦ୍ୟମ। ବାପଘରୁ ୫ ଲକ୍ଷ ଟଙ୍କା ଆଣିବାକୁ କହି ସ୍ୱାମୀ ଓ ନଣନ୍ଦଙ୍କ କବଳରୁ ଖସିଯିବା ପରେ ନିର୍ଯାତିତା ମହିଳା ଜଣକ ଶେଷରେ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ମାମଲା (୧୧୪/୧୮) ରୁଜୁକରି ତଦନ୍ତ ଚଳାଇଛି। ପୁରୀ ଜିଲାର ବନିତା ସାହୁ ରାଉରକେଲା ଅଞ୍ଚଳର ଜଣେ ଯୁବକଙ୍କୁ ବିବାହ କରିଥିଲେ। ବିବାହବେଳେ ବନିତାଙ୍କ ପରିବାର ଲୋକେ ଯୌତୁକ ଆକାରରେ ଅଳଙ୍କାର, କାର, ଟିଭି, ଫ୍ରିଜ୍, ୱାଶିଙ୍ଗ ମେଶିନ୍, ଏସି ସହ ଆସବାବପତ୍ର ଦେଇଥିଲେ। ଏଥିସହିତ ବାଟଖର୍ଚ୍ଚ ବାବଦକୁ ଦେଢ ଲକ୍ଷ ଟଙ୍କା ଦେଇଥିଲେ। ବିବାହ ପରେ ଶାଶୁଘର ରାଉରକେଲାରେ ରହୁଥିବାବେଳେ ତାଙ୍କୁ ନିର୍ଯାତନା ଦିଆଯାଇଥିଲା। ନିର୍ଯାତନା ଅସହ୍ୟ ହେବାରୁ ବନିତା ତାଙ୍କ ସ୍ୱାମୀଙ୍କ ସହ କଟକ ଆସି ସିଡିଏ ସେକ୍ଟର-୭ରେ ଏକ ଭଡା ଘରେ ରହିଥିଲେ। ଏହାର ୬ ମାସ ପରେ ଦୁଇ ନଣନ୍ଦ କଟକ ଆସି ତାଙ୍କୁ ପୁଣି ନିର୍ଯାତନା ଦେଲେ। ଏନେଇ ବନିତା ତାଙ୍କ ଶାଶୁ ଓ ଶ୍ୱଶୁରଙ୍କୁ ଜଣାଇବାରୁ ସେମାନେ ତାଙ୍କୁ ବାପଘରୁ ୫ ଲକ୍ଷ ଟଙ୍କା ଆଣିବାକୁ କହିଥିଲେ। ପରେ ବନିତାଙ୍କ ବାପଘର ପକ୍ଷରୁ ମହିଳା ଥାନାରେ ଅଭିଯୋଗ ହୋଇଥିଲା। ଉଭୟ ପରିବାର ଥାନାରେ ବସି ଆପୋସ ବୁଝାମଣା କରିଥିଲେ। ଏହାସତ୍ତ୍ୱେ ପରବର୍ତ୍ତୀ ସମୟରେ ବନିତାଙ୍କୁ ନଣନ୍ଦ ଓ ସ୍ୱାମୀ ସବୁବେଳେ ଗାଳିଗୁଲଜ କରିବା ସହ ମାଡ଼ ମାରୁଥିଲେ। ବନିତା ଏବେ ଗର୍ଭବତୀ ଥିବାବେଳେ କିଛିଦିନ ତଳେ ତାଙ୍କୁ ଗର୍ଭ ନଷ୍ଟ କରିବାକୁ ସ୍ୱାମୀ କହିଥିଲେ। ବନିତା ଏହାକୁ ବିରୋଧ କରିବାରୁ ମଙ୍ଗଳବାର ସ୍ୱାମୀ ଓ ନଣନ୍ଦ ତାଙ୍କ ମୁହଁରେ ତକିଆ ପକାଇ ମାରିଦେବାକୁ ଉଦ୍ୟମ କରିଥିଲେ। ବାପଘରୁ ଟଙ୍କା ଆଣିଦେବେ ବୋଲି କହିବାରୁ ସେମାନେ ଛାଡ଼ିଥିଲେ। ଗୁରୁବାର ସେ ବାପଘରକୁ ଟଙ୍କା ପାଇଁ ଯାଉଛନ୍ତି କହି ମହିଳା ଥାନାରେ ଅଭିଯୋଗ କରିଛନ୍ତି।





## କଟକ ସଦର ବ୍ଲକ ହେବ ଆଦର୍ଶ ଶିଶୁ ସୁରକ୍ଷିତ ବ୍ଲକ

**କଟକ ଅଫିସ/କଟକ ସଦର (ଡି.ଏନ୍.ଏ.), ୧୩।୧୨**

କଟକ ସଦର ବ୍ଲକର ସମସ୍ତ ଅବହେଳିତ ଶିଶୁମାନଙ୍କୁ ସରକାରଙ୍କ ପକ୍ଷରୁ ଥଇଥାନ କରାଯିବ। ପ୍ରତି ପଞ୍ଚାୟତରେ ପୋଷ୍ୟ ସନ୍ତାନ ସଚେତନତା ରଥ ପରିଭ୍ରମଣ କରିବା ସହ ଅନାଥ, ଅବାଞ୍ଛିତ, ଅବହେଳିତ ଶିଶୁମାନଙ୍କୁ ମାଗଣାରେ ପୋଷାକ, ବହି, ଅନ୍ୟାନ୍ୟ ଅଧୟନ ସାମଗ୍ରୀ ବ୍ଲକ ପକ୍ଷରୁ ପ୍ରଦାନ କରାଯିବ। ଗୁରୁବାର କଟକ ସଦର ବ୍ଲକର ଆତ୍ମା ହଲ୍‌ରେ ଆୟୋଜିତ ପୋଷ୍ୟ ସନ୍ତାନ ସଚେତନତା ଅଭିଯାନ ଏବଂ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚାୟତ ସମିତି ଉପାଧକ୍ଷ ବିଭୁତି ଭୂଷଣ ପରିଡ଼ା ବ୍ଲକକୁ ଶିଶୁ ସୁରକ୍ଷିତ କ୍ଷେତ୍ରରେ ଏକ ଆଦର୍ଶ ବ୍ଲକରେ ପ୍ରତିଷ୍ଠା କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଡିଓ ଦେବାଶିଷ ପଟ୍ଟନାୟକ ଯୋଗଦେଇ ଶିଶୁ ସୁରକ୍ଷା ନିୟମାବଳୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ସୁରକ୍ଷା ଅଧିକାରୀ ଗୌତମ ମହାପାତ୍ର ଯୋଗଦେଇ ପୋଷ୍ୟ ସନ୍ତାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ସଫଳ ରୂପାୟନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଏସ୍.କେ. କଲିମୁଲ୍ଲା ଯୋଗଦେଇ କଟକ ସଦର ଅଞ୍ଚଳର ସମସ୍ୟା ଏବଂ ଅବହେଳିତ ଶିଶୁମାନଙ୍କର ଥଇଥାନ ଉପରେ ବକ୍ତବ୍ୟ ଦେଇଥିଲେ। ଶିଶୁ ସୁରକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଶେଖବଜାରସ୍ଥିତ ଆଦ୍ଭୁତ ଚିଲ୍‌ଡ୍ରେନ ହୋମ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କଟକ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ପୋଷ୍ୟ ସନ୍ତାନ ସଚେତନତା ରଥକୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ରଥ କଟକ ସଦର ବ୍ଲକର ସମସ୍ତ ଅଞ୍ଚଳ ପରିକ୍ରମା କରିଥିଲା। ସଞ୍ଜୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ସରଫରାଜ ବେଗ୍ ଧନ୍ୟବାଦ ଦେଇଥିଲେ।

## ଲୁଟେରା ଗ୍ୟାଙ୍ଗ୍‌ର ୩ ଧରାପଡ଼ିଲେ

**କଟକ ଅଫିସ,୧୩।୧୨**

**୧ ଲକ୍ଷ ୨୦ହଜାର ଟଙ୍କା, ଅଟୋ ଜବତ**

ଅଭିନବ ଉପାୟରେ ଲୁଟ୍ କରୁଥିବା ଏକ ଗ୍ୟାଙ୍ଗକୁ ବାଦାମବାଡ଼ି ଥାନା ପୋଲିସ ଠାବ କରିଛି। ଏହି ଗ୍ୟାଙ୍ଗର ଜଣେ ନାବାଳକଙ୍କ ସମେତ ୩ଜଣଙ୍କୁ ଧରିବା ସହ ସେମାନଙ୍କ ଠାରୁ ଗୋଟିଏ ଅଟୋ ସହ ୧ଲକ୍ଷ ୧୦ ହଜାର ଟଙ୍କା ଜବତ କରିଛି ପୋଲିସ। ନାବାଳକଙ୍କୁ ଜୁଭେନାଇଲ୍ କୋର୍ଟକୁ ପଠାଇ ଦେବା ସହ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଦରଘାବଜାର ଥାନା ଅନ୍ତର୍ଗତ କନ୍ଦମ ରସୁଲ ଅଞ୍ଚଳର ସେଖ୍ ସନାଉଲ୍ଲା(୨୭) ଓ ଜଗତପୁର ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳର ସାହାନୱାଜ କାଦ୍‌ରି ଓରଫ୍ ଗୁଡୁ(୨୧)। ଏନେଇ ପୋଲିସ ଏକ ମାମଲା(୩୦୦/୧୮) ରୁଜୁ କରିବା ସହ ଗ୍ୟାଙ୍ଗର ଅନ୍ୟ ସହଯୋଗୀଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, କଟକକୁ ବିଭିନ୍ନ କାର୍ଯ୍ୟରେ ଅଧିକ ଟଙ୍କା ନେଇ ଆସୁଥିବା ଲୋକଙ୍କୁ ଏହି ଗ୍ୟାଙ୍ଗ୍ ଟାର୍ଗେଟ କରିଥାଏ। ବିଶେଷକରି ଯାତ୍ରୀମାନେ ବସ୍‌ରୁ ଓହ୍ଲାଇବା ପରେ ଗ୍ୟାଙ୍ଗ୍‌ର ସଦସ୍ୟମାନେ ସେମାନଙ୍କ ଉପରେ ନଜର ରଖିଥାନ୍ତି। ସେମାନଙ୍କୁ ବିଭିନ୍ନ କଥା ପଚାରି ଟଙ୍କା ସମ୍ପର୍କରେ ସୂଚନା ପାଇବା ପରେ ଗ୍ୟାଙ୍ଗର ୧୦ରୁ ଉର୍ଦ୍ଧ୍ୱ ସଦସ୍ୟ ଘେରି ଯାଇ ଟଙ୍କା ଲୁଟି ପୂର୍ବରୁ ଷ୍ଟାର୍ଟ ହୋଇ ରହିଥିବା ଅଟୋରେ ଫେରାର୍ ହୋଇଯାଆନ୍ତି। ସେପ୍ଟେମ୍ବର ୩୦ରେ ଜଗତ୍‌ସିଂହପୁର ଜିଲାର ଦିଲୀପ ମହାନ୍ତି ମେଡିକାଲ କାର୍ଯ୍ୟରେ କଟକ ଆସିଥିଲେ। ଏକ ବ୍ୟାଗରେ ୯୦ ହଜାର ଟଙ୍କା ଧରି ସେ ଲିଙ୍କରୋଡରେ ଓହ୍ଲାଇବା ପରେ ଅଭିଯୁକ୍ତମାନେ ତାଙ୍କଠାରୁ ଲୁଟ୍ କରିଥିଲେ । ସେହିପରି କେନ୍ଦୁଝର ଜିଲାର ନଟବର ମହନ୍ତ ନଭେମ୍ବର ୧୧ରେ ବାଦାମବାଡିରେ ଓହ୍ଲାଇବା ପରେ ଅଭିଯୁକ୍ତମାନେ ତାଙ୍କଠାରୁ ୪୫ହଜାର ଟଙ୍କା ଲୁଟି ନେଇଥିଲେ। ସେହିପରି ଚାଉଳିଆଗଞ୍ଜ ଅଞ୍ଚଳରେ ନଭେମ୍ବର ୨୬ରେ ଜଣେ ବ୍ୟକ୍ତିଙ୍କଠାରୁ ୮୫ ହଜାର ଟଙ୍କା ଲୁଟ୍ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ସେମାନଙ୍କୁ ଗିରଫ କରି ପଚରାଉଚରା କରିଥିଲା। ଉପରୋକ୍ତ ସମସ୍ତ ଲୁଟ୍ ଘଟଣାରେ ସେମାନେ ସମ୍ପୃକ୍ତ ଥିବା ମାନିଥିଲେ। ଗ୍ୟାଙ୍ଗର ୧୦ଜଣ ସଦସ୍ୟଙ୍କ ମଧ୍ୟରୁ ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳାରେ ୪ ଜଣ ଥିବା ସେମାନେ କହିଛନ୍ତି।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ

## ଝିଅ ଜନ୍ମ କରିବାରୁ ଶାଶୁଘରୁ ତଡ଼ିଦେଲେ
# ୩ ମାସର ଶିଶୁକନ୍ୟା ସହ ରାସ୍ତାରେ ମା’

**ଖୋର୍ଦ୍ଧା ଅଫିସ,୧୩।୧୨**

ଝିଅ ଜନ୍ମ କରିବାରୁ ଶାଶୁଘର ଲୋକେ ମାଡ ମାରି ଘରୁ ବିଦା କରିଦେଲେ। ଭିନ୍ନ ସମ୍ପ୍ରଦାୟରେ ବିବାହ କରିଥିବାରୁ ପୂର୍ବରୁ ବାପଘର ସହ ସମ୍ପର୍କ ଛିନ୍ନ ହୋଇଥିଲା। ବାପ ଓ ଶାଶୁ ଘରର ଦ୍ୱାର ସବୁଦିନ ପାଇଁ ବନ୍ଦ ହୋଇଯିବା ପରେ ୩ ମାସର ଶିଶୁକନ୍ୟା ସହ ବାସହୀନ ୧୯ ବର୍ଷୀୟା ମା’ ବାଣପୁର ବଜାରରେ ଘୂରି ବୁଲୁଛନ୍ତି। କ’ଣ କରିବେ, କିପରି ଚଳିବେ, କେଉଁଠି ରହିବେ ଓ ଶିଶୁକନ୍ୟାକୁ କିପରି ବଡ କରିବେ ସେଇ ଚିନ୍ତା ତାଙ୍କୁ ବାର ଦ୍ୱାର କରାଉଛି।

ଅଭିଯୋଗ ଅନୁସାରେ, ଗଞ୍ଜାମ ଜିଲା କୋଦଳା ଅଞ୍ଚଳର କେତେକ ସମ୍ପ୍ରଦାୟର ପରିବାର ଖୋର୍ଦ୍ଧା ଜିଲା ବାଣପୁର ଥାନାର ନରେନ୍ଦ୍ରପୁର ଓ କୋଲଥଡିହ ଗ୍ରାମ ମଧ୍ୟରେ ଥିବା ପାହାଡ ନିକଟରେ ବସବାସ କରୁଛନ୍ତି। ଏଠାରେ ରହୁଥିବା ସେକ୍ ବବୁଲ (୨୩)ଙ୍କ ସହ ଭେଟେଶ୍ୱର ପଞ୍ଚାୟତ ସାନସୁରେଇପୁର ଗାଁର ସୁମିତ୍ରା ବେହେରାଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବର୍ଷେ ପୂର୍ବେ ଉଭୟେ ଘରୁ ପଳାଇ ଯାଇ ବିବାହ କରିଥିଲେ। ଭିନ୍ନ ସମ୍ପ୍ରଦାୟରେ



ତିନି ମାସର ଶିଶୁକନ୍ୟା ସହ ମା’ ସୁମିତ୍ରା।

ବିବାହ କରିଥିବାରୁ ବାପ ଘର ଲୋକେ ସୁମିତ୍ରାଙ୍କ ସହ ସମସ୍ତ ସମ୍ପର୍କ ତୁଟାଇ ଦେଇଥିଲେ। ବିବାହର କିଛିଦିନ ପରେ ବବୁଲ ସ୍ତ୍ରୀଙ୍କୁ ଘରକୁ ଆଣି ରଖିଥିଲେ। ସବୁ କିଛି ଠିକ୍‌ଠାକ୍ ଚାଲିଥିଲା। ପରେ ଶାଶୁ ଘର ସଦସ୍ୟମାନେ ବିନା କାରଣରେ ଉତ୍ତେଜିତ ହୋଇ ସୁମିତ୍ରାଙ୍କ ଉପରେ କଟୁ ମନ୍ତବ୍ୟ ଦେଇଥିଲେ। ଏପରିକି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ପ୍ରେମ ବିବାହ ଓ ବାପ ଘରର ସମ୍ପର୍କ ଛିନ୍ନ ହୋଇଯାଇଥିବାରୁ ଭାଗ୍ୟକୁ ଆଦରି ସୁମିତ୍ରା ସବୁ ସହି ଯାଉଥିଲେ। ସେପ୍ଟେମ୍ବରରେ ସୁମିତ୍ରାଙ୍କର ଝିଅଟିଏ ହୋଇଥିଲା। ଝିଅ ଜନ୍ମହେବା ପରେ ଅତ୍ୟାଚାର ବଢ଼ିଲା। ହେଲେ ସୁମିତ୍ରା ଘର ନ ଛାଡିବାରୁ ଶାଶୁଘର ଲୋକ ଉତ୍ତେଜିତ ହୋଇପଡିଥିଲେ। ଗତ ୨୯ ତାରିଖରେ ସ୍ୱାମୀ, ଶ୍ୱଶୁର, ଶାଶୁ ଓ ଦିଅର ମିଳିତ ଭାବେ ମାରପିଟ କରି ସୁମିତ୍ରାଙ୍କୁ ଘରୁ ବାହାର କରିଦେଇଥିଲେ। ଏ ନେଇ ସୁମିତ୍ରା ଥାନାରେ ଅଭିଯୋଗ କରିବାରୁ ପୋଲିସ ଦଫା ୪୯୮(ଏ), ୨୯୪, ୩୨୩, ୫୦୬, ୩୪ ଆଇପିସି ଧାରାରେ ନଂ. ୨୭୬/୧୮ରେ ମାମଲା ରୁଜୁ କରି ତଦନ୍ତ କରୁଛି।

### ୧୨ଦିନର ଶିଶୁକନ୍ୟା ଜନନୀ ଠାରୁ ଅଲଗା

ଝିଅ ଜନ୍ମ କରିବାରୁ ସ୍ୱାମୀ ଘରୁ ତଡି ଦେଲେ। ଲାଳନପାଳନରେ ଅକ୍ଷମତା ପ୍ରକାଶ କରି ମା’ ୫ ଦିନର ଶିଶୁକନ୍ୟାକୁ ପ୍ରଶାସନ ହାତକୁ ଟେକି ଦେଲା। ୧୨ ଦିନର ଶିଶୁକନ୍ୟା ଏବେ ଜଟଣୀ ବ୍ଲକ ଯାଁଳାର ଶିଶୁ ଅନୁଷ୍ଠାନରେ ରହିଛି। ଅଭିଯୋଗ ଅନୁସାରେ, ଗତ ୨ ତାରିଖରେ ଝିଅ ଜନ୍ମ କରିବାରୁ ବାଣପୁର ଥାନା ଭଗବତପୁର ପଞ୍ଚାୟତ ପଞ୍ଚୁଗାଁର ଧନେଶ୍ୱର ଦଳେଇ ସୋନିଆଙ୍କୁ ଘରକୁ ଆସିବାକୁ ମନା କରିଥିଲେ। ଧନେଶ୍ୱରଙ୍କ ପ୍ରଥମ ସ୍ତ୍ରୀଙ୍କ ଗୋଟିଏ ପୁଅ ଓ ୨ ଝିଅ ଅଛନ୍ତି। ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ୨ୟ ବିବାହ କରିଥିଲେ। ହେଲେ ୨ୟ ସ୍ତ୍ରୀଙ୍କ ମୃତ୍ୟୁ ହେବା ପରେ ସୋନିଆଙ୍କୁ ୩ୟ ବିବାହ କରିଥିଲେ। ସୋନିଆଙ୍କ ପୂର୍ବରୁ ଝିଅଟିଏ ହୋଇ ମରି ଯାଇଥିଲା। ବାପ ଘରେ ଆଶ୍ରିତା ସୋନିଆ ସ୍ୱାମୀଙ୍କ ଏପରି ନିଷ୍ପତ୍ତି ଶୁଣି ବିଚଳିତ ହୋଇ ଝିଅକୁ ଶିଶୁ ଅନୁଷ୍ଠାନରେ ଛାଡିଛନ୍ତି। ସୋନିଆଙ୍କ ବାପଘରର ସ୍ଥିତି ଭଲ ନ ଥିଲା। ମା’ଙ୍କର ରୋଗରେ ଘରଟି ବିକ୍ରି ହୋଇ ସାରିଥିଲା। ବାପ ଘର କହିଲେ କେବଳ ବାପା ହିଁ ଥିଲେ। ଯିଏ କି ଅନ୍ୟ ଦୟାରେ ବଞ୍ଚିଛନ୍ତି। ବାପା ନିଜ କଥା ବୁଝି ପାରୁ ନ ଥିବାବେଳେ ଝିଅ ଓ ନାତୁଣୀ କଥା ସମ୍ଭାଳିବା କାଠିକର ପାଠ ବୋଲି ଅନୁଭବ କରି ସୋନିଆ ଝିଅର ସ୍ୱାର୍ଥ ପାଇଁ ଏପରି ନିଷ୍ପତ୍ତି ନେଇଥିଲେ।





ହସ୍ପିଟାଲ ସମ୍ମୁଖରେ ମୃତଦେହ ରଖି ପରିବାର ଲୋକେ ଗେଟ୍‌ରେ ତାଲା ପକାଉଛନ୍ତି।

## ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ
### ମୃତଦେହ ରଖି ଘରୋଇ ହସ୍ପିଟାଲରେ ଚାବି ପକାଇଲେ

**ଖୋର୍ଦ୍ଧା ଅଫିସ,୧୩।୧୨**

ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରରୁ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ବାଣପୁର ଥାନା ନାରୁଣୀ ଫାଣ୍ଡି ନାରୁଣୀ ଗାୟତ୍ରୀ ହସ୍ପିଟାଲରେ ମୃତକଙ୍କ ପରିବାର ଲୋକେ ଗୁରୁବାର ଚାବି ପକାଇ ପ୍ରତିବାଦ କରିଛନ୍ତି। ଅଭିଯୋଗ ଅନୁସାରେ, ଗଞ୍ଜାମ ଜିଲା ଲଙ୍ଗଳେଶ୍ୱର ଗାଁର ପ୍ରତାପ ସାହୁଙ୍କ ସ୍ତ୍ରୀ ରୀତାଞ୍ଜଳି ପ୍ରସବ ବେଦନା ପାଇ ନାରୁଣୀ ଗାୟତ୍ରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବୁଧବାର ରୀତାଞ୍ଜଳିଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପ୍ରସବ ପରେ ରୀତାଞ୍ଜଳିଙ୍କ ରକ୍ତସ୍ରାବ ବନ୍ଦ ନ ହେବାରୁ ଗାୟତ୍ରୀ ହସ୍ପିଟାଲ ପକ୍ଷରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ରୀତାଞ୍ଜଳିଙ୍କ ମୃତ୍ୟୁ ପଛର କାହାଣୀ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ବୋଲି ଜାଣିବା ପରେ ମୃତଦେହକୁ ଘରୋଇ ହସ୍ପିଟାଲ ସମ୍ମୁଖରେ ରଖି ଗୁରୁବାର ଅପରାହ୍ନ ୨ଟାରେ ତାଲା ପକାଇ ଦେଇଥିଲେ। ଉଭୟଙ୍କ ମଧ୍ୟରେ ବୁଝାମଣା ହେବା ପରେ ସନ୍ଧ୍ୟା ୬ଟାରେ ତାଲା ଖୋଲିଥିଲା।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଚାଳକ ମୃତ

**ଖୋର୍ଦ୍ଧା ଅଫିସ,୧୩।୧୨:** ଡମଣଭୂଇଁ ଗୟାବନ୍ଧ ରାସ୍ତାର ଗୟାବନ୍ଧ ଗାଁ ନିକଟରେ ବୁଧବାର ରାତି ପ୍ରାୟ ୧୦ଟାରେ ଏକ ବାଇକ୍ ଦୁର୍ଘଟଣାରେ ଆହତ ହୋଇଥିବା ଦେଉଳିପାଟଣା ଗାଁର ବାଇକ ଚାଳକ ମଣ୍ଟୁ ସାହୁ(୨୩)ଙ୍କ ମୃତ୍ୟୁ ଘଟିଛି। ବାଇକ୍ ପଛରେ ବସିଥିବା ଦେଉଳିପାଟଣା ଗାଁର ମଣ୍ଟୁ ପ୍ରଧାନ(୩୦) ଗୁରୁତର ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ଅଛନ୍ତି। ସୂଚନା ଅନୁସାରେ ବୁଧବାର ରାତିରେ ଛଣଗିରି ପଞ୍ଚାୟତ ଦେଉଳିପାଟଣା ଗାଁର ପ୍ରଧାନ ସାହୁଙ୍କ ସହ ଘରକୁ ବାଇକ୍‌ରେ ଫେରୁଥିଲେ। ଗୟାବନ୍ଧ ଛକ ନିକଟରେ ଏକ ସାଇକେଲ ସହ ଧକ୍କା ହେବାରୁ ଉଭୟ ଆହତ ହୋଇଥିଲେ। ସାଇକେଲ ଚାଳକ ବର୍ତ୍ତି ଯାଇଛନ୍ତି। ଉଭୟଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସାହୁଙ୍କୁ ମୃତ ଘୋଷଣା କରିଥିଲେ। ଜଙ୍କିଆ ଥାନା ପୋଲିସ ନଂ. ୧୭୯/୧୮ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବ୍ରାଉନସୁଗାର ଜବତ, ଦୁଇ ଗିରଫ

**ପାତ୍ରପଡା, ୧୩।୧୨(ଡି.ଏନ.ଏ.):** ତମାଣ୍ଡୋ ଥାନା ଜାତୀୟ ରାଜପଥ କଡରେ ଥିବା ଏକ ନିର୍ମାଣାଧୀନ ମହଲ ନିକଟରୁ ପୋଲିସ ୨ ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ରସୁଲଗଡ ଅଞ୍ଚଳର ବାସୁଦେବ ମହାନ୍ତି(୪୧) ଓ ତାରେଣୀ ପ୍ରସାଦ ମହାପାତ୍ର(୨୬)। ପୋଲିସ ସେମାନଙ୍କଠାରୁ ୨୦ ଗ୍ରାମ ବ୍ରାଉନସୁଗାର, ୩୫ ହଜାର ଟଙ୍କା, ଗୋଟିଏ ବାଇକ୍ ଓ ୨ଟି ମୋବାଇଲ ଫୋନ ଜବତ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ମହଲ ନିକଟରେ ବ୍ରାଉନସୁଗାର ବିକ୍ରି କରୁଥିବା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ପୋଲିସ ଚଢାଉ କରି ଦୁଇ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନଙ୍କଠାରୁ ବ୍ରାଉନ ସୁଗାର ଓ ଟଙ୍କା ମିଳିଥିଲା। ନଂ. ୧୦୬/୧୮ରେ ମାମଲା ରୁଜୁ ହୋଇଛି। ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ।

### ଗୁଳି ଫୁଟାଇ ବ୍ୟବସାୟୀଙ୍କଠାରୁ ଲୁଟିଲେ

**ପାତ୍ରପଡା, ୧୩।୧୨(ଡି.ଏନ.ଏ.):** ତମାଣ୍ଡୋ ଥାନା କାଶୀପୁର ରାସ୍ତାରେ ଗୁରୁବାର ରାତି ପ୍ରାୟ ୧୧ଟା ୪୫ରେ ଜଣେ ବ୍ୟବସାୟୀଙ୍କଠାରୁ ଦୁର୍ବୃତ୍ତ ଲୁଟ୍ କରିଛନ୍ତି। ଏଥିସହ ଗୁଳି ଫୁଟାଇ ବ୍ୟବସାୟୀ ଜଣକଙ୍କୁ ଭୟଭୀତ କରିବା ସହ ୨ଟି ବାଇକ୍‌ରେ ଆସିଥିବା ୪ ଜଣ ଫେରାର ହୋଇଯାଇଥିଲେ। ଲୁଟ୍‌ର ଶିକାର ହୋଇଥିବା ବ୍ୟବସାୟୀ ହେଲେ ରବୀନ୍ଦ୍ର ସ୍ୱାଇଁ (୪୫)। ରବୀନ୍ଦ୍ର ଗୁପଚୁପ୍ ବେପାର ସାରି ସାଇକେଲରେ ଫେରୁଥିଲେ। କୋଲ ଇଣ୍ଡିଆ ରାସ୍ତାର ଏକ ନିଛାଟିଆ ସ୍ଥାନରେ ୪ ଦୁର୍ବୃତ୍ତ ପଲସରରେ ଆସି ପ୍ରଥମେ ରବୀନ୍ଦ୍ରଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ସେ ଟଙ୍କା ନ ଦେବାରୁ ବନ୍ଧୁକ ବାହାର କରି ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳିଟି ପାଚେରିରେ ବାଜିଥିଲା। ଗୁଳି ଫୁଟିବା ପରେ ରବୀନ୍ଦ୍ର ଭୟଭୀତ ହୋଇ ପାଖରେ ଥିବା ୯ ଶହ ଟଙ୍କା ସେମାନଙ୍କୁ ଦେଇ ଦେଇଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେବା ପରେ ଆଇଆଇସି ସୀତାଂଶୁ ମାନ୍ଧାତା, ଜୋନ୍ ୩ର ଏସ୍‌ପି ପି.କେ. ରାଉତ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ।

## ଜିଲାସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

**ଖୋର୍ଦ୍ଧା ଅଫିସ,୧୩।୧୨**





ଉଦ୍‌ଯାପନୀ ଅବସରରେ କୃତୀ ପିଲାଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଖୋର୍ଦ୍ଧା ବ୍ଲକର ଦଧିମାଛଗାଡ଼ିଆ ନୋଡ଼ାଲ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଆରମ୍ଭ ହୋଇଥିବା ଖୋର୍ଦ୍ଧା ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ମେଳା ଏବଂ ଜିଲାସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ମୁଖ୍ୟବକ୍ତା ଭାବେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନର ମୁଖ୍ୟ ଡ. ନଚିକେତା ଶର୍ମା ଓ ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ପିଡି ଡିଆରଡିଏ ସରୋଜ କୁମାର ମିଶ୍ର ଯୋଗଦେଇ ବିଜ୍ଞାନର ଉଦ୍‌ଭାବନ ପାଇଁ ପିଲାମାନଙ୍କ ମନରେ ଜିଜ୍ଞାସୁ ମନୋଭାବ ସୃଷ୍ଟି ପାଇଁ ଟିପ୍ପଣୀ ଦେଇଥିଲେ। ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ବିଜ୍ଞାନ ସଂଯୋଜକ ସରୋଜ କୁମାର ସିଂହ ବିବରଣୀ ପାଠ କରିଥିଲେ। ଖୋର୍ଦ୍ଧା ବିଇଓ ବୈଦ୍ୟନାଥ ସାହୁ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ ମଞ୍ଚାସୀନ ଥିଲେ। ପୂର୍ବାହ୍ନ ଅଧିବେଶନରେ ବିଜ୍ଞାନ ଶିକ୍ଷକମାନଙ୍କ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଅକ୍ରୁର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜଙ୍ଗଲ ଓ ପରିବେଶ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଏ. କେ. ଗୁପ୍ତା ଓ ଆଇନ୍‌ଷ୍ଟାଇନ୍ ଏକାଡେମୀର ଅଧ୍ୟକ୍ଷ ଶୁଭେନ୍ଦୁ ପ୍ରସାଦ ସାହୁ ବିଜ୍ଞାନ ଉପରେ ପ୍ରକଳ୍ପ ପ୍ରସ୍ତୁତି ପାଇଁ ପ୍ରେରଣା ଦେଇଥିଲେ। ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିବା ୬୬ଟି ପ୍ରକଳ୍ପରୁ ୬ଜଣ କୁନି ବୈଜ୍ଞାନିକ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀରେ ଆସନ୍ତା ୨୨ରୁ ୨୪ତାରିଖରେ ସମ୍ବଲପୁରଠାରେ ଭାଗ ନେବେ। ସେହିପରି ଇନ୍‌ସ୍ପେୟାର ପ୍ରତିଯୋଗିତାରେ ୧୧୫ଟି ପ୍ରକଳ୍ପରୁ ୧୧ଜଣ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରକଳ୍ପ ପ୍ରତିଯୋଗିତା ପୁରୀଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦାନ କରିବେ। ପ୍ରଧାନ ଶିକ୍ଷକ ଡ. ଗୌରହରି ମିଶ୍ର, ଏବିଇଓ ସତ୍ୟବାନ ଶ୍ରୀଚନ୍ଦନ, ଯୁଧିଷ୍ଠିର ସାହୁ, ଜିତ୍‌ରଞ୍ଜନ ମହାପାତ୍ର, ପ୍ରମୋଦ କୁମାର ଭଞ୍ଜ, ପ୍ରସନ୍ନ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ୧୬ରେ ପୁରାତନ ବିଦ୍ୟାର୍ଥୀ ସଙ୍ଗଠନର ବାର୍ଷିକ ଉତ୍ସବ

**ଜଟଣୀ,୧୩।୧୨(ଡି.ଏନ.ଏ)**

### ୧୦୩ ବର୍ଷରେ ରେଲୱେ ସ୍କୁଲ

ଜଟଣୀର ସର୍ବ ପୁରାତନ ତଥା ୧୦୩ ବର୍ଷରେ ପଦାର୍ପଣ କରିଥିବା ରେଲୱେ ସ୍କୁଲର ପୁରାତନ ବିଦ୍ୟାର୍ଥୀ ସଙ୍ଗଠନର ବାର୍ଷିକ ଉତ୍ସବ ଚଳିତ ମାସ ୧୬ ତାରିଖରେ ଅନୁଷ୍ଠିତ ହେବ ବୋଲି ଗୁରୁବାର ଖବରଦାତା ସମ୍ମିଳନୀରେ ଏହାର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏଥିପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏହାଛଡ଼ା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଓ ରେଲୱେ ସ୍କୁଲର ୧୯୬୮ ମାଟ୍ରିକ ବ୍ୟାଚର ପୁରାତନ ବିଦ୍ୟାର୍ଥୀଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯିବ। ସେହିପରି ଚଳିତବର୍ଷ ଅବସର ଗ୍ରହଣ କରିଥିବା ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରସିଦ୍ଧ କଣ୍ଠଶିଳ୍ପୀ ତାନ୍‌ସେନ୍ ସିଂ ଏହି ଉତ୍ସବରେ ଯୋଗଦେଇ ସଙ୍ଗୀତ ପରିବେଷଣ କରିବେ। ଏହାଛଡ଼ା ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ପିଲାଙ୍କୁ କାଉନ୍‌ସିଲିଂ ମାଧ୍ୟମରେ ଉତ୍ସାହିତ କରିବା ଭଳି ନିଆଯାଇଥିବା ଅନେକ ପଦକ୍ଷେପ ଉପରେ ବିଦ୍ୟାର୍ଥୀ ସଙ୍ଗଠନର ସଭାପତି ରାଧାମୋହନ ପଟ୍ଟନାୟକ, ସାଧାରଣ ସମ୍ପାଦକ ଏମ୍‌ଡି. ଜାକିରୁଦ୍ଦିନ, କୋଷାଧ୍ୟକ୍ଷ ଅଲତାଫ୍ ହୁସେନ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ସଦସ୍ୟ ଅଧାପକ ତପନ ମିଶ୍ର, ସଞ୍ଜୟ ମହାନ୍ତି, ଗୌରୀଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିରରୁ ଠାକୁରଙ୍କ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି



**ବାଲୁଗାଁ,୧୩।୧୨(ଡି.ଏନ.ଏ.):** ବାଲୁଗାଁ ନିକଟସ୍ଥ ଚନ୍ଦ୍ରାପୁଟ ଗ୍ରାମରେ ଥିବା ଶ୍ରୀଶ୍ରୀ ବାଳମୁକୁନ୍ଦ ଦେବଙ୍କ ମନ୍ଦିରର ତାଲା ଭାଙ୍ଗି ବୁଧବାର ରାତ୍ରରେ ଦୁର୍ବୃତ୍ତମାନେ ଠାକୁରଙ୍କର ଲକ୍ଷାଧିକ ଟଙ୍କାର ସୁନାରୂପା ଅଳଙ୍କାର ସହ ଦାନବାକ୍ସ ଚୋରି କରିଛନ୍ତି। ବୁଧବାର ପୂଜକ ଅକ୍ଷୟ ପଣ୍ଡା ପୂଜାକାର୍ଯ୍ୟ ସାରି ତାଲା ପକାଇ ଘରକୁ ଯାଇଥିଲେ। ସେ ଗୁରୁବାର ପୂର୍ବାହ୍ନରେ ଆସି ମନ୍ଦିରର ମୁଖ୍ୟ ୩ଟି ଦ୍ୱାର ଖୋଲାଥିବା ଏବଂ ଠାକୁରଙ୍କ ସମସ୍ତ ସୁନା ଓ ରୂପା ଅଳଙ୍କାର ସହ ଦାନବାକ୍ସକୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ମୋତିରାମ ଜାଲି ବାଲୁଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ପରେରେ ମନ୍ଦିରର ଅନତି ଦୂରରୁ ଦାନବାକ୍ସଟି ଭଙ୍ଗାରୁଜା ଅବସ୍ଥାରେ ଉଦ୍ଧାର କରିଥିଲା।

## ସାମାଜିକ କର୍ମୀଙ୍କ ସ୍ମୃତିଚାରଣ ସଭା

**ବୋଲଗଡ଼,୧୩।୧୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତସ୍ଥ ରାସୋଲ ଗ୍ରାମର ସାମାଜିକ କର୍ମୀ ଧ୍ରୁବରାଜ ଜୟସିଂହ(୮୨) ପରଲୋକ ଘଟିଛି। ତାଙ୍କ ଏକାଦଶାହ ଅବସରରେ ଗୁରୁବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ବିଜୟ କୁମାର ଗୁମାନସିଂହ, ସମିତି ସଭ୍ୟ ଅର୍ଜୁନ ପଟ୍ଟନାୟକ, ବରିଷ୍ଠ ନ୍ୟାୟାଧୀଶ ନାରାୟଣ ବଳିୟାରସିଂହ ଓ ଅଜୟ ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ। ଜୟସିଂହ ଜ୍ୟେଷ୍ଠପୁତ୍ର ଅଜୟ କୁମାର ପାଲଟାସିଂହ, ସାନପୁଅ ପ୍ରଭାତ ଚମ୍ପତି ପ୍ରମୁଖ ପିତାଙ୍କ ସ୍ମୃତିଚାରଣ କରିଥିଲେ।

## ବାର୍ଡ ଫ୍ଲୁ ଆଶଙ୍କାରେ ସତର୍କତା
# କେରଙ୍ଗରୁ ସଂଗୃହୀତ ହେଲା ୧୦୦ ନମୁନା

**ଖୋର୍ଦ୍ଧା ଅଫିସ,୧୩।୧୨**



ଅଧିକାରୀମାନେ ନମୂନା ସଂଗ୍ରହ କରୁଛନ୍ତି।

ପଡୋଶୀ ପୁରୀ ଜିଲାର ଗୋପ ଓ କୃଷ୍ଣପ୍ରସାଦ ଅଞ୍ଚଳରେ କୁକୁଡା, କାଉ ମରୁଥିବାରୁ ବାର୍ଡ ଫ୍ଲୁ ଆଶଙ୍କା ଦେଖାଦେଇଛି। ଆଗୁଆ ପଦକ୍ଷେପ ସ୍ୱରୂପ ଚିଲିକାର ନଳବଣ ସମେତ ଆଖପାଖ ଅଞ୍ଚଳରୁ ବିଦେଶାଗତ ପକ୍ଷୀ ଓ ଅନ୍ୟପକ୍ଷୀଙ୍କ ନାଳ, ମଳ, ରକ୍ତ, ସ୍ରାବ ନମୁନା ସଂଗୃହୀତ ଚାଲୁ ରହିଛି। ସେହିଭଳି ଖୋର୍ଦ୍ଧା ବ୍ଲକର କେରଙ୍ଗ ଗାଁରୁ କୁକୁଡା, ବତକ ପୋଷିଥିବା ଚାଷୀଙ୍କ ଘରୁ, ଚିକେନ କାଉଣ୍ଟରରୁ ୧୦୦ କୁକୁଡା, ବତକଙ୍କର ନମୁନା ଗୁରୁବାର ସଂଗୃହୀତ ହୋଇଛି। ଏଥିରେ ଖୋର୍ଦ୍ଧାର ଅତିରିକ୍ତ ଭିଏସ୍ ପ୍ରଜ୍ଞା ହରିଚନ୍ଦନ, ଏଲଆଇ, ଆଟେଣ୍ଡାଣ୍ଟ ପ୍ରମୁଖ ସାମିଲ ହୋଇଥିଲେ।

## ନିମାବାବାଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ବୋଲଗଡ଼,୧୩।୧୨(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତ ପାନନଗରସ୍ଥିତ ଶୂନ୍ୟ ଆଶ୍ରମର ଭକ୍ତମାନେ ଗୁରୁବାର ରାଜସୁନାଖଳା ବଜାର ଅଞ୍ଚଳରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରିଛନ୍ତି। ନିମାବାବାଙ୍କର ୧୦୨ ବର୍ଷ ବୟସରେ ବଡ଼ମ୍ବା ବ୍ଲକସ୍ଥିତ ଏକ ଆଶ୍ରମରେ ପରଲୋକ ପରେ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଶିଷ୍ୟମାନେ ଏହା କରିଛନ୍ତି। ନାମ ସଂକୀର୍ତ୍ତନ କରି ଭକ୍ତମାନେ ପାନନଗର ଆଶ୍ରମଠାରୁ ବାହାରି ରାଜସୁନାଖଳାର ଗତ୍ରୋନାଥ ବଜାର ଓ ସାହି ସମେତ କୁମାରୀ ଆଦି ଗ୍ରାମ ପରିକ୍ରମା କରିଥିଲେ।



ତିରିମଲ ସ୍କୁଲର ବାର୍ଷିକ ଉତ୍ସବରେ ଅତିଥିମାନେ ପିଲାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ତିରିମଲ ସ୍କୁଲର ବାର୍ଷିକ ଉତ୍ସବ

**ଜଟଣୀ,୧୩।୧୨(ଡି.ଏନ.ଏ)**

ଜଟଣୀ ବ୍ଲକ ଅନ୍ତର୍ଗତ ତିରିମଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସ୍କୁଲ ପରିଚାଳନା କମିଟିର ଚେୟାରମ୍ୟାନ ପ୍ରହ୍ଲାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ପାଣ୍ଡବ ଜେନା ଫାଉଣ୍ଡେଶନର ଚେୟାରମ୍ୟାନ ସନ୍ତୋଷ ଜେନା, ପାୱାର ଗ୍ରୀଡ୍ କର୍ପୋରେଶନ୍‌ର ଜେନେରାଲ ମ୍ୟାନେଜର ଭୈରବ ଚନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବିଜୟ ଛୋଟରାୟ, ସମିତି ସଭ୍ୟ ରୋଜାଲିନ୍ ବେହେରା, ଏବିଇଓ ପ୍ରେମାନନ୍ଦ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀର ଉର୍ମିଳା ସ୍ୱାଇଁ ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।





## ଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗ

**ବୋଲଗଡ଼,୧୩।୧୨(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଅରଖପଲ୍ଲୀ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷକ ଗୁରୁବାର ମାଡ଼ ମାରିଥିବା ତାଙ୍କ ପିତା ବୋଲଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ସ୍କୁଲ ଶିକ୍ଷକ ଏକ ବାଡ଼ିରେ ମାଡ଼ ଦେବା ଫଳରେ ଛାତ୍ର ଜଣକ ଗୁରୁତର ହୋଇ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏସମ୍ପର୍କରେ ଥାନା ଆଇଆଇସି ସେଖ୍ ଆକବର ଅଲ୍ଲୀ କୁହନ୍ତି, ଏନେଇ ଅଭିଯୋଗ ଥାନାକୁ ଆସିଛି। ଘଟଣାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ବୋଲଗଡ଼ ମଣ୍ଡଳ ଶିକ୍ଷାଧିକାରୀ ବିଭୂତି ଭୂଷଣ ମହାପାତ୍ର ତାଙ୍କ ନିକଟରେ ଏନେଇ ସୂଚନା ନ ଥିବା କହିଥିଲେ। ସେ କହିଥିଲେ, ଯଦି ମାଡ଼ ଦିଆଯାଇଥିବ ତା ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସମ୍ମିଳନୀ ଉଦ୍‌ଯାପନୀ ଅବସରରେ ଅତିଥିଙ୍କ ଗହଣରେ ପିଲାମାନେ।

# ନାଇଜରରେ ଅନ୍ତର୍ଜାତୀୟ ଆଇସିମାଗ୍‌ମା ସମ୍ମିଳନୀ ଉଦ୍‌ଯାପିତ

**ଜଟଣୀ,୧୩।୧୨(ଡି.ଏନ.ଏ.)**

ଜଟଣୀସ୍ଥିତ ନାଇଜର ପରିସରରେ ଚାଲିଥିବା ଚୁମ୍ବକୀୟ ବସ୍ତୁ ଓ ତା’ର ପ୍ରୟୋଗ ଉପରେ ଅନ୍ତର୍ଜାତୀୟ ଆଇସିମାଗ୍‌ମା-୨୦୧୮ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ନାଇଜର ପଦାର୍ଥ ବିଜ୍ଞାନ ବିଭାଗ ଓ ଜାତୀୟ ଚୁମ୍ବକୀୟ ସଂସ୍ଥାନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ଭାରତ ସମେତ ୧୭ଟି ଦେଶର ୪୫୦ରୁ ଅଧିକ ଗବେଷକ ଓ ବୈଜ୍ଞାନକ ଯୋଗ ଦେଇଥିଲେ। ସମ୍ମିଳନୀରୁ ବାହାରିଥିବା ନିଷ୍କର୍ଷ ଶିଳ୍ପ ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚି ପାରିଲେ ମାନବ ସମାଜର କଲ୍ୟାଣରେ ଲାଗିପାରିବ ବୋଲି ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଥିବା ନାଇଜର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ଓ କୁଳସଚିବ ଡ. ଅଭୟ କୁମାର ନାୟକ କହିଛନ୍ତି। ଆଧୁନିକ ଯୁଗରେ ଚୁମ୍ବକୀୟ ବସ୍ତୁ ଓ ତା’ର ପ୍ରୟୋଗ ଦ୍ୱାରା ମାନବ ସମାଜ ଅନେକ ଅଗ୍ରଗତି କରିପାରିଛି। ଏହି ବସ୍ତୁ ଉପରେ ଅଧିକ ନିର୍ଭରଶୀଳତା ମଧ୍ୟ ବଢ଼ିଯାଇଛି ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଏହି ସମ୍ମିଳନୀ ଦ୍ୱାରା ଓଡ଼ିଶାର ଛାତ୍ରୀଛାତ୍ର, ଗବେଷକ ଓ ବୈଜ୍ଞାନିକମାନେ ଅନେକ ସୁଫଳ ପାଇ ପାରିଛନ୍ତି ବୋଲି ସୂଚନା ଦେଇଥିଲେ। ଉଚ୍ଚମାନର ନିବନ୍ଧ ଉପସ୍ଥାପନ କରି ଗବେଷକ ଅଭିଷେକ ବନ୍ଦୋପାଧ୍ୟାୟ, ଆକାଶ କୁମାର, ବାଣୀବ୍ରତ ସିହ୍ନା, ନବୀନ ସିୟୋଦିୟା, ରୋହିଣୀ ସାନିଳପ୍, ଲୀଲାଶ୍ରୀ ଏସ୍, ଅରୁଣ କୁମାର, ଶୁଭମ କୁମାର ସ, ସଚିନ କ୍ରିଷ୍ଣା, ମଧୁ ଘନାଟେଙ୍କୁ ପୁରସ୍କୃତ କରାଯାଇଥିଲା।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ



## ସଂକ୍ଷେପରେ

### ମୃଣାଳିନୀଙ୍କ ଚିଠିକୁ ଛତିଶା ନିଯୋଗ ନାୟକଙ୍କ ସ୍ୱାଗତ

**ପୁରୀ ଅଫିସ,୧୩।୧୨:** ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ସେବାୟତଙ୍କ ଆର୍ଥିକ ସ୍ଥିତିରେ କିପରି ସୁଧାର ଆସିପାରିବ ସେ ନେଇ ବ୍ୟବସ୍ଥା କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିକଟକୁ ଚିଠି ଲେଖି ଅନୁରୋଧ କରିଛନ୍ତି ଆଇନଜୀବୀ ମୃଣାଳିନୀ ପାଢ଼ୀ। ମୃଣାଳିନୀଙ୍କ ଏହି ଚିଠିକୁ ସ୍ୱାଗତ କରିଛନ୍ତି ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର। ଗୁରୁବାର ସେ ମୃଣାଳିନୀଙ୍କ ପାଖକୁ ଏକ ପତ୍ର ଲେଖିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ସେବାୟତଙ୍କ ଜନଗଣନା ଆଧାରିତ ଆର୍ଥିକ ଦୁରବସ୍ଥା ଓ ପାଳିଆ ପୁରସ୍କାର ସମ୍ବଳିତ ଆପଣଙ୍କ ପତ୍ର ଶ୍ରୀମନ୍ଦିରର ବାସ୍ତବ ଚିତ୍ରକୁ ପ୍ରତିଫଳିତ କରିଛି। ଏହି ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଶ୍ରୀମନ୍ଦିରରେ ଅନେକ ସମସ୍ୟା ରହିଛି, ଯାହା ଭକ୍ତଙ୍କ ଦର୍ଶନ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିକୁ ପ୍ରଭାବିତ କରୁଛି। ସମସ୍ତ ସକାରାତ୍ମକ ଚିନ୍ତନକୁ ଆମେ ସ୍ୱାଗତ କରୁଛୁ। ପାରସ୍ପରିକ ଶ୍ରଦ୍ଧା ଏବଂ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ। ଭକ୍ତଙ୍କ ସମସ୍ୟା, ମହାପ୍ରଭୁଙ୍କ ସେବକଙ୍କ ବିଷୟରେ ସୁପ୍ରିମ୍‌କୋର୍ଟଙ୍କୁ ସକାରାତ୍ମକ ମତ ଜଣାଇଲେ ତାହା ମହାପ୍ରଭୁଙ୍କ ଶ୍ରେଷ୍ଠ ସେବା ହୋଇପାରିବ ବୋଲି ଛତିଶା ନିଯୋଗ ନାୟକ ଉଲ୍ଲେଖ କରିଛନ୍ତି।

### ଗୋପରେ କୁରାଳ ପଞ୍ଚମୀ ପାଳିତ

**ଗୋପ, ୧୩।୧୨(ଡି.ଏନ୍.ଏ.):** ମାର୍ଗଶିର ଶୁକ୍ଳ ପଞ୍ଚମୀତିଥିଠାରୁ ୫ଦିନ ବ୍ୟାପୀ ଆରମ୍ଭ ହୋଇଛି କୁମ୍ଭକାରଙ୍କ ପବିତ୍ର ପର୍ବ କୁରାଳପଞ୍ଚମୀ। ଏହି ଅବସରରେ ଗୋପ ବ୍ଲକ ଅଧୀନ ବାଲିକନ୍ଦଳ, ତିନିତିଅର, ନାଗପୁର, ଗୋପ ଆଦି ସ୍ଥାନରେ କୁରାଳ ପଞ୍ଚମୀ ମହାସମାରୋହରେ ପାରମ୍ପରିକ ରୀତନୀତି ଅନୁଯାୟୀ ପାଳନ ହେଉଛି। କୁମ୍ଭକାରମାନେ ପ୍ରଭୁ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କ ପୂଜାର୍ଚ୍ଚନା କରୁଛନ୍ତି। ଏଥିସହ ନିଜ ଶାଳ ମଧ୍ୟରେ ମାଟିହାଣ୍ଡି ଓ ସମସ୍ତ ସାଜ ସରଞ୍ଜାମ ସହିତ ବିଭିନ୍ନ ସାମଗ୍ରୀକୁ ପୂଜା କରୁଛନ୍ତି।

### ସରକାରୀ ଅଫିସର, କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ନିମାପଡ଼ା,୧୨।୧୨(ଡି.ଏନ୍.ଏ.):** ନିମାପଡ଼ାର ଜଳଯୋଗାଣ ବିଭାଗ ନିଜ ଜାଗାରେ ନିର୍ମାଣ କରୁଥିବା ଏକ ପାଚେରି କାର୍ଯ୍ୟକୁ କେତେକ ବ୍ୟକ୍ତି ବିରୋଧ କରି ବନ୍ଦ କରିବା ସହ ଅଫିସର ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିବା ଗୁରୁବାର ଅଭିଯୋଗ ହୋଇଛି। ପ୍ରକାଶ ଯେ, ମଙ୍ଗଳବାର ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଶଶିଭୂଷଣ ମହାନ୍ତି ଓ ଦୁଇଜଣ କର୍ମଚାରୀ ଏଲଆଇସି ଅଫିସ ନିକଟରେ ଥିବା ନିଜ ଜାଗାରେ ପାଚେରି ନିର୍ମାଣ କରୁଥିବା ବେଳେ ଦିପିରେଣ୍ଟା ଗ୍ରାମର କେତେକ ବ୍ୟକ୍ତି ଆସି କାର୍ଯ୍ୟକୁ ବନ୍ଦ କରିବା ସହ ଗାଳିଗୁଲଜ କରି ଧମକ ଦେଇଥିଲେ। ଏନେଇ ସହକାରୀ ଯନ୍ତ୍ରୀ ମହାନ୍ତି ନିମାପଡ଼ା ଥାନାରେ ଅଭିଯୋଗ କରିବାରୁ ପୋଲିସ ୭ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ନଂ ୩୬୮/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏସମ୍ପର୍କରେ ସହକାରୀ ଯନ୍ତ୍ରୀ ମହାନ୍ତିଙ୍କୁ ପଚାରିବାରୁ ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ଗଣ୍ଡଗୋଳକାରୀମାନେ ଆସି ସରକାରୀ ଜାଗାରୁ କିଛି ଆମ ପାଇଁ ଛଡାଯାଉ ବୋଲି କହିଥିଲେ। କିନ୍ତୁ ଆମେ ସରକାରୀ ଜାଗା ତମକୁ କେମିତି ଦେବୁ ବୋଲି କହିବାରୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିସହ କିଛି ସାମଗ୍ରୀ ଲୁଟି ନେଇଯାଇଛନ୍ତି ବୋଲି ସେ କହିଛନ୍ତି।

■ ଦ୍ୱିତୀୟ ନାନୋ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ ଉଦ୍‌ଘାଟିତ

# ‘ଶୃଙ୍ଖଳିତ ଜୀବନଶୈଳୀ ସଫଳତାର ମାପକାଠି’

**ପୁରୀ ଅଫିସ,୧୩।୧୨:**

ଦ୍ୱିତୀୟ ନାନୋ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ ଗୁରୁବାର ଠାରୁ ପୌର ସଦନରେ ଆରମ୍ଭ ହୋଇଛି। ଆସନ୍ତା ୧୫ତାରିଖରେ ଏହା ସମାପ୍ତ ହେବ। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, ପ୍ରତ୍ୟେକ ବ୍ୟକ୍ତିର ଶୈଶବ ଅବସ୍ଥା ରହିଛି। ଏହି ସମୟରେ ଯେପରି ଗଢା ହେବେ,ଭବିଷ୍ୟତ ଜୀବନ ସେପରି ହେବ। ଶିଶୁ ଦେଶର ଆଗାମୀ ଭବିଷ୍ୟତ। ଶିଶୁର ଶୈକ୍ଷିକ ବିକାଶ ଦିଗରେ ଉଭୟ ପରିବାର ଏବଂ ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି। ପ୍ରତ୍ୟେକ ମହାପୁରୁଷଙ୍କ ଜୀବନ ପଛରେ ସେମାନଙ୍କ ମାତାପିତା ଏବଂ ଶିକ୍ଷକଙ୍କ ପ୍ରେରଣା ନିହିତ ରହିଛି। ଉତ୍ତମ ଚରିତ୍ର ଏବଂ ଶୃଙ୍ଖଳିତ ଜୀବନଶୈଳୀ ସଫଳତାର ମାପକାଠି ବୋଲି ସେ କହିଥିଲେ।




ଶିଶୁ ଚଳଚ୍ଚିତ୍ର ମହୋତ୍ସବ ଅବସରରେ ଛାତ୍ରୀମାନେ ପ୍ଲାଷ୍ଟିକ୍ ବର୍ଜନର ବାର୍ତ୍ତା ଦେଉଛନ୍ତି।

ଆବାହକ ସଞ୍ଜୀବ ରଥଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଡା. ରାଧେଶ୍ୟାମ ରଥ, ରୋଟାରିୟାନ ଅଜିତ କୁମାର ସାହା ଓ କମଳେନ୍ଦୁ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଅପରାହ୍ନରେ ସ୍କୁଲପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ଚଳଚ୍ଚିତ୍ର ଉତ୍ସବର ପ୍ରଥମ ଦିବସରେ ଓଡ଼ିଆ, ହିନ୍ଦୀ ଓ ଇଂଲିଶ ଭାଷାରେ ୨୨ଟି ଶିଶୁ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ପ୍ରଥମ ଦିବସରେ ରୋଟାରି କ୍ଲବ ପକ୍ଷରୁ ପଲିଥିନ ମୁକ୍ତ ଶ୍ରୀକ୍ଷେତ୍ରର ବାର୍ତ୍ତା ଦିଆଯାଇଥିଲା।

# ଘୋଡ଼ଲାଗି ହେଲେ ସାକ୍ଷୀଗୋପାଳ

**ସାକ୍ଷୀଗୋପାଳ, ୧୩।୧୨(ଡି.ଏନ୍.ଏ./ସ୍ୱ.ପ୍ର.)**

ସାକ୍ଷୀଗୋପାଳ ମନ୍ଦିରରେ ଓଢ଼ଣଷଷ୍ଠୀ ପର୍ବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସାକ୍ଷୀଗୋପାଳ ଠାକୁରଙ୍କର ପାରମ୍ପରିକ ଘୋଡ଼ଲାଗି ବେଶ ଅନୁଷ୍ଠିତ ହୋଇଥିଲା। ଦୈନନ୍ଦିନ ଦେବନୀତି ସହିତ ଦ୍ୱିପ୍ରହର ଧୂପ ବେଶରେ ନୂତନ ଘୋଡଲାଗି, ଯାତଭୋଗ, ଉପଚାର ଓ ଆଳତି କରାଯିବା ପରେ ଶୀତଯୋଗୁ ରେଶମ କପଡାରେ ପ୍ରସ୍ତୁତ ନୂଆଘୋଡ଼ (ଚାଦର) ଠାକୁରଙ୍କ ସର୍ବାଙ୍ଗ ଶରୀରରେ ଢାଙ୍କି ଦିଆଯାଇଥିଲା। ମୁଖମଣ୍ଡଳ ବ୍ୟତୀତ ମସ୍ତକରେ ମୁଣ୍ଡଘୋଡ (ମଫଲର) ବାନ୍ଧି ଦିଆଯାଇଥିଲା। ଅନୁରୂପ ଭାବେ ଶ୍ରୀରାଧାଙ୍କୁ ରେଶମ ଘୋଡରେ ଆଚ୍ଛାଦିତ କରାଯାଇଥିଲା। ମନ୍ଦିର ବେଢ଼ାରେ ରହିଥିବା ଅନ୍ୟ ଠାକୁରଙ୍କ ମଧ୍ୟରେ ମଦନମୋହନ, ଗୋପୀନାଥ, ଗଣେଶ, ମହାବୀର, ନୃସିଂହ, ବଳିବାମନ, ଶୁକର, ନବଗ୍ରହ, ଲକ୍ଷ୍ମୀ, ସରସ୍ୱତୀ, ଶ୍ରୀରାମ, ଲକ୍ଷ୍ମଣ, ସୀତା, ଗରୁଡ଼, ପତିତପାବନ ଓ ଅଲଗଡ଼ ମହାବୀରଙ୍କୁ ଘୋଡ଼ଲାଗି କରାଯାଇଛି। ମନ୍ଦିର ଦର୍ଜୀ ସେବକ ସତ୍ୟବାଦୀ ମହାପାତ୍ର ଏଥିପାଇଁ ୨୨ଟି ଘୋଡ଼ ପ୍ରସ୍ତୁତ କରିଥିଲେ। ବେଶ ଦେଖିବା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆଗାମୀ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ପ୍ରତିଦିନ ଏହିବେଶ ଅନୁଷ୍ଠିତ ହେବ। ଏହି ସମୟରେ ଠାକୁରଙ୍କର କେବଳ ଶ୍ରୀମୁଖ ଦର୍ଶନ ମିଳିବ। ଏହା ବ୍ୟତୀତ ଜାଗା ମହାବୀର ଓ ବାଟ ମହବାରୀଙ୍କ ସହିତ ବିଭିନ୍ନ ଗ୍ରାମର ଦେବଦେବୀ ଓ ମଠ ମନ୍ଦିରରେ ଠାକୁରଙ୍କୁ ଘୋଡଲାଗି କରାଯାଇଥିଲା।

■ ପୁରୀରେ ଏନ୍‌ସିପିସିଆର କେନ୍ଦ୍ରୀୟ ପ୍ରତିନିଧି

# ନୀଳାଚଳ ଶିଶୁ ସଦନର ରେକର୍ଡ ଯାଞ୍ଚ କଲେ

**ପୁରୀ ଅଫିସ/କଣାସ, ୧୩।୧୨ (ଡି.ଏନ.ଏ.):**

ଢେଙ୍କାନାଳ ଜିଲା ବେଲଟିକିରିସ୍ଥିତ ଗୁଡ ନ୍ୟୁଜ୍ ଇଣ୍ଡିଆ ଡ୍ରିମ ଶେଲଟର ଶିଶୁଗୃହରେ ଯୌନ ଶୋଷଣ ଅଭିଯୋଗ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା। ଏହାର କିଛିଦିନ ପରେ ପୁରୀ ଜିଲା ସତ୍ୟବାଦୀସ୍ଥିତ ଆଚାର୍ଯ୍ୟ ହରିହର ଶିଶୁ ସଦନରେ ଅନ୍ତେବାସୀଙ୍କୁ ମାଡ଼ ଘଟଣା ପଦାକୁ ଆସିଥିଲା। ଏହି ଘଟଣାରେ ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଗୁରୁବାର ନ୍ୟାଶନାଲ କାଉନସିଲ୍ ଫର ପ୍ରୋଟେକ୍ସନ ଅଫ ଚାଇଲ୍ଡ ରାଇଟ୍‌ସ (ଏନସିପିସିଆର)ର କନସଲ୍‌ଟାଣ୍ଟ ପାୟଲ ଶର୍ମା ଏବଂ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟ ବିଦ୍ୟା ଶାଶ୍ୱତୀ ଦୁଇ ଦିନିଆ ପୁରୀ ଗସ୍ତରେ ଆସିଛନ୍ତି। ଏହି ପ୍ରତିନିଧି ପୂର୍ବାହ୍ନ ୧୧ଟାରେ ପୁରୀ ସର୍କିଟ ହାଉସରେ ପହଞ୍ଚିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ କଣାସ ଯାଇ ନୀଳାଚଳ ଶିଶୁ ସଦନର ସମସ୍ତ ରେକର୍ଡ ଯାଞ୍ଚ କରିଥିଲେ। ସେଠାରୁ ଡେଲାଙ୍ଗ ସ୍ଥିତ ଆଭା ଶିଶୁ ଯତ୍ନ ୟୁନିଟକୁ ଯାଇଥିଲେ। ଅନୁଷ୍ଠାନର ସମସ୍ତ କାଗଜପତ୍ର, ଅନଲାଇନ ରେଜିଷ୍ଟ୍ରେଶନ, ଦୈନିକ ବିବରଣୀ ଆଦି ନିରୀକ୍ଷଣ କରିଥିଲେ। ଶୁକ୍ରବାର ବାଳାଶ୍ରମ, ଓପନ୍ ସେଲ୍ଟର, ସତ୍ୟବାଦୀସ୍ଥିତ ଆଚାର୍ଯ୍ୟ ହରିହର ସେବା ସଦନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ସାଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଶାଖାର ଶୁଭ ନାରାୟଣ ଶତପଥୀ ଏବଂ ସିଡବ୍ଲ୍ୟୁସି ସଦସ୍ୟ ସୁଚେତା ଦାଶ ପ୍ରମୁଖ ଥିଲେ।




ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଏମ୍‌ସିପିସିଆର କେନ୍ଦ୍ରୀୟ ପ୍ରତିନିଧି ଦଳ।

### ନିର୍ମାଣାଧୀନ କୋଠାରୁ ୨ଶିଶୁ ଶ୍ରମିକ ଉଦ୍ଧାର

**ପୁରୀ ଅଫିସ,୧୩।୧୨:**

ପୁରୀ ସଦର ଥାନା ଅନ୍ତର୍ଗତ ବାଲିଗୁଆଳି ଠାରେ ନିର୍ମାଣାଧୀନ ଶ୍ରୀଜଗନ୍ନାଥ ମେଡିକାଲ କଲେଜ କୋଠାରେ ନିୟୋଜିତ ୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଗୁରୁବାର କୌଣସି ସୂତ୍ରରୁ ଖବର ପାଇ ଚାଇଲ୍ଡ ଲାଇନ ଏବଂ ଜିଲା ଶ୍ରମ ବିଭାଗ ମିଳିତ ଭାବେ ଚଢ଼ାଉ କରିଥିଲେ। ଉଦ୍ଧାର ଶିଶୁ ଶ୍ରମିକଙ୍କୁ କାଉନସେଲିଂ ପରେ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ଘର ପଶ୍ଚିମବଙ୍ଗ ମେଦିନାପୁରରେ ବୋଲି ଜଣାପଡ଼ିଛି।

# ସତ୍ୟବାଦୀ ତ୍ରିପାଠୀଙ୍କ ୧୨୪ତମ ଜୟନ୍ତୀ ପାଳିତ



ଅତିଥିମାନେ ଶହୀଦ ସ୍ମୃତିପୀଠରେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

**କଣାସ, ୧୩।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ପତ୍ରିକାର ପ୍ରଥମ ପରିଚାଳକ ସତ୍ୟବାଦୀ ତ୍ରିପାଠୀଙ୍କର ୧୨୪ତମ ଜନ୍ମ ଉତ୍ସବ ତ୍ରିଲୋଚନପୁର ଓ ଶହୀଦ ପୀଠରେ ପାଳିତ ହୋଇଯାଇଛି। ଏହି ଉତ୍ସବ କଣାସ ବିକାଶ ପରିଷଦ, କଣାସ ବରିଷ୍ଠ ନାଗରିକ ମଞ୍ଚ ଓ ବୁଦ୍ଧିଜୀବୀମାନଙ୍କ ମିଳିତ ଉଦ୍ୟମରେ ପାଳନ କରାଯାଇଥିଲା। ତ୍ରିଲୋଚନପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ସତ୍ୟବାଦୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଦୀପ ଦିଆଯାଇ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଶହୀଦ ପୀଠସ୍ଥଳିରେ ଥିବା ସ୍ୱାଧୀନତା ସଂଗ୍ରାମୀ, କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଯବାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କର୍ମବୀର ସତ୍ୟବାଦୀ ତ୍ରିପାଠୀଙ୍କ ଜୀବନୀ ସମ୍ପର୍କରେ ଅତିଥିମାନେ ସୂଚନା ଦେଇଥିଲେ। ଏଥିରେ ସାମାଜିକ କର୍ମୀ ପ୍ରଭାତକିଶୋର ଦାସ, ବିଭୂତି ଭୂଷଣ ପଟ୍ଟନାୟକ, ମହେନ୍ଦ୍ର ରଣସିଂହ, ପୂର୍ଣ୍ଣଚନ୍ଦ୍ର ରାଉତ, ତ୍ରିଲୋଚନପୁର ସରପଞ୍ଚ ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇଥିଲେ।

### ‘ପିଠା’ ଯୋଜନା ପ୍ରସ୍ତୁତି ବୈଠକ: ଗାଁକୁ ଯିବ ବ୍ଲକ ପ୍ରଶାସନ

**ଗୋପ, ୧୩।୧୨(ଡି.ଏନ୍.ଏ.)**

ଗୋପ ବ୍ଲକ ବୈଠକ ଗୃହରେ ଗୁରୁବାର ପିଠା ଯୋଜନାର ପ୍ରସ୍ତୁତି ବୈଠକ ଗୋପ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହୋଇଥିବା ଯୋଜନା ଅନୁସାରେ ଚଳିତ ମାସ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ବ୍ଲକର କର୍ମଚାରୀମାନେ ଗାଁକୁ ଯାଇ ବିଜୁ ପକ୍କା ଘର କାର୍ଯ୍ୟାଦେଶ ସମେତ ମଧୁବାବୁ ପେନ୍‌ସନ୍ ଯୋଜନା ସେହିଠାରେ ବଣ୍ଟନ କରିବେ। ଏପରିକି ବିଭିନ୍ନ ବିଭାଗ ଅଧିକାରୀମାନେ ଗାଁ ଗାଁ ବୁଲି ଲୋକଙ୍କ ଅଭିଯୋଗ ଶୁଣିବେ। ବୈଠକରେ ବିଡିଓ ଦୀପ୍ତିରାଣୀ ଦାସ ଯୋଗ ଦେଇଥିବା ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଏଥିରେ ଅବହେଳା କଲେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ତାଗିଦ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ସରପଞ୍ଚ ଦେବେନ୍ଦ୍ର ସାହୁ, ବିଭୂତି ଭୂଷଣ ସାହୁ, ସରପଞ୍ଚ ନୃସିଂହ ଚରଣ ମିଶ୍ର, ସୁଶାନ୍ତ ସ୍ୱାଇଁ, ଅକ୍ଷୟ କୁମାର ନିଶଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

# ‘ଯାଦବ ପରିବାର ଉପରୁ ବାସନ୍ଦ ହଟାଯାଉ’

**ପୁରୀ ଅଫିସ,୧୩।୧୨:**

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ କୁଶୁବେଣ୍ଟି ପଞ୍ଚାୟତର ବୁଢାକେରା ଗ୍ରାମର ୧୫ ଯାଦବ ପରିବାର ଗତ କିଛି ମାସ ହେଲା ବାସନ୍ଦ ଜୀବନ ବିତାଉଛନ୍ତି। ସେମାନଙ୍କ ମହିଳା ଓ ଶିଶୁମାନଙ୍କୁ ଗ୍ରାମବାସୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ଭୟରେ ମହିଳାମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏନେଇ ବ୍ରହ୍ମଗିରି ଥାନାରେ ବିଭିନ୍ନ ସମୟରେ ୨୫ରୁ ଊର୍ଦ୍ଧ୍ୱ ଅଭିଯୋଗ କରାଯାଇଛି। ଅଭିଯୋଗ ରଖି ପୋଲିସ ଚୁପ୍ ବସିଛି। ପୋଲିସର ନିଷ୍କ୍ରିୟତାରୁ କେତେଜଣ ଗ୍ରାମବାସୀ ବାସନ୍ଦ ପରିବାରକୁ ହଇରାଣ କରୁଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଗୁରୁବାର ଚନ୍ଦ୍ରଶେଖର ପାଠାଗାର ପରିସରରେ ପୁରୀ ଜିଲା ଯାଦବ ମହାସଭା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଗୋପାଳ ଚନ୍ଦ୍ର ବେହେରା ଓ ସମ୍ପାଦକ ଦିଗମ୍ବର ବେହେରା ଏହା କହିଛନ୍ତି। ବାସନ୍ଦ ପରିବାରଙ୍କୁ ନ୍ୟାୟ, ଗୋଚର ଜମିର ସଂରକ୍ଷଣ, ଭୂମିହୀନଙ୍କୁ ସରକାରୀ ଜମି ପ୍ରଦାନ, ଓଡ଼ିଶା ମାନବାଧିକାର କମିଶନ ଦେଇଥିବା ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଭାପତି ବେହେରା ଦାବି କରିଛନ୍ତି। ଉପରୋକ୍ତ ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଯାଦବ ମହାସଭା ଆଗାମୀ ଦିନରେ ରାସ୍ତାରୋକୋ କରିବାକୁ ବାଧ୍ୟ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି।

# ସରକାରୀ ଯୋଜନା ନେଇ ଜନସଚେତନତା ଶିବିର

**କଣାସ, ୧୩।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

କଣାସ ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର କଣାସ ତହସିଲଦାର ଅନିତା ପଣ୍ଡାଙ୍କ ଉଦ୍ୟମରେ ଏକ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କଣାସ ମଣ୍ଡଳ ଉନ୍ନୟନ ଅଧିକାରିଣୀ ପ୍ରତିଭା ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତହସିଲଦାର ଅନିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍, ଜିଲା ପ୍ରାକୃତିକ ବିପର୍ଯ୍ୟୟ ସଂଯୋଜକ ସମାପିକା ପ୍ରିୟଦର୍ଶିନୀ, ଜିଲାପରିଷଦ ସଭ୍ୟ ନୀଳମଣି ବେହେରା ଯୋଗଦେଇଥିଲେ। ଅତିଥିମାନେ ପ୍ରାକୃତିକ ବିପର୍ଯ୍ୟୟ, ଅଗ୍ନିକାଣ୍ଡ, ଭୂ-ସ୍ଖଳନ, କୀଟ ଆକ୍ରମଣ, ଡଙ୍ଗା ଦୁର୍ଘଟଣା, ବଜ୍ରପାତ ଜନିତ ମୃତ୍ୟୁ, ସାପକାମୁଡା ଜନିତ ମୃତ୍ୟୁ, ପାଣିରେ ବୁଡିମରିବା, ଅଂଶୁଘାତଜନିତ ମୃତ୍ୟୁ ସମ୍ପର୍କରେ ଟିକିନିଖି ସୂଚନା ପ୍ରଦାନ କରିଥିଲେ। କୃଷି ଅଧିକାରୀ କେ.ନଳିନୀ କୃଷି ସମ୍ବନ୍ଧୀୟ କେତେକ ତଥ୍ୟ ପ୍ରଦାନ କରିଥିଲେ। କଣାସ ମୁଖ୍ୟ ପ୍ରାଣୀ ଚିକିତ୍ସକ ବିଭୂତି ଭୂଷଣ ପଟ୍ଟନାୟକ ଚାଷୀମାନଙ୍କ ପାଇଁ ପଶୁପାଳନ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିଥିଲେ। ତହସିଲଦାର ରାଜସ୍ୱ ସମ୍ପର୍କରେ ଅନେକ ତଥ୍ୟ ନେଇ କିପରି ଜନସାଧାରଣ ସଚେତନ ହେବେ ସୂଚନା ଦେଇଥିଲେ।




### ୧୫ରେ ବିଧାନସଭା ଆଗରେ ଧାରଣା ଦେବ ପାଚିକା ସଂଘ

**ପୁରୀ ଅଫିସ,୧୩।୧୨:**

ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘର ନିଷ୍ପତ୍ତି କ୍ରମେ ୭ଦଫା ଦାବି ନେଇ ଆସନ୍ତା ୧୫ ତାରିଖରୁ ରାଜ୍ୟର ସମସ୍ତ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଏଥିସହିତ ବିଧାନସଭା ଆଗରେ ଧାରଣ ଦେବ ବୋଲି ପୁରୀ ଜିଲା ମଧ୍ୟାହ୍ନଭୋଜନ ପାଚିକା ସଂଘ ପକ୍ଷରୁ ଶୁକ୍ରବାର ବସଷ୍ଟାଣ୍ଡ ନିକଟ ମଙ୍ଗଳା ମଣ୍ଡପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ସର୍ବନିମ୍ନ ମଜୁରି ୧୮ହଜାର ଟଙ୍କା, ଜାନୁୟାରୀରୁ ବର୍ଦ୍ଧିତ ଭତ୍ତା ୨ହଜାର ଟଙ୍କା ପ୍ରଦାନ, ବର୍ଷକୁ ଦୁଇ ହଳ ଶାଢି, ୨୮ମାସର ବକେୟା ଭତ୍ତା, ବୀମା, ପେନସନ୍ ଓ ପ୍ରୋଭିଡେଣ୍ଟ ଫଣ୍ଡ ଲାଗୁ ଆଦି କରାଯିବାକୁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ପୁରୀ ଜିଲା ସଭାପତି ପୀତବାସ ବେହେରା, ସିଟୁ ରାଜ୍ୟ ସମ୍ପାଦକ ବନବାସିନୀ ମହାପାତ୍ର, ଜଗନ୍ନାଥ ଦେଓ, ତରୁଲତା ମିଶ୍ର, ଗୀତା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁଶୁଡ଼ିବ ବେଦପୁର-ଭଇରିପୁର ପୋଲ

■ଡ୍ରେନେଜ୍ ବିଭାଗ ନୀରବ

■ରାସ୍ତାକୁ ଆସିବେ ୬ ଗ୍ରାମବାସୀ

**ଗୋପ, ୧୩।୧୨(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ବେଦପୁର-ଭଇରିପୁର ସଂଯୋଗୀକରଣ ପୋଲ ବହୁ ଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାବେଳେ ଡ୍ରେନେଜ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଫଳରେ ଏହି ପୋଲ ଉପରେ ନିର୍ଭର କରୁଥିବା ୬ଟି ଗ୍ରାମର ଗ୍ରାମବାସୀ ରାଜ ରାସ୍ତାକୁ ଆସିବେ ବୋଲି କହିଛନ୍ତି।

ପ୍ରକାଶ ଯେ, ପାଟେଙ୍ଗିଆ-କପିଳେଶ୍ୱର ରାସ୍ତାରୁ ନାଗପୁର-ନୟାହାଟ ରାସ୍ତାକୁ ବେଦପୁର ଶାସନ ଦେଇ ଭଇରିପୁର ଗ୍ରାମକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଜନସାଧାରଣ ଗାଡ଼ି ମୋଟରରେ ଯିବା ଆସିବା କରିଥାନ୍ତି। ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପୋଲଟିକୁ ଡ୍ରେନେଜ୍ ବିଭାଗ ନିର୍ମାଣ କରିଥିଲେ ମଧ୍ୟ ତାହାର ମରାମତି ନ କରିବା ଫଳରେ ପୋଲଟିର ବିଭିନ୍ନ ଅଂଶ ଅତଡ଼ା ଖସି ବିପଦସଂକୁଳ ସୃଷ୍ଟି ହୋଇଥିଲେ ମଧ୍ୟ ବିଭାଗ ପକ୍ଷରୁ ସାମାନ୍ୟତମ ଦୃଷ୍ଟି ଦିଆଯାଉନାହିଁ। ଏବେ ପୋଲ ତଳୁ ବଡ଼ ବଡ଼ ଅତଡ଼ା ଖସିଥିବାବେଳେ ଦୁଇ କାନ୍ଥର ପ୍ଲାଷ୍ଟର ଛାଡ଼ି ଅବସ୍ଥା ଗୁରୁତର ହୋଇପଡ଼ିଛି। ପଥରବୁହା ନାଳ ଉପରେ ନିର୍ମିତ ଏହି ପୋଲଟିକୁ ତୁରନ୍ତ ଭାଙ୍ଗି ନୂତନ ପୋଲ ନିର୍ମାଣ କରିବା ପାଇଁ ବେଦପୁର ସରପଞ୍ଚ ଶଙ୍ଖଲତା ମିଶ୍ର, ସମିତି ସଭ୍ୟ ଦିଲୀପ କୁମାର ସାହୁ, ନାଗପୁର ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ, ବଡ଼ତରା ସରପଞ୍ଚ ନୃସିଂହ ଚରଣ ମିଶ୍ର ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ ଦେବା ସହ ତା’ର ନକଲ ବିଭିନ୍ନ ପଦାଧିକାରୀଙ୍କୁ ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଡ୍ରେନେଜ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚାରିବାରେ ସେ କୁହନ୍ତି, ଏହି ପୋଲ ସମ୍ପର୍କରେ ଅବଗତ ଅଛି। ଖୁବ୍ ଶୀଘ୍ର ଟେଣ୍ଡର ମାଧ୍ୟମରେ କାର୍ଯ୍ୟ ଆରମ୍ଭ କରାଯିବ।



ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୋଲ।